# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨/୨୦୨୨ (୧୬ ପୃଷ୍ଠା) | Bhubaneswar, Tuesday, August 2/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୨୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



STATE'S HIGHEST SUCCESS RATE* at NEET consistently

*CONDITIONS APPLY

# YUVODAYA
## IIT-JEE/MEDICAL
Advanced Classes

FRESHERS-2021




NEET-2021: 45 out of 119 Govt. Medical College Selects




JEE MAIN SESSION - 1 SCORES : 2022




| Factors | So called Big Brands | Yuvodaya Classes |
|---|---|---|
| Motive | Commercially driven | Passionately operated |
| Faculty | Dedication missing | Fully dedicated |
| Individual Attention | Not possible owing to huge student base | 100% assured because of limited students |
| Result Orientation | Duty bound attitude | Being derived from within |
| Success Rate | Very low | Highest in the state |
| Doubt Resolution | Superfluous | Prioritised & immediate |
| Accessibility | Restricted access to Head of Centre | Head of Centre instantly accessible |
| Personal Care | Unanswerable attitude | 24x7 highly alert (Home-away-home) |
| Transformation of average performers | No instances of meticulous grooming | Proven track record of deriving awesome results from average students |
| Revision | Out of their scope | Integrated part of the education delivery |
| All Good Faculty for All Subjects | Balanced approach. Some subject faculties are good | Specific chapters are allocated to respective chapter experts |
| Student Discipline | Neglected | Properly managed |
| Ranks | Results of outside students are advertised | Top ranks of the state by genuine students of Yuvodaya |

## ADMISSIONS ARE ON FULL SWING FOR ONE YEAR IIT-JEE (M&A)/NEET

| BHUBANESWAR | BERHAMPUR | BALANGIR |
|---|---|---|
| Jayadev Vihar, Biju Pattnaik College Road | Utkal Ashram Road, Opp. Pani Tanki | Hatisal Pada, Near Treasury Office |
| 9437330577 / 7381064208 | 9437338316 / 9437091905 | 9777884488 / 9938086842 |
| 7077983222 / 7381013202 | 7008150867 / 9827088108 | 9437367867 / 9776287762 |










For CBSE XI Science Admission, Call - 9556279240 (Bhubaneswar) / 9437338316 (Berhampur) / 9777884488 (Balangir)

**BALANGIR CHSE - 2022 AT A GLANCE**

Highest Mark - **95.16** %
500 + marks - **115 nos.**
80% + marks - **168 / 327 nos.**
70% + marks - **295 / 327 nos.**

First Divisions - **318 / 327 nos.**
Physics : 100 - 8 nos. / 99 - 5 nos.
Chemistry : 95 above - 7 nos.
Math : 100 - 2 nos. / 99 - 3 nos.

Botany : 50 - 3 nos. / 49 - 8 nos.
Zoology : 50 - 3 nos. / 49 - 9 nos.
English : 85 above - 8 nos.
MIL : 95 above - 24 nos.

HIGHEST A-1s (90%) IN WESTERN ODISHA CONSISTENTLY
2022 (32 nos.)
2021 (49 nos.)
2020 (4 nos.)
2019 (3 nos.)

**100% RESULTS**



ବଲିଉଡ ସୁପରଷ୍ଟାର ସଲ୍‌ମାନ ଖାନ୍‌ଙ୍କୁ ବନ୍ଧୁକ ଲାଇସେନ୍ସ ମିଳିଛି। ହତ୍ୟା ଧମକ ମିଳିବା ପରେ ଆତ୍ମରକ୍ଷା ଲାଗି ସେ ବନ୍ଧୁକ ଲାଇସେନ୍ସ ପାଇଁ ଆବେଦନ କରିଥିଲେ। ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ତାଙ୍କୁ ହତ୍ୟା ଧମକ ଦେଇଥିଲା। ଏହା ପରେ ସଲମାନ ମୁମ୍ବାଇ ପୋଲିସ କମିଶନର ବିବେକ ଫନ୍‌ସଲକାରଙ୍କୁ ଭେଟିଥିଲେ। ସୂଚନାଯୋଗ୍ୟ, ଗତ ମେ’ ୨୯ରେ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କୁ ହତ୍ୟା କରାଯିବା ପରେ ଜୁନ୍ ୫ରେ ସଲମାନ ଓ ତାଙ୍କ ବାପା ସଲିମ୍ ଖାନ୍‌ଙ୍କ ନିକଟକୁ ହତ୍ୟା ଧମକ ଚିଠି ଆସିଥିଲା।

# ଲୋକ ସଭାରେ ଦରବୃଦ୍ଧି ତାତି

ନୂଆଦିଲ୍ଲୀ,୧।୮

ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧିକୁ ନେଇ ଲୋକ ସଭାରେ ସୋମବାର ଆଲୋଚନା ବେଳେ ପ୍ରବଳ ହଙ୍ଗାମା ହୋଇଛି। ବିତର୍କର ଜବାବରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଦେଶରେ ଆର୍ଥିକ ସ୍ଥିତିର ଏକ ହିସାବ ରଖିବା ସହ ମାନ୍ଦାବସ୍ଥା ଆସିବାର ପ୍ରଶ୍ନ ଉଠୁନାହିଁ ବୋଲି କହିଥିଲେ। କେତେକ ଖବରକାଗଜରେ ପ୍ରକାଶ ପାଇଥିବା ମାନ୍ଦାବସ୍ଥା ସମ୍ପର୍କିତ ରିପୋର୍ଟକୁ ସେ ଖଣ୍ଡନ କରିଥିଲେ। ବ୍ଲୁମ୍‌ବର୍ଗ ସର୍ଭେ ଅନୁଯାୟୀ ଦେଶରେ ମାନ୍ଦାବସ୍ଥା ଆସିବା ସମ୍ଭାବନା ନାହିଁ। ଅନେକ ଦେଶଠାରୁ ଭାରତର ଅର୍ଥନୀତି ଭଲ ରହିଛି ଏବଂ ଏହା ଦ୍ରୁତ ଅଭିବୃଦ୍ଧି କରୁଛି ବୋଲି ସୀତାରାମନ କହିଥିଲେ। ତେବେ ମନ୍ତ୍ରୀଙ୍କ ଉତ୍ତର ସନ୍ତୋଷଜନକ ନୁହେଁ ଦର୍ଶାଇ ଆଲୋଚନା ଅଧାରୁ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବଢ଼ିଚାଲିଥିବାବେଳେ ଏହା ଉପରେ ଆଲୋଚନା ପାଇଁ ବିରୋଧୀ ଦଳଗୁଡ଼ିକ ମୌସୁମୀ ଅଧିବେଶନ ଆରମ୍ଭରୁ ଜୋର୍‌ଦାର ଦାବି କରିଆସୁଥିଲେ। ଏହାକୁ ନେଇ ୧୦ଦିନ ଧରି ଗୃହରେ ହଙ୍ଗାମା ଓ ଅଚଳାବସ୍ଥା ଲାଗି ରହିଥିବାବେଳେ ସୋମବାର ଏହା ଉପରେ ଆଲୋଚନା ପାଇଁ ସରକାର ରାଜି ହୋଇଥିଲେ। ଅର୍ଥମନ୍ତ୍ରୀ କହିଛନ୍ତି, କୋଭିଡ୍ ମହାମାରୀ ଓ ଏହାର ଦ୍ୱିତୀୟ ଲହର, ଓମିକ୍ରନ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସତ୍ତ୍ୱେ ମୁଦ୍ରାସ୍ଫୀତି ୭ ପ୍ରତିଶତରୁ କମ୍ ରହିଛି, ଯାହାକୁ ସ୍ୱୀକାର କରିବାକୁ ପଡ଼ିବ। ୨୦୦୪ରୁ ୨୦୧୪ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ସମୟରେ ମୁଦ୍ରାସ୍ଫୀତି ଦୁଇଅଙ୍କରେ ପହଞ୍ଚିଥିଲା। କ୍ରମାଗତ ୨୨ ମାସ ଧରି ମୁଦ୍ରାସ୍ଫୀତି ୯ ପ୍ରତିଶତରୁ ଅଧିକ ରହିଥିଲା।

ଦରବୃଦ୍ଧି ଆଲୋଚନାରେ ବିଭିନ୍ନ ଦଳର ପ୍ରାୟ ୩୦ ଜଣ ଏମ୍‌ପି ଭାଗ



- ମାନ୍ଦାବସ୍ଥା ଆସିବା ପ୍ରଶ୍ନ ଉଠୁନି: ଅର୍ଥମନ୍ତ୍ରୀ
- ପ୍ରତିବାଦରେ କଂଗ୍ରେସର କକ୍ଷତ୍ୟାଗ
- ଦର ନିୟନ୍ତ୍ରଣ ଲାଗି ସରକାରଙ୍କ ହସ୍ତକ୍ଷେପ ଦାବି କଲା ବିଜେଡି

ନେଇଥିଲେ। ବିଜେଡି, ୱାଇଏସ୍‌ଆର୍ କଂଗ୍ରେସ ଭଳି ସମଭାବାପନ୍ନ ଦଳଗୁଡ଼ିକ ମୁଦ୍ରାସ୍ଫୀତି ରୋକିବାରେ ସରକାରଙ୍କ ହସ୍ତକ୍ଷେପ ଲାଗି ଦାବି କରିଥିଲେ। କଂଗ୍ରେସ ଏମ୍‌ପି ମନୀଷ ତିୱାରୀ ଆଲୋଚନା ଆରମ୍ଭ କରି ବିମୁଦ୍ରୀକରଣ, ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି ନୀତି ଓ ଭାଜପା ନେତୃତ୍ୱାଧୀନ ସରକାରଙ୍କ ଆର୍ଥିକ ପରିଚାଳନାରେ ବିଫଳତା ଯୋଗୁ ଦରଦାମ୍ ବଢ଼ୁଥିବା ସେ କହିଥିଲେ। ଜିଏସ୍‌ଟି ବଢ଼ାଇ ସରକାର ତାଙ୍କ ବଜେଟକୁ ବଢ଼ାଇ ଚାଲିଥିବାବେଳେ ଜନସାଧାରଣଙ୍କ ବଜେଟ ବିପର୍ଯ୍ୟସ୍ତ ହେବାରେ ଲାଗିଛି ବୋଲି ତିୱାରୀ କହିଥିଲେ। ଆଲୋଚନାରେ ଭାଗନେଇ ବିଜେଡି ଏମ୍‌ପି ପିନାକୀ ମିଶ୍ର କହିଥିଲେ, ବିମୁଦ୍ରୀକରଣ ପରେ ଦେଶରେ ନଗଦ ଅର୍ଥ ପରିମାଣ ଦୁଇଗୁଣ ହୋଇଛି। ସରକାର ତାଙ୍କ ଆର୍ଥିକ ନୀତିର ଆତ୍ମସମୀକ୍ଷା କରିବା ଆବଶ୍ୟକ ବୋଲି ସେ କହିଥିଲେ। କଂଗ୍ରେସ ସରକାର ସମୟରେ କିଣାଯାଇଥିବା ଇନ୍ଧନ ବଣ୍ଡ ପାଇଁ ତେଲ ଦର ବଢ଼ୁଛି ବୋଲି କେନ୍ଦ୍ର କହିଥିବାବେଳେ ପିନାକୀ ଏହାକୁ ଖଣ୍ଡନ କରି ସରକାର ତେଲରୁ ୨୭.୨୭ ଲକ୍ଷ କୋଟି ଟଙ୍କା ଟିକସ ସଂଗ୍ରହ କରୁଥିବା କହିଥିଲେ।

## ଗଣବିଧ୍ୱଂସୀ ଅସ୍ତ୍ର ପାଇଁ ପାଣ୍ଠି ଯୋଗାଣ ନିଷେଧ ହେବ

### ପାର୍ଲାମେଣ୍ଟରେ ବିଲ୍ ଗୃହୀତ

ନୂଆଦିଲ୍ଲୀ,୧।୮(ପି.ଟି.)

ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ନିର୍ମାଣରେ ପୁଞ୍ଜିନିବେଶ ବନ୍ଦ କରିବା ଲାଗି ସୋମବାର ପାର୍ଲାମେଣ୍ଟରେ ବିଲ୍ ଗୃହୀତ ହୋଇଛି। ଏଭଳି କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିଙ୍କ ଆର୍ଥିକ ସମ୍ପତ୍ତି ଏବଂ ଆର୍ଥିକ ଉତ୍ସକୁ ଜବତ କରିବା କିମ୍ବା ବାଜ୍ୟାପ୍ତ କରିବା ଲାଗି ବିଲ୍‌ରେ କେନ୍ଦ୍ର ସରକାରଙ୍କୁ କ୍ଷମତା ଦିଆଯାଇଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗଣବିଧ୍ୱଂସୀ ଅସ୍ତ୍ର ଓ ସେଗୁଡ଼ିକର ଯୋଗାଣ ବ୍ୟବସ୍ଥା (ବେଆଇନ କାର୍ଯ୍ୟକଳାପ ନିରୋଧୀ) ସଂଶୋଧନ ବିଲ୍, ୨୦୨୨ ଉପସ୍ଥାପନ କରିଥିଲେ। ଆତଙ୍କବାଦ ଭଳି ଗଣବିଧ୍ୱଂସୀ ଅସ୍ତ୍ର ଦେଶ ପାଇଁ ବଡ଼ ବିପଦ ଏହା ସବୁ ସଦସ୍ୟ ସ୍ୱୀକାର କରୁଥିବା ଜୟଶଙ୍କର କହିଥିଲେ। ବର୍ତ୍ତମାନର ଆଇନରେ ଅସ୍ତ୍ର ବ୍ୟବସାୟ ଉପରେ କଟକଣା ଥିବାବେଳେ ଏହାର ନିର୍ମାଣରେ ପୁଞ୍ଜିନିବେଶ ଲାଗି କୌଣସି କଟକଣା ନାହିଁ। ତେଣୁ ଏଥିପାଇଁ ଆଇନର ଆବଶ୍ୟକତା ରହିଛି। ମନିଲଣ୍ଡରିଂ ମାମଲାରେ ଶିବସେନା ଏମ୍‌ପି ସଞ୍ଜୟ ରାଉତ ଗିରଫ ହେବା ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକର ହୋହଲ୍ଲା ମଧ୍ୟରେ ରାଜ୍ୟ ସଭାରେ ବିଲ୍ ବାଚନିକ ମତରେ ଗୃହୀତ ହୋଇଥିଲା। ଗତ ଏପ୍ରିଲରେ ଉକ୍ତ ବିଲ୍ ଲୋକ ସଭାର ଅନୁମୋଦନ ଲାଭ କରିଥିଲା।

## ବାଇଗଣ କାମୁଡ଼ିଲେ ଏମ୍‌ପି

ଦରଦାମ୍ ବୃଦ୍ଧିକୁ ବିରୋଧ କରି ଟିଏମ୍‌ସି ଏମ୍‌ପି କାକୋଳି ଘୋଷ ଦସ୍ତିଦାର ସୋମବାର ଲୋକସଭାରେ ବକ୍ତବ୍ୟ ରଖୁଥିବାବେଳେ ସେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ବିରୋଧ କରି କଞ୍ଚା ବାଇଗଣ ଚୋବାଇଥିଲେ। ଏମ୍‌ପି କାକୋଳି କହିଥିଲେ, ଗ୍ୟାସ୍ ସିଲିଣ୍ଡର ଦର ଏତେ ମହଙ୍ଗା ହୋଇଛି ଯେ ସାଧାରଣ ଲୋକ ରୋଷେଇ କରି ଖାଇବା ଅବସ୍ଥାରେ ନାହାନ୍ତି। ସିଲିଣ୍ଡର ପିଛା ମୂଲ୍ୟ ୬୦୦ ଟଙ୍କାରୁ ବଢ଼ି ଏବେ ୧,୧୦୦ ଟଙ୍କାରେ ପହଞ୍ଚିଲାଣି। ତେଣୁ ପନିପରିବାକୁ କଞ୍ଚା ଖାଇବାକୁ ପଡ଼ୁଛି। ଏହା କହି ସେ ହାତରେ ଧରିଥିବା ଏକ କଞ୍ଚା ବାଇଗଣକୁ କାମୁଡ଼ିଥିଲେ। ଜଣେ ଗରିବ ଏବଂ ଶ୍ରମିକ କିପରି ଏତେ ମହଙ୍ଗାରେ ସିଲିଣ୍ଡର କିଣିପାରିବ ବୋଲି ସେ ପ୍ରଶ୍ନ କରିଥିଲେ। ସରକାର ସେମାନଙ୍କୁ କଞ୍ଚା ପରିବା ଖାଇବା ପାଇଁ ବାଧ କରୁଛନ୍ତ ବୋଲି ସେ କହିଥିଲେ।



## ସଂକ୍ଷେପରେ

### କ୍ଷମା ମାଗିଲେ ମହାରାଷ୍ଟ୍ର ରାଜ୍ୟପାଳ

**ମୁମ୍ବାଇ,୧।୮:** ଗୁଜରାଟୀ ଓ ରାଜସ୍ଥାନୀ ଚାଲିଗଲେ ମୁମ୍ବାଇ ଆର୍ଥିକ ରାଜଧାନୀର ମାନ୍ୟତା ହରାଇବ ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସିଥିବା ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶ୍ୟାରି ସୋମବାର କ୍ଷମା ମାଗିଛନ୍ତି। ମୁମ୍ବାଇର ବିକାଶ ପାଇଁ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଅବଦାନକୁ ପ୍ରଶଂସା କରିବା ତାଙ୍କର ଭୁଲ୍ ଥିଲା ବୋଲି ସେ କହିଛନ୍ତି। କେବଳ ମହାରାଷ୍ଟ୍ର ନୁହେଁ ଦେଶର ବିକାଶରେ ସମସ୍ତଙ୍କର ସ୍ୱତନ୍ତ୍ର ଅବଦାନ ରହିଛି। ସୂଚନା ଯୋଗ୍ୟ ଜୁଲାଇ ୨୯ରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ କୋଶ୍ୟାରି ମହାରାଷ୍ଟ୍ର ବିଶେଷ କରି ମୁମ୍ବାଇର ବିକାଶରେ ଗୁଜରାଟୀ ଓ ରାଜସ୍ଥାନୀଙ୍କ ଅବଦାନର ପ୍ରଶଂସା କରିବା ସହ ସେମାନେ ଚାଲିଗଲେ ମୁମ୍ବାଇ ଆର୍ଥିକ ରାଜଧାନୀ ମାନ୍ୟତା ହରାଇବ କହିଥିଲେ। ଶିବସେନା ଓ ଅନ୍ୟ ଦଳଗୁଡ଼ିକ ତାଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ମରାଠୀଙ୍କୁ କ୍ଷମା ମାଗିବା ପାଇଁ ଦାବି କରିଥିଲେ।

### ମଙ୍କିପକ୍ସ ସ୍ଥିତି ଅନୁଧ୍ୟାନ ଲାଗି ଟାସ୍କଫୋର୍ସ

**ନୂଆଦିଲ୍ଲୀ,୧।୮:** ଭାରତରେ ପ୍ରଥମ ମଙ୍କିପକ୍ସ ରୋଗୀଙ୍କ ମୃତ୍ୟୁ ପରେ ସରକାର ଅଧିକ ସଜାଗ ହୋଇଛନ୍ତି। ଦେଶରେ ମଙ୍କିପକ୍ସ ସଂକ୍ରମଣ ସ୍ଥିତି ଉପରେ କଡ଼ା ନଜର ରଖିବା ଲାଗି ଟାସ୍କଫୋର୍ସ ଗଠନ କରାଯାଇଛି। ସଂକ୍ରମଣ ରୋକିବା ଲାଗି କ’ଣ ପଦକ୍ଷେପ ନିଆଯିବ, ସେ ସମ୍ପର୍କରେ ଟାସ୍କଫୋର୍ସ ନିଷ୍ପତ୍ତି ନେବ। ଦେଶରେ ନିଦାନ ସୁବିଧା ବଢ଼ାଇବା, ମଙ୍କିପକ୍ସ ପାଇଁ ଟିକା ପ୍ରସ୍ତୁତି ଆଦି ସମ୍ପର୍କରେ ଟାସ୍କଫୋର୍ସ ସରକାରଙ୍କୁ ଗାଇଡ୍‌ଲାଇନ ଦେବ। ଗତ ସପ୍ତାହରେ କେରଳରେ ମଙ୍କିପକ୍ସ ଲକ୍ଷଣ ଥିବା ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିଲା। ସେ ମଙ୍କିପକ୍ସ ସଂକ୍ରମିତ ଥିଲେ ବୋଲି ସୋମବାର ସ୍ପଷ୍ଟ ହୋଇଛି। ଟାସ୍କଫୋର୍ସ ଗଠନ ଲାଗି ଗତ ୨୬ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡ. ଭି.କେ. ପଲ୍ ଟାସ୍କଫୋର୍ସର ଅଧ୍ୟକ୍ଷ ରହିବେ। ମଙ୍କିପକ୍ସ ସଂକ୍ରମଣ ସମ୍ପର୍କରେ ଠିକ୍ ସମୟରେ ରିପୋର୍ଟ କରିବା, ରୋଗ ଚିହ୍ନଟ ଓ ପରିଚାଳନା ଦିଗରେ ଜାତୀୟ ଏଡ୍ସ ନିୟନ୍ତ୍ରଣ ସଂଗଠନ ଏବଂ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ କାର୍ଯ୍ୟ କରିବାକୁ କୁହାଯାଇଛି।

### ତଦନ୍ତରେ ସହଯୋଗ କରୁନାହାନ୍ତି ପାର୍ଥ: ଇଡି

**କୋଲକାତା,୧।୮:** ପଶ୍ଚିମବଙ୍ଗରେ ବହୁ କୋଟି ଟଙ୍କାର ସ୍କୁଲ୍ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ତଦନ୍ତରେ ସହଯୋଗ କରୁ ନ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କହିଛି। ବୁଧବାର ସ୍ୱତନ୍ତ୍ର ଅଦାଲତରେ ତାଙ୍କୁ ହାଜର କଲା ବେଳେ ଇଡି ଏ ସମ୍ପର୍କରେ ବିଚାରପତିଙ୍କୁ ଜଣାଇବା ସହ ହାଜତ ମିଆଦ ବଢ଼ାଇବା ପାଇଁ ଆବେଦନ କରିବ ବୋଲି ଜଣାପଡ଼ିଛି। ପାର୍ଥଙ୍କୁ ଜେରା ସମୟର ଭିଡିଓ ରେକର୍ଡିଂ କରାଯିବା ସହ ଅନ୍ୟ ସମୟରେ ତାଙ୍କ ଆଚରଣକୁ ମଧ୍ୟ ରେକର୍ଡ କରାଯାଇଛି। ସେ ଔଷଧ ଏବଂ ଡାଏଟ୍ ଚାର୍ଟ ଅନୁଯାୟୀ ଖାଦ୍ୟ ଖାଉ ନାହାନ୍ତି। ଉକ୍ତ ଭିଡିଓକୁ କୋର୍ଟରେ ଉପସ୍ଥାପନ କରାଯିବ ବୋଲି ଇଡିର ଜଣେ ଅଧିକାରୀ କହିଛନ୍ତି। ଅନ୍ୟ ପକ୍ଷରେ ପାର୍ଥଙ୍କ ଘନିଷ୍ଠ ସହଯୋଗୀ ଅର୍ପିତା ମୁଖାର୍ଜୀ ତଦନ୍ତରେ ସହାୟତା କରୁଥିବା ସେ କହିଛନ୍ତି। ଇଡି ଚଢ଼ାଉ ବେଳେ ଅର୍ପିତାଙ୍କ ଘରୁ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା, ୫ କୋଟି ଟଙ୍କାର ସୁନା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା।



ରାଷ୍ଟ୍ରପତି ଭବନରେ ସିଜେଆଇ ଜଷ୍ଟିସ୍ ଏନ୍.ଭି. ରମନା ଓ ତାଙ୍କ ସ୍ତ୍ରୀ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟୁଛନ୍ତି।

## ପଶ୍ଚିମବଙ୍ଗରେ ୭ ନୂଆ ଜିଲା ହେବ

କୋଲକାତା,୧।୮

ପଶ୍ଚିମବଙ୍ଗରେ ୭ ନୂତନ ଜିଲା ଗଠନ ହେବାକୁ ଯାଉଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ଘୋଷଣା କରିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ଜିଲା ସଂଖ୍ୟା ୩୦ରେ ପହଞ୍ଚିବ। ବୁଧବାର ତାଙ୍କ କ୍ୟାବିନେଟର ସମ୍ପ୍ରସାରଣ ହେବାକୁ ଥିବା ମମତା ସୂଚନା ଦେଇଛନ୍ତି। ୪ରୁ ୫ ଜଣ ନୂଆ ମନ୍ତ୍ରୀ କ୍ୟାବିନେଟରେ ସାମିଲ ହୋଇପାରନ୍ତି। ବିଭିନ୍ନ ବିଭାଗରେ ମନ୍ତ୍ରୀ ନାହାନ୍ତି। ଏକୁଟିଆ ସେସବୁ ବିଭାଗର ଦାୟିତ୍ୱ ବୁଝିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ପଞ୍ଚାୟତିରାଜ, ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ, ଖାଉଟି ବ୍ୟାପାର ଓ ସ୍ୱୟଂସହାୟକ ଗୋଷ୍ଠୀ ବିଭାଗ ଏବେ ମମତାଙ୍କ ଅଧୀନରେ ରହିଛି। ଦୁର୍ନୀତି ମାମଲାରେ ପାର୍ଥ ଚାଟାର୍ଜୀ ମନ୍ତ୍ରିମଣ୍ଡଳରୁ ବିଦା ହେବା ପରେ ତାଙ୍କ ଅଧୀନରେ ଥିବା ଶିଳ୍ପ, ସଂସଦୀୟ ବ୍ୟାପାର ଆଦି ବିଭାଗ ମୁଖ୍ୟମନ୍ତ୍ରୀଙ୍କ ହାତକୁ ଆସିଛି।

## ଏନ୍‌ଟିଆର୍‌ଙ୍କ ଝିଅଙ୍କ ଆତ୍ମହତ୍ୟା

### ଘରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ମିଳିଲା

### ମାନସିକ ଚାପରେ ଥିଲେ

ହାଇଦ୍ରାବାଦ୍, ୧।୮

ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଏନ୍‌ଟି ରାମା ରାଓ (ଏନ୍‌ଟିଆର୍)ଙ୍କ ଝିଅ କେ. ଉମା ମାହେଶ୍ୱରୀ (୫୫) ସୋମବାର ଆତ୍ମହତ୍ୟା କରିଛନ୍ତି। ହାଇଦ୍ରାବାଦ ସ୍ଥିତ ତାଙ୍କ ବାସଭବନରେ ସିଲିଂ ଫ୍ୟାନ୍‌ରେ ଲାଗିଥିବା ଏକ ରଶିରେ ଉମାଙ୍କ ମୃତଦେହ ଝୁଲୁଥିବାର ତାଙ୍କ ଝିଅ ପ୍ରଥମେ ଦେଖିଥିଲେ। ଏହାପରେ ସେ ଘଟଣା ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ। କିଛିଦିନ ହେବ ଉମାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିଲା। ଅସୁସ୍ଥତା କାରଣରୁ ତାଙ୍କର ଚିକିତ୍ସା ଜାରିଥିଲେ ହେଁ ସେ ମାନସିକ ଚାପରେ ଥିଲେ ବୋଲି କୁହାଯାଉଛି। ସ୍ଥାନୀୟ ଥାନାରେ ଏ ନେଇ ଏତଲା ହୋଇଛି। ବ୍ୟବଚ୍ଛେଦ ପାଇଁ ଉମାଙ୍କ ମୃତଦେହ ଜୁବିଲି ହିଲ୍ସ ସ୍ଥିତ ଓସମାନିଆ ହସ୍ପିଟାଲ ନିଆଯାଇଛି।

ତେଲୁଗୁ ଦେଶମ ପାର୍ଟି (ଟିଡିପି)ର ପ୍ରତିଷ୍ଠାତା ଏନ୍‌ଟି ରାମା ରାଓଙ୍କ ୪ ଝିଅଙ୍କ ଭିତରୁ ଉମା ସବୁଠାରୁ ସାନ ଥିଲେ। ତେବେ ଉମାଙ୍କ ମୃତ୍ୟୁ ଖବର ମିଳିବା ପରେ ଭାଜପା ନେତା ଦଗ୍ଗୁବତି ପୁରନ୍ଦେଶ୍ୱରୀ, ଟିଡିପି ସଭାପତି ଏନ୍.ଚନ୍ଦ୍ରବାବୁ ନାଇଡୁ, ପୁଅ ନାରା ଲୋକେଶ ଏବଂ ପରିବାରର ଅନ୍ୟ ସଦସ୍ୟ ଉମାଙ୍କ ଶେଷ ଦର୍ଶନ ପାଇଁ ତାଙ୍କ ଘରେ ପହଞ୍ଚିଥିଲେ।



## ସିଙ୍ଗାପୁରରେ ନାନ୍ସି ପେଲୋସି

### ଆଜି କରିପାରନ୍ତି ତାଇୱାନ ଗସ୍ତ

କୁଆଲାଲମ୍ପୁର, ୧।୮

ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ଏସିଆ ଗସ୍ତ ଆରମ୍ଭ ହୋଇଛି। ସୋମବାର ସେ ଏକ ପ୍ରତିନିଧି ମଣ୍ଡଳୀ ସହ ସିଙ୍ଗାପୁରରେ ପହଞ୍ଚିଛନ୍ତି। ତାଙ୍କ ଗସ୍ତର ବିବରଣୀ ରିପୋର୍ଟ କରିବାକୁ କୌଣସି ଗଣମାଧ୍ୟମକୁ ଅନୁମତି ମିଳିନାହିଁ। ନାନ୍ସି ସିଙ୍ଗାପୁର ରାଷ୍ଟ୍ରପତି ହାଲିମାହ ୟାକୋବ, ପ୍ରଧାନମନ୍ତ୍ରୀ ଲି ସିଏନ୍ ଲୋଙ୍ଗ୍ ଏବଂ କ୍ୟାବିନେଟ ମନ୍ତ୍ରୀଙ୍କୁ ଭେଟିଛନ୍ତି। ସିଙ୍ଗାପୁରରେ ଥିବା ଆମେରିକାନ୍ ଚାମ୍ବର ଅଫ୍ କମର୍ସରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତାଙ୍କ ତାଇୱାନ୍ ଗସ୍ତକୁ ନେଇ ସସ୍‌ପେନ୍ସ ଜାରିରହିଛି। ବିଧିବଦ୍ଧ ଭାବେ ଏ ନେଇ କୌଣସି ଘୋଷଣା ହୋଇ ନ ଥିଲେ ହେଁ ମଙ୍ଗଳବାର ରାତିରେ ନାନ୍ସି ତାଇୱାନରେ ପହଞ୍ଚିପାରନ୍ତି ବୋଲି କୁହାଯାଉଛି। ପୂର୍ବରୁ ନାନ୍ସିଙ୍କ ତାଇୱାନ ଗସ୍ତକୁ ବିରୋଧ କରି ସାମରିକ କାର୍ଯ୍ୟାନୁଷ୍ଠାନ ଧମକ ଦେଇଥିବା ଚାଇନା ଏହା ଉପରେ କଡ଼ା ନଜର ରଖିଛି।



ନାନ୍ସି ପେଲୋସି ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲି ସିଏନ୍ ଲୋଙ୍ଗଙ୍କୁ ଭେଟୁଛନ୍ତି।

## ୪ ଯାଏ ଇଡି ହାଜତକୁ ଗଲେ ସଞ୍ଜୟ୍ ରାଉତ

ମୁମ୍ବାଇ,୧।୮

ଜମି ଦୁର୍ନୀତି ମାମଲାରେ ଗିରଫ ଶିବସେନା ଏମ୍‌ପି ସଞ୍ଜୟ ରାଉତଙ୍କୁ ରବିବାର ୪ ଦିନିଆ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତକୁ ପଠାଇ ଦିଆଯାଇଛି। ଇଡି ୮ ଦିନ ହେପାଜତକୁ ନେବାକୁ ଚାହୁଁଥିବାବେଳେ ସ୍ୱତନ୍ତ୍ର ଅଦାଲତ ୪ ଦିନ ମଞ୍ଜୁର କରିଥିଲେ। ଇଡି ହାଜତରେ ତାଙ୍କୁ ଘରରନ୍ଧା ଖାଦ୍ୟ ଏବଂ ଔଷଧ ମିଳିବ। ସେ ଅସୁସ୍ଥ ଥିବାରୁ ଆବଶ୍ୟକ ଚିକିତ୍ସା କରାଯିବା ସହ ଜେରା ସମୟରେ ଏଥିପ୍ରତି ଯତ୍ନ ନେବାକୁ ଅଦାଲତ କହିଛନ୍ତି। ଇଡି ସଞ୍ଜୟଙ୍କୁ ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ) କୋର୍ଟ ଜଜ୍ ଏମ୍.ଜି. ଦେଶପାଣ୍ଡେଙ୍କ ନିକଟରେ ହାଜର କରି ୮ ଦିନ ହେପାଜତକୁ ନେବାଲାଗି ଆବେଦନ କରିଥିଲା। ଜମି ଦୁର୍ନୀତି ମାମଲାରେ ସଞ୍ଜୟ ଓ ତାଙ୍କ ପରିବାର ପ୍ରତ୍ୟକ୍ଷ ଲାଭ ଉଠାଇଥିବା ଇଡି ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ହିତେନ ଭେନେଗାଓଁକର କହିଥିଲେ। ଦୁର୍ନୀତି ମାମଲାରେ ତାଙ୍କୁ ୪ ଥର ସମନ ହୋଇଥିଲେ ହେଁ ସେ ଗୋଟିଏ ଥର ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ ଏବଂ ସେହି ସମୟ ମଧ୍ୟରେ ସେ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ସଞ୍ଜୟ ଜଣେ ହୃଦ୍‌ରୋଗୀ ହୋଇଥିବାରୁ ତାଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜେରା କରାଯିବା ଉଚିତ ନୁହେଁ ବୋଲି ତାଙ୍କ ଓକିଲ ଅଶୋକ ମୁଣ୍ଡାର୍ଗି କୋର୍ଟଙ୍କୁ ଜଣାଇଥିଲେ।

ଉତ୍ତର ମୁମ୍ବାଇର ଗୋରେଗାଓଁ ଅଞ୍ଚଳରେ ଅବସ୍ଥିତ ‘ପାତ୍ର ଚଲ୍’ର ପୁନଃ ବିକାଶରେ ଆର୍ଥିକ ଅନିୟମିତତା ଏବଂ ସଞ୍ଜୟଙ୍କ ସ୍ତ୍ରୀ ଓ ଅନ୍ୟ ସହଯୋଗୀଙ୍କ ମଧ୍ୟରେ ଆର୍ଥିକ ସମ୍ପତ୍ତି କାରବାର ଅଭିଯୋଗରେ ରବିବାର ରାତିରେ ଇଡି ଶିବସେନା ଏମ୍‌ପିଙ୍କୁ ଗିରଫ କରିଥିଲା। ତାଙ୍କ ରାଜନୈତିକ କ୍ୟାରିୟର ଶେଷ କରିଦେବା ଲାଗି ଏହା ଏକ ଚକ୍ରାନ୍ତ ବୋଲି କୋର୍ଟରୁମ୍‌କୁ ଯିବା ପୂର୍ବରୁ ସଞ୍ଜୟ ଗଣମାଧ୍ୟମକୁ କହିଥିଲେ।



### ସେନାକୁ ଧ୍ୱଂସ ଲାଗି ଷଡ଼ଯନ୍ତ୍ର: ଉଦ୍ଧବ

ମନିଲଣ୍ଡରିଂ ମାମଲାରେ ଏମ୍‌ପି ସଞ୍ଜୟ ରାଉତଙ୍କୁ ଗିରଫ କରି ଶିବସେନାକୁ ଧ୍ୱଂସ କରିଦେବାର ଚକ୍ରାନ୍ତ ହେଉଥିବା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କହିଛନ୍ତି। ଏବେ ପ୍ରତିଶୋଧ ରାଜନୀତି ମାନସିକତା ଚାଲିଛି ବୋଲି ଶିବସେନା ନେତା କହିଛନ୍ତି। ୧.୦୩୪ କୋଟି ଟଙ୍କାର ପାତ୍ର ଚଲ୍ ଦୁର୍ନୀତି ମାମଲାରେ ସଞ୍ଜୟ ରାଉତଙ୍କୁ ଗିରଫ କରାଯାଇଛି। ସୋମବାର ଉଦ୍ଧବ ତାଙ୍କ ପରିବାରକୁ ଭେଟିବା ପରେ ଗଣମାଧ୍ୟମକୁ କହିଛନ୍ତି, କଂଗ୍ରେସର ୬୦ରୁ ୬୫ ବର୍ଷର ଶାସନରେ ଏଭଳି ହେଉ ନ ଥିଲା। ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ରଖାଇ ଦିଆଗଲା ନାହିଁ। ଭାଜପା ସମସ୍ତ ଆଞ୍ଚଳିକ ଶକ୍ତିକୁ ମୂଳପୋଛ କରିଦେବାକୁ ଯୋଜନା କରୁଥିବା ଉଦ୍ଧବ କହିଛନ୍ତି। ଆଞ୍ଚଳିକ ଦଳଗୁଡ଼ିକ ଏକାଠି ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨/୨୦୨୨ (୧୬ ପୃଷ୍ଠା) | Bhubaneswar, Tuesday, August 2/2022 | Page 16 | ପୃଷ୍ଠା-୧




## ଘୋଷାଲ ସେମିଫାଇନାଲରେ

ସୌରଭ ଘୋଷାଲ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍କ୍ୱାଶ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୪

୧୦

## ‘ଲାଲ୍ ସିଂ ଚଢ଼ା’: ରିଲିଜ୍ ପୂର୍ବରୁ ବିବାଦ

ବଲିଉଡ୍ ଅଭିନେତା ଆମିର ଖାନ୍‌ଙ୍କ ଦ୍ୱାରା ଅଭିନୀତ ‘ଲାଲ୍ ସିଂ ଚଢ଼ା’କୁ ନେଇ ଟୁଇଟରରେ ବଏକଟ୍ ଟ୍ରେଣ୍ଡ ଆରମ୍ଭ ହୋଇଛି।





୫ଲକ୍ଷ ଟଙ୍କାର ଜୀବନ ବୀମା, ମାସିକ ୧ହଜାର ଟଙ୍କା ଭତ୍ତା, ପିଲାଙ୍କୁ ଶିକ୍ଷା ସୁବିଧା ସମେତ ବିଜୁ ପକ୍କାଘର, ଋଣ, ଜମି ଆଦି ୭ ଦଫା ଦାବି ନେଇ ସୋମବାର ଓଡ଼ିଶା ସବୁଜ ପତ୍ରିକା ମହିଳା ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

# ଚାରା ରୋପଣରେ ଦୁର୍ନୀତି

## ବାଡ଼ ନିର୍ମାଣରେ ଖାଇଗଲେ ୧୫ କୋଟି

### ସିଏଜି ରିପୋର୍ଟ

**ଭୁବନେଶ୍ୱର,୧।୮(ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ବଡ଼ ଆହ୍ୱାନ ହୋଇଛି। ଜଙ୍ଗଲ ଧ୍ୱଂସ ଏହାର ଏକ ପ୍ରମୁଖ କାରଣ। ବନୀକରଣ ଉପରେ ସବୁସ୍ତରରେ ଜୋର ଦିଆଯାଉଛି। କିନ୍ତୁ ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ହେଉଥିବା ଅନିୟମିତତା ରାଜ୍ୟର ବନୀକରଣକୁ ବିପର୍ଯ୍ୟସ୍ତ କରିଛି। ଏଥିପାଇଁ ଚାରା ରୋପଣର ଯୋଜନା ପ୍ରସ୍ତୁତ କରିବାରେ ବିଫଳ, ଉପଯୁକ୍ତ ସ୍ଥାନ ଓ ଜଳବାୟୁ ସହ ଖାପଖୁଆଉ ଥିବା ଚାରା ନ ଲଗାଇବା, ସେଗୁଡ଼ିକୁ ଲଗାଇବା ପରେ ଯତ୍ନ ନ ନେବା, ନିୟମକୁ ଉଲ୍ଲଂଘନ କରିବା, ଚାରା ରୋପଣର ରେକର୍ଡ ନ ରଖିବା, ପିସିସିଏଫ୍ ଓ ବନଖଣ୍ଡ ସ୍ତରରେ ତାଳମେଳ ନ ରହିବାକୁ ଦାୟୀ କରାଯାଉଛି। କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ(ସିଏଜି) ଏନେଇ ପ୍ରଶ୍ନ ଉଠାଇଛନ୍ତି। ସୋମବାର ବିଧାନସଭାରେ ଉପସ୍ଥାପିତ ସିଏଜି ରିପୋର୍ଟ (ସମ୍ପାଦନ ଓ ଅନୁପାଳନ ସମୀକ୍ଷା)– ୨୦୨୦ରୁ ବିଭାଗରେ ଅର୍ଥ ହରିଲୁଟ୍ ଓ ଅନିୟମିତତା ହୋଇଥିବା ସ୍ପଷ୍ଟ ହୋଇଛି।

ସିଏଜି ଦର୍ଶାଇଛନ୍ତି ଯେ, ସହରାଞ୍ଚଳ ଚାରାରୋପଣ, ବାଡ଼ ନିର୍ମାଣ ଓ ରକ୍ଷଣାବେକ୍ଷଣରେ ଅନିୟମିତତା ଯୋଗୁ ସରକାରଙ୍କୁ ୧୪.୮୨ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡ଼ିଛି। ବନ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ରାସ୍ତାକଡ଼ ବନୀକରଣ ନଷ୍ଟ ହୋଇଥିଲା। ଚାରାରୋପଣ ପାଇଁ ଭୁଲ ସ୍ଥାନ ଚୟନ ଓ ଅନୁପଯୁକ୍ତ ପରିଚାଳନା ଯୋଗୁ ୨୫୧ ସ୍ଥାନରେ ଚାରାରୋପଣ ସମ୍ପୂର୍ଣ୍ଣ ଫେଲ ମାରିଛି। ରାଉରକେଲା ବନଖଣ୍ଡ ଡିଭିଜନରେ ୨୦୧୫ରୁ ୨୦୧୬ ମଧ୍ୟରେ ପାନପୋଷ, କୁଆଁରମୁଣ୍ଡା, ରାଜଗାଙ୍ଗପୁର ସହରାଞ୍ଚଳ ଚାରାରୋପଣରେ ଜଳ ସିଞ୍ଚନ ପାଇଁ ବିନା ଟେଣ୍ଡରରେ ୬୯.୧୨ ଲକ୍ଷ ଟଙ୍କା ଦିଆଯାଇଥିବା ରିପୋର୍ଟରୁ ଜଣାପଡ଼ିଛି।

ରାଜ୍ୟରେ ସବୁଜ ବଳୟ ସୃଷ୍ଟି କରିବା ପୂର୍ବରୁ ଜାତୀୟ ଜଙ୍ଗଲ ନୀତି ଅନୁଯାୟୀ ରାଜ୍ୟ ସରକାର ନିଜସ୍ୱ ଜଙ୍ଗଲ ନୀତି କରିବା କଥା। ମାତ୍ର ଏହା ନ ହେବା ଯୋଗୁ ରାଜ୍ୟରେ ଜଙ୍ଗଲ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ଯୋଜନା ହୋଇପାରି ନାହିଁ। ଚାରା ରୋପଣ ପରେ ରକ୍ଷଣାବେକ୍ଷଣ ନେଇ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ରିପୋର୍ଟ ରଖିନାହାନ୍ତି। ଏ ଦିଗରେ ଅନ୍ଧାରରେ ରଖାଯାଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ରାଜ୍ୟର ଜଳବାୟୁ ଅନୁସାରେ ଶାଳ ଗଛ ଲଗାଇବା ସ୍ଥାନରେ ଜଙ୍ଗଲ ବିଭାଗ ଶାଗୁଆନ ଗଛ ଲଗାଇଥିଲେ, ଯାହାକି ଜୈବ ବିବିଧତାକୁ ନଷ୍ଟ କରିଥିଲା। ରାଜ୍ୟରେ ମହାତ୍ମା ଗାନ୍ଧୀ ☞ ପୃଷ୍ଠା–୨


GIET UNIVERSITY
GUNUPUR, www.giet.edu
nirf 2022
Best destination for
GUARANTEED CAMPUS PLACEMENT
to B.Tech, MBA, MCA, BBA, BCA
STUDENTS, WHO ATTEND 80% OF THE CLASSES
B.Sc. (Ag.)

B.Sc Nursing
M.Sc.: Agriculture, Physics, Chemistry, Mathematics, Biotech, Life Sciences.
M.Tech.: CSE, Manufacturing Tech., Heat Power & Thermal, Machine Design, Biotech, Chemical, Structural, Constn. Tech. & Mgt., Power Electronics, ECE
M.A.: English, Economics, Education. Ph.D: in all related subject.
8118053001, 02, 03, 04, 05, 06, 07, 08, 09


## କମର୍ସିଆଲ ଗ୍ୟାସ୍ ମୂଲ୍ୟ ୩୬ ଟଙ୍କା ହ୍ରାସ

**ଭୁବନେଶ୍ୱର,୧।୮:** କ୍ରମାଗତ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ପାଉଛି। ତା’ର ପ୍ରଭାବ ଭାରତୀୟ ବଜାରରେ ମଧ ଦେଖିବାକୁ ମିଳୁଛି। ବିଶେଷକରି ଗତ କିଛି ମାସ ହେବ ଦେଶରେ ତୈଳ ଉତ୍ପାଦଗୁଡ଼ିକର ମୂଲ୍ୟ ପରିବର୍ତ୍ତନ ହେଉଛି। ଏପରିକି କମର୍ସିଆଲ ଗ୍ୟାସ୍ ଏବଂ ବିମାନ ଇନ୍ଧନ ମୂଲ୍ୟ ହ୍ରାସ ପାଇଥିବା ବେଳେ ଘରୋଇ ଗ୍ୟାସ୍ ଏବଂ ପେଟ୍ରୋଲ-ଡିଜେଲର ମୂଲ୍ୟ ସ୍ଥିର ରହିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀର ସୂଚନା ଅନୁଯାୟୀ ଅଗଷ୍ଟ୧ ତାରିଖ ସୋମବାରଠାରୁ କମର୍ସିଆଲ ଗ୍ୟାସ୍ (୧୯ କି.ଗ୍ରା.) ଏଲ୍‌ପିଜି ସିଲିଣ୍ଡର ଉପରେ ୩୬ ଟଙ୍କା ହ୍ରାସ ପାଇଥିବା ବେଳେ ବିମାନ ଇନ୍ଧନର ମୂଲ୍ୟ ମଧ ୧୨% ହ୍ରାସ ଘଟିଛି। ଏହି ଦର ହ୍ରାସ ଯୋଗୁ ନୂଆଦିଲ୍ଲୀରେ କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୨୦୧୨.୫୦ ଟଙ୍କା ପରିବର୍ତ୍ତେ ୧,୯୭୬.୫୦ ଟଙ୍କାରେ ବିକ୍ରୟ କରାଯିବ। ସେହିପରି ଦେଶର ☞ ପୃଷ୍ଠା–୨




**ଆଜିର ସମ୍ପାଦକୀୟ**

ପେନ୍‌ସିଲ୍ ନୁହେଁ ପତାକା

# ଜବଲପୁର ହସ୍ପିଟାଲରେ ନିଆଁ: ୧୦ ମୃତ

**ଜବଲପୁର, ୧।୮**

ମଧ୍ୟପ୍ରଦେଶର ଜବଲପୁର ଜିଲା ଦାମୋହ ନାକା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ସୋମବାର ନିଆଁ ଲାଗି ୧୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩/୪ ଜଣ ହସ୍ପିଟାଲ କର୍ମଚାରୀ ଅଛନ୍ତି। ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଶର୍ଟ ସର୍କିଟ ଯୋଗୁ ଗୋହାଲପୁର ଥାନା ଅଧୀନରେ ଥିବା ଏହି ଡାକ୍ତରଖାନାରେ ଅଗ୍ନିକାଣ୍ଡ ଘଟିଥିଲା ବୋଲି ଜଣାପଡ଼ିଛି। ଘଟଣାରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଏବଂ ଆହତଙ୍କ ଚିକିତ୍ସା ପାଇଁ ୫୦ ହଜାର ଲେଖାଏ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

ଅପରାହ୍ନ ପ୍ରାୟ ୨ଟାରେ ନ୍ୟୁ ଲାଇଫ୍ ମଲ୍ଟି–ସ୍ପେଶିଆଲିଟି ହସ୍ପିଟାଲରେ ନିଆଁ ଲାଗିଯାଇଥିଲା। ଏକ ଜେନେରେଟରରୁ ଶର୍ଟ ସର୍କିଟ ହୋଇଥିବା ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ନିଆଁ ପ୍ରଥମେ ଡାକ୍ତରଖାନାରେ ଥିବା ଔଷଧ ଦୋକାନରେ ଲାଗିଯାଇଥିଲା। ପରେ ଅନ୍ୟ ବିଭାଗକୁ ବ୍ୟାପିଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାସ୍ଥଳରେ ହିଁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା ବୋଲି ଜବଲପୁର ଏସ୍‌ପି ସିଦ୍ଧାର୍ଥ ବହୁଗୁଣା କହିଛନ୍ତି। ପ୍ରସ୍ଥାନ ପାଇଁ ମାତ୍ର ଗୋଟିଏ ଦ୍ୱାର ଥିବାରୁ ଲୋକଙ୍କୁ ☞ ପୃଷ୍ଠା–୨

## ଜଳିଗଲେ ୧୦ କାଉଡ଼ିଆ

### ଡିଜେ ଜେନେରେଟର ତାରରୁ ନିଆଁ ଲାଗିଗଲା

**କୋଲକାତା, ୧।୮**

ପଶ୍ଚିମବଙ୍ଗର କୁଚ୍ ବିହାରରେ କାଉଡ଼ିଆମାନଙ୍କୁ ନେଇ ଯାଉଥିବା ଏକ ଭ୍ୟାନ୍ ରବିବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳିଯାଇଛି। ଏଥିରେ ୧୦ ଜଣ ଜୀବନ୍ତ ଅବସ୍ଥାରେ ଜଳି ଯାଇଥିବାବେଳେ ଅନ୍ୟ ୧୬ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଭ୍ୟାନ୍‌ରେ ଡିଜେ ସିଷ୍ଟମ ସହ ☞ ପୃଷ୍ଠା–୨

# ୩ ଦିନ ପୂର୍ବରୁ ସରିଲା ମୌସୁମୀ ଅଧିବେଶନ

**ଭୁବନେଶ୍ୱର,୧।୮(ବ୍ୟୁରୋ)**

ବିଧାନସଭାର ମୌସୁମୀ ଅଧିବେଶନ ସୋମବାର ଶେଷ ହୋଇଛି। ଏହା ଜୁଲାଇ ୨ରୁ ଆରମ୍ଭ ହୋଇଥିଲା। ଏହା ଅଗଷ୍ଟ ୪ ପର୍ଯ୍ୟନ୍ତ ଚାଲିଥାଆନ୍ତା। ତେବେ ୩ ଦିନ ପୂର୍ବରୁ ଅଧିବେଶନକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଅନିର୍ଦ୍ଦିଷ୍ଟ କାଳ ଲାଗି ମୁଲତବୀ ଘୋଷଣା କରିଛନ୍ତି। ଏହି ଅଧିବେଶନରେ ମୋଟ ୨୧ଟି କାର୍ଯ୍ୟଦିବସ ଥିଲା। ବିଧାନସଭାରେ ୮ଟି ବିଲ୍‌ରୁ ୭ଟିକୁ ଗୃହର ଅନୁମୋଦନ ମିଳିଥିଲା। ୨୧ଟି ଖର୍ଚ୍ଚଦାବି ଆଲୋଚନା ହୋଇଥିବା ବେଳେ ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପନ ହୋଇଥିଲା। ନବନିର୍ବାଚିତ ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ବିଧାନସଭାରେ ସର୍ବସମ୍ମତିକ୍ରମେ ଏକ ସଙ୍କଳ୍ପ ଗୃହୀତ ହୋଇଥିଲା। ଏହି ଅଧିବେଶନରେ ୨୧୫୬ଟି ତାରକାଚିହ୍ନିତ ପ୍ରଶ୍ନ ଗ୍ରହଣ କରାଯାଇଥିବା ବେଳେ ୨୭୯୭ଟି ଅଣତାରକା ପ୍ରଶ୍ନ ଗୃହରେ ଆଲୋଚନା ହୋଇଥିଲା। ସେହିପରି ୧୧ଟି ମୁଲତବୀ ଆଲୋଚନା ହୋଇଥିବା ବେଳେ ୪୩ଟି କମିଟି ରିପୋର୍ଟ, ☞ ପୃଷ୍ଠା–୨



# ଦର ବୃଦ୍ଧି ନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ୬ ବର୍ଷୀୟ ଶିଶୁ

**ନୂଆଦିଲ୍ଲୀ, ୧।୮**

ସମ୍ପ୍ରତି ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ହୁ ହୁ ହୋଇ ବଢ଼ିଚାଲିଛି। ମୂଲ୍ୟବୃଦ୍ଧି ଯୋଗୁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ପାର୍ଲାମେଣ୍ଟ ଅଧିବେଶନରେ ବିରୋଧୀ ଏହା ଉପରେ ଆଲୋଚନା ଦାବି କରି ହଟ୍ଟଗୋଳ ଜାରି ରଖିଛନ୍ତି। ପରିବାର ଚଳାଇବା ସାଧାରଣ ଲୋକଟିଏ ପାଇଁ କଷ୍ଟକର ହୋଇପଡ଼ିଥିବାବେଳେ ଏହା କିପରି ଛୋଟ ପିଲାଙ୍କୁ ପ୍ରଭାବିତ କରିଛି ତାହାର ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି। ପେନ୍‌ସିଲ, ରବର ଭଳି ପାଠପଢ଼ା ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ ଜଣେ ପ୍ରଥମ ଶ୍ରେଣୀ ଛାତ୍ରୀ ଅତିଷ୍ଠ ହୋଇପଡ଼ିବା ଏବଂ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ସମାଧାନ ଖୋଜିଦେବାକୁ ନିବେଦନ କରିବା ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି।

ଉତ୍ତର ପ୍ରଦେଶର କନୌଜ ଜିଲା ଛିବ୍ରାମାଉ ସହରରେ ରହୁଥିବା ଜଣେ ୬ ବର୍ଷୀୟ ଶିଶୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ପ୍ରଥମ ଶ୍ରେଣୀ ଛାତ୍ରୀ କ୍ରିତି ଦୁବେ ଏହି ଚିଠିରେ ଦରଦାମ ବୃଦ୍ଧି ଯୋଗୁ ସେ କିପରି ଅସୁବିଧାରେ ପଡ଼ିଛନ୍ତି ତାହା ଉଲ୍ଲେଖ କରିଛନ୍ତି। ପେନ୍‌ସିଲ, ରବର, ମ୍ୟାଗି ଦାମ ବଢ଼ିଯାଇଥିବା କହି ପ୍ରଧାନମନ୍ତ୍ରୀଙ୍କୁ ସେ ଅଭିଯୋଗ କରିଛନ୍ତି। ହିନ୍ଦୀରେ ଲେଖାଯାଇଥିବା ଚିଠିଟି ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି।

ଚିଠିରେ କ୍ରିତି ଲେଖିଛନ୍ତି, ‘ପ୍ରଧାନମନ୍ତ୍ରୀ ଜୀ, ମୋ ନାଁ କୀର୍ତ୍ତି ଦୁବେ। ମୁଁ ପ୍ରଥମ ଶ୍ରେଣୀରେ ପଢ଼େ। ତୁମେ ଦରଦାମ୍ ବଢ଼ାଇ ଦେଇଛ। ଏପରି କି ମୋ ପେନ୍‌ସିଲ, ରବର ସହ ମ୍ୟାଗି ଦାମ୍ ବି ବଢ଼ିଯାଇଛି। ଏକ ପେନ୍‌ସିଲ ମାଗିଲେ ମା’ ମାଡ଼ ମାରୁଛନ୍ତି। ଏବେ ମୁଁ କ’ଣ କରିବି? ଅନ୍ୟ ପିଲାମାନେ ମୋ ପେନ୍‌ସିଲ ଚୋରି କରିନେଉଛନ୍ତି।’ ଏହା ଉପରେ କ୍ରିତିଙ୍କ ବାପା ବିଶାଲ ଦୁବେ ପ୍ରତିକ୍ରିୟା ରଖିଛନ୍ତି। ଆଇନଜୀବୀ ବିଶାଲ ଦୁବେ କହିଛନ୍ତି, ଏ ହେଉଛି ମୋ ଝିଅର ‘ମନ୍ କୀ ବାତ୍’। ସେ ସ୍କୁଲରେ ପେନ୍‌ସିଲ ହଜାଇ ଦେବା ପରେ ତାଙ୍କ ମା’ ଗାଳି କରୁଛନ୍ତି। ଏଥିରେ ବ୍ୟସ୍ତ ହୋଇ ଝିଅ ଏହି ଚିଠି ଲେଖିଛି। ଛିବ୍ରାମାଉ ଏସ୍‌ଡିଏମ୍ ଅଶୋକ କୁମାର କହିଛନ୍ତି, ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଚିଠିକୁ ପହଞ୍ଚାଇବାକୁ ସେ ସବୁପ୍ରକାର ଉଦ୍ୟମ କରିବେ।

### ପେନ୍‌ସିଲ ମାଗିଲେ ମା’ ମାରୁଛନ୍ତି



- ସାଙ୍ଗମାନେ ଚୋରି କରିନେଉଛନ୍ତି, କ’ଣ କରିବି
- ବାପା କହିଲେ ଝିଅ ‘ମନ୍ କୀ ବାତ୍’ ଲେଖିଛି




**ଆଜିର ମନ୍ତବ୍ୟ**

"ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ୨୦୨୪ ସାଧାରଣ ନିର୍ବାଚନ ଲଢ଼ିବ। ଲୋକ ସଭା ନିର୍ବାଚନରେ କ୍ରମାଗତ ତୃତୀୟ ଥର ପାଇଁ ବିଜୟ ହାସଲ ନିମନ୍ତେ ଦଳୀୟ କାର୍ଯ୍ୟକର୍ତ୍ତା ଉଦ୍ୟମ କରନ୍ତୁ।

– ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ସ୍ୱୀକୃତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଳୀ ମାଇ
ଚୂନ ବୋଳିଲେ କି ଗୋରୀ ହୋଇ।**

ଯେତେ ବାହ୍ୟ ଉପଚାର କଲେ ବି ଦେହର ପ୍ରକୃତ ରଙ୍ଗ କେବେ ବଦଳି ପାରି ନ ଥାଏ। ଶ୍ୟାମଳ ଦେହକୁ ଘଷି ମାଜିଲେ ବି ସେ କେବେ ଗୌରବର୍ଣ୍ଣ ହୋଇ ପାରି ନ ଥାଏ। ସେ ନେଇ କରାଯାଉଥିବା ସକଳ ଚେଷ୍ଟା ବୃଥା ବୋଲି ପ୍ରମାଣିତ ହୋଇଥାଏ। ଗୋରୀ ହେବା ପାଇଁ ପ୍ରୟାସରତା ମହିଳା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଣାକୁ କାଣି
ଭଲା ଖଞ୍ଜିଅଛି ଚକରପାଣି।**

ଦାମ୍ପତ୍ୟ ଯୋଡି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପିଆଇବି ପ୍ରମୁଖ ମହାନିର୍ଦ୍ଦେଶକ ସତ୍ୟେନ୍ଦ୍ରଙ୍କ ଦାୟିତ୍ୱ ଗ୍ରହଣ

ନୂଆଦିଲ୍ଲୀ,୧୮(ପିଆଇବି)

ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି)ର ପ୍ରମୁଖ ମହାନିର୍ଦ୍ଦେଶକ ଭାବେ ସତ୍ୟେନ୍ଦ୍ର ପ୍ରକାଶ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଭାରତୀୟ ସୂଚନା ସେବା(ଆଇଆଇଏସ୍)ର ୧୯୮୮ ବ୍ୟାଚର ଅଧିକାରୀ। ଏଥିପୂର୍ବରୁ ସେ କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ (ସିବିସି)ର ପ୍ରମୁଖ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। କେନ୍ଦ୍ର ସରକାରଙ୍କ ଜନ ସମ୍ପର୍କ, ଗଣମାଧ୍ୟମ ପରିଚାଳନା, ପ୍ରଶାସନ, ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ତାଙ୍କର ବହୁ ଅଭିଜ୍ଞତା ରହିଛି। ସେ ବିଭିନ୍ନ ଜାତୀୟ ଏବଂ ୟୁନେସ୍କୋ, ୟୁନିସେଫ୍, ୟୁଏନ୍‌ଡିପି ଆଦି ଅନ୍ତର୍ଜାତୀୟ ମଞ୍ଚରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ସିବିସି ନିମନ୍ତେ ସରକାରୀ ବିଜ୍ଞାପନର ବିଷୟବସ୍ତୁ ସମ୍ପର୍କିତ ମାର୍ଗଦର୍ଶିକା ପ୍ରସ୍ତୁତି, ଇଣ୍ଟରନେଟ ଓ ଡିଜିଟାଲ ଗଣମାଧ୍ୟମ ନୀତି, ଏଫଏମ୍ ରେଡିଓ ନୀତି, ଡିଜିଟାଲ ଚଳଚ୍ଚିତ୍ର ନୀତି ଇତ୍ୟାଦି ପ୍ରସ୍ତୁତି କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ୨୦୨୧ ଗଣତନ୍ତ୍ର ଦିବସ ନିମନ୍ତେ ପ୍ରଥମ 'ଭୋକାଲ ଫର୍ ଲୋକାଲ' ପ୍ରଜ୍ଞାପନ ମଣ୍ଡପ ନିର୍ମାଣ ପାଇଁ ତାଙ୍କ ଭୂମିକା ସ୍ୱୀକୃତି ଲାଭ କରିଥିଲା। ଭାରତ ସରକାରଙ୍କର ଅନେକ ପ୍ରମୁଖ ଜନସୂଚନା ଅଭିଯାନର ପରିପାଟୀ ପ୍ରସ୍ତୁତି ସହ କାର୍ଯ୍ୟାନ୍ୱୟନରେ ସତ୍ୟେନ୍ଦ୍ର ମୁଖ୍ୟ ଥିଲେ। ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଇଇସି ଅଭିଯାନ ସଂଯୋଜନା କରିଥିଲେ। ୨୦୨୧-୨୨ରେ ମତଦାତା ସଚେତନତା ଓ ଭୋଟଦାନରେ ଅଂଶଗ୍ରହଣ ବୃଦ୍ଧି ପାଇଁ ତାଙ୍କୁ ନିକଟରେ ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ସତ୍ୟେନ୍ଦ୍ର କାର୍ଯ୍ୟଭାର ଗ୍ରହଣ କରିବା ପରେ ପିଆଇବିର ବରିଷ୍ଠ ଅଧିକାରୀଗଣ ତାଙ୍କୁ ସ୍ୱାଗତ ଜଣାଇଛନ୍ତି।



ସତ୍ୟେନ୍ଦ୍ର ପ୍ରକାଶ

# ପୂର୍ବତନ ବିଧାୟକ ପ୍ରଫୁଲ୍ଲ ମାଝୀଙ୍କ କାର୍ ଦୁର୍ଘଟଣାଗ୍ରସ୍ତ

- ୬ ଫୁଟ୍ ତଳକୁ ଖସିପଡ଼ିଲା
- ବର୍ତ୍ତିଲେ ପୂର୍ବତନ ବିଧାୟକ ଓ ଡ୍ରାଇଭର

ସୁନ୍ଦରଗଡ଼/ସବ୍‌ଡେଗା,୧୮ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ତଳସରା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସଂପାଦକ ଡା. ପ୍ରଫୁଲ୍ଲ କୁମାର ମାଝିଙ୍କ କାର୍ ସୋମବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରୁ ଡା. ମାଝି ଓ ତାଙ୍କ ଡ୍ରାଇଭର ଦୀପକ ରକ୍ଷା ପାଇ ଯାଇଛନ୍ତି।

ପ୍ରକାଶ ଯେ, ପୂର୍ବତନ ବିଧାୟକ ଡା. ମାଝି ସୁନ୍ଦରଗଡ଼ରୁ ତାଙ୍କ କାର ( ନଂ ଓଡି-୦୨ଆର୍ - ୬୨୪୦) ଯୋଗେ ସବୁଦିନ ପରି ତଳସରା ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ଦେଖିବା ପାଇଁ ଯାଉଥିଲେ। ତେବେ କରମଡିହି -ସବ୍‌ଡେଗା ରାଜ୍ୟ ରାଜପଥ ୨୪ର ବଡ଼ମାଲ ଛକ ନିକଟବର୍ତ୍ତୀ ବୁଲାଣିଆ ରାସ୍ତାରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାରୁ ପ୍ରାୟ ୬ ଫୁଟ ତଳକୁ ଖସି ପଡିଥିଲା। ଏହି ଦୁର୍ଘଟଣାରେ କାର୍ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଗାଡିରେ ଥିବା ମାଝି ଓ ଡ୍ରାଇଭରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଭୟେ ସୁସ୍ଥ ଥିବା ଜାଣିବାକୁ ମିଳିଛି। ରାସ୍ତାରେ ଯାଉଥିବା ବେଳେ ସାଇକେଲରେ ଆସୁଥିବା ଜଣେ ମହିଳାଙ୍କୁ ବଞ୍ଚାଇବାକୁ ଯାଇ କାର୍‌ଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡିଥିବା ପୂର୍ବତନ ବିଧାୟକ ମାଝି କହିବା ସହ ସେହି ସ୍ଥାନରେ ରାସ୍ତା ଅବସ୍ଥା ଖରାପ ଥିବା ଜଣାଇଛନ୍ତି।



କାର୍‌ଟି ରାସ୍ତା ତଳକୁ ଖସି ପଡ଼ିଛି।

# ବିଜୟ ନାୟକଙ୍କୁ ରାଷ୍ଟ୍ରପତିଙ୍କ ଅତିରିକ୍ତ ସଚିବ ଦାୟିତ୍ୱ

ଭୁବନେଶ୍ୱର, ୧୮(ବ୍ୟୁରୋ)



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅତିରିକ୍ତ ସଚିବ(ପ୍ରେସ୍) ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ବିଜୟ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ବିଜୟ ନାୟକ ବର୍ତ୍ତମାନ ଓଡ଼ିଆ ବିଶ୍ୱବିଦ୍ୟାଳୟର ଓଏସ୍‌ଡି ଭାବେ କାର୍ଯ୍ୟରତ ଅଛନ୍ତି। ସେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଥିଲେ। ୨୦୦୦ରୁ ୨୦୦୨ ମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯେତେବେଳେ ବାଣିଜ୍ୟ ଓ ପରିବହନ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଥିଲେ, ବିଜୟ ନାୟକ ସେତେବେଳେ ତାଙ୍କର ବ୍ୟକ୍ତିଗତ ସଚିବ ଥିଲେ। ବିଜୟ ନାୟକ ଜଣେ ଭଲ ପ୍ରଶାସକ ସହ ବିଶିଷ୍ଟ ସାହିତ୍ୟିକ ଅଟନ୍ତି। ସାହିତ୍ୟ ପତ୍ରିକା 'କାହାଣୀ'ର ସେ ଗତ ୨୦ବର୍ଷ ହେଲା ସମ୍ପାଦକ ରହିଆସିଛନ୍ତି। ଭଦ୍ରକ କଲେଜ ଛାତ୍ରସଂଘ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରସଂଘର ସେ ସଭାପତି ଥିଲେ।


# classifieds Everyday

0674-2580101, 2549302

real estate

## SALE

Commercial cum residential plot at Brahmanjharilo Cuttack (Niali road) 6k.m. to Phulanakhara, 11k.m. to Bhubaneswar. 7809525452. D-73938

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320. D-73283

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-.8114929186. D-73946

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272. D-73277

construction

Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469. D-73278

to-let

6 Nos. of 2BHK Residential Flat (Newly constructed) with all facilities & parking available for rent at Cuttack. Shivajee Nagar, Tulsipur. Contact: 9040029298. D-1047

healthcare

Newly open SPA Offer @799/-, positively health benefits, Kalpana. 7846814019. D-73627

Relax, Refresh your body, mind at Saikrupa Spa with best therapies. 8984068077. D-1121

Newly open full body massage 1099 free massage one. Mo: 9583808247. D-1164

Newly open Asribada Panchakarma herbal SPA Kesarimall Bhubaneswar. Contact: 8926173473. D-73945

Newly open full body massage ladies and gents. 8327740003, 8093860513. D-73947

Newly opened full body massage center by expert therapist. 7381172169. D-73629

astrology

ଘରେ କିମ୍ବା factory କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି ? Call/ Whatsapp 7978736177. D-68295

## LOST

ମୁଁ ଶ୍ରୀଯୁକ୍ତ ମଧୁସୂଦନ ପ୍ରଧାନ, ପି: ସୁରେନ୍ଦ୍ର ପ୍ରଧାନ, ଗ୍ରାମ: ମଙ୍ଗରାଜପୁର, ପୋ: ଦାଣ୍ଡମୁକୁନ୍ଦପୁର, ପୁରୀ ଗତ ୨୮।୦୭।୨୦୨୨ ତାରିଖରେ ବସ୍‌ରେ ଆସୁଥିବା ବେଳେ ମୋ ବ୍ୟାଗ୍‌ରେ ଥିବା ମୋର ଦଲିଲ ନଂ. ୧୮୬୬, ତା ୦୯।୦୫।୧୯୯୭ ସହ ସାର୍ଟିଫାଏଡ ନକଲ ହଜିଯାଇଛି। ଉକ୍ତ ଦଲିଲ ହଜିଯିବା ସମ୍ପର୍କରେ ମୁଁ ପିପିଲି ଥାନାରେ ୨୯।୦୭।୨୦୨୨ ତାରିଖରେ ଅବଗତ କରାଇଛି। ଯଦି କେହି ଉକ୍ତ ଦଲିଲ ପାଆନ୍ତି ତେବେ ଏହି ୯୯୩୮୧୯୬୯୬୩ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୧୬୮

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




ଭୁବନେଶ୍ୱରସ୍ଥିତ ନ୍ୟୁ ଏଜି ଅଫିସ୍‌ଠାରେ ସୋମବାର ଆକାଉଣ୍ଟାଣ୍ଟ ଜେନେରାଲ ରାଜ କୁମାର ଓ ଅନ୍ୟ ଅଧିକାରୀମାନେ ୨୦୨୨ ବର୍ଷର ଅଡିଟ୍ ରିପୋର୍ଟକୁ ଉନ୍ମୋଚନ କରୁଛନ୍ତି।

## ଚାରା ରୋପଣରେ...

ପ୍ରଥମ ପୃଷ୍ଠାରୁ...

ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହେଉଥିବା ଚାରାରୋପଣକୁ ନେଇ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ)ମଧ୍ୟରେ କୌଣସି ସମନ୍ୱୟ ନ ଥିବା ସିଏଜି ଉଲ୍ଲେଖ କରିଛନ୍ତି।

ଅନୁପଯୁକ୍ତ ସ୍ଥାନ ଚୟନ ଓ ଡିଏଫ୍‌ଓ ଚାରାରୋପଣ ପ୍ରକଳ୍ପ ଦେବାରେ ବିଳମ୍ବ କରିବାରୁ ଅଧିକାଂଶ ଗଛ ବଞ୍ଚିପାରିନାହିଁ। ଏକ ସର୍ଭେକୁ ଉଦାହରଣ ଭାବେ ଦେଖାଯାଇଥିଲା, ଯେଉଁଥିରେ ୪୮୫ଟି ଗଛରୁ ମାତ୍ର ୧୯୧ଟି ବଞ୍ଚିଥିଲା। ଏବାବଦ ରାଜ୍ୟସାରା ୧୩.୧୭ କୋଟି ଟଙ୍କା ପାଣିରେ ପଡ଼ିଥିଲା। ଆଶ୍ଚର୍ଯ୍ୟର କଥା, ଅଡିଟ୍ ଟିମ୍ ଓ ବନ ଅଧିକାରୀମାନେ ମିଳିତ ଭାବେ ୪୧ଟି ରୋପଣ ଚାରାକୁ ଯାଞ୍ଚ କରିଥିଲେ, ସେଥିରୁ ୨୭ଟି ନଷ୍ଟ ହୋଇଥିବା ଜଣାପଡ଼ିଥିଲା। ଏଭଳି ସମୁଦାୟ ଦେଖିଲେ, ୨.୬୭ କୋଟି ଟଙ୍କା ବରବାଦ ହୋଇଥିବା ରିପୋର୍ଟରେ କୁହାଯାଇଛି। ବ୍ଲକ ଓ ସହର ଚାରାରୋପଣ କାର୍ଯ୍ୟ ସମାନ ଥାଏ। କିନ୍ତୁ ସହରରେ ଚାରାରୋପଣ ପାଇଁ ଅଧିକ ମାନବ ଦିବସ ଦର୍ଶାଇ ୩୯.୮ କୋଟି ଟଙ୍କା ହରିଲୁଟ୍ ହୋଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସେହିପରି ୨୦୧୩ରୁ ୨୦୧୮ ମଧ୍ୟରେ ଚାରା ରୋପଣ କାର୍ଯ୍ୟକ୍ରମ ପାଇଁ ୨୫.୮୪ କୋଟି ଟଙ୍କା ଓଡ଼ିଶା ବାଉଁଶ ବିକାଶ ଏଜେନ୍ସିକୁ ଦିଆଯାଇଥିଲା। ସେଥିରୁ ୭.୭ କୋଟି ଖର୍ଚ୍ଚ କରାଯାଇ ନ ଥିଲା। ମାତ୍ର ଏଜେନ୍ସି ପକ୍ଷରୁ ସମସ୍ତ ଅର୍ଥ ବିନିଯୋଗ ହୋଇଥିବା ନେଇ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଅଡିଟ୍ ବେଳେ ସିଏଜି ଏଭଳି ଚଞ୍ଚକତାକୁ ପର୍ଦ୍ଦାଫାଶ କରିଛନ୍ତି।

ସେହିପରି ସୁନ୍ଦରଗଡ଼ ବନଖଣ୍ଡରେ ଶାଗୁଆନ, କରଞ୍ଜ, ଶିଶୁ, ବାଉଁଶ, ସୀମାଗୁଡ଼ା, ଗମ୍ଭାରୀ, ଶିରୀଶ, ନିମ୍ବ ଆଦି ନିମନ୍ତେ ୧୦ ଲକ୍ଷ ୪୯ ହଜାର ୮୨୫ ଟଙ୍କା ବ୍ୟୟରେ ୧୦ ହଜାର ବୃକ୍ଷରୋପଣ କରାଯାଇଥିଲା। ସେଥିରୁ ମାତ୍ର ୩.୯% ବୃକ୍ଷ ବଞ୍ଚିଥିବା ସିଏଜି ତାଙ୍କ ଅଡିଟ୍‌ରେ ଦର୍ଶାଇଛନ୍ତି। ସେହିପରି କ୍ଷତିପୂରକ ବନୀକରଣ(କାମ୍ପା)ରେ ମଧ୍ୟ ଜଙ୍ଗଲ ବିଭାଗ ଫେଲ୍ ମାରିଛି। ୨୦୧୩ରୁ ୨୦୧୮ରେ ୨୧, ୯୨୮, ୪୩୨ ହେକ୍ଟର ଜମିରେ ବନୀକରଣ ଧାର୍ଯ୍ୟ କରାଯାଇଥିବାବେଳେ ମାତ୍ର ୧୭,୯୩୧, ୩୯୮ ହେକ୍ଟରରେ ଜମିରେ ବନୀକରରଣ କରାଯାଇଛି। ହେନ୍ତାଳ ବନ ସୃଷ୍ଟି କରିବାରେ ମଧ୍ୟ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ରାଜନଗର ସମୁଦ୍ରକୂଳରେ ୨୦୧୪-୧୫ରେ ୩୬.୪୬ କୋଟିବ୍ୟୟରେପ୍ରାୟ୪ଲକ୍ଷହେନ୍ତାଳଗଛଲଗାଯାଇଥିଲା। ସେଥିରୁ ମାତ୍ର ୩୬.୪% ଗଛ ଥିଲା। ଏହା ଏକ ପ୍ରକାର ବିଫଳ ହୋଇଛି ବୋଲି ସିଏଜି ରିପୋର୍ଟରେ କହିଛନ୍ତି।

## ଜବଲପୁର ହସ୍ପିଟାଲରେ...

ସ୍ଥାନାନ୍ତର କରିବାରେ ଅସୁବିଧା ହୋଇଥିଲା। ଫଳରେ ତ୍ୱରିତ ଭିତ୍ତିରେ ଆହତଙ୍କୁ ଅନ୍ୟ ହସ୍ପିଟାଲକୁ ନିଆଯାଇପାରି ନ ଥିଲା। ପ୍ରାୟ ଘଣ୍ଟାଏ ଧରି ଉଦ୍ୟମ ପରେ ସେଠାରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବା ସହ ନିଆଁ ଲିଭାଯାଇଥିଲା। ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି।



ହସ୍ପିଟାଲରେ ଲାଗିଥିବା ନିଆଁ।

## ଜଳିଗଲେ ୧୦...

ସଂଯୋଗ ହୋଇଥିବା ଜେନେରେଟର ତାରରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ରାତି ପ୍ରାୟ ୧୨ଟାରେ ୩୭ ଜଣଙ୍କୁ ନେଇ ଭ୍ୟାନ୍‌ଟି ଜପଲେସ୍ ଅଭିମୁଖେ ଯାଉଥିଲା। ମେଖଲିଗଞ୍ଜ ଥାନା ଅଧୀନ ଧାରଳା ବ୍ରିଜ ନିକଟରେ ଏଥିରେ ନିଆଁ ଲାଗି ଯାଇଥିଲା ବୋଲି ସ୍ଥାନୀୟ ଏଏସ୍‌ପି ଅମିତ ବର୍ମା କହିଛନ୍ତି। ଆହତମାନଙ୍କୁ ଡାକ୍ତରଖାନାକୁ ଅଣାଯିବାପରେ ଡାକ୍ତର ୧୦ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆଉ ୧୭ ଜଣ ଆହତ ହୋଇଛନ୍ତି। ଭ୍ୟାନ୍‌ରେ ଥିବା ସମସ୍ତ ଯାତ୍ରୀ ସୀତଲକୁଚି ଥାନା ଅଧୀନ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ଗାଡ଼ିକୁ ଜବତ କରାଯାଇଛି। ଏହାର ଚାଳକ ଫେରାର ହୋଇଯାଇଛନ୍ତି। ଘଟଣାର ତଦନ୍ତ ଚାଲିଥିବା ଏଏସ୍‌ପି କହିଛନ୍ତି।

## କମର୍ସିଆଲ ଗ୍ୟାସ୍...

ଅନ୍ୟ ପ୍ରମୁଖ ମହାନଗର ମୁମ୍ବାଇରେ ୧୯ କେଜି ସିଲିଣ୍ଡରର ଦର ୧୯୭୨.୫୦ ଟଙ୍କା ବଦଳରେ ୧୯୩୬.୫୦ ଟଙ୍କାରେ ପହଞ୍ଚିଛି। ସେହିଭଳି କୋଲକାତାରେ ଏହି ସିଲିଣ୍ଡର ଦର ୨୧୩୨ ଟଙ୍କା ପରିବର୍ତ୍ତେ ୨୦୯୫.୫୦ ଟଙ୍କାରେ ଏବଂ ଚେନ୍ନାଇରେ ୨୦୪୧ ଟଙ୍କାରେ ବିକ୍ରି କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଏଟିଏଫ୍‌ର ମୂଲ୍ୟ କିଲୋଲିଟର ପିଛା ୧୬,୨୩୨.୩୬ କିମ୍ବା ୧୧.୭୫% ହ୍ରାସ ପାଇ ୧୨୧,୯୧୫.୫୭ ଟଙ୍କାରେ ରହିଛି।

## ୩ ଦିନ ପୂର୍ବରୁ...

୪୩୪ଟିପେପରଆଗତକରାଯାଇଥିଲା।ଅଧିବେଶନରେ ୨୧ଟିବିଭାଗରଖର୍ଚ୍ଚଦାବିଆଲୋଚନାହୋଇଥିବାବେଳେ୨୦୨୨-୨୩ଆର୍ଥିକ ବର୍ଷ ପାଇଁ ବ୍ୟୟ ମଞ୍ଜୁରୀ ବିଲ୍ ବିଧାନସଭାର ଅନୁମୋଦନ ଲାଭ କରିଥିଲା।

ଚଳିତ ଅଧିବେଶନ ସୁରୁଖୁରୁରେ ଚାଲିଥିଲା। ବିରୋଧୀ ଦଳ ଚାଷୀ, ବେକାରି, ଋଣଭାର, ଜଳସେଚନ, ଆଇନଶୃଙ୍ଖଳା, ରାୟଗଡ଼ାରେ ହୋଇଥିବା ଝାଡ଼ାବାନ୍ତି ମୃତ୍ୟୁ ଆଦି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିଥିଲେ। କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଇଡି ଜେରା ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପରେ କଂଗ୍ରେସ ଏମ୍‌ପି ଅଧିର ରଞ୍ଜନ ଚୌଧୁରୀଙ୍କ ବୟାନକୁ ନେଇ ବିଧାନସଭା ଅଚଳ ହୋଇଥିଲା। ବିଧାୟକ ଉନ୍ନୟନ ପାଣ୍ଠି ବଢ଼ାଇବା ସହିତ ଦଳଗତ ନିର୍ବିଶେଷରେ ବିଧାୟକମାନଙ୍କର ଦରମା ଓ ଭତ୍ତା ବଢ଼ାଇବାକୁ ଦାବି କରାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଶୁଭଚନ୍ଦ୍ର ଆପଣଙ୍କୁ କାର୍ଯ୍ୟସିଦ୍ଧି ଓ ବନ୍ଧୁମିଳନର ସୁଯୋଗ ସୃଷ୍ଟିକରିବ। କିନ୍ତୁ କୃତ୍ତିକା ନକ୍ଷତ୍ରର ମନଟା ବିଭିନ୍ନ କଥାକୁ ନେଇ ଭଲ ନ ଲାଗିବାରୁ କୌଣସି କାମ ପ୍ରତି ଉତ୍ସାହ ରହିବ ନାହିଁ। କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଈର୍ଷାପରାୟଣ ବ୍ୟକ୍ତିମାନଙ୍କର ସମାଲୋଚନାର ପାତ୍ର ହୋଇପାରନ୍ତି।

**ବୃଷ**
ଚନ୍ଦ୍ର କେନ୍ଦ୍ରରେ ଶୁକ୍ର ଆପଣଙ୍କୁ କଳା, ସାହିତ୍ୟ, ସଂସ୍କୃତିସମ୍ପନ୍ନ କରାଇବ। ଆଜି ଘରର କେତେକ ଅକୁହା କଥା ବିଷୟରେ ଚିନ୍ତାକରି ମାନସିକ ସ୍ଥିତି ଭଲ ରହି ନ ପାରେ । ମୃଗଶିରା ନକ୍ଷତ୍ରର କାମଗୁଡ଼ିକ ଠିକ୍ ଭାବେ ସମ୍ପନ୍ନରେ ସାମନ୍ୟ ବିଳମ୍ବ ଘଟିବ । କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟଧରି ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ।

**ମିଥୁନ**
ତୃତୀୟାଧିପ ଧନସ୍ଥାନରେ ଆପଣଙ୍କୁ ଅର୍ଥପ୍ରାପ୍ତିରେ ସହାୟତା ପ୍ରଦାନ କରିବେ। ବିବାଦୀୟ ସ୍ଥିତି, କଚେରି ମାମଲା ଆଜିର ମୁଖ୍ୟ ସମସ୍ୟା ଯୋଗୁ ବିଶେଷ ଚିନ୍ତିତ ହୋଇପାରନ୍ତି । କିନ୍ତୁ ମୃଗଶିରା ନକ୍ଷତ୍ର ଅନ୍ୟମାନଙ୍କ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକପ୍ରକାର ଭଲ ରହିବ ।

**କର୍କଟ**
ଚନ୍ଦ୍ର ଓ ବୁଧ ସମସପ୍ତକ ହେତୁ ଆପଣ ଖର୍ଚ୍ଚାନ୍ତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଆତ୍ମୀୟମାନେ ଆପଣଙ୍କୁ ସମ୍ମୁଖରେ କିଛି ନ କହିପଶ୍ଚାନ୍ତେ ସମାଲୋଚନା କରିପାରନ୍ତି। ଆପଣ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ନିଜେହିଁ ନିଜ ସ୍ୱାସ୍ଥ୍ୟପାଇଁ ବାଧକ ସାଜିବେ। ବ୍ୟବସାୟ ଓ ପରିବହନ କିନ୍ତୁ ଭଲରେ ଚାଲିବ। ଘରକୁ ବନ୍ଧୁ ଆସିପାରନ୍ତି।

**ସିଂହ**
ସନ୍ତାନଙ୍କ ସମସ୍ୟା ଆଜିର ମୁଖ୍ୟ ଚିନ୍ତାର ବିଷୟ ହୋଇପାରେ। ଏଣେ ଯାହା ସାଙ୍ଗରେ ଆଲୋଚନା କଲେ ମଧ ସାହାଯ୍ୟ କିମ୍ବା ସହାନୁଭୂତି ମଧ ପାଇବେନାହିଁ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ଅଫିସ୍ କାମରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇପାରେ।

**କନ୍ୟା**
ଏକାଦଶାଧିପତି ରାଶିରେ ଥିବାରୁ ଅର୍ଥଲାଭ ସହ ସ୍ଥଗିତ କାର୍ଯ୍ୟ ସହଜରେ ସମ୍ପନ୍ନ ହୋଇଯିବ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ହୋଇପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସକାଶେ ଆଜିର ଦିନଟି ମନ୍ଦ ହେବନାହିଁ।

**ତୁଳା**
ଆଜିର ଗ୍ରହସ୍ଥିତି ଆପଣଙ୍କୁ ସୁଖଦୁଃଖ ଓ ଭଲମନ୍ଦର ମିଶ୍ରିତ ଅନୁଭୂତି ପ୍ରଦାନ କରିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ କର୍ମକ୍ଷେତ୍ରରେ କିଛିନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିପାରେ। ଜମା ପଡୁ ନ ଥିବା ଲୋକମାନଙ୍କ ଦ୍ୱାରା ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ।

**ବିଛା**
ଅନୁକୂଳ ଗ୍ରହସ୍ଥିତି ଯୋଗୁ ଆପଣଙ୍କ ମନ ମୁତାବକ କାର୍ଯ୍ୟ ସାଧନ କରିପାରିବେ। କୌଣସି ମାଙ୍ଗଳିକ କାମରେ ବନ୍ଧୁଙ୍କୁ ସାହାଯ୍ୟ କଲେ ମଧ ପରକ୍ଷଣରେ ନିନ୍ଦିତ ହୋଇପାରନ୍ତି। ସଂଗଠନ, ରାଜନୀତି, ଅଧ୍ୟୟନ ଓ ଅଧାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ**
ଷଷ୍ଠାଧିପତି ଶୁକ୍ର ସପ୍ତମରେ ଅବସ୍ଥାନକରି ବ୍ୟବସାୟରେ ବିବାଦ ଏବଂ ପାରିବାରିକ ଅଶାନ୍ତିକୁ ଉଦ୍ରେକ କରିପାରନ୍ତି। ଦୂରଯାତ୍ରାକୁ ଇଚ୍ଛା ନ ଥିଲେ ମଧ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ସାଙ୍ଗରେ ଯିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର**
ଭାଗ୍ୟସ୍ଥାନରେ ଚନ୍ଦ୍ର ସମସ୍ୟା ସମାଧାନ ପୂର୍ବକ ପ୍ରତ୍ୟେକ କାର୍ଯ୍ୟ ବୁଝାମଣା ଓ ସହମତି ଭିତ୍ତିରେ କରିବେ। ମାନସିକ ସ୍ଥିରତା କେତେକାଂଶରେ ଅକ୍ଷୁଣ୍ଣ ରହିବ। ଦେହ ଭଲ ରହିଲେ ମଧ ସାମୟିକ ପେଟ ଓ ପିଠିରେ ଯନ୍ତ୍ରଣାଜନିତ କଷ୍ଟ ପାଇବେ । ଅତି ନିଜ ଲୋକମାନେ ବିଶ୍ୱାସଘାତକତା କାମ କରିପାରନ୍ତି।

**କୁମ୍ଭ**
ଦ୍ୱିତୀୟସ୍ଥ ବୃହସ୍ପତିଜନିତ ପାରସ୍ପରିକ ସହମତି ମଧ୍ୟରେ ପରିବାରରେ ସୁଖ ଶାନ୍ତି ଫେରି ଆସିବ। ଭଲ ସମ୍ପର୍କ ରଖୁ ନ ଥିବା ବ୍ୟକ୍ତିମାନଙ୍କ ନିକଟରୁ ଆଜି ଯଥାସମ୍ଭବ ଦୂରେଇ ରହିବା ଭଲ । ଅଯଥା ବିରକ୍ତି ପ୍ରକାଶ ନ କରି ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ। ପୁରାତନ ରୋଗର ପ୍ରାଦୁର୍ଭାବ ମୁଣ୍ଡବ୍ୟଥାର କାରଣ ହୋଇପାରେ ।

**ମୀନ**
ମୁଖଭାବରେ ରାହୁ ମଙ୍ଗଳ ଆପଣଙ୍କ ମିଥ୍ୟା ପ୍ରତିଶ୍ରୁତି ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ପରିବାରର ଆବଶ୍ୟତା ପୂରଣ କରିବା ସକାଶେ ଧାର କରିବାକୁ ପଡ଼ିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ଦୀର୍ଘଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୨୫,୧୫,୫୧୩ | ୬୪,୨୦,୪୮୬ | ୫୫,୨୮,୪୭,୨୨୮ |
| ଭାରତ | ୪,୪୦,୩୬,୨୭୫ | ୫,୨୬,୩୯୬ | ୪,୩୩,୬୫,୮୯୦ |
| ଓଡ଼ିଶା | ୧୩,୧୩,୯୪୨ | ୯୧୪୧(+୫୩) | ୧୨,୯୮,୮୭୨ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




ଭୁବନେଶ୍ୱରସ୍ଥିତ କଳିଙ୍ଗ ହକି ଷ୍ଟାଡିୟମ୍‌ଠାରେ ସୋମବାର ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନବନିଯୁକ୍ତ ୬,୮୯୧ ହାଇସ୍କୁଲ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଉଛନ୍ତି।

# ନାବାଳିକାଙ୍କୁ ଗଣବଳାତ୍କାର

## ମହିଳାଙ୍କ ସମେତ ୬ ଅଟକ, କାର୍ ଜବତ

**ସମ୍ବଲପୁର, ୧।୮(ବ୍ୟୁରୋ):** ସମ୍ବଲପୁର ଜିଲା ବୁର୍ଲା ଥାନା ଗୋଡ଼ଭଗା ଅଞ୍ଚଳର ଏକ ଢାବା ନିକଟରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ନାବାଳିକା ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ୬ ଜଣଙ୍କୁ ଅଟକ ରଖିଛି। ସେମାନଙ୍କ ମଧ୍ୟରେ ୪ ଯୁବକ, ଜଣେ ଢାବା ମାଲିକ ଓ ଜଣେ ମହିଳା ଅଛନ୍ତି। ଘଟଣାରେ ବ୍ୟବହୃତ କାର୍‌କୁ ମଧ୍ୟ ପୋଲିସ ଜବତ କରିଛି।

ସୂଚନା ଅନୁସାରେ, ଗତ ୩୦ ତାରିଖ ରାତିରେ ନାବାଳିକାଙ୍କୁ ପୂର୍ବରୁ ପରିଚୟ ଥିବା ବୁର୍ଲା ଅଞ୍ଚଳର ଜଣେ ମହିଳା ଖାଇବାକୁ ଯିବା କହି ଗୋଡଭଗା ନିକଟ ଢାବାକୁ ଡାକି ନେଇଥିଲେ। ସେମାନେ ଖାଇସାରି ବାହାରିବା ସମୟରେ ୪ଜଣ ଯୁବକ କାର୍‌ରେ ସେଠାରେ ପହଞ୍ଚିଥିଲେ। ପରେ ସେମାନେ ନାବାଳିକାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଘଟଣା ପରେ ସମ୍ପୃକ୍ତ ଯୁବକ ଓ ମହିଳା ସେଠାରୁ ଫେରାର ହୋଇଯାଇଥିଲେ। ଖବର ପାଇ ବୁର୍ଲା ପୋଲିସ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ଘରେ ଛାଡିଥିଲା। ୩୧ ତାରିଖରେ ନାବାଳିକା ଜଣକ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ ଜଣଙ୍କୁ ଅଟକ ରଖିଛି। ହୀରାକୁଦ ଏସ୍‌ଡିପିଓ ଏସ୍.କେ. ଦାଶ କହିଛନ୍ତି, ଅଭିଯୋଗ ପରେ ବୁର୍ଲା ଥାନାରେ ଏକ ମାମଲା (ନଂ.୪୧୧/୨୨) ରୁଜୁ ହୋଇଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ଏଥିରେ ଯେଉଁମାନେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।






# ଶିକ୍ଷକତାକୁ ସଂକଳ୍ପ ଭାବେ ଗ୍ରହଣ କର: ମୁଖ୍ୟମନ୍ତ୍ରୀ

## ନବନିଯୁକ୍ତ ୬,୮୯୧ ହାଇସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧।୮(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୬,୮୯୧ଜଣ ହାଇସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ନବନିଯୁକ୍ତ ଶିକ୍ଷକଙ୍କ ପାଇଁ ସୋମବାର କଳିଙ୍ଗ ହକି ଷ୍ଟାଡିୟମ୍‌ଠାରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ଶିକ୍ଷକଙ୍କୁ ଉଦ୍‌ବୋଧନ ଦେଇ କହିଲେ, ଆପଣମାନେ ସମସ୍ତେ ଯୁବ ଓ ବହୁତ ଉତ୍ସାହୀ। ତେଣୁ ଶିକ୍ଷକତାକୁ ଏକ ଚାକିରି ଭାବରେ ଗ୍ରହଣ ନ କରି ଏହାକୁ ଏକ ସଂକଳ୍ପ ଭାବେ ନେଇ କାମ କରନ୍ତୁ। ମୋର ବିଶ୍ୱାସ, ମୋ ଓଡ଼ିଶାର ପିଲାମାନଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବାରେ ଆପଣମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ରାଜ୍ୟରେ ଶିକ୍ଷକ ନିଯୁକ୍ତି କାର୍ଯ୍ୟକ୍ରମ ଜାରି ରହିଛି। ଗତ ୩ ବର୍ଷ ମଧ୍ୟରେ ୧୪ ହଜାରରୁ ଅଧିକ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଶିକ୍ଷକତା ପରି ଏକ ମହାନ୍ ବୃତ୍ତିରେ ଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ, ଶିକ୍ଷକମାନେ ହେଉଛନ୍ତି ରାଷ୍ଟ୍ରନିର୍ମାତା। ଜାତିର ଗୌରବ। ଦେଶର ଭବିଷ୍ୟତ ପିଢ଼ିକୁ ଗଢ଼ିବାର ପବିତ୍ର ଦାୟିତ୍ୱ ଆପଣମାନଙ୍କ ଉପରେ। ଶିକ୍ଷା ହିଁ କେବଳ ଗୋଟିଏ ବ୍ୟକ୍ତି ବା ପରିବାର ବା ସମାଜ ନୁହେଁ, ଶିକ୍ଷା ଗୋଟିଏ ଜାତିର ଭାଗ୍ୟ ପରିବର୍ତ୍ତନ କରିଦିଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍କୁଲ ରୂପାନ୍ତର ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଏ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ୪ହଜାର ସ୍କୁଲର ରୂପାନ୍ତର କାମ ସରିଲାଣି। ୨୦୨୩ ଡିସେମ୍ବର ସୁଦ୍ଧା ଆଉ ୪,୮୦୦ ସ୍କୁଲ ରୂପାନ୍ତର କରାଯିବ। ସ୍କୁଲ ରୂପାନ୍ତର ପିଲାଙ୍କ ଭିତରେ ନୂଆ ଉତ୍ସାହ ଆଣିଛି। ସେହି ଉତ୍ସାହକୁ ଜୀବନର ସଫଳତାରେ ରୂପାନ୍ତର କରିବା ଭଳି ଗୁରୁଦାୟିତ୍ୱ ନେବାକୁ ଶିକ୍ଷକମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ଏବଂ ଜଳସମ୍ପଦ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ପ୍ରମୁଖ ଯୋଗଦେଇ କହିଲେ, ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ପିଲାଙ୍କ ପାଇଁ ନୂଆ ସୁଯୋଗ ଓ ଶିକ୍ଷା କ୍ଷେତ୍ରରେ ଏହା ଏକ ନୂତନ ପରିଚୟ ସୃଷ୍ଟି କରିଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତର ରୂପାନ୍ତର ପାଇଁ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ ଗୁରୁଦାୟିତ୍ୱକୁ ନୂତନ ଶିକ୍ଷୟିତ୍ରୀ ଶିକ୍ଷକମାନେ ତୁଲାଇବେ ବୋଲି ସେମାନେ ଆଶାପ୍ରକାଶ କରିଥିଲେ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରାଜ୍ୟରେ ଶିକ୍ଷକ ନିଯୁକ୍ତି କାର୍ଯ୍ୟକ୍ରମକୁ ସୁବ୍ୟବସ୍ଥିତ କରାଯାଇଛି ବୋଲି କହିଥିଲେ। ପିଲାଙ୍କ ସୃଜନଶୀଳ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଧନ୍ୟବାଦ ଅର୍ପଣ କରି କହିଲେ, ସ୍କୁଲ ରୂପାନ୍ତର ଯୋଗୁ ରାଜ୍ୟର ଶିକ୍ଷା ବ୍ୟବସ୍ଥା ବିଶ୍ୱସ୍ତରୀୟ ହୋଇପାରିଛି। କାର୍ଯ୍ୟକ୍ରମରେ ୩ଜଣ ଶିକ୍ଷକ ପବିତ୍ର କର, ପ୍ରମିତା ପଟ୍ଟନାୟକ ଓ ଜୟଶ୍ରୀ ପାଢ଼ୀ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବୈଷୟିକ ସହାୟତା ଦେବ ଏନ୍‌ଆଇଓଟି

## ଗଞ୍ଜାମରେ କୂଳ ଖାଉଛି ସମୁଦ୍ର

### ଆଦର୍ଶ କଲୋନୀରେ ଥଇଥାନ ଯୋଜନା: ଜିଲାପାଳ

**ଛତ୍ରପୁର/ଗଞ୍ଜାମ, ୧।୮(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ଦିନକୁ ଦିନ ସମୁଦ୍ର କୂଳ ଖାଇବାରେ ଲାଗିଛି। ସମୁଦ୍ର ଜଳପତନ ବୃଦ୍ଧି ହେଉଥିବାରୁ ଉଚ୍ଚ ଜୁଆର ମାଡି ଆସୁଛି।

ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ଓ ଗଞ୍ଜାମ ବ୍ଲକର ପୋଡ଼ମପେଟା ଗାଁ ସମୁଦ୍ର କୂଳରେ ଥିଲା। ସମୁଦ୍ର କୂଳ ଲଂଘିବାରୁ ଏକାଧିକ ଗାଁ ଏବେ ବିପଦରେ ରହିଛି। ପୋଡମପେଟାରେ ବହୁତ ଘର ସମୁଦ୍ରରେ ଲୀନ ହୋଇଯାଇଥିବା ବେଳେ ଏବେ ଆଉ ମାତ୍ର ୭ଟି ଘର ରହିଛି। ଆଗାମୀ ଦିନରେ ଏଭଳି ଅନେକ ଗାଁ ସମୁଦ୍ରରେ ଲୀନ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ସୋମବାର ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ ପୋଡ଼ମପେଟାରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ରମାଗତ ଉପକୂଳ ଅବକ୍ଷୟ ପାଇଁ ଗ୍ଲୋବାଲ ୱାର୍ମିଂକୁ ପରିବେଶବିତ୍ ଦାୟୀ କରିଛନ୍ତି। ତେଣୁ ରାଜ୍ୟ ସରକାର ଉପକୂଳ ସୁରକ୍ଷା ପାଇଁ ଏକ ଦୀର୍ଘମିଆଦି, ପ୍ରଭାବୀ, ପରିବେଶ ଅନୁକୂଳ ଯୋଜନା ପ୍ରସ୍ତୁତ କରିବାକୁ ଚେନ୍ନାଇସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନ ଟେକ୍ନୋଲୋଜି (ଏନ୍‌ଆଇଓଟି) ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ଭୂ-ବିଜ୍ଞାନ ବିଭାଗ ଅଧୀନ ଉକ୍ତ ଉଚ୍ଚ ବୈଷୟିକ ସଂସ୍ଥା ରାଜିନାମା ସ୍ୱାକ୍ଷର ଲାଗି ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିସାରିଛନ୍ତି। ଶୀଘ୍ର ଉଭୟ ପକ୍ଷ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହେବ ଏବଂ ଏହାପରେ ଏନ୍‌ଆଇଓଟି ପକ୍ଷରୁ ବୈଷୟିକ ସହାୟତା ମିଳିବ ବୋଲି ସୂଚନା ଦିଆଯାଇଛି। ସମୁଦ୍ର କୂଳ ଲଂଘୁଥିବା ଏବଂ ଜନବସତି ପ୍ରତି ବିପଦ ଥିବାରୁ ଏକ ଆଦର୍ଶ କଲୋନୀ କରାଯିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ଯୋଜନା କରାଯାଇଛି ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସୋମବାର କହିଛନ୍ତି। ପୂର୍ବରୁ ଓଡିଆରପି ଗୃହ ନିର୍ମାଣ କରାଯାଇ ସମୁଦ୍ର ଓ ଚିଲିକା ଉପକୂଳବର୍ତ୍ତୀ ଲୋକଙ୍କୁ ଦିଆଯାଇଛି। ଏପରିକି ପୋଡମପେଟା ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରି ନୂଆ ପୋଡମପେଟାରେ ଗୃହ ଯୋଗାଇ ଦିଆଯାଇଛି। ପୁଣି ଏବେ ନୂଆ ସ୍ଥାନ ଦେଖି କିପରି ଅଧିକ ଲୋକଙ୍କୁ ଓଡିଆରପି ଗୃହ ଯୋଗାଇ ଦିଆଯିବ ସେହି ବ୍ୟବସ୍ଥା କରାଯାଉଛି।



କୂଳଖାଇ ଜନବସତି ଆଡକୁ ମାଡି ଆସିଛି ସମୁଦ୍ର।

# ପାରିବାରିକ କଳହରୁ ଗୁଳି: ୨ ଆହତ

**ଜଗତ୍‌ସିଂହପୁର ଅଫିସ, ୧।୮:** ଜଗତ୍‌ସିଂହପୁର ଥାନା ସାଁପୁର ମଞ୍ଜୁରେଇ ଗ୍ରାମରେ ପାରିବାରିକ କଳହରୁ ସୋମବାର ଗୁଳି ଫୁଟି ୨ ଆହତ ହୋଇଛନ୍ତି। ସେମାନେ ହେଲେ ପୀତବାସ ଦାସ ଓ ତାଙ୍କ ପୁଅ ଅବିନାଶ। ଉଭୟଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଖବର ଲେଖାହେବାବେଳକୁ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ଏନେଇ ଜଗତ୍‌ସିଂହପୁର ଥାନାରେ ମାମଲା ରୁଜୁ ହେବା ସହ ଅଭିଯୁକ୍ତ ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ଭଦ୍ରକ ଅଞ୍ଚଳର ଚନ୍ଦ୍ରମଣି ପରିଡ଼ାଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଚନ୍ଦ୍ରମଣିଙ୍କ ଶ୍ୱଶୁର ଓ ନିକଟରେ ରହୁଥିବା ଦାଦା ଶ୍ୱଶୁରଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ବିବାଦ ଲାଗି ରହିଥିଲା। ଚନ୍ଦ୍ରମଣି ୨/୩ ଦିନ ହେବ ଶ୍ୱଶୁର ଘରକୁ ଆସିଥିଲେ। ମାଙ୍କଡ଼ ଉତ୍ପାତ କାରଣରୁ ସାଙ୍ଗରେ ଲାଇସେନ୍ସପ୍ରାପ୍ତ ଛଡ଼ରା ବନ୍ଧୁକ ଆଣିଥିଲେ। କୌଣସି କାରଣରୁ ସୋମବାର ଦାଦା ଶ୍ୱଶୁରଙ୍କ ପୁଅ ତଥା ଶଳା ପୀତବାସ ଓ ପୁତୁରା ଅବିନାଶଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏହାପରେ ପୀତବାସ ଓ ଅବିନାଶ ତାଙ୍କୁ ଆକ୍ରମଣ କରି ଘରକୁ ଫେରିଗଲାବେଳେ ଚନ୍ଦ୍ରମଣି ବନ୍ଧୁକରେ ସେମାନଙ୍କୁ ଗୁଳି କରିଥିଲେ। ଏଥିରେ ପୀତବାସ ଓ ଅବିନାଶ ଆହତ ହୋଇଥିଲେ। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପୋଲିସ ପହଞ୍ଚି ଚନ୍ଦ୍ରମଣିଙ୍କୁ ଥାନାକୁ ନେବା ସହ ହସ୍ପିଟାଲ ଯାଇଥିବା କାର୍‌କୁ ଜବତ କରିଛି। ଅଧିକ ତଦନ୍ତ ପରେ ଚିତ୍ର ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ‘ବାୟୁସେନାରେ ସଶକ୍ତ ଯୁବଗୋଷ୍ଠୀଙ୍କ ଆବଶ୍ୟକତା ରହିଛି’

## ୱାର୍ଲ୍ଡ ସ୍କିଲ୍ ସେଣ୍ଟର ପରିଦର୍ଶନରେ ବାୟୁସେନା ପ୍ରତିନିଧି ଦଳ

**ଭୁବନେଶ୍ୱର, ୧।୮(ବ୍ୟୁରୋ)**

ବାୟୁସେନା ମୁଖ୍ୟାଳୟ ନୂଆଦିଲ୍ଲୀସ୍ଥିତ ବାୟୁଭବନରୁ ଏୟାର ମାର୍ଶଲ ଏସ୍.କେ. ଝା, ଏଭିଏସ୍‌ଏମ୍, ଏଓପିଙ୍କ ସମେତ ଏକ ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସି ସୋମବାର ଭୁବନେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ପରିଦର୍ଶନ କରିଥିଲେ। ଭାରତୀୟ ବାୟୁସେନାର ଅଗ୍ନିପଥ ଯୋଜନାରେ କିଭଳି ସ୍କିଲ୍ ବା ଦକ୍ଷତାକୁ ଉପଯୋଗ କରାଯାଇପାରିବ ସେ ନେଇ ଏହି ପ୍ରତିନିଧି ଦଳ ଆଲୋଚନା କରିଛନ୍ତି। ଏଥିସହ ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ ପଚାରି ବୁଝିଛନ୍ତି। ଏହି ଅବସରରେ ଏୟାର ମାର୍ଶଲ ଝା କହିଲେ, ରାଜ୍ୟ ସରକାରଙ୍କ ପକ୍ଷରୁ ଦକ୍ଷତା ବିକାଶ ନିମନ୍ତେ ୱାର୍ଲ୍ଡ ସ୍କିଲ୍ ସେଣ୍ଟରରେ ତିଆରି କରାଯାଇଥିବା ଭିତ୍ତିଭୂମି, ତାଲିମ ସୁବିଧା, ଅପ୍‌ସ୍କିଲିଂ ବ୍ୟବସ୍ଥା ଅତ୍ୟନ୍ତ ହୃଦୟସ୍ପର୍ଶୀ। ଏହି ଉତ୍କୃଷ୍ଟ ବ୍ୟବସ୍ଥା ସାଧାରଣ ଯୁବଗୋଷ୍ଠୀଙ୍କୁ ବୈଷୟିକ ଜ୍ଞାନକୌଶଳରେ ପରିପୂର୍ଣ୍ଣ ଏକ ସଶକ୍ତ ବ୍ୟକ୍ତିଭାବେ ରୂପାନ୍ତରଣ କରୁଛି। ଏଭଳି ବୈଷୟିକ ଜ୍ଞାନକୌଶଳରେ ସଶକ୍ତ ଯୁବଗୋଷ୍ଠୀଙ୍କର ବାୟୁସେନାରେ ଆବଶ୍ୟକତା ରହିଛି। ଏହି ଗସ୍ତ ଆଗାମୀ ଦିନରେ ଓଡ଼ିଶାର ଯୁବଗୋଷ୍ଠୀଙ୍କୁ ଏକ ନୂତନ ସୁଯୋଗ ପ୍ରଦାନ କରିବାରେ ସହାୟକ ହେବ ବୋଲି ଏୟାର ମାର୍ଶଲ ମତବ୍ୟକ୍ତ କରିଛନ୍ତି।

ୱାର୍ଲ୍ଡ ସ୍କିଲ୍ ସେଣ୍ଟରର ଭିତ୍ତିଭୂମି, ଅତ୍ୟାଧୁନିକ ଦକ୍ଷତା ପ୍ରଶିକ୍ଷଣ ପାଠ୍ୟକ୍ରମ, ଲାଇଫ୍ ସ୍କିଲ ପ୍ରଶିକ୍ଷଣ, ଶିଳ୍ପ ସହଭାଗିତା ଏବଂ ଦକ୍ଷତା ପ୍ରତିଯୋଗିତା ଇତ୍ୟାଦି ବିଷୟରେ ସିଇଓ ରେଘୁ ଜି ସୂଚନା ଦେଇଥିଲେ। ଆଗାମୀ ଦିନରେ ୱାର୍ଲ୍ଡ ସ୍କିଲ୍ ସେଣ୍ଟରକୁ ନେଇ କ’ଣ ସବୁ ଯୋଜନା ରହିଛି ସେସବୁ ବିଷୟରେ ରେଘୁ ଜୀଙ୍କ ସହ ଆଲୋଚନା ହୋଇଥିଲା। ଏୟାର ମାର୍ଶଲ ଏବଂ ସହଯୋଗୀମାନେ ମେକାଟ୍ରନିକ୍ସ, ମେକାନିକାଲ ଏବଂ ଇଲେକ୍ଟ୍ରିକାଲ୍ ସର୍ଭିସେସ ଓ ଏୟାର କଣ୍ଡିଶନିଂ ଏବଂ ରେଫ୍ରିଜରେଶନ ଲାବ୍ ପରିଦର୍ଶନ କରିଥିଲେ। ଏହି ଗସ୍ତରେ ଗ୍ରୁପ୍ କ୍ୟାପଟେନ ଏ. ଏମ୍.କେ. ନାଇଡୁ, ଗ୍ରୁପ୍ କ୍ୟାପଟେନ ଏ ମିଞ୍ଜୁ ଭିଏସ୍‌ଏମ, ଗ୍ରୁପ କ୍ୟାପଟେନ ଜେ. ପରମାର ଏବଂ ୱିଙ୍ଗ କମାଣ୍ଡର ଆର.ଆର.କେ. ସିହ୍ନା ସାମିଲ ଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ, ୱାର୍ଲ୍ଡ ସ୍କିଲ ସେଣ୍ଟର ପ୍ରିନ୍ସିପାଲ ସଙ୍ଗରନ ଗୋପାଲ, ଡେପୁଟି ପ୍ରିନ୍ସିପାଲ ଏସ୍ କେ ଦାସ ଓ ନିର୍ଦ୍ଦେଶକ ଚିୟକ୍ ଏଙ୍ଗ୍ ଚୁନ୍ ଉପସ୍ଥିତ ଥିଲେ।



ୱାର୍ଲ୍ଡ ସ୍କିଲ୍ ସେଣ୍ଟରରେ ଏୟାର ମାର୍ଶଲ ଏସ୍.କେ. ଝା ଓ ଅନ୍ୟମାନେ।




# ପେନ୍‌ସିଲ ନୁହେଁ ପତାକା

ଉତ୍ତରପ୍ରଦେଶ କନୌଜ ଜିଲା ଛିବ୍ରାମାଉ ସହରର ଜଣେ ୬ ବର୍ଷର ବାଳିକା କ୍ରିତି ଦୁବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ପତ୍ର ଲେଖି ଦରବୃଦ୍ଧି ଯୋଗୁ ସେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବିଷୟ ଜଣାଇଛନ୍ତି। ତାଙ୍କ ପେନ୍‌ସିଲ ଚୋରି ହୋଇଯିବା ପରେ ଆଉ ଗୋଟିଏ କିଣିବା ପାଇଁ ମା'ଙ୍କୁ କହିବାରୁ ସେ ତାଙ୍କଠାରୁ ମାଡ଼ ଖାଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହିତ ମ୍ୟାଗି ଦର ବଢ଼ିଯାଇଥିବାରୁ ତାହାକୁ କିଣି ଖାଇବା କଷ୍ଟକର ହୋଇପଡୁଛି। ସେଥିପାଇଁ ସେ କ'ଣ କରିବେ ବୋଲି ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ଦରବୃଦ୍ଧି ଗୋଟେ ସାନ ପିଲାକୁ କିଭଳି ବ୍ୟଥିତ କରିଛି ଏହାକୁ ଉଦାହରଣ ଭାବେ ନିଆଯାଇପାରେ। କ୍ରିତିଙ୍କ ପିତା ଜଣେ ଓକିଲ। ପ୍ରଧାନମନ୍ତ୍ରୀଙ୍କୁ ଏଭଳି ଚିଠି ଲେଖିବା ଉପରେ ମନ୍ତବ୍ୟ ଦେବାକୁ ଯାଇ ସେ କହିଛନ୍ତି, ତାହା ହେଉଛି ତାଙ୍କ ଝିଅର 'ମନ୍ କୀ ବାତ୍'। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩୧ ଜୁଲାଇରେ ତାଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ କହିଥିଲେ, ୨ ଅଗଷ୍ଟରୁ ୧୫ ତାରିଖ ମଧ୍ୟରେ ଦେଶବାସୀ ସେମାନଙ୍କ ସୋସିଆଲ ମିଡିଆ ପ୍ରୋଫାଇଲରେ ଜାତୀୟ ପତାକା ତ୍ରିରଙ୍ଗାକୁ ଡିସ୍‌ପ୍ଲେ ପିକ୍‌ଚର ଭାବେ ବ୍ୟବହାର କରିବା ଲାଗି ଆଗେଇ ଆସନ୍ତୁ। ନିଃସନ୍ଦେହରେ କୁହାଯାଇପାରେ ପ୍ରଧାନମନ୍ତ୍ରୀଙ୍କର ଏହି ବାର୍ତ୍ତା ତାଙ୍କ ନିର୍ବାଚନ ପୂର୍ବର 'ଚୌକିଦାର' ଶବ୍ଦ ନାମ ପୂର୍ବରୁ ଲେଖିବାର ଯେଉଁ ପରୋକ୍ଷ ଆଦେଶ ଥିଲା, ତାହାଠାରୁ କାହିଁ ଅଧିକ ସ୍ୱାଗତଯୋଗ୍ୟ। ଏଥିସହିତ ୧୩ ଅଗଷ୍ଟରୁ ୧୫ ଅଗଷ୍ଟ ଯାଏ ପ୍ରତ୍ୟେକଙ୍କ ଘରେ ତ୍ରିରଙ୍ଗା ଉଡ଼ାଇବା ସକାଶେ ଅଭିଯାନ ହେଉଥିବା ବିଷୟ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କର ସବୁ କାର୍ଯ୍ୟ ଦେଶବାସୀଙ୍କ ମଧ୍ୟରେ କେବଳ ଯେ ପ୍ରତିଯୋଗିତା ସୃଷ୍ଟି କରୁଛି ତାହା ନୁହେଁ, ତାଙ୍କ ନିର୍ଦ୍ଦେଶ ପାଳିବାକୁ ଯାଇ ଆଗ୍ରହୀ ଜନସାଧାରଣ ଭାରତର ଅର୍ଥନୀତିକୁ ଏକପ୍ରକାର ତଳିତଳାନ୍ତ କରିଦେଲେଣି। ଆଧାର ପାଇଁ ଦୌଡ଼ିବାର ନିର୍ଦ୍ଦେଶଠାରୁ ଆରମ୍ଭ କରି ଆଜିର ତ୍ରିରଙ୍ଗା ଉଡ଼ାଇବାର ଆଦେଶ ଦେଶକୁ କାମରେ ବ୍ୟସ୍ତ ରଖିବାର ଏକ ସହଜ ଉପାୟ। କିନ୍ତୁ ଏହା ନିଜ କାର୍ଯ୍ୟର କୁଫଳ ଲୁଚାଇବାର ସହଜ ପନ୍ଥା ହୋଇଯାଉଛି।

**ବିରୋଧୀ ନେତା, ଗବେଷକ, ବିଶେଷଜ୍ଞ ଏବଂ ଭଦ୍ର ସମାଜରୁ ପ୍ରସ୍ତାବ ଓ ପରାମର୍ଶ ନିଆ ନ ଯାଇ ଶାସକ ବର୍ଗ ଏକାକୀ ନିଷ୍ପତ୍ତି ନେଇଯିବା ଯୋଗୁ ସେହି ଦେଶ ତଳିତଳାନ୍ତ ହୋଇଗଲା। ଅନୁରୂପ ଭାବେ ଦେଖିଲେ ଭାରତରେ ମୁଷ୍ଟିମେୟଙ୍କୁ ନେଇ ନିଆଯାଉଥିବା ନିଷ୍ପତ୍ତି ମନୁଷ୍ୟକୃତ ବିପଦ ଆଣିବାର ଆଶଙ୍କା ସୃଷ୍ଟି କରୁଛି।**

ଭାରତ ଏବେ ଦୁଇଟି ବଡ଼ ସମସ୍ୟାର ସମ୍ମୁଖୀନ ହେଉଛି। ଦରବୃଦ୍ଧି ଓ ବେକାରଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ତାହା ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ବିଶେଷକରି ଦରବୃଦ୍ଧି ସମାଜର ସବୁ ବର୍ଗଙ୍କୁ ବହୁମାତ୍ରାରେ ବାଧୁଛି। ପିଲାଟିଏ ପଢ଼ିବା ପାଇଁ ପେନ୍‌ସିଲ ଓ ରବର ଦାମ୍ ବୃଦ୍ଧି ବିଷୟଠାରୁ ପରିବାରର ଦୈନନ୍ଦିନ ଖର୍ଚ୍ଚ ପୂର୍ବାପେକ୍ଷା ବହୁଗୁଣ ବଢ଼ିଯାଇଛି। ହେଲେ ଏଭଳି ପ୍ରଶ୍ନର ଉତ୍ତରରେ ଶାସକ ବର୍ଗ କୋଭିଡ୍ ଓ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ପ୍ରଭାବକୁ ଦାୟୀ କରି ବସିଯାଉଛନ୍ତି। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଜୁଲାଇ ୧୮ରେ ଆରମ୍ଭ ହେବା ପରେ ବିରୋଧୀ ମୁଦ୍ରାସ୍ଫୀତି ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂକ୍ରାନ୍ତରେ ଆଲୋଚନା କରିବା ଲାଗି ବାରମ୍ବାର କହିଆସୁଥିଲେ। ହେଲେ ସେହି ପ୍ରସଙ୍ଗକୁ ଶାସକ ଦଳ ଏଡ଼େଇ ଚାଲିଥିଲା। ୧ ଅଗଷ୍ଟରେ ଲୋକ ସଭାରେ ମୁଦ୍ରାସ୍ଫୀତିକୁ ଆଲୋଚନା କରିବା ଲାଗି ତାଲିକାଭୁକ୍ତ କରାଗଲା। ତେଣୁ ସଂସଦରେ ଏତେଦିନ ନଷ୍ଟ କରିବା ପଛର କାରଣ ଆଜି ମଧ୍ୟ ଦେଶବାସୀ ବୁଝିପାରୁ ନାହାନ୍ତି। ଯଦି ସବୁ ଦୋଷ କୋଭିଡ୍ ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ହେଲା, ତେବେ ପାର୍ଲାମେଣ୍ଟରେ ଦରବୃଦ୍ଧି ବିଷୟକୁ ବିରୋଧ କରିବାର କାରଣ କ'ଣ ଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମୁଦ୍ରାସ୍ଫୀତି ଉପରେ ମନ୍ତବ୍ୟ ରଖି କହିଛନ୍ତି, ଭାରତ ସମଗ୍ର ବିଶ୍ୱର ଅଭିବୃଦ୍ଧିକୁ ସର୍ବଦା ପୁନଃସମୀକ୍ଷା, ପୁନଃନିର୍ଦ୍ଧାରଣ ଓ ପୁନଃଆକଳନ କରିଚାଲିଛି। ସବୁଥିରେ ଦେଖାଦେଇଛି ଆମେ ଆଗରେ ଅଛୁ। ତେଣୁ ଭାରତ କଦାପି ମାନ୍ଦାବସ୍ଥାରେ ପଡ଼ିବାର ପ୍ରଶ୍ନ ଉଠୁନାହିଁ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି। ଅବଶ୍ୟ ଏଠାରେ ପ୍ରଶ୍ନ ଉଠିପାରେ ଯଦି ଭାରତ ସବୁ ଦେଶଠାରୁ ଆଗରେ ରହିଛି, ତେବେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଦବି ଚାଲିଛି କାହିଁକି।

ଭାରତର ପଡ଼ୋଶୀ ଶ୍ରୀଲଙ୍କା ଓ ପାକିସ୍ତାନକୁ ଦେଖିଲେ ସେମାନେ କିଭଳି ଦୟନୀୟ ସ୍ଥିତିରେ ଅଛନ୍ତି ଜଗତସାରା ଲୋକେ ବୁଝିପାରୁଛନ୍ତି। ବିଶେଷକରି ଶ୍ରୀଲଙ୍କା ଅର୍ଥନୀତି ଧ୍ୱଂସ ହେବା ପଛରେ ରାଜନୈତିକ କାରଣ ମୁଖ୍ୟତଃ ଦାୟୀ ହୋଇଥିବା ବେଳେ ଖରାପ ଅର୍ଥନୈତିକ ନୀତି ସଙ୍କଟକୁ ଅଧିକ ଦୁର୍ବିଷହ କରିଦେଇଛି। ବିରୋଧୀ ନେତା, ଗବେଷକ, ବିଶେଷଜ୍ଞ ଏବଂ ଭଦ୍ର ସମାଜରୁ ପ୍ରସ୍ତାବ ଓ ପରାମର୍ଶ ନିଆ ନ ଯାଇ ଶାସକ ବର୍ଗ ଏକାକୀ ନିଷ୍ପତ୍ତି ନେଇଯିବା ଯୋଗୁ ସେହି ଦେଶ ତଳିତଳାନ୍ତ ହୋଇଗଲା। ଅନୁରୂପ ଭାବେ ଦେଖିଲେ ଭାରତରେ ମୁଷ୍ଟିମେୟଙ୍କୁ ନେଇ ନିଆଯାଉଥିବା ନିଷ୍ପତ୍ତି ମନୁଷ୍ୟକୃତ ବିପଦ ଆଣିବାର ଆଶଙ୍କା ସୃଷ୍ଟି କରୁଛି। ଭୋଟ ପାଇଯାଇ ଶାସନରେ ବସୁଥିବା ବ୍ୟକ୍ତିଙ୍କର ସବୁ ବିଷୟରେ ଯଥେଷ୍ଟ ଜ୍ଞାନ ଓ ଧାରଣା ରହିଛି ବୋଲି ଭାବିବା ଭୁଲ। ବ୍ୟବସ୍ଥା ବାହାରେ ଥିବା ବ୍ୟକ୍ତିମାନେ ଆବଶ୍ୟକ ସମୟରେ ସରକାରଙ୍କୁ ପରାମର୍ଶ ଦେବା କଥା। କିନ୍ତୁ ସେହିଭଳି ଦୃଷ୍ଟାନ୍ତ ସୃଷ୍ଟି କରାଯାଉ ନାହିଁ। ଯେତେବେଳେ ସରକାର କୌଣସି ଅଡୁଆ ପରିସ୍ଥିତିର ସାମ୍ନା କରୁଛନ୍ତି, ସେତେବେଳେ ଅଣପ୍ରସଙ୍ଗକୁ ବଡ଼ ଆକାରରେ ପ୍ରଚାର କରି ମୁଖ୍ୟ ସମସ୍ୟାକୁ ଦାବି ଦେବାକୁ ଚେଷ୍ଟା କରୁଛନ୍ତି। ଏହାଦ୍ୱାରା ନିର୍ଦ୍ଦିଷ୍ଟ ସମସ୍ୟାର ସମାଧାନ ରାସ୍ତା ବାହାରିବା ଅପେକ୍ଷା ତାହା ବହୁଗୁଣା ବଢ଼ିଯାଉଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | | 5 | 1 | |
| | 8 | 6 | | | | 3 | | |
| 5 | 7 | | | 3 | | | | |
| 8 | | | | 7 | | 4 | | |
| | | | 1 | | 5 | | | 6 |
| | | 3 | 2 | | | | | |
| | | | | 5 | | | 6 | 2 |
| | 9 | | 8 | | | | | |
| | | 4 | | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 9 | 8 | 5 | 7 | 2 | 3 | 4 |
| 3 | 2 | 8 | 9 | 1 | 4 | 6 | 7 | 5 |
| 7 | 5 | 4 | 2 | 6 | 3 | 9 | 8 | 1 |
| 9 | 8 | 3 | 5 | 7 | 2 | 1 | 4 | 6 |
| 2 | 4 | 6 | 1 | 3 | 9 | 7 | 5 | 8 |
| 5 | 1 | 7 | 4 | 8 | 6 | 3 | 9 | 2 |
| 4 | 3 | 2 | 6 | 9 | 8 | 5 | 1 | 7 |
| 8 | 7 | 5 | 3 | 2 | 1 | 4 | 6 | 9 |
| 6 | 9 | 1 | 7 | 4 | 5 | 8 | 2 | 3 |

ଗତକାଲିର ଉତ୍ତର

# ଆହାର ଉପରେ ପାହାର



ଡ. ସନ୍ତୋଷ କୁମାର ମହାପାତ୍ର

ମଣିଷ ବଞ୍ଚିବା ପାଇଁ ଆବଶ୍ୟକ ପାଣି ଓ ଖାଦ୍ୟସାମଗ୍ରୀ। କିନ୍ତୁ ଏବେ କୋଟି କୋଟି ଲୋକ ଅର୍ଥ ଅଭାବରୁ ଓଳିଏ ଖାଇଲେ ଓଳିଏ ଖାଇବାକୁ ପାଆନ୍ତି ନାହିଁ ଓ ଭୋକରେ ନିଦ ଯାଆନ୍ତି। ଭାରତରେ ପୁଷ୍ଟିହୀନତାର ଶିକାର ହେଉଥିବା ଲୋକଙ୍କ ସଂଖ୍ୟା ୨୦୨୧ରେ ୨୨.୪୩ କୋଟି ଥିଲା ବେଳେ ୯୭.୩୩ କୋଟି ବା ୭୦.୫ ପ୍ରତିଶତ ଭାରତୀୟ ସ୍ୱାସ୍ଥ୍ୟକର ଖାଦ୍ୟ ପାଇବାରୁ ବଞ୍ଚିତ। କରୋନା ମହାମାରୀ କ୍ଷୁଧାକୁ ଆହୁରି ବ୍ୟାପକ କରିଛି। କିନ୍ତୁ ଚିନ୍ତାଜନକ ବିଷୟ ହେଉଛି ଏହି ସମୟରେ ସରକାର ଧନିକଶ୍ରେଣୀ ଉପରେ ଟିକସ ଆଦାୟ ନ କରି ଖାଦ୍ୟସାମଗ୍ରୀ ଉପରେ ଜିଏସ୍‌ଟି ଧାର୍ଯ୍ୟ କରିଛନ୍ତି। ଏହା ଗରିବଙ୍କ ଆହାର ଉପରେ ପାହାର ବା ଦାନାରେ ଧୂଳି ଦେବା ସଦୃଶ।

ସୂଚନାଯୋଗ୍ୟ ଯେ, ନିକଟରେ ହୋଇଥିବା ଜିଏସ୍‌ଟି ପରିଷଦର ୪୭ତମ ବୈଠକରେ କିଛି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପରେ ୫ ପ୍ରତିଶତ ଜିଏସ୍‌ଟି ଶୁଳ୍କ ଲାଗିବ ବୋଲି ଘୋଷଣା କରାଯାଇଛି। ଏହି ଲିଷ୍ଟରେ ଡାଲି, ଗହମ, ବାଜରା, ଚାଉଳ, ସୁଜି, ଦହି, ଲସି ଭଳି ଅତ୍ୟାବଶ୍ୟକ ଜିନିଷ ରହିଛି। ସେଥିରେ ଡାଲି, ଗହମ, ମକା, ଚାଉଳ, ସୁଜି, ବେସନ, ମୁଢ଼ି, ଲସି, ଓଟ୍‌ସ ଭଳି ସାମଗ୍ରୀ ସାମିଲ ରହିଛି। ତେବେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ବିରୋଧୀ ଦଳ ଏହାକୁ ପ୍ରତିବାଦ କରିବାରୁ ରାଜନୀତି ଜୋର ଧରିଥିଲା। ଅର୍ଥମନ୍ତ୍ରୀ ସଫେଇ ଦେବା ପାଇଁ ଯାଇ ଟୁଇଟରରେ କହିଛନ୍ତି, ଯଦି ବିନା ପ୍ୟାକିଂରେ ଏହି ସାମଗ୍ରୀ ବିକ୍ରି ହେଉଛି ତେବେ ଏହା ଉପରେ ଶୁଳ୍କ ଲାଗିବ ନାହିଁ। ଅର୍ଥମନ୍ତ୍ରୀ ଆଗକୁ କହିଛନ୍ତି, ଏହି ଖାଦ୍ୟସାମଗ୍ରୀ ଉପରେ ଜିଏସ୍‌ଟି ଲଗାଇବା ନିଷ୍ପତ୍ତି କୌଣସି ଗୋଟିଏ ବ୍ୟକ୍ତି ନୁହେଁ ବରଂ ସମ୍ପୂର୍ଣ୍ଣ ଜିଏସ୍‌ଟି ପରିଷଦ ଓ ସବୁ ରାଜ୍ୟର ସହମତିରେ ନିଷ୍ପତ୍ତି ହୋଇଛି। ପ୍ରଥମତଃ ଗରିବ ଓ ସାଧାରଣ ଜନତା କ'ଣ ସର୍ବଦା ଦୟନୀୟ ଜୀବନଯାପାନ କରିବା ପାଇଁ ଜନ୍ମ ହୋଇଛନ୍ତି। ସେମାନଙ୍କୁ କ'ଣ ପ୍ୟାକିଂ ସାମଗ୍ରୀ ବ୍ୟବହାର କରିବାରୁ ବଞ୍ଚିତ କରିବା ଉଚିତ। ପୁନଶ୍ଚ ଅଣଭାଜପା ରାଜ୍ୟ ସରକାର ବିରୋଧ କଲେ ମଧ୍ୟ ସରକାରଙ୍କ ପ୍ରସ୍ତାବ ବଦଳାଇବା ପାଇଁ ଆବଶ୍ୟକ ଶକ୍ତି ନାହିଁ। ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ଅଣଭାଜପା ରାଜ୍ୟ ସରକାର ଯଦି ଜନବିରୋଧୀ ପ୍ରସ୍ତାବ ଦିଅନ୍ତି ବା ଚୁପ ରହନ୍ତି ତେବେ କେନ୍ଦ୍ର ସରକାର କ'ଣ ଜନବିରୋଧୀ ସିଦ୍ଧାନ୍ତ ନେବେ। ତାଙ୍କର ଜନସାଧାରଣଙ୍କ ପ୍ରତି କିଛି ନୈତିକ ଦାୟିତ୍ୱ ନାହିଁ। ପ୍ରଥମତଃ କେନ୍ଦ୍ର ସରକାରଙ୍କ ତରଫରୁ ଏପରି କାହିଁକି ଗରିବ ମାରଣ ନୀତି ପ୍ରସ୍ତାବ ଦିଆଗଲା।




ଉଲ୍ଲେଖଯୋଗ୍ୟ ଯେ ୨୦୧୭ ଜୁଲାଇ ୧ରେ ଜିଏସ୍‌ଟି ଆରମ୍ଭ କରାଯାଇଥିଲା। ୨୦୧୭ ଜୁନ୍ ୩୦ ମଧ୍ୟରାତ୍ରିରେ ସଂସଦର ସେଣ୍ଟ୍ରାଲ ହଲ୍‌ରେ ମହା ଆଡ଼ମ୍ବରରେ ପାଳନ କରାଗଲା। ସେତେବେଳେ ଜିଏସ୍‌ଟିକୁ ଏକ ଶ୍ରେଷ୍ଠ ଟିକସ ସଂସ୍କାର କୁହାଯିବା ସହିତ ଏହା ପରୋକ୍ଷ କର ବ୍ୟବସ୍ଥାକୁ ସରଳ କରିବ ଏବଂ ଏହାଦ୍ୱାରା ଦରଦାମ କମିବ, ଟିକସ ଫାଙ୍କି ରୋକାଯାଇପାରିବ ବୋଲି ପ୍ରଚାର କରାଗଲା। ସେତେବେଳେ ଅନେକ ପ୍ରତିଷ୍ଠିତ ଅର୍ଥନୀତିଜ୍ଞ ଓ ବୁଦ୍ଧିଜୀବୀ ଏହା ସପକ୍ଷରେ ମତ ଦେଇଥିଲାବେଳେ ଆମେ ବିରୋଧ କରିଥିଲୁ। ଆମେ ଲେଖିଥିଲୁ ଯେ ଜିଏସ୍‌ଟି ଟିକସ ପ୍ରକ୍ରିୟାକୁ ଆହୁରି ଜଟିଳ କରିବ ଏବଂ ଦରଦାମ ବୃଦ୍ଧି ପାଇବ ଓ ଗରିବକୁ ଅଧିକ ଗରିବ କରିବ ଏବଂ ରାଜ୍ୟଗୁଡ଼ିକର ଟିକସ ଆଦାୟ କରିବାର କ୍ଷମତା ସଙ୍କୁଚିତ କରିବ, ଯାହା ଆଜି ସତ୍ୟ ହୋଇଛି।

ପ୍ରଥମତଃ ଆମଦେଶରେ ସର୍ବାଧିକ ଜିଏସ୍‌ଟି ହାର ବିଶ୍ୱରେ ପ୍ରାୟ ସବୁଠୁ ଅଧିକ ଏବଂ ଅଧିକ ସ୍ଲାବ୍ ମଧ୍ୟ । ବିଶେଷକରି ସେବାକ୍ଷେତ୍ରର ଆମ ଜିଡିପିକୁ ଅବଦାନ ୫୪.୨ପ୍ରତିଶତ ଏବଂ ସେଥିରେ ଆଗରୁ ୧୫ ପ୍ରତିଶତ (୧୪ ପ୍ରତିଶତ ସେବା ଟିକସ,୦.୫ ପ୍ରତିଶତ ସ୍ୱଚ୍ଛ ଭାରତ ଟ୍ୟାକ୍ସ ଏବଂ ୦.୫ ପ୍ରତିଶତ କୃଷି କଲ୍ୟାଣ କର) ଟିକସ ଥିଲା ତାହା ୧୮ପ୍ରତିଶତକୁ ବୃଦ୍ଧି ପାଇଲା। ଯେତେବେଳେ ପ୍ରାୟ ୯୦ପ୍ରତିଶତ ସେବା ଉପରେ ସିଧା ୩ ପ୍ରତିଶତ ଅଧିକ ଟ୍ୟାକ୍ସ ଧାର୍ଯ୍ୟ କରାଗଲା, ଏପରିକି ବୀମା ପ୍ରିମିୟମ ଉପରେ, ଏହା ସ୍ୱାଭାବିକ ଭାବେ ବିଭିନ୍ନ ସେବା ମୂଲ୍ୟ ବୃଦ୍ଧି କରିବା ସହିତ ଜୀବନଧାରଣକୁ ଆହୁରି ବ୍ୟୟସାପେକ୍ଷ କଲା। ପୁନଶ୍ଚ ଏପରି ଜନବିରୋଧୀ ପଦକ୍ଷେପ ନେବାର କାରଣ ହେଲା ନୂତନ ପଦ୍ଧତିରେ ଯେଉଁ ଜିଡିପି ଆକଳନ ହେଉଛି ସେଥିରେ ପରୋକ୍ଷ କର ଯୁକ୍ତ ହେଲାବେଳେ ସବ୍‌ସିଡି ହ୍ରାସ କରାଯାଉଛି । ଏଣୁ ଜିଡିପି ଅଧିକ ଦେଖାଇବା ପାଇଁ ସରକାର ପରୋକ୍ଷ କର ଜିଏସ୍‌ଟି ଓ ଅବକାରୀ ଶୁଳ୍କ ବୃଦ୍ଧି କରୁଛନ୍ତି। ସେତେବେଳେ ଆହୁରି ପ୍ରଚାର କରାଯାଉଥିଲା ଯେ ଗରିବ ଓ ସାଧାରଣ ଜନତା ବ୍ୟବହାର କରୁଥିବା ଦ୍ରବ୍ୟ ଓ ସେବା ଉପରେ କୌଣସି ଜିଏସ୍‌ଟି ଲାଗୁହେବ ନାହିଁ। କିନ୍ତୁ ବର୍ତ୍ତମାନ ସରକାର ସବୁ ପ୍ରତିଶ୍ରୁତି ଭଙ୍ଗ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଗରିବ ଓ ସାଧାରଣ ଜନତା ତାଙ୍କ ଆୟର ମୁଖ୍ୟଭାଗ ଖାଦ୍ୟସାମଗ୍ରୀ ପାଇଁ ବ୍ୟୟ କରିଥା'ନ୍ତି। ଏଣୁ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି ତାଙ୍କୁ ବେଶି ବାଧିଥାଏ। ବର୍ତ୍ତମାନ ଯେପରି ମୁଦ୍ରାସ୍ଫୀତି ବୃଦ୍ଧିଘଟି ଲୋକଙ୍କ କ୍ରୟଶକ୍ତି ଅହେତୁକ ହ୍ରାସ ପାଇଛି, ଜିଏସ୍‌ଟି ଧାର୍ଯ୍ୟ ଆହୁରି ପରିସ୍ଥିତି ସଙ୍ଗିନ କରିବ।

ଦେଶ ଚଳାଇବା ପାଇଁ ଅର୍ଥ ବା ସମ୍ବଳ ଦରକାର। କିନ୍ତୁ କିଏ ଅର୍ଥ ଦେବ ବା କେଉଁଠୁ ସମ୍ବଳ ଆସିବ? ଯାହାର ଆୟ ବା ସମ୍ପଦ ଅଧିକ ସେ ବେଶି ଟିକସ ଦେବା ଉଚିତ। କିନ୍ତୁ ଉଦାରୀକରଣ ନୀତି କାର୍ଯ୍ୟକାରୀ ହେବା ପରେ, ବିଶେଷକରି ବର୍ତ୍ତମାନର ସରକାର ଅମଳରେ ଆମ ଦେଶରେ ଧନୀ, କର୍ପୋରେଟ୍, ପୁଞ୍ଜିପତିଙ୍କୁ ଅଧିକ ରିହାତି ଦିଆଗଲା ବେଳେ ଗରିବ, ସାଧାରଣ ଜନତାଙ୍କ ଉପରୁ ପରୋକ୍ଷକର ବାବଦରେ ଅଧିକ ରାଜସ୍ୱ ଆଦାୟ କରାଯାଉଛି। ଅର୍ଥାତ୍ ଦେଶ ଚଳାଇବା ପାଇଁ ଯେଉଁ ସମ୍ବଳ ଦରକାର ତାହାର ବୋଝ ଗରିବ, ସାଧାରଣ ଜନତାଙ୍କ ଉପରେ ପଡୁଛି । ଟିକସ ବ୍ୟବସ୍ଥା ପ୍ରତିଗାମୀ ହୋଇଛି। ପରୋକ୍ଷ କର ସର୍ବଦା ରିଗ୍ରେସିଭ୍ ବା ପ୍ରତିଗାମୀ କାରଣ ଧନୀ ଗରିବ ଏପରିକି ଭିକାରିଟିଏ ମଧ୍ୟ କୌଣସି ଦ୍ରବ୍ୟ ଓ ସେବା କ୍ରୟ କଲା ବେଳେ ସମାନ ହାରରେ ଦେଇଥାଏ। ଅନେକେ ଯାହା କହନ୍ତି ଧନୀ ଅଧିକ ଟିକସ ଦେଉଛି, ତାହା ସମ୍ପୂର୍ଣ୍ଣ ଭୁଲ୍। ଗରିବ ବା ଭିକାରିଟିଏ ମଧ୍ୟ ପରୋକ୍ଷ କର ମାଧ୍ୟମରେ ଟିକସ ଦେଉଛି। ଏପରି କି କମ୍ପାନୀଗୁଡ଼ିକ ଯେଉଁ ବିଜ୍ଞାପନ ବାବଦରେ ବ୍ୟୟ କରନ୍ତି, ତାହାକୁ ତାଙ୍କ ଦ୍ରବ୍ୟ ବା ସେବାର ମୂଲ୍ୟ ନିର୍ଦ୍ଧାରଣ ବେଳେ ଯୁକ୍ତ କରିଥା'ନ୍ତି। ଅର୍ଥାତ୍ କମ୍ପାନୀଗୁଡ଼ିକର ବିଜ୍ଞାପନ ବ୍ୟୟ ଗରିବ ବା ଧନୀ ସମସ୍ତ ଉପଭୋକ୍ତା ସମାନ ହାରରେ ବହନ କରିଥା'ନ୍ତି। ଏଣୁ ଯେତେ ଅଧିକ ପ୍ରତ୍ୟକ୍ଷ କର ବାବଦରେ ଆଦାୟ ହେବ ତାହା ସେତେ ଭଲ। କିନ୍ତୁ ପ୍ରତ୍ୟକ୍ଷ କରକୁ ପ୍ରଗତିଶୀଳ ବା ପ୍ରୋଗ୍ରେସିଭ୍ କୁହାଯିବ ଯେତେବେଳେ ଟିକମସ ହାର ଆୟ, ସମ୍ପଦ ବା ଲାଭ ଅନୁସାରେ ବୃଦ୍ଧି ପାଉଥିବ।

ମୋ: ୯୪୩୭୨୦୮୭୬୨
skmohapatra67@gmail.com

# ଯଶର ଫାଶ



ଯଦୁମଣି ପାଣିଗ୍ରାହୀ

ଯେଉଁମାନେ ସେମାନଙ୍କ ଜୀବଦ୍ଦଶାରେ ମଣିଷ ସମାଜର ହିତ ପାଇଁ କିଛି ସୁକର୍ମ କରି ଯଶକୀର୍ତ୍ତି ଅର୍ଜନ କରି ଯାଇଥାନ୍ତି, ସେମାନଙ୍କ ମୃତ୍ୟୁ ପରେ ବି ଏ ସମାଜ ସେମାନଙ୍କୁ ମନେ ରଖିଥାଏ। ସେମାନଙ୍କ ଅବର୍ତ୍ତମାନରେ ଏ ଜାତି ସେମାନଙ୍କୁ ସ୍ମରଣ କରିଥାଏ। ମୃତ୍ୟୁ ସିନା ସେମାନଙ୍କ ନଶ୍ୱର ଶରୀରକୁ ଗ୍ରାସ କରିଥାଏ ହେଲେ ସେମାନଙ୍କ ଯଶ କୀର୍ତ୍ତିକୁ ସାମାନ୍ୟତମ ମ୍ଳାନ କରି ପାରେନା। ଏମିତି ଅନେକ ମହାନ୍ ବ୍ୟକ୍ତି ଏ ସଂସାରରେ ଜନ୍ମ ନେଇଥିଲେ ଓ ଏବେ ବି ଅଛନ୍ତି; ଯେଉଁମାନେ ନିଜର ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ପାଦରେ ଆଡ଼େଇ ଦେଇ ସମାଜ ପ୍ରତି ସେମାନଙ୍କ କର୍ତ୍ତବ୍ୟକୁ ନିଷ୍ଠାର ସହ ସଂପାଦନ କରିଥିଲେ ଓ ଆଜି ବି ଅନେକେ ନିରନ୍ତର ଓ ନିରବଚ୍ଛିନ୍ନ ଭାବେ କରି ଚାଲିଛନ୍ତି। ଆମ ସମସ୍ତଙ୍କ ହୃଦୟରେ ସେମାନେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥାନ୍ତି; ଯାହା ସର୍ବଦା ଜାଜ୍ୱଲ୍ୟମାନ ହୋଇ ରହିଥାଏ। ଏକଥା ସତ ଯେ, ଯଶ କୀର୍ତ୍ତି ଅର୍ଜନ କରିବା ଲକ୍ଷ୍ୟରେ କେହି କିଛି କରି ନ ଥାନ୍ତି। ବରଂ ସମଗ୍ର ମାନବ ସମାଜ ଲାଗି ସେମାନଙ୍କ ସୁକର୍ମ ସେମାନଙ୍କୁ ଯଶକୀର୍ତ୍ତିର ଅଧିକାରୀ କରାଇଥାଏ। ଯଶ କ୍ରୟବିକ୍ରୟର ସାମଗ୍ରୀ ନୁହେଁ କି ରାତାରାତି ଏହା ଅର୍ଜନ ମଧ୍ୟ କରାଯାଇ ନ ପାରେ। ଇଚ୍ଛା କରି କିମ୍ବା କାହାର ସୁପାରିସ ବଳରେ କେହି ଯଶଖ୍ୟାତିର ଅଧିକାରୀ ହୋଇପାରେନା। ଏଥିପାଇଁ ନିଷ୍ଠାପର ଓ ନିରବଚ୍ଛିନ୍ନ ସାଧନାର ଆବଶ୍ୟକତା ରହିଛି। ଯଶ ଖ୍ୟାତି ଅର୍ଜନ କରିବା ଲୋକେ ଈଶ୍ୱର ପ୍ରେରିତ ଓ ବିଧି ନିର୍ଦ୍ଧାରିତ। ସେହି ଅନୁସାରେ ମଣିଷ ଅତି ଛୋଟ ବେଳୁ ହିଁ ସେଥିପ୍ରତି ଆକୃଷ୍ଟ ହୋଇଥାଏ ଓ ସେହି ମାର୍ଗକୁ ଅନୁସରଣ କରିଥାଏ । ଆଜିକାଲି କିନ୍ତୁ ସମୟ ବଦଳି ଯାଇଛି। ଯଶ କୀର୍ତ୍ତି ଅର୍ଜନ କରିବାକୁ ସମସ୍ତେ ଆଜି ଯେମିତି ବ୍ୟାକୁଳ। ଯିଏ ଯେଉଁ ବାଟରେ ହେଉ ପଛକେ ଯଶ ଗୋଟାଇବା ଲକ୍ଷ୍ୟରେ ଅଛନ୍ତି। ଲେଖାଲେଖି କରୁଥିବା ମୋର ଜଣେ ବନ୍ଧୁଙ୍କ ଘରକୁ ଯିବା ଅବକାଶରେ ଯାହା ମୋତେ ସର୍ବାଧିକ ଦୃଷ୍ଟି ଆକର୍ଷଣ କଲା ଓ ମୋ ମନରେ କୌତୂହଳ ସୃଷ୍ଟି କରିଥିଲା ତାହା ହେଉଛି ତାଙ୍କ ଘର କାନ୍ଥରେ ଶୋଭା ପାଉଥିବା ଶତାଧିକ ମାନପତ୍ର। ସେ ଏସବୁ ବିଭିନ୍ନ ସଙ୍ଗଠନରୁ ପ୍ରାପ୍ତ ହୋଇଛନ୍ତି। ବନ୍ଧୁ ମୋର ଏଥିପାଇଁ ବେଶ୍ ଖୁସି ଓ ଗର୍ବିତ ମଧ୍ୟ ଥିଲେ। କିଛି ନ ହେଲେ ବି ମୃତ୍ୟୁ ପୂର୍ବରୁ ଏତକ ତ ସେ ଛାଡ଼ି ଦେଇ ଯିବେ, ଯାହା ତାଙ୍କୁ ଅନ୍ତତଃ କିଛି କାଳ ବଞ୍ଚାଇ ରଖିପାରିବ ବୋଲି ତାଙ୍କର ବଦ୍ଧମୂଳ ଧାରଣା ଥିଲା।

କେବଳ ମୋ ବନ୍ଧୁ କାହିଁକି ଆଜି ଅଧିକାଂଶ ଲୋକ ତୁଚ୍ଛା ପ୍ରଶଂସାପତ୍ର ତଥା ମାନପତ୍ର ଖଣ୍ଡେ ଯୋଗାଡ଼ କରି ଯଶ ଅର୍ଜନ କରିବାକୁ ନାନା ଭାବେ ଉଦ୍ୟମ ଅବ୍ୟାହତ ରଖିଛନ୍ତି। ଜୀବନର ସକଳ ସୁଖ, ସୁବିଧା ଓ ଭୋଗବିଳାସ ଭିତରେ ବୁଡ଼ି ରହିଥିବା ମଣିଷକୁ ଯଦି ଶୁଖିଲାରେ କିଛି ଯଶ ବା ସୁନାମ ମିଳିପାରିଲା ତାହାଲେ କିଏ ବା କାହିଁକି ଏହାକୁ ହାତଛଡ଼ା କରିବ।



ଜୀବନର ସବୁ ଆବଶ୍ୟକତାକୁ ପୂରଣ କରିସାରିବା ପରେ ଶେଷରେ ଯଦି କିଛି ଯଶଖ୍ୟାତି ଅର୍ଜନ କରି ନ ହେଲା ତେବେ ଜୀବନ ଯୁଦ୍ଧରେ ନିଜକୁ ଦିଗ୍‌ବିଜୟୀ ବୋଲି କହିବାକୁ ସଙ୍କୋଚ ଲାଗିବ ଯେ। ଆଜିକାଲି ଯଶ ଅର୍ଜନ କରିବାକୁ ଲୋକଙ୍କ ଭିତରେ ରହିଥିବା ଉତ୍କଣ୍ଠା ତଥା ବ୍ୟାକୁଳତାର ସୁଯୋଗ ନେଇ ଅନେକ ସାହିତ୍ୟ ଓ ସାଂସ୍କୃତିକ ସଂସ୍ଥା ଓ ସଙ୍ଗଠନମାନ ଗଢ଼ି ଉଠୁଛି, ଯେଉଁଗୁଡ଼ିକ ସଦାସର୍ବଦା ଯଶ ପ୍ରଦାନ କରିବାକୁ ଫାଶ ବସାଇ ଶିକାରକୁ ଅପେକ୍ଷା କରିଛନ୍ତି। ଶିକାରୀଟିଏ ଯେମିତି ପଶୁପକ୍ଷୀଙ୍କୁ କବଳିତ କରିବାକୁ ଜାଲ ବିଛାଇ ଛକି ବସିଥାଏ ଠିକ୍ ସେମିତି ଉକ୍ତ ସଙ୍ଗଠନଗୁଡ଼ିକ ପୁରସ୍କାର ରଙ୍କୁଣା ମଣିଷ ଗୁଡ଼ାଙ୍କୁ ଫାଶରେ ପକାଇବାକୁ ଟାକି ବସିଛନ୍ତି। ଏହି ସଂସ୍ଥା ଓ ସଙ୍ଗଠନଗୁଡ଼ିକ ବର୍ଷର ବିଭିନ୍ନ ସମୟରେ ଉତ୍ସବ ଅନୁଷ୍ଠାନମାନ ଆୟୋଜନ କରାଇ ବିଭିନ୍ନ ନାମରେ ନାମିତ ପୁରସ୍କାର ପ୍ରଦାନ କରିଥାନ୍ତି। ସଭା, ଭାଷଣ ଓ ଆଲୋଚନା ଏସବୁ କେବଳ ନାମକୁମାତ୍ର। ସମ୍ବର୍ଦ୍ଧନା, ମାନପତ୍ର, ଉପାଧି ଓ ଉପଢୌକନ ପ୍ରଦାନ ହିଁ ମୁଖ୍ୟ ଉଦ୍ଦେଶ୍ୟ। ଗୋଟେ ଗୋଟେ ଜାଗାରେ ତ ମାନପତ୍ର ପାଉଥିବା ଲୋକଙ୍କ ସଂଖ୍ୟା ଏତେ ବେଶି ଯେ, ଏହାକୁ ସଭା କି ଆଲୋଚନାଚକ୍ର ନ କହି ମାନପତ୍ର ମେଳା ବୋଲି କହିଲେ ଅତ୍ୟୁକ୍ତି ହେବନି।

ଆଜିକାଲି କୁଆଡ଼େ ସଭାସମିତିରେ ଲୋକ ହେଉ ନ ଥିବାରୁ ମାନପତ୍ର ଅଭିଳାଷୀମାନେ ହିଁ ଶ୍ରୋତାଙ୍କ ଭୂମିକା ନିର୍ବାହ କରୁଛନ୍ତି। ତେଣୁ ଅପାତ୍ରରେ ହେଉ ପଛକେ ଏମାନଙ୍କ ହାତରେ ମାନପତ୍ର ଖଣ୍ଡେ ଧରାଇ ଦେବାରେ ଅସୁବିଧା କେଉଁଠି? ବିଭିନ୍ନ ସ୍ଥାନରେ ରହିଥିବା ଉକ୍ତ ସଂସ୍ଥା ଓ ସଙ୍ଗଠନର ଏଜେଣ୍ଟମାନେ ନିଜ ନିଜ ଅଞ୍ଚଳରୁ କିଛି କିଛି ଲୋକଙ୍କ ନାଁ ସୁପାରିସ କରିଥାନ୍ତି। ସେହି ଆଧାରରେ ଏମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥାଏ। ଗୋଟିଏ ଗୁଳିରେ ଦୁଇଟି ଶିକାର କଲା ଭଳି ଅଯୋଗ୍ୟ ଓ ଅନାମଧେୟଙ୍କୁ ତୁଚ୍ଛା ଯଶର ଅଧିକାରୀ କରାଇବା ସହ ଉକ୍ତ ସଂସ୍ଥା ଓ ସଙ୍ଗଠନଗୁଡ଼ିକ ସାଧାରଣରେ ନିଜର ସୁନାମ ବଢ଼ାଇବାକୁ ସକ୍ଷମ ହେଉଛନ୍ତି। ଏସବୁ ବେସରକାରୀ ସଂସ୍ଥା ଓ ସଙ୍ଗଠନକୁ ବାଦ୍ ଦେଲେ ସରକାରୀ ସ୍ତରରେ କଥାଟା ଟିକେ ଭିନ୍ନ। ଏ କ୍ଷେତ୍ରରେ ପୁରସ୍କାର ଆକାଂକ୍ଷୀମାନେ କୁଆଡ଼େ ପୁରସ୍କାର ହାତେଇବାକୁ ଫାଶ ତିଆରି କରୁଛନ୍ତି। ବିଭିନ୍ନ ଦିଗରୁ ଚାପ ସୃଷ୍ଟି କରାଯାଇ ଚୟନ କମିଟିର କର୍ମକର୍ତ୍ତାଙ୍କୁ ଫାଶରେ ପକାଇବାକୁ ଯୋଜନା କରୁଛନ୍ତି ଓ କେତେକାଂଶରେ ସଫଳ ବି ହେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବେଳେବେଳେ ସେହି ଫାଶରେ ସେମାନେ ନିଜେ ପଡ଼ି ଅଯଥା ନିନ୍ଦା ଓ ଅପବାଦକୁ ମୁଣ୍ଡରେ ମୁଣ୍ଡାଉଛନ୍ତି। ଶେଷରେ ଏତିକି କୁହାଯାଇପାରେ ଯେ, ତୁଚ୍ଛାଟାରେ ଯଶଖ୍ୟାତି ଅର୍ଜନ କରିବାକୁ ବ୍ୟାକୁଳ ହେଉଥିବା ଲୋକଙ୍କୁ ଏ ସମାଜ କେବେ ବି ମନେରଖିବନି। ସମୟ ଗର୍ଭରେ ଏମାନଙ୍କ ଯଶକୀର୍ତ୍ତି ଯେ ଦିନେ ନିଶ୍ଚିହ୍ନ ହୋଇଯିବ, ଏଥିରେ ସନ୍ଦେହ ନାହିଁ।

ଶଂଖିଡ଼ା, ତିହିଡ଼ି, ଭଦ୍ରକ
ମୋ:୯୯୩୭୫୬୫୫୨୭

## ଏଇ ଭାରତରେ

ବାଉଁଶକଳାର କରିସ୍ମା ଦେଖିବାକୁ ମିଳିଛି ମହାରାଷ୍ଟ୍ରର ମୀନାକ୍ଷୀ ୱାକେଙ୍କ ହସ୍ତକଳାରେ। ତାଙ୍କ ଦ୍ୱାରା ନିର୍ମିତ ବାଉଁଶ ରାଖୀର ଆଦର କାହିଁରେ କ'ଣ। ମୀନାକ୍ଷୀ 'ବାମ୍ବୋ ଲେଡି' ବା 'ବାଉଁଶ ମହିଳା' ଭାବେ ଜଣାଶୁଣା। ତାଙ୍କ ବୟସ ଏବେ ୨୯। ରହନ୍ତି ଚନ୍ଦ୍ରପୁରାରେ। ୪ ବର୍ଷ ପୂର୍ବେ ସେ ତାଙ୍କ ବିଜ୍‌ନେସ 'ଅଭିସାର ଇନୋଭେଟିଭସ୍' ଆରମ୍ଭକରି ତା' ମାଧ୍ୟମରେ ବାଉଁଶର ପାଛିଆ, ଟ୍ରେ, ଗହଣା ଏବଂ ଲ୍ୟାମ୍ପ ତିଆରି କରୁଛନ୍ତି। ଏଗୁଡ଼ିକ ୨୫ ଟଙ୍କାରୁ ଆରମ୍ଭକରି ୨,୫୦୦ ଟଙ୍କାରେ ବିକ୍ରି ହେଉଛି। ବାଉଁଶ ନିର୍ମିତ ଜିନିଷଗୁଡ଼ିକୁ ସେ ଦିଲ୍ଲୀ, ମୁମ୍ବାଇ ଏବଂ ପୁଣେରେ ବିକ୍ରି କରୁଛନ୍ତି। ମୀନାକ୍ଷୀ ବିବାହ ପରେ ବନ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ୭୦ ଦିନିଆ ପ୍ରଶିକ୍ଷଣ ନେବା ପରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୧୮ରେ ସେ ପ୍ରଥମେ ବାଉଁଶ ରାଖୀ ତିଆରି କରିଥିଲେ। କିନ୍ତୁ ସେଗୁଡ଼ିକ ବିକ୍ରିହୋଇ ନ ଥିଲା। ଗତ ବର୍ଷ ୧୦,୦୦୦ ବାଉଁଶ ରାଖୀ ବିକ୍ରିକରି ୩ ଲକ୍ଷ ଟଙ୍କା ଲାଭ ପାଇଥିଲେ। ଚଳିତ ବର୍ଷ ଏବେ ସୁଦ୍ଧା ସେ ୬,୦୦୦ ରାଖୀ ବିକ୍ରି କରିସାରିଲେଣି। ଏହି କାର୍ଯ୍ୟ ପାଇଁ ମୀନାକ୍ଷୀଙ୍କୁ ନାରୀ ଶକ୍ତି ପୁରସ୍କାର ପ୍ରଦାନ କରାଯାଇଛି। ସେ ମଧ୍ୟ ୨୦୦ ମହିଳାଙ୍କୁ ବାଉଁଶ କଳା ସମ୍ପର୍କରେ ପ୍ରଶିକ୍ଷଣ ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨ ଅଗଷ୍ଟ ୧୯୯୭

- ସିବିଆଇ ଦ୍ୱାରା ଗିରଫ ହେବା ଭୟରେ ଫେରାର ହୋଇଯାଇଥିବା ଗୋଖାଦ୍ୟ ଦୁର୍ନୀତି ଅଭିଯୁକ୍ତ ପୂର୍ବତନ ପଶୁପାଳନ ମନ୍ତ୍ରୀ ଭୋଳାରାମ ତୁଫାନୀଙ୍କ ସିବିଆଇର ସ୍ୱତନ୍ତ୍ର ଅଦାଲତରେ ଆତ୍ମସମର୍ପଣ।
- ଭାରତୀୟ କ୍ରୀଡ଼ା ସାମ୍ବାଦିକ ମହାସଂଘର ଅନ୍ୟତମ ପ୍ରତିଷ୍ଠିତ ସଦସ୍ୟ ତଥା ପୁରୁଖା କ୍ରୀଡ଼ା ସାମ୍ବାଦିକ ସନ୍ତୋଷ କୁମାର ସିଲଙ୍କ ୫୮ ବର୍ଷ ବୟସରେ ପରଲୋକ।
- ବିଶିଷ୍ଟ ଶ୍ରମିକନେତା ତଥା କମ୍ୟୁନିଷ୍ଟ ଆନ୍ଦୋଳନର ଅନ୍ୟତମ ଯୋଦ୍ଧା ତଥା ବରିଷ୍ଠ ଆଇନଜୀବୀ ପ୍ରବୀର ପାଲିତଙ୍କ ୬୮ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ଭାରତ ସାମରିକ ଦକ୍ଷତା ବୃଦ୍ଧି କରୁ

ମହାଶୟ,

ଭାରତର ସୁଦୃଢ଼ ଅର୍ଥନୀତିର ବିକାଶରେ ଆତ୍ମନିର୍ଭରଶୀଳତା ସଙ୍ଗେ ଦେଶବାସୀଙ୍କ ଜୀବନଶୈଳୀରେ ସଦ୍ଭାବନା ଓ ଭାଇଚାରା ଏବଂ ଆମ ଶୃଙ୍ଖଳିତ ସୈନ୍ୟବାହିନୀଙ୍କ ଦେଶପ୍ରେମ ଭାବନା ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଏବଂ ଚାଇନାକୁ ଅସହିଷ୍ଣୁ କରିଦେଉଛି। ପାକିସ୍ତାନ ଘୋର୍ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ସତ୍ତ୍ୱେ, ଆତଙ୍କବାଦୀ କାର୍ଯ୍ୟକଳାପରୁ ନିବୃତ୍ତ ନ ରହି ତା'ର ଆତଙ୍କବାଦୀ ସଂଗଠନ ପକ୍ଷରୁ ଭାରତକୁ ଆତଙ୍କବାଦୀମାନଙ୍କୁ ପ୍ରବେଶ କରାଉଛି। ସୀମାର ୧୦ କିଲୋମିଟର 'ନୋ ଫ୍ଲାଇଙ୍ଗ ଜୋନ୍'କୁ ଉଲ୍ଲଂଘନ କରି ଚାଇନା ଏଲ୍ଏସି ଭାରତୀୟ ସୀମାର ବାୟୁସୀମା ଇଲାକାରେ ତା'ର ଲଢୁଆ ଫାଇଟର ଜେଟ୍ ଉଡ଼ାଇବା ଏବଂ ଭାରତକୁ ଡରାଇବା ଉଦ୍ଦେଶ୍ୟରେ ନୂତନ ସାମରିକ ବିମାନଘାଟି ନିର୍ମାଣ କରୁଛି। ଦୂରଗାମୀ ରକେଟ ଲଞ୍ଚର୍ ଓ କ୍ଷେପଣାସ୍ତ୍ର ଘାଟି ସ୍ଥାପନ କରି ଏକ ପ୍ରକାର ରଣହୁଙ୍କାର ଦେଇ ଭାରତର ସାମରିକ ବାହିନୀକୁ ଚ୍ୟାଲେଞ୍ଜ ଦେଉଛି। ଏଣୁ ଭାରତକୁ ପରୋକ୍ଷ ଓ ପ୍ରତ୍ୟକ୍ଷରେ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହେବା ଉଚିତ । ଦେଶର ପ୍ରତିରକ୍ଷା ଓ ସୁରକ୍ଷା ପାଇଁ ଶତ୍ରୁ ଦେଶର ଅପ୍ରତ୍ୟାଶିତ କ୍ଷେପଣାସ୍ତ୍ର ଆକ୍ରମଣକୁ ପ୍ରତିହତ କରିବା ପାଇଁ ଭାରତ ଆଧୁନିକ ରାଡ଼ାର୍ ରଖିବା ସହ ବିପୁଳ ସଂଖ୍ୟାରେ ଆକାଶ ସୁରକ୍ଷା କ୍ଷେପଣାସ୍ତ୍ର ମୁତୟନ ଉପରେ ବିଚାର ବିମର୍ଶ କରିବା ଆବଶ୍ୟକ। ରୁଷିଆ ପ୍ରଦତ୍ତ ଗୋଟେ ଯୋଡ଼େ ଶକ୍ତିଶାଳୀ ଏସ-୪୦୦ ମୁତୟନ ଯଥେଷ୍ଟ ନୁହେଁ କାରଣ, ୟୁକ୍ରେନ ଓ ରୁଷିଆ ସାମରିକ ସଂଘର୍ଷକୁ ନେଇ ବର୍ତ୍ତମାନ ବିଶ୍ୱର ବିଭିନ୍ନ ଦେଶ ମଧ୍ୟରେ ସମ୍ଭାବ୍ୟ ତୃତୀୟ ବିଶ୍ୱ ଯୁଦ୍ଧ ହେଲାଭଳି ଭୀଷଣ ଉତ୍ତେଜନା ଦେଖାଦେଇଛି।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

## ଚିରନ୍ତନୀ

ଏ ଦେହ ମୋର
ନିଭିଲା ଏଥି
ଜଣାଇ କା'ରେ ନତି
ନାହିଁ ନା ଲୋଡ଼ା ନ ଜଳୁ ଆଜି ବତୀ!
–(ସନ୍ଧ୍ୟା ପଥେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଅଲ୍ ଓଡ଼ିଶା ପେଣ୍ଟିଂ ଆର୍ଟିଷ୍ଟ ୱାର୍କର୍ସ ଆସୋସିଏଶନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ବିଭିନ୍ନ ଦାବି ନେଇ ନିର୍ମାଣ ଶ୍ରମିକ ୟୁନିୟନ୍ ସମନ୍ୱୟ କମିଟି ପକ୍ଷରୁ ଅହୋରାତ୍ର ଧାରଣା, ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଆଶାବରୀ ସାଂସ୍କୃତିକ ସମାଜର ୧୮ତମ ବାର୍ଷିକ ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା।
- ଜଳସେଚନ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରା 'କୋକୁଆ', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା ୧୫।

କଟକ

- ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂଙ୍କ ସ୍ମୃତିସଭା, ଶତାବ୍ଦୀ ଭବନ, ଅପରାହ୍ନ ୫ଟା।
- ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ୪୭ତମ ଶ୍ରାଦ୍ଧବାର୍ଷିକୀ, ସ୍ୱରାଜ ଆଶ୍ରମ, ଅପରାହ୍ନ ୫ଟା।

## ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

ଆଠଗଡ଼,୧।୮(ସ୍ୱ.ପ୍ର.): ଆଠଗଡ଼ ଥାନା ଅନ୍ତର୍ଗତ ଦୋରୋଡ ଗ୍ରାମରେ ସାପ କାମୁଡ଼ାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ବଂଶୀଧର ବେହେରାଙ୍କ ପୁଅ ସୁରିଆ ବେହେରା (୫୩)। ରବିବାର ସକାଳେ ସୁରିଆ ଧାନ ଚାଷ କରୁଥିବା ବିଲକୁ ଯାଇଥିଲେ। ଆଉ ଘରକୁ ଆଉ ଫେରି ନ ଥିଲେ। ରାତି ୮ ଟା ସୁଦ୍ଧା ସୁରିଆ ଘରକୁ ନ ଫେରିବାରୁ ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ। ଶେଷରେ ଗ୍ରାମବାସୀ ଓ ପରିବାର ଲୋକେ ରାତି ପ୍ରାୟ ୧୧ଟାରେ ସୁରିଆଙ୍କୁ ଧାନ ବିଲରେ ମୁହଁମାଡି ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚିମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରବିବାର ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# 'ଦ୍ୱିତୀୟ ଇନିଂସ୍‌ରେ ଦେଖାହେବ'

## ବାବୁସାନ୍-ତୃପ୍ତି-ପ୍ରକୃତି ବିବାଦ






ଭୁବନେଶ୍ୱର, ୧।୮(ବ୍ୟୁରୋ)

- ମା'ଙ୍କ ସହ ମୁମ୍ବାଇ ଚାଲିଗଲେ ପ୍ରକୃତି ମିଶ୍ର
- ପ୍ରକୃତି ନିଜ ସ୍ୱପ୍ନ କ୍ଷେତ୍ରକୁ ଫେରିଥିବାରୁ ଖୁସି : ବାପା

ଅଭିନେତା ବାବୁସାନ୍ ମହାନ୍ତି, ସ୍ତ୍ରୀ ତୃପ୍ତି ଓ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ମଧ୍ୟରେ ଉପୁଜିଥିବା ବିବାଦରେ କେବେ ପୂର୍ଣ୍ଣଚ୍ଛେଦ ପଡ଼ିବ ତାହାକୁ ନେଇ ପ୍ରଶଂସକମାନେ ଚାହିଁ ରହିଛନ୍ତି। ଏପରି ସ୍ଥିତିରେ ବାବୁସାନ୍‌ଙ୍କ ସହ ସମ୍ପର୍କକୁ ନେଇ ବିବାଦ ଘେରକୁ ଆସିଥିବା ଅଭିନେତ୍ରୀ ପ୍ରକୃତି ମିଶ୍ର ସୋମବାର ମୁମ୍ବାଇ ଚାଲିଯାଇଛନ୍ତି। ମା' କୃଷ୍ଣପ୍ରିୟାଙ୍କ ସହ ସେ ମୁମ୍ବାଇ ଯାଇଥିବା ବାପା ମନ୍ମଥ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଓଡ଼ିଶା ଛାଡ଼ିବା ପୂର୍ବରୁ ପ୍ରକୃତି ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ହିନ୍ଦୀ ଇଂଲିଶ ମିଶା ଏକ ଲେଖା ଛାଡ଼ିଛନ୍ତି, ଯାହାକୁ ନେଇ ଆଉଏକ ଚର୍ଚ୍ଚା ଆରମ୍ଭ ହୋଇଛି। ସେ ଲେଖିଛନ୍ତି ଯେ, ଠିକ୍ ଆଉ ଭୁଲ୍ ପରେ ଗୋଟିଏ ମଇଦାନ ଅଛି, ସେଠି ତୁମମାନଙ୍କ ମଧ୍ୟରୁ ବହୁତ କମ୍ ଲୋକଙ୍କୁ ମୁଁ ଭେଟିବି। ଜୀବନର ଦ୍ୱିତୀୟ ଇନିଂସ୍‌ରେ ଦେଖାହେବ। ଦୟା ମନୋଭାବ ଓ ଖୁସିର ସହ ସବୁ ପରିସ୍ଥିତିର ସାମ୍ନା କରନ୍ତୁ। ଯାହା ବି ଘଟୁ ନିଜର ସୁସ୍ଥ ଚିନ୍ତା ଜାରି ରଖନ୍ତୁ। ସବୁ ପରିସ୍ଥିତିରେ ଶାନ୍ତି ହିଁ ଚୟନ କରନ୍ତୁ। ତୁମ ଉଦ୍ଦେଶ୍ୟ ଠିକ୍ ଅଛି ବୋଲି ଯେତେବେଳେ ଜାଣିଛ, ସେତେବେଳେ କାହାରିକୁ କିଛି କହିବାର ଆବଶ୍ୟକତା ନାହିଁ। ମୁଁ ଜାଣିଛି ମୁଁ ଠିକ୍ ସମୟରେ ନ୍ୟାୟ ପାଇବି। ଏଥିସହ ସେ ଆହୁରି ଅନେକ କିଛି ଲେଖିଛନ୍ତି। ଏପଟେ ବାପା ମନ୍ମଥ କହିଛନ୍ତି, କର୍ମକ୍ଷେତ୍ରରେ ଯୋଗ ଦେବାକୁ ପ୍ରକୃତି ମୁମ୍ବାଇ ଗଲା। ପ୍ରକୃତି ନିଜ ସ୍ୱପ୍ନ କ୍ଷେତ୍ରକୁ ଫେରିଥିବାରୁ ମୁଁ ବହୁତ ଖୁସି। ଏ ବିବାଦ ହେବାର ନ ଥିଲା। ଘର ଭିତରେ ସମାଧାନ ହେବାର ଥିଲା। ପୂର୍ବରୁ ବାବୁସାନ୍‌ଙ୍କ ପରିବାର ମୋ ଘରକୁ ଆସିଥିଲେ। ମୁଁ ପ୍ରତିଶ୍ରୁତି ଦେଇଥିଲି। ପ୍ରକୃତିକୁ ସଚେତନ କରାଇଥିଲି। ବାବୁସାନ୍‌ଙ୍କ ସହ କଥା ମଧ୍ୟ ହୋଇଥିଲି। ରାସ୍ତାରେ ଏଭଳି ଘଟିବାର ନ ଥିଲା। ଘଟଣା ପୂର୍ବରୁ ଆଉଥରେ ମୋତେ କଲ୍ କରିଥିଲେ ହୁଏତ ସମାଧାନ ହୋଇଯାଇଥାନ୍ତା। ତୃପ୍ତିଙ୍କ ପ୍ରତି ମୋର ସମବେଦନା ରହିଛି ବୋଲି ମନ୍ମଥ କହିଛନ୍ତି।

## ବିବାଦର ଅନ୍ତକୁ ନେଇ ଉତ୍କଣ୍ଠା

ଷ୍ଟାର୍ ପରିବାର ବିବାଦ ସମାଧାନ ଆଡକୁ ଯାଇଥିଲେ ମଧ୍ୟ ଏହା ଅନ୍ତ କେବେ ତାହା କାହାକୁ ଜଣାନାହିଁ। ରବିବାର ଘର ଆଗରେ ଭିଡ଼ ନ କରିବାକୁ ବାବୁସାନ୍‌ଙ୍କ ମା' ଅପରାଜିତା ରବିବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଅପିଲ କରିଥିଲେ। ଗଣମାଧ୍ୟମଠାରୁ ଦୂରରେ ରହିବାକୁ ବାବୁସାନ୍‌ଙ୍କ ପରିବାର ଚାହୁଁଥିବାବେଳେ ଏପଟେ ବିବାଦ ଘେରକୁ ଆସିଥିବା ଅଭିନେତ୍ରୀ ପ୍ରକୃତି ମିଶ୍ର ସୋମବାର ମୁମ୍ବାଇ ଚାଲିଯାଇଛନ୍ତି। ଏପରିସ୍ଥିତିରେ ଏହି ବିବାଦକୁ ନେଇ ଖାରବେଳନଗର ଥାନାରେ ରୁଜୁ ହୋଇଥିବା ଦୁଇ ମାମଲାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାବୁସାନ୍‌ଙ୍କ ସ୍ତ୍ରୀ ତୃପ୍ତି ମାମଲା ପ୍ରତ୍ୟାହାର କରିନେବେ ବୋଲି ତାଙ୍କ ପାରିବାରିକ ବନ୍ଧୁ ରବି ମିଶ୍ର କହିଥିଲେ। ଏପଟେ ତୃପ୍ତି ମାମଲା ପ୍ରତ୍ୟାହାର କରିନେଲେ ପ୍ରକୃତିଙ୍କ ପରିବାର ମାମଲା ଉଠାଇ ନେବେ ବୋଲି ବାପା ମନ୍ମଥ ମିଶ୍ର କହିଛନ୍ତି। କିନ୍ତୁ ତୃପ୍ତିଙ୍କ ଅନୁପସ୍ଥିତିରେ ଏହି ବିବାଦର କି ସମାଧାନ ହେବ, ପୋଲିସର ଆଗାମୀ ପଦକ୍ଷେପ କ'ଣ ହେବ, ଉଭୟ ପରିବାର ମାମଲା କେବେ ପ୍ରତ୍ୟାହାର କରି ନେବେ ତାହା ଜାଣିବାକୁ ପ୍ରଶଂସକଙ୍କ ମନରେ ଉତ୍କଣ୍ଠା ଲାଗି ରହିଛି।



ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନ ବଦ୍ୟାଭବନ ପରିସରରେ ସୋମବାର ଲୁପ୍ତପ୍ରାୟ କଳା କାର୍ଯ୍ୟକ୍ରମରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ମାଙ୍କଡ଼ା ପଥର ଖଣିରେ ଚଢ଼ାଉ, ୬ ଗାଡ଼ି ଜବତ

ନିରାକାରପୁର,୧।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ସ୍ପେଶାଲ ସ୍କ୍ୱାଡ୍ ଓ ଜଙ୍କିଆ ପୋଲିସ ମିଳିତ ଭାବେ ସୋମବାର ଛଣଗିରି ପଞ୍ଚାୟତ ଅରାଙ୍ଗ ମୌଜାସ୍ଥିତ ବେଆଇନ ମାଙ୍କଡ଼ା ପଥର ଖଣିରେ ଚଢ଼ାଉ କରି ୩ଟି ଜେସିବି ମେଶିନ, ୨ଟି ପାୱାର ଟିଲର ସହ ଗୋଟିଏ ଟ୍ରାକ୍ଟର ଜବତ କରିଛି। ପୋଲିସକୁ ଚକମା ଦେଖାଇ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# 'ମିରର ମେଜ୍'ରେ ବାଟବଣା


ଯୋବ୍ରାସ୍ଥିତ ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟରେ ଥିବା 'ମିରର୍ ମେଜ୍' ରେ ଦର୍ଶକ ମଜା ନେଉଛନ୍ତି।

କଟକ ଅଫିସ, ୧।୮

ଲୋକଙ୍କ ମନୋରଞ୍ଜନ ପାଇଁ କଟକସ୍ଥିତ ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟରେ ଆରମ୍ଭ ହୋଇଛି 'ମିରର ମେଜ୍'। ଏହା ଭୁଲ ଭୁଲେୟା ସଦୃଶ। ଏଥିମଧ୍ୟରେ ଲୋକେ ପାଦ ରଖିଲେ ବାଟବଣା ହେଉଛନ୍ତି। କାରଣ 'ମିରର ମେଜ୍' ମଧ୍ୟକୁ ପ୍ରବେଶ କରୁ କରୁ ସାମ୍ନାରେ ଆସିଯିବ ଅନେକ ରାସ୍ତା। ଏଥିରୁ ବାହାରିବା ପାଇଁ ଠିକ ରାସ୍ତା ବାଛିବାକୁ ପଡ଼ିବ। ନଚେତ ଦର୍ପଣରେ ପିଟି ହୋଇଯିବେ। ତେବେ ଠିକ ବାଟ ବାଛିବା ପାଇଁ ଅନେକ ସମୟ ଲାଗିଥାଏ। ଭୁଲ ବାଟରେ ପଶିଗଲେ ଅନ୍ୟର ସାହାରା ନେବାକୁ ପଡ଼େ। ଏଥିସହ ଏହା ମଧ୍ୟରେ ରହିଛନ୍ତି ଅନେକ ଥ୍ରୀଡି ଜଳଜନ୍ତୁ, ଯାହା ଏଠାକାର ଅନ୍ୟତମ ଆକର୍ଷଣ। ଏଠାରେ ପ୍ରତିଦିନ ଦର୍ଶକଙ୍କ ଭିଡ଼ ଲାଗୁଛି। ୫୫ ଲକ୍ଷ ଟଙ୍କା ବ୍ୟୟରେ 'ମିରର ମେଜ୍' ନିର୍ମାଣ ହୋଇଛି। କାର୍ଟୁନ ସାଙ୍ଗକୁ ବିଭିନ୍ନ ରଙ୍ଗର ଆଲୋକ ଲାଗିଛି, ଯାହା ଦର୍ଶକଙ୍କ ମନକୁ ଅଧିକ ଆନନ୍ଦିତ କରୁଛି। ଏଠାରେ ପ୍ରବେଶ ପାଇଁ ଟିକେଟ ଦାମ୍ ୨୦ ଟଙ୍କା ରହିଛି। ସେହିପରି ସଂଗ୍ରହାଳୟ ବୁଲି ଦେଖିବା ଲାଗି ଟିକେଟ ମୂଲ୍ୟ ୨୦ ଟଙ୍କା ଧାର୍ଯ୍ୟ ହୋଇଛି। ମୋଟ ୪୦ ଟଙ୍କାରେ ପର୍ଯ୍ୟଟକ ଏହି ସ୍ଥାନ ବୁଲି ଯାଇପାରିବେ। ସଂଗ୍ରହାଳୟରେ ଆରୋଆନା, ପିରାନା, ରେଡ୍ କ୍ୟାଟ୍ ଫିସ୍ ଭଳି ଦେଶ ବିଦେଶର ବହୁ ବିରଳ ମାଛ ଓ ସାମୁଦ୍ରିକ ମାଛ ରଖାଯାଇଛି। ସଂଗ୍ରହାଳୟରେ ଏହି ଦୁଇ ନୂତନ ଯୋଜନା ଯୋଡ଼ି ହେବା ପରେ ଏଠାକୁ ଲୋକଙ୍କ ସୁଅ ଛୁଟୁଛି। ଆଗାମୀ ଦିନରେ 'ମିରର ମେଜ୍'କୁ ସମ୍ପ୍ରସାରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଠାକୁ ଯାତାୟାତ ସୁବିଧା ରହିଛି। ବାଇକ୍, ଅଟୋ ସମେତ ଯେ କୌଣସି ଗାଡ଼ି ଯୋଗେ ଯାଇ ପହଞ୍ଚିହେବ।

### ପ୍ରଚାର, ପ୍ରସାର ଆବଶ୍ୟକ



ମୁଁ ପ୍ରଥମ ଥର ପାଇଁ ଏହି ସଂଗ୍ରହାଳୟକୁ ଆସିଛି। କଟକରେ ମିରର ମେଜ୍ ପ୍ରଥମ ଥର ପାଇଁ କରାଯାଇଛି। ଏହା ଏକ ଅଭିନବ ପ୍ରୟାସ। ଏଠାରେ ବୁଲି ମଜା ଲାଗିଲା। ଏହାର ପ୍ରଚାର ପ୍ରସାର କରାଗଲେ ଅଧିକ ଲୋକ ଆସିବେ। କାରଣ ମୁଁ କଟକରେ ରହି ବି ଏହି ସ୍ଥାନ ବିଷୟରେ ବିଶେଷ କିଛି ଜାଣିପାରି ନ ଥିଲି।

– ପ୍ରତ୍ୟୁଷ ରଞ୍ଜନ ଶତପଥୀ

### ସମସ୍ତେ ମନୋରଞ୍ଜନ ପାଇପାରିବେ



ଓଡ଼ିଶା ବାହାରେ ଏଭଳି ସ୍ଥାନକୁ ଆଗରୁ ମୁଁ ଯାଇଛି। ହେଲେ କଟକରେ ଏପରି ସ୍ଥାନ ଦେଖି ଭାରି ଖୁସି ହେଲି। ଛୋଟରୁ ବଡ଼ ସମସ୍ତେ ଏଠାରେ ମନୋରଞ୍ଜନ ପାଇପାରିବେ। ତେଣୁ ଏ ସମ୍ପର୍କରେ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର କରାଯିବାର ଆବଶ୍ୟକତା ରହିଛି।

–ଶୁଭଶ୍ରୀ ପଶାୟତ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଗୁରୁଦେବ


@ କୈଳାସ


@ ଅଭିନାଶ


@ ଶୁଭସ୍ମିତା


@ ଜିତୁ


@ ହରସ

## ଧାନରୁଆକୁ କେନ୍ଦ୍ରକରି ବୋମାମାଡ଼

ଡେଲାଙ୍ଗ,୧।୮(ଡି.ଏନ୍.ଏ.)

### ଜଣେ ଅଟକ, ୫ ବାଇକ୍ ଜବତ

ଡେଲାଙ୍ଗ ଥାନା ଅନ୍ତର୍ଗତ ବଙ୍କିଲ ଗ୍ରାମରେ ଧାନରୁଆକୁ କେନ୍ଦ୍ରକରି ସୋମବାର ମାରପିଟ ହେବା ସହିତ ବୋମାମାଡ଼ ହୋଇଛି। ଅଭିଯୋଗ ଅନୁଯାୟୀ, ବଙ୍କିଲ ଗହିରରେ ଥିବା ଚକନାଳୀକୁ ଗ୍ରାମର ସନ୍ତୋଷ ଲେଙ୍କା ନିଜ ବିଲରେ ମିଶାଇ ଦେଇଛି। ଫଳରେ ଧାନରୁଆ ପାଇଁ ବିଲ କାଦୁଅ କରିବା ନିମନ୍ତେ ଗ୍ରାମର ଅନ୍ୟ ଚାଷୀମାନେ ଟ୍ରାକ୍ଟର ନେବା ପାଇଁ ବାଟ ଆଉ ନାହିଁ। ଫଳରେ ଚାଷୀ ଉପେନ୍ଦ୍ର ଲେଙ୍କା ଧାନ ରୋଇବା ନିମନ୍ତେ ବିଲ କାଦୁଅ ପାଇଁ ଟ୍ରାକ୍ଟର ନେବାରୁ ସନ୍ତୋଷ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଉପେନ୍ଦ୍ର ଏହାକୁ ବିରୋଧ କରିବାରୁ ସନ୍ଧ୍ୟାରେ ସନ୍ତୋଷ ଓ ତାଙ୍କ ପ୍ରାୟ ୨୦ ଜଣ ସହଯୋଗୀ ଆଣି ପାଟିତୁଣ୍ଡ କରିବା ସହିତ ବୋମାମାଡ଼ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସମସ୍ତେ ଫେରାର ହୋଇଯାଇଥିଲେ। ହେଲେ ପୋଲିସ ଜଣଙ୍କୁ ଅଟକ ରଖିବା ସହ ୫ଟି ବାଇକ୍‌କୁ ଜବତ କରିଛି। ତେବେ ଏହି ଘଟଣାକୁ ନେଇ ଉପେନ୍ଦ୍ର ଥାନାରେ ଏକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବର୍ଷକୁ ୨ଶହ ଦିନ କାମ, ଦିନକୁ ୭ଶହ ଟଙ୍କା ମଜୁରି, ଶ୍ରମିକ ବିରୋଧୀ ୪ ଶ୍ରମ କୋଡ୍ ବାତିଲ ଆଦି ଦାବିରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।




ସମ୍ବଲପୁରୀ ଦିବସ ପାଳନ ଅବସରରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ର ସଂଘ ପକ୍ଷରୁ ସୋମବାର ଏନେକ୍ସ-୩ ସଭା ଗୃହରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛାତ୍ରମାନେ ସମ୍ବଲପୁରୀ ବେଶରେ ସମ୍ବଲପୁରୀ ଢୋଲ ବାଦ୍ୟ ବଜାଉଛନ୍ତି। ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ମହାନଦୀରୁ ବୃଦ୍ଧଙ୍କ ମୃତଦେହ ଜବତ

ବାଙ୍କୀ, (ସ୍ୱ.ପ୍ର.): ବାଙ୍କୀ ଏନ୍ଏସି ଅନ୍ତର୍ଗତ ରଣପୁର ଗ୍ରାମ ନିକଟରୁ ସୋମବାର ମହାନଦୀ ପାଣିରେ ଭାସୁଥିବା ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ମହାନଦୀର ଉପରମୁଣ୍ଡରୁ ଏହି ମୃତଦେହ ଭାସି ଆସିଥିବା ସନ୍ଦେହ କରାଯାଉଛି। ରଣପୁର ନଦୀ ଘାଟରେ ଲୋକେ ବୃଦ୍ଧଙ୍କ ମୃତଦେହ ଦେଖି ଦମକଳ ବାହିନୀକୁ ଖବର ଦେଇଥିଲେ। ଏହାପରେ ଦମକଳ କର୍ମଚାରୀ ପହଞ୍ଚି ପାଣିରୁ ମୃତଦେହ ବାହାର କରି ପୋଲିସକୁ ଖବର ଦେଇଥିଲେ।

## ସଂକ୍ଷେପରେ

### ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ବର୍ଷା

ଭୁବନେଶ୍ୱର, ୧୮(ବ୍ୟୁରୋ) - କେନ୍ଦ୍ରାପଡା ଏମ୍ପି ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ସ୍ତ୍ରୀ ଅଭିନେତ୍ରୀ ବର୍ଷା ପ୍ରିଦର୍ଶିନୀ ସୋମବାର ଅପରାହ୍ନରେ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆର୍ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରାୟ ୩୦ ମିନିଟ୍ରୁ ଉର୍ଦ୍ଧ୍ୱ ସମୟ ଧରି ଓଏଚ୍ଆର୍ସି କାର୍ଯ୍ୟାଳୟରେ ରହିଥିଲେ। ତେବେ ସେ କ'ଣ ଅଭିଯୋଗ ଆଣିଛନ୍ତି, କେଉଁ ପ୍ରସଙ୍ଗରେ ସେ କମିଶନଙ୍କୁ ଭେଟିଛନ୍ତି, ସେନେଇ ବର୍ଷା କିମ୍ବା ଓଏଚ୍ଆର୍ସିଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ବର୍ଷା ଓଏଚ୍ଆର୍ସି କାର୍ଯ୍ୟାଳୟରୁ ବାହାରିବାବେଳେ ଗଣମାଧମ ପ୍ରତିନିଧିମାନେ ତାଙ୍କୁ ପ୍ରସଙ୍ଗ ପଚାରିଥିଲେ। ହେଲେ ସେ କୌଣସି ଉତ୍ତର ନ ଦେଇ ପଳାଇଥିଲେ। ରବିବାର ଅନୁଭବ ସାମାଜିକ ଗଣମାଧମରେ ଏକ ଭିଡିଓ ଛାଡ଼ିଥିଲେ। ସତ ନ ଜାଣି କୌଣସି ଘଟଣାକୁ ବିଶ୍ଳେଷଣ ନ କରିବାକୁ ସେ କହିବା ସହ କେତେକ ମନ୍ତବ୍ୟ ଦେଇଥିଲେ। ଏବେ ସେମାନଙ୍କ ପାରିବାରିକ ବିବାଦ କୋର୍ଟରେ ରହିଥିବାବେଳେ ସୋମବାର ବର୍ଷା କମିଶନଙ୍କ ଦ୍ୱାରସ୍ଥ ହେବା ପରେ ଉକ୍ତ ଭିଡିଓକୁ ନେଇ ଚର୍ଚ୍ଚା ହେଉଛି। ପୂର୍ବରୁ ଅନୁଭବ ଓ ବର୍ଷାଙ୍କୁ ସାମାଜିକ ଗଣମାଧମ କିମ୍ବା ଅନ୍ୟ କେଉଁଠି ମନ୍ତବ୍ୟ ନ ଦେବାକୁ ହାଇକୋର୍ଟ ତାଗିଦ୍ କରିଥିଲେ। ଏବେ ଅନୁଭବଙ୍କ ସୋସିଆଲ ମିଡିଆ ଭିଡିଓ ଓ ମନ୍ତବ୍ୟକୁ ନେଇ ବର୍ଷା କମିଶନଙ୍କୁ ଭେଟିଥାଇ ପାରନ୍ତି ବୋଲି କୁହାଯାଉଛି।

### ଅଭିଯୁକ୍ତ ବଡ଼ବାପାଙ୍କୁ ଆଜୀବନ କାରାଦଣ୍ଡ

#### ଦୁଇ ନାବାଳିକା ଭଉଣୀଙ୍କୁ ବଳାତ୍କାର ମାମଲା

କଟକ ଅଫିସ, ୧୮- ଦୁଇ ନାବାଳିକା ଭଉଣୀଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତ ବଡ଼ବାପାଙ୍କୁ ସୋମବାର କଟକ ପୋକ୍ସୋ ସ୍ୱତନ୍ତ୍ର ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ଅଭିଯୁକ୍ତ ବଡ଼ବାପା ହରିଶ୍ଚନ୍ଦ୍ର ବାରିକଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି।

କୋର୍ଟ ବିବରଣୀ ଅନୁଯାୟୀ, ୨୦୨୦ ନଭେମ୍ବର ୧୬ରେ କଟକ ସଦର ଥାନା ଅଧୀନ ଉରାଳି ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଦୁଇ ନାବାଳିକା ଭଉଣୀଙ୍କୁ ନଦୀକୁ ଗାଧୋଇବାକୁ ଡାକି ନେଇ ବଡ଼ବାପା ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ହରିଶ୍ଚନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଏ ସଂକ୍ରାନ୍ତ ମାମଲା କୋର୍ଟରେ ବିଚାରାଧୀନ ରହିଥିଲା। ସୋମବାର ଏହାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ୧୭ଜଣ ସାକ୍ଷୀ ଓ ୧୫ଟି ତଥ୍ୟ ପ୍ରମାଣ ଆଧାରରେ କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଦୁଇ ପୀଡ଼ିତାଙ୍କୁ ୩ ଲକ୍ଷ ଲେଖାଏ ମୋଟ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଜରିଆରେ ଏହି କ୍ଷତିପୂରଣ ରାଶି ପ୍ରଦାନ କରାଯିବ। ସରକାରୀ ଓକିଲ ରମେଶ ଚନ୍ଦ୍ର ମହାନ୍ତି ସରକାରଙ୍କ ପକ୍ଷରୁ ଏହି ମାମଲା ପରିଚାଳନା କରୁଥିଲେ।


ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସମ୍ମୁଖ ରାସ୍ତାରେ ସୋମବାର ବର୍ଷା ସମୟରେ ସୃଷ୍ଟି ହୋଇଥିବା ଟ୍ରାଫିକ ଜାମ୍।

# ବର୍ଷା ପାଇଁ ଟ୍ରାଫିକ୍ ଜାମ୍

ସକାଳୁ ଟାଇଁ ଟାଇଁ ଖରା ରାଜଧାନୀବାସୀଙ୍କୁ ଡରାଇଥିଲା। ମଧ୍ୟାହ୍ନରେ ଆକାଶରେ କଳା ବାଦଲ ଘୋଟି ଆସିଥିଲା। ଅପରାହ୍ନରେ ସହରର କେତେକ ସ୍ଥାନରେ ଝିପି ଝିପି ଓ ଆଉ କେତେକ ସ୍ଥାନରେ ପ୍ରବଳ ବର୍ଷିଥିଲା। ଏଥିସହ ବଜ୍ରପାତ ହୋଇଥିଲା। ହଠାତ୍ ବର୍ଷା ଯୋଗୁ ବାଇକ୍ ଆରୋହୀ ରାସ୍ତାରେ ଗାଡିମୋଟର ରଖି ଦୋକାନ ଓ ଓଭରବ୍ରିଜ୍ ତଳେ ମୁଣ୍ଡ ଗୁଞ୍ଜିଥିଲେ। ଫଳରେ ରାସ୍ତାରେ ଗାଡିମୋଟର ଅଟକି ରହିବାରୁ ବହୁ ସମୟ ଧରି ଟ୍ରାଫିକ ଜାମ୍ ସୃଷ୍ଟି ହୋଇଥିଲା। ଜୟଦେବ ବିହାରରେ ପ୍ରାୟ ଅଧ କିମି ପର୍ଯ୍ୟନ୍ତ କାର୍ ଓ ଅନ୍ୟ ଗାଡି ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସେହିଭଳି ଅନ୍ୟ କେତେକ ଛକରେ ମଧ ସମାନ ସ୍ଥିତି ଉପୁଜିଥିଲା। ଲୋୟର ପିଏମ୍ଜିରେ ଆନ୍ଦୋଳନକାରୀ ହଇରାଣ ହୋଇଥିଲେ।

## ଭୁବନେଶ୍ୱରରେ ସର୍ବାଧିକ ୫୨.୬ ମିମି ବର୍ଷା

ଭୁବନେଶ୍ୱର, ୧୮(ବ୍ୟୁରୋ)

ରାଜ୍ୟରେ ମୌସୁମୀ ଦୁର୍ବଳ ଥିବାରୁ ଏବେ ତାପମାତ୍ରା ଅଧିକ ରହୁଛି। ଗତ କିଛିଦିନ ହେଲା ଅତ୍ୟଧିକ ତାପମାତ୍ରା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ସୋମବାର ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୫.୫ ଡିଗ୍ରୀ ରହିଥିବାବେଳେ ଭୁବନେଶ୍ୱରରେ ଦ୍ୱିତୀୟ ସର୍ବାଧିକ ୩୫.୩ ଡିଗ୍ରୀ ଥିଲା। କିନ୍ତୁ ତାତି ସହ କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବାରୁ ସେସବୁ ଅଞ୍ଚଳର ଲୋକେ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ବିଶେଷକରି ରାଜଧାନୀରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ହୋଇଛି। ସହରରେ ସର୍ବାଧିକ ୫୨.୬ ମିମି ବର୍ଷା ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ସେହିପରି ଜଗତ୍ସିଂହପୁରରେ ୨୦ମିମି, କୋରାପୁଟରେ ୧୫, ନୟାଗଡ଼ରେ ୧୬, ଦାରିଙ୍ଗବାଡ଼ିରେ ୨, ଚାନ୍ଦବାଲିରେ ୩ ଓ ତାଳଚେରରେ ୭ମିମି ବର୍ଷା ରେର୍କଡ କରାଯାଇଛି। ମଙ୍ଗଳବାର ମଧ ଏହିଭଳି ବର୍ଷା ସହ ବଜ୍ରପାତ ହେବ। ସେଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହି ଜିଲାଗୁଡ଼ିକ ହେଲା ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ। ତେବେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡିରେ ପ୍ରବଳ ବର୍ଷା ହେବ। ଏଥିସହ ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଓ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।



## ଓଡ଼ିଆ ଯୁବକ ସିନ୍ଧୁଜ୍ୟୋତି ସମ୍ମାନିତ



ଭୁବନେଶ୍ୱର, ୧୮(ବ୍ୟୁରୋ)

ବୃତ୍ତିଗତ ଡିଜିଟାଲ୍ ନେଟ୍ୱର୍କିଂ ସଂସ୍ଥା 'ଲିଙ୍କେଡିନ୍' ପକ୍ଷରୁ କଟକର ଓଡ଼ିଆ ଯୁବକ ସିନ୍ଧୁଜ୍ୟୋତି ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଛି। ଏହି ସଂସ୍ଥା ଚଳିତ ବର୍ଷ ସମଗ୍ର ବିଶ୍ୱରୁ 'ଡିଜିଟାଲ୍ ସୃଜନୀ' ପାଇଁ ନିଜନିଜର କୃତି ଆହ୍ୱାନ କରିଥିଲା। ସିନ୍ଧୁଜ୍ୟୋତି ଏଥିରେ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ସୃଜନୀ ପାଇଁ ସମ୍ମାନିତ ହୋଇଥିବା ଶ୍ରେଷ୍ଠ ପାଞ୍ଚ ଜଣଙ୍କ ମଧ୍ୟରେ ସିନ୍ଧୁଜ୍ୟୋତି ପ୍ରଥମ ସ୍ଥାନ ଅଧିକାର କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ସମ୍ମାନ ପ୍ରଦାନ ଅବସରରେ 'ଲିଙ୍କେଡିନ୍'ର ମୁଖ୍ୟ ଡାନିଏଲ୍ ରୋଥ୍ (Daniel Roth) ସିନ୍ଧୁଜ୍ୟୋତି ଏକ ଉଜ୍ଜ୍ୱଳମୟ ପ୍ରତିଭା ବୋଲି ଘୋଷଣା କରିଥିଲେ। ଏ ସମ୍ପର୍କରେ ସିନ୍ଧୁଜ୍ୟୋତି କହିଛନ୍ତି, ମୋ ପାଇଁ ଏହା ଆଶ୍ଚର୍ଯ୍ୟଜନକ ଥିଲା। ମୋତେ ଶୀର୍ଷରେ ରଖି ଥିବାରୁ ଲିଙ୍କେଡିନ୍‌କୁ ଧନ୍ୟବାଦ ଜଣାଉଛି। 'ଏକ ଷ୍ଟାର୍ଟଅପ୍ କିପରି ବଢ଼ାଯାଇ ପାରିବ' ଗତବର୍ଷ ତାହା ଉପରେ ଏକ ଭିଡିଓ ସିରିଜ୍ କରିଥିଲି। ଏଥି ମଧ୍ୟରୁ 'ପ୍ରତିଷ୍ଠାତାମାନେ କ'ଣ କରିବା ଉଚିତ' ତାହା ଉପରେ ଆଧାରିତ ଏକ ଭିଡିଓ ରହିଥିଲା, ଯାହାକି ଭଲ ଟ୍ରାକ୍ସନ୍ ପାଇଥିଲା ବୋଲି ସେ କହିଛନ୍ତି। କଟକ ବାଦାମବାଡ଼ି ଅଞ୍ଚଳ ନିବାସୀ ପ୍ରଭାତ ବିଶ୍ୱାଳ ଓ ବବିତା ବିଶ୍ୱାଳଙ୍କ ଜ୍ୟେଷ୍ଠ ପୁତ୍ର ସିନ୍ଧୁଜ୍ୟୋତି ଆମିଟି ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣପଦକ ସହ ଏମ୍ବିଏ ଡିଗ୍ରୀ ହାସଲ କରିଛନ୍ତି। ପେଟିଏମ୍, ଫିଲ୍ଟର୍ କଫି ଭଳି କମ୍ପାନୀଗୁଡ଼ିକରେ କାର୍ଯ୍ୟ କରିବାର ଅଭିଜ୍ଞତା ହାସଲ କରି ବର୍ତ୍ତମାନ ବେଙ୍ଗାଲୁରୁସ୍ଥିତ ଏକ କମ୍ପାନୀରେ ଡିଜିଟାଲ୍ ମୁଖ୍ୟ ଭାବେ ସେ କାର୍ଯ୍ୟରତ ଅଛନ୍ତି। ଗତବର୍ଷ 'ୟୋର୍ ଷ୍ଟୋରି' ଭଳି ଜାତୀୟ ଡିଜିଟାଲ୍ ମିଡିଆ ଦ୍ୱାରା ଭର୍ଚୁଆଲ୍‌ରେ ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ରରେ ସିନ୍ଧୁଜ୍ୟୋତି ବିଶିଷ୍ଟ ଶିଳ୍ପପତି ରତନ୍ ଟାଟା, ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନ ପ୍ରମୁଖଙ୍କ ସହ ଭାଗ ନେଇଥିଲେ। ନୂତନ ପିଢ଼ିର ଯୁବ ବ୍ୟବସାୟୀ ଓ ଷ୍ଟାର୍ଟଅପ୍ ବ୍ୟବସାୟକୁ ଆପଣାଉଥିବା ଯୁବ ଉଦ୍ୟୋଗୀଙ୍କ ପାଇଁ ଡିଜିଟାଲ୍ ପ୍ଲାଟଫର୍ମ୍ କିଭଳି ସାହାଯ୍ୟକାରୀ ଏହା ଉପରେ ଆଧାରିତ ନିଜର ବକ୍ତବ୍ୟ ଓ ଉତ୍କୃଷ୍ଟ ଥେସିସ୍ ପାଇଁ ସେ ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ। ମାତ୍ର ୨୬ ବର୍ଷୀୟ ସିନ୍ଧୁଜ୍ୟୋତି ଡିଜିଟାଲ୍ ପ୍ଲାଟଫର୍ମ୍ ମାଧ୍ୟମରେ ନିର୍ଦ୍ଦିଷ୍ଟ ସମୟ ଅବଧିରେ ଅଧିକ ସଂଖ୍ୟକ ଗ୍ରାହକ ଓ ପାଠକଙ୍କ ପାଖରେ କିଭଳି ପହଞ୍ଚି ହେବ ସେ ବିଷୟରେ ସେ ଭାରତର ଅନେକ ବିଶ୍ୱବିଦ୍ୟାଳୟ ଓ ମ୍ୟାନେଜମେଣ୍ଟ ଅନୁଷ୍ଠାନରେ ବକ୍ତୃତା ଦେଇ ଏବେ ଚର୍ଚ୍ଚିତ।

## ଖାଇବା ତେଲ ବିରୋଧରେ ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୧୮(ବ୍ୟୁରୋ)

■ଜିଲା, ମ୍ୟୁନିସିପାଲିଟି, ବ୍ଲକସ୍ତରରେ ଯାଞ୍ଚ ନିର୍ଦ୍ଦେଶ
■ଅପମିଶ୍ରଣକାରୀଙ୍କ ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଖାଇବା ତେଲରେ ଅପମିଶ୍ରଣ ଓ ଅନଧିକୃତ ମିଶ୍ରିତ ତେଲ ବିକ୍ରୟକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଛି। ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାରଠାରୁ ରାଜ୍ୟବ୍ୟାପୀ ଅପମିଶ୍ରିତ ଖାଇବା ତେଲ ବିରୋଧରେ ଏକ ଅଭିଯାନ ଆରମ୍ଭ କରିଛନ୍ତି। ରାଜ୍ୟ ଖାଦ୍ୟ ସୁରକ୍ଷା ପ୍ରାଧିକରଣ ଏବଂ ଓଡ଼ିଶା ସରକାରଙ୍କ ଖାଦ୍ୟ ନିରାପତ୍ତା ଆୟୁକ୍ତଙ୍କ ତତ୍ତ୍ୱାବଧାନରେ ଏହି ଅଭିଯାନ ଦୁଇ ସପ୍ତାହ ଅର୍ଥାତ୍ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନର ଡା. ଡି. ବୃନ୍ଦା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଅଭିଯାନରେ ସମସ୍ତ ଜିଲା, ମ୍ୟୁନିସିପାଲିଟି ଓ ବ୍ଲକ୍‌ସ୍ତରରେ ଖାଇବା ତେଲର ନିରୀକ୍ଷଣ ପ୍ରକ୍ରିୟା ଜାରି ରହିବ। ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ଦ୍ୱାରା ତେଲର ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ପାଇଁ ପଠାଯିବ। ବହୁସଂଖ୍ୟକ ଖାଇବା ତେଲ ଉତ୍ପାଦନକାରୀ ଓ ଖାଇବା ତେଲ ବ୍ରାଣ୍ଡ୍ ଉପରେ ନଜର ରଖାଯିବ। ପ୍ରତ୍ୟେକ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ଦ୍ୱାରା ଦୁଇଟି ନମୁନା ସଂଗ୍ରହ କରାଯିବ। ନମୁନାଗୁଡ଼ିକ ଖୁଚୁରା ବଜାରରୁ ଉଭୟ ଖାଲି ଏବଂ ପ୍ୟାକେଜ୍ ତେଲ ରୂପରେ ସଂଗ୍ରହ କରାଯିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରୁ ମୋଟ ୧୨୬ଟି ଖାଇବା ତେଲ ନମୁନା ଯାଞ୍ଚ ପାଇଁ ପରୀକ୍ଷାଗାରକୁ ପଠାଯିବ। ଖାଇବା ତେଲରେ ମିନେରାଲ, ଆର୍ଗେମୋନ୍, କାଷ୍ଟର ଓ ଟ୍ରାନ୍ସଫ୍ୟାଟି ଏସିଡ୍‌ର ସ୍ଥିତି ଯାଞ୍ଚ କରାଯିବ। ଅପମିଶ୍ରଣ ଜଣାପଡିଲେ ଖାଦ୍ୟ ନିରାପତ୍ତା ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ସମ୍ମିଳନୀରେ ରାଜ୍ୟ ଖାଦ୍ୟ ସୁରକ୍ଷା ନିର୍ଦ୍ଦେଶକ ଡା. ପି.କେ. ମହାପାତ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଅଭିଯାନ ସଂକ୍ରାନ୍ତରେ ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନର ଡା. ଡି. ବୃନ୍ଦା ସୂଚନା ଦେଉଛନ୍ତି।

## ବଡ଼ମ୍ବା ହାତୀ କଙ୍କାଳ ମିଳିବା ଘଟଣା

## ଫେରାର ଫରେଷ୍ଟର ଗିରଫ

ଆଠଗଡ଼,୧୮(ସ୍ୱ.ପ୍ର.) : ଆଠଗଡ଼ ବନଖଣ୍ଡ ବଡ଼ମ୍ବା ରେଞ୍ଜରୁ ହାତୀ କଙ୍କାଳ ମିଳିବା ଘଟଣାରେ ଫେରାର ଥିବା ଫରେଷ୍ଟର ପ୍ରଦୀପ କୁମାର ପରିଡ଼ାଙ୍କୁ ସୋମବାରୁ ଗିରଫ କରାଯାଇଛି। ଜୁନ ୨ରେ ବଡ଼ମ୍ବା ରେଞ୍ଜ ଗୋପପୁର ସେକ୍ସନରୁ ଗୋଟିଏ ଦନ୍ତାହାତୀ କଙ୍କାଳ ଓ ୩ରେ ଏକ ମାଇ ହାତୀର କଙ୍କାଳ ମାଟିତଳୁ ବାହାର କରିଥିଲା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ପୁଣି ୧୪ ତାରିଖରେ ବନଖଣ୍ଡ ଅଧିକାରୀ ଆଉ ଗୋଟିଏ ଦନ୍ତାହାତୀର କଙ୍କାଳ ଜବତ କରିଥିଲେ। ଏହି ଘଟଣାରେ ବିଭାଗୀୟ ତଦନ୍ତ କରାଯାଇ ୨ ଜଣ ଫରେଷ୍ଟ ଗାର୍ଡ ୪ ହାତୀ ଜଗୁଆଳି ଏବଂ ଜଣେ ଜମି ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ତେବେ ବଡ଼ମ୍ବା ରେଞ୍ଜ ଦାୟିତ୍ୱରେ ଥିବା ଫରେଷ୍ଟର ମନୋଜ କୁମାର ଦାସ ଏବଂ ଗୋପପୁର ସେକ୍ସନ ଦାୟିତ୍ୱରେ ଥିବା ଫରେଷ୍ଟର ପରିଡ଼ା ସେବେଠାରୁ ଫେରାର ଥିଲେ। ଉଭୟଙ୍କୁ ନିଲମ୍ବନ କରାଯିବା ସହ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଫେରାର ଫରେଷ୍ଟର ପରିଡ଼ା ହାଇକୋର୍ଟରୁ ଆଗୁଆ ଜାମିନ ଆଦେଶ ସହ ଖୁଣ୍ଟୁଣୀ ରେଞ୍ଜକୁ ଗଲାବେଳେ ଆଠଗଡ଼ ବନବିଭାଗ ଟିମ୍ ଖୁଣ୍ଟୁଣୀ ପୋଲିସ ସହାୟତାରେ ତାଙ୍କୁ ଗିରଫ କରିଛି। ଜୁନ୍ ୨ରେ ହୋଇଥିବା ମାମଲାରେ ପରିଡ଼ାଙ୍କୁ ଜାମିନ ମିଳିଥିବାବେଳେ ଅନ୍ୟ ୨ଟି ମାମଲାରେ ତାଙ୍କୁ ଗିରଫ କରାଯାଇଛି।ତାଙ୍କୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ ପାଇଁ ଉଦ୍ୟମ କରଯାଉଛି ବୋଲି ବୋଲି ଆଠଗଡ଼ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି।

## ଅବସର ଦିନ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ କର୍ମଚାରୀଙ୍କୁ ମିଳିଲା ପେନ୍ସନ


ବିଭାଗୀୟ ଅଧିକାରୀଙ୍କ ସହ ସମ୍ବର୍ଦ୍ଧିତ ଅବସର ଗ୍ରହଣ କରିଥିବା କର୍ମଚାରୀ।

ଭୁବନେଶ୍ୱର, ୧୮(ବ୍ୟୁରୋ)

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ୧୨ଜଣ କ୍ଷେତ୍ର କର୍ମଚାରୀଙ୍କୁ ଅବସର ଦିନରେ ଫାଇନାଲ୍ ପେନ୍ସନ୍ ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ କୋରାପୁଟ, ନୂଆପଡ଼ା, ସୁନ୍ଦରଗଡ଼, ବଲାଙ୍ଗୀର, ନବରଙ୍ଗପୁର, ଖୋର୍ଦ୍ଧା, ଗଞ୍ଜାମ, କେନ୍ଦୁଝର ଏବଂ ଫୁଲବାଣୀ ଜିଲାର ଏଗ୍ରିକଲଚର ଓଭରସିଅର, ସିନିଅର୍ ଷ୍ଟେନୋ, ଷ୍ଟାଟିଷ୍ଟିକାଲ୍ ଆସିଷ୍ଟାଣ୍ଟ ଆଦି କ୍ଷେତ୍ର କର୍ମଚାରୀ ରହିଛନ୍ତି। ଗତ ୩୦ ତାରିଖରେ ଏମାନେ ଅବସର ନେଇଥିଲେ। ବିଦାୟକାଳୀନ ସଭାରେ ଅଧକ୍ଷତା କରି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଆଗାମୀ ଦିନରେ ଏଭଳି କାର୍ଯ୍ୟ ଜାରି ରଖିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଅବସର ନେଇଥିବା କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅନୁଯାୟୀ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁପାଳନ କରି କୃଷି ନିର୍ଦ୍ଦେଶାଳୟ ପକ୍ଷରୁ କର୍ମଚାରୀଙ୍କୁ ଅବସରଦିନ ଫାଇନାଲ୍ ପେନ୍ସନ୍ ପ୍ରଦାନ କାର୍ଯ୍ୟକ୍ରମ ଗତ ମାର୍ଚ୍ଚରୁ ଆରମ୍ଭ ହୋଇଛି। ତେବେ ପ୍ରଥମଥର ଏତେ ସଂଖ୍ୟକ କ୍ଷେତ୍ର କର୍ମଚାରୀଙ୍କୁ ଏଥିରେ ସାମିଲ କରାଯାଇଛି। ଅତିରିକ୍ତ ନିର୍ଦ୍ଦେଶକ (ପ୍ରଶାସନ) ଜ୍ୟୋତିର୍ମୟୀ ପ୍ରଧାନ, ପେନ୍ସନ୍ ବିଭାଗ ଓ ଅନ୍ୟ କର୍ମଚାରୀଙ୍କ ଉଦ୍ୟମ ଯୋଗୁ ଏଭଳି କାର୍ଯ୍ୟର ସଫଳ ରୂପାୟନ ହୋଇପାରିଛି।

## 'ଗୋପରେ ଖୁବ୍‌ଶୀଘ୍ର ପ୍ରାକୃତିକ ଗ୍ୟାସ ଖନନ'

ଗୋପ,୧୮(ଡି.ଏନ୍.ଏ.)

**୨ ପଞ୍ଚାୟତରେ ତୈଳ ଓ ପ୍ରାକୃତିକ ଗ୍ୟାସ୍ ସନ୍ଧାନ**
■୨୦୨୦ରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ସର୍ଭେ ହୋଇଥିଲା
■୩୭ ଜମି ମାଲିକଙ୍କୁ କୋଟିଏ ଟଙ୍କାର ଚେକ୍ ପ୍ରଦାନ

ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳରେ ଖୁବ୍‌ଶୀଘ୍ର ପ୍ରାକୃତିକ ଗ୍ୟାସ୍ ଖନନ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଏଠାରେ ତୈଳ ଓ ପ୍ରାକୃତିକ ଗ୍ୟାସ ଭରପୂର ରହିଥିବାରୁ ଆଗକୁ ଓଡ଼ିଶା ନିଶ୍ଚିତ ଭାବେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି କରିବ। ଏଥିସହିତ ଗୋପ ବ୍ଲକର ନାଁ ବିଶ୍ୱ ଦରବାରରେ ଲିପିବଦ୍ଧ ହୋଇ ରହିବ ବୋଲି ସୋମବାର ଗୋପ ପଞ୍ଚାୟତ କାର୍ଯ୍ୟାଳୟରେ ଅଏଲ୍ ଇଣ୍ଡିଆ କମ୍ପାନୀର ଚିଫ୍ ଜେନେରାଲ ମ୍ୟାନେଜର ଡ. ବି.ଏନ୍. ସାହୁ ଯୋଗଦେଇ କହିଛନ୍ତି। କମ୍ପାନୀ ପକ୍ଷରୁ ଏକ ୧୦ଜଣିଆ ପ୍ରତିନିଧି ଦଳ ସୋମବାର ଗୋପ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଉପସ୍ଥିତ ଜମି ମାଲିକଙ୍କ ସମସ୍ତ କାଗଜପତ୍ର ଦେଖି ଏଗ୍ରିମେଣ୍ଟ କରାଇବା ପରେ ଚେକ୍ ପ୍ରଦାନ କରାଯାଇଥିଲା। ପ୍ରକାଶ ଯେ, ୨୦୨୦ ନଭେମ୍ବର ୨୦ ଠାରୁ ଭାରତ ସରକାରଙ୍କ ତୈଳ କମ୍ପାନୀ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ତୈଳ ଓ ପ୍ରାକୃତିକ ଗ୍ୟାସ ଖନନ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟ ଜିଲାର ବିଭିନ୍ନ ସ୍ଥାନରେ କରାଯାଇଥିବା ବେଳେ ଗୋପ ବ୍ଲକର କୁଶୁପୁରୁ, ମହଲପଡା ପଞ୍ଚାୟତର ଚିତ୍ରା ନିକଟରେ ଏହି ତୈଳ ଓ ପ୍ରାକୃତିକ ଗ୍ୟାସ ଥିବାର ସନ୍ଧାନ ମିଳିଥିଲା। ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ କେତେକ ଅଧିକାରୀ ଉକ୍ତ ୨ ପଞ୍ଚାୟତକୁ ଗସ୍ତ କରି ଲୋକ ପ୍ରତିନିଧିଙ୍କ ସହ ସେହି ଅଞ୍ଚଳର ଚାଷୀମାନଙ୍କ ସହିତ କଥାବାର୍ତ୍ତା କରିଥିଲେ। ଏହି ଦୁଇଟି ସ୍ଥାନରେ ପର୍ଯ୍ୟାପ୍ତ ପରିମାଣର ତୈଳ ଓ ପ୍ରାକୃତିକ ଗ୍ୟାସ ଥିବା ସନ୍ଧାନ ସାଟଲାଇଟ ସର୍ଭେ ଦ୍ୱାରା ମଧ ଜଣାପଡ଼ିଥିଲା। ସାଟଲାଇଟ ସର୍ଭେ ମାଧ୍ୟମରେ କୁସୁପୁର ମୌଜାରେ ସ୍ୟାଟେଲାଇଟ ମ୍ୟାପ ଯୋଗେ ୮ ଏକର ଓ ମହଲପଡା ପଞ୍ଚାୟତ ଚିତେରା ମୌଜାରେ ୮ ଏକର ଜାଗା ଚିହ୍ନଟ ହୋଇଛି। କୁସୁପୁରରେ ଥିବା ଜମିର ମାଲିକ ୩୭ଜଣ ଥିବାବେଳେ ଚିତେରାରେ ଚିହ୍ନଟ ଜମିରେ ୧୦୪ଜଣ ମାଲିକ ରହିଛନ୍ତି। ଅଏଲ ଇଣ୍ଡିଆ କମ୍ପାନୀ ଏହି ଜମିର ସମସ୍ତ ମାଲିକଙ୍କୁ ନେଇ ବାରମ୍ବାର ଆଲୋଚନା କରିବା ସହ କେଉଁ କାଗଜପତ୍ର ଦେବେ ସୂଚନା ଦିଆଯାଇଥିଲା। ସୋମବାର ଗୋପ ପଞ୍ଚାୟତ କାର୍ଯ୍ୟାଳୟରେ କମ୍ପାନୀର ମୁଖ୍ୟ ଚିଫ ଜେନାରାଲ ମ୍ୟାନେଜର ସାହୁଙ୍କ ନେତୃତ୍ୱରେ ୧୦ଜଣିଆ ପ୍ରତିନିଧି ଦଳ ପହଞ୍ଚି ଜମି ମାଲିକଙ୍କ ଜମିର କାଗଜପତ୍ର, ଆଧାର କାର୍ଡ ସହିତ ଅନ୍ୟାନ୍ୟ କାଗଜପତ୍ର ତନଖି କରିଥିଲେ। ତେବେ ପ୍ରଥମ ପର୍ଯ୍ୟାୟରେ ୩୭ ଜମି ମାଲିକଙ୍କ ସମସ୍ତ କାଗଜପତ୍ର ଦେଖିବା ପରେ କମ୍ପାନୀ ପକ୍ଷରୁ ୧କୋଟି ଟଙ୍କାର ଚେକ୍ ଦିଆଯାଇଥିଲା। କମ୍ପାନୀ ୮ ଏକର ଜମି ମାଲିକଙ୍କୁ ଗୁଣ୍ଠ ପିଛା ଏକ ବର୍ଷକୁ ୧୭ ହଜାର ଟଙ୍କା ଲେଖାଏ ୩ ବର୍ଷର ଏଗ୍ରିମେଣ୍ଟ କରିଛି। କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟରେ ମହଲପଡା ପଞ୍ଚାୟତର ଚିତ୍ରାଠାରେ ୧୦୪ ଜମି ମାଲିକମାନଙ୍କ ସହିତ ଏଗ୍ରିମେଣ୍ଟ ମାଧ୍ୟମରେ ଚେକ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଚେକ ପ୍ରଦାନବେଳେ ଜନପ୍ରତିନିଧି ବିମ୍ବାଧର ଦାସ, ପ୍ରତାପ ପରିଡ଼ା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




କ୍ଷେତ ମୂଲିଆଙ୍କ ପାଇଁ କେନ୍ଦ୍ରୀୟ ଆଇନ ପ୍ରଣୟନ ସକାଶେ ଭାରତୀୟ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ବିକ୍ଷୋଭ କରାଯାଉଛି।

# ଦ୍ରୌପଦୀ ମୁର୍ମୁଙ୍କୁ ସମ୍ବର୍ଦ୍ଧନା

## ଆଜି ଦିଲ୍ଲୀ ଗସ୍ତ କରିବ ୨୬ ଜଣିଆ ବିଧାୟକ ଟିମ୍

ଭୁବନେଶ୍ୱର,୧।୮(ବ୍ୟୁରୋ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ମଙ୍ଗଳବାର ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ନେତୃତ୍ୱରେ ବିଧାନସଭାର ୨୬ ଜଣିଆ ବିଧାୟକ ଟିମ୍ ନୂଆଦିଲ୍ଲୀ ଗସ୍ତ କରି ରାଷ୍ଟ୍ରପତିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ୧୫ ଜଣ, ଭାଜପାର ୬, କଂଗ୍ରେସର ୩ ଏବଂ ଜଣେ ସିପିଏମ୍ ସଦସ୍ୟ ଯିବେ ବୋଲି ଚୂଡ଼ାନ୍ତ ହୋଇଛି। ଏହି ଟିମ୍‌ରେ ଉପବାଚସ୍ପତି ରଜନୀକାନ୍ତ ସିଂ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ବିଧାୟକ ସୁଦାମ ମାର୍ଣ୍ଡି, ଦେବୀ ପ୍ରସାଦ ମିଶ୍ର, ସ୍ନେହାଙ୍ଗିନୀ ଛୁରିଆ, ପଦ୍ମିନୀ ଦିଆନ, ନରସିଂହ ମିଶ୍ର, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ମୋହନ ଚରଣ ମାଝୀ, କୁସୁମ ଟେଟେ, ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଦିଲ୍ଲୀ ଯିବେ। ଅଗଷ୍ଟ ୩ ଅର୍ଥାତ୍ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିଧାୟକ ଦଳ ଭେଟି ସମ୍ବର୍ଦ୍ଧନା ଜଣାଇବ। ଦେଶର ସର୍ବୋଚ୍ଚ ଆସନରେ ଅଭିଷିକ୍ତା ଦ୍ରୌପଦୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ନିମନ୍ତେ ଜୁଲାଇ ୨୫ରେ ସର୍ବସମ୍ମତିକ୍ରମେ ବିଧାନସଭାରେ ଆଗତ ସଙ୍କଳ୍ପ ଗୃହୀତ ହୋଇଥିଲା। ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏ ସମ୍ପର୍କିତ ସଙ୍କଳ୍ପକୁ ଗୃହରେ ଆଗତ କରିଥିଲେ। ରାଷ୍ଟ୍ରପତିଙ୍କୁ ଭେଟିବା ପୂର୍ବରୁ ସମସ୍ତ ବିଧାୟକଙ୍କ କୋଭିଡ୍ ପରୀକ୍ଷା କରାଯିବ ବୋଲି ସୂଚନା ମିଳିଛି।

# ନଦୀ ପାଇଁ ଚିନ୍ତା ନାହିଁ

## ରାଜ୍ୟପାଳଙ୍କୁ ଭେଟିଲେ ଭାଜପା ପ୍ରତିନିଧି ଦଳ

ଭୁବନେଶ୍ୱର, ୧।୮(ବ୍ୟୁରୋ)

ନଦୀଗୁଡ଼ିକ ଉପରେ ମାନବ ସଭ୍ୟତା ସର୍ବଦା ନିର୍ଭରଶୀଳ। ଓଡ଼ିଶାର ପ୍ରାୟ ସାଢ଼େ ୪ କୋଟି ଲୋକ ତାଙ୍କ ଦୈନନ୍ଦିନ ଜୀବନରେ ନଦୀ ଉପରେ ନିର୍ଭର କରିବା ସହ କୃଷି, ପଶୁପାଳନ ପାଇଁ ମଧ୍ୟ ସର୍ବଦା ନିର୍ଭର କରିଥାଆନ୍ତି। ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଇନ୍ଦ୍ରାବତୀ, ନାଗାବଳୀ ଓ ତେଲ୍ ନଦୀ ଓଡ଼ିଶାରେ ପ୍ରବାହିତ ହେଉଛି। କିନ୍ତୁ ଅପାରଗ ରାଜ୍ୟ ସରକାରଙ୍କ ଲାଗି ଓଡ଼ିଶାର ନଦୀ ଶୁଷ୍କ ଓ ପ୍ରଦୂଷିତ ହୋଇଗଲାଣି ବୋଲି ଭାଜପା ଅଭିଯୋଗ କରିଛି।

ଭାଜପାର ଏକ ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି ଯେ, ବିଭିନ୍ନ କଳ କାରଖାନା ଓ ଶିଳ୍ପଗୁଡ଼ିକ ନଦୀରୁ ମାତ୍ରାଧିକ ଜଳ ଶୋଷି ନେଉଛନ୍ତି। ହେଲେ ରାଜ୍ୟ ସରକାର ଜାଣିଶୁଣି ଏ ଦିଗରେ ଚୁପ୍ ରହୁଛନ୍ତି। ନଦୀକୁ ସୁରକ୍ଷା ଦେବା ଲାଗି ଭାଜପାର ନଦୀ ସୁରକ୍ଷା ସମିତିର ରାଜ୍ୟ ସଂଯୋଜକ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଶିଳ୍ପ କାରଖାନା ନଦୀଜଳ ବ୍ୟବହାର ପରେ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଯୋଗେ ପରିଷ୍କାର କରି ପୁନର୍ବାର ବ୍ୟବହାର କରିବା କଥା, ମାତ୍ର କମ୍ପାନୀଗୁଡ଼ିକ ମଇଳା ଜଳକୁ ସଫା ନ କରି ସିଧାସଳଖ ନଦୀକୁ ଛାଡୁଛନ୍ତି। ଫଳରେ ନଦୀଜଳ ପ୍ରଦୂଷିତ ହେଉଛି। ଫଳରେ ବିଭିନ୍ନ ଚର୍ମରୋଗ, ହଇଜା, କଲେରା ଓ ଅନ୍ୟାନ୍ୟ ରୋଗ ବ୍ୟାପୁଥିଲେ ମଧ୍ୟ ସରକାର ଏନେଇ କୌଣସି ପଦକ୍ଷେପ ନେଉନାହାନ୍ତି।

# ୪ କଂଗ୍ରେସ ଏମ୍‌ପିଙ୍କ ଉପରୁ ନିଲମ୍ବନ ଉଠିଲା

ନୂଆଦିଲ୍ଲୀ,୧।୮

ଲୋକ ସଭାରୁ ନିଲମ୍ବିତ ହୋଇଥିବା ୪ କଂଗ୍ରେସ ସଦସ୍ୟଙ୍କ ଉପରୁ ବାଚସ୍ପତି ଓମ୍ ବିର୍ଲା ସୋମବାର ନିଲମ୍ବନ ହଟାଇ ଦେଇଛନ୍ତି। ଗୃହରେ ବିଶୃଙ୍ଖଳିତ ଆଚରଣ ନ କରିବା ଏବଂ ପ୍ଲାକାର୍ଡ ନ ଆଣିବା ପାଇଁ ସେମାନଙ୍କୁ ଚେତାବନୀ ଦିଆଯାଇଛି। ଗୃହରେ ପ୍ଲାକାର୍ଡ ଦେଖାଇଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଚସ୍ପତି କହିଛନ୍ତି।

ଗୃହରେ ପ୍ରତିବାଦ କରିବା ସହ ସ୍ଲୋଗାନ ଦେବା ଏବଂ ପ୍ଲାକାର୍ଡ ଓ ପୋଷ୍ଟର ଦେଖାଇଥିବା କଂଗ୍ରେସ ଏମପି ମାଣିକମ ଟାଗୋର, ରମ୍ୟା ହରିଦାସ, ଜୋଥିମାନି ଏବଂ ଟି.ଏନ୍. ପ୍ରଥାପନଙ୍କୁ ଜୁଲାଇ ୨୫ରୁ ମୌସୁମୀ ଅଧିବେଶନ ଶେଷ ପର୍ଯ୍ୟନ୍ତ ନିଲମ୍ବନ କରାଯାଇଥିଲା। ସୋମବାର ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବାଚସ୍ପତିଙ୍କ ଅନୁରୋଧ କ୍ରମେ ୪ ଏମ୍‌ପିଙ୍କ ଉପରୁ ନିଲମ୍ବନ ଉଠାଇବା ପାଇଁ ସରକାର ପ୍ରସ୍ତାବ ଆଣିଥିଲେ। ଗୃହରେ ସେମାନଙ୍କ ଆଚରଣ ସମସ୍ତଙ୍କୁ ଆଘାତ ଦେଇଥିଲା। ଗୃହର ମର୍ଯ୍ୟାଦା ଓ ଶିଷ୍ଟତା ରକ୍ଷା କରିବା ଆମ ସମସ୍ତଙ୍କର ମିଳିତ ଦାୟିତ୍ୱ ବୋଲି ବାଚସ୍ପତି ବିର୍ଲା କହିଥିଲେ।

# ଆରମ୍ଭ ହେଲା ଭୋଟର ତାଲିକା ସଂଶୋଧନ

ଭୁବନେଶ୍ୱର, ୧।୮(ବ୍ୟୁରୋ)

- ୧୭ରୁ ଊର୍ଦ୍ଧ୍ୱ ବର୍ଷ ଯୁବକଙ୍କ ଲାଗି ଆଗୁଆ ଆବେଦନ ସୁବିଧା
- ଭୋଟର ତାଲିକାରେ ଆଧାର ସଂଯୋଗୀକରଣ ପ୍ରକ୍ରିୟା ଆରମ୍ଭ
- ପ୍ରତି ୩ ମାସରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ହେବ: ମୁଖ୍ୟ ନିର୍ବାଚନ ଅଧିକାରୀ

କେନ୍ଦ୍ର ସରକାରଙ୍କ ଆଇନ ଓ ବିଚାର ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଲୋକପ୍ରତିନିଧି ଆଇନ ୧୯୫୦/୧୯୫୧ର ପରିବର୍ତ୍ତନ କରାଯାଇ ଭୋଟର ତାଲିକାରେ କେତେଗୁଡ଼ିଏ ସଂଶୋଧନ କରାଯାଇଛି। ଏହା ସୋମବାରଠାରୁ କାର୍ଯ୍ୟକାରୀ ହୋଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କହିବାନୁଯାୟୀ, ଭୋଟର ତାଲିକାରେ ନାମ ପଞ୍ଜୀକରଣ ଲାଗି କେବଳ ଫର୍ମ ନମ୍ବର-୬ରେ ଆବେଦନ କରାଯିବ। ପ୍ରବାସୀ ଭାରତୀୟ ନାଗରିକମାନେ ନାମ ପଞ୍ଜୀକରଣ ପାଇଁ ଫର୍ମ ନମ୍ବର-୬(କ)ରେ ଆବେଦନ କରିପାରିବେ। ଫର୍ମ ନମ୍ବର-୭ ଦ୍ୱାରା ଭୋଟର ତାଲିକାରୁ ନାମ ବାଦ୍‌ଦେବା ସହିତ ମୃତ୍ୟୁ ପ୍ରମାଣପତ୍ର ସଂଲଗ୍ନ କରାଯାଇପାରିବ। ସେହିପରି ଫର୍ମ ନମ୍ବର-୮ରେ ନିର୍ବଚାନମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତର ନିମନ୍ତେ ଆବେଦନ କରିବା, ଭୋଟର ତାଲିକାରେ ଥିବା ବିବରଣୀଗୁଡ଼ିକର ସଂଶୋଧନ, ପରିଚୟପତ୍ର ବଦଳ ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ ନିମନ୍ତେ ଆବେଦନ କରିହେବ।

ସେହିପରି ଆଧାର ସଂଯୋଗୀକରଣ ନିମନ୍ତେ ଫର୍ମ ନମ୍ବର-୬(ଖ)ରେ ଆବେଦନ କରାଯିବ। ବୁଥ୍‌ସ୍ତରୀୟ ଅଧିକାରୀ ଭୋଟରଙ୍କଠାରୁ ଆଧାର ତଥ୍ୟ ଫର୍ମ ନମ୍ବର-୬(ଖ)ରେ ସଂଗ୍ରହ କରିବେ। ୨୦୨୩ ଏପ୍ରିଲ ୧ ସୁଦ୍ଧା ତାଲିକାଭୁକ୍ତ ଭୋଟରମାନେ ସେମାନଙ୍କ ଆଧାର ବିବରଣୀ ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଜଣାଇବାକୁ ନିଷ୍ପତ୍ତି ନିଆଯାଇଛି। ଭୋଟର ତାଲିକାରେ ନାମ ପଞ୍ଜୀକରଣ ଲାଗି ୪ଟି ଯୋଗ୍ୟତାସୂଚକ ତାରିଖ ତଥା ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଏବଂ ଅକ୍ଟୋବର ୧ ତାରିଖ ରହିବ। ପୂର୍ବରୁ କେବଳ ଜାନୁୟାରୀ ୧କୁ ଯୋଗ୍ୟତାସୂଚକ ତାରିଖ ଧରାଯାଉଥିଲା। ୧୭ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଯୁବବର୍ଗ ବର୍ତ୍ତମାନ ସେମାନଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକରଣ କରିବା ପାଇଁ ଆଗୁଆ ଆବେଦନ କରିପାରିବେ। ଯେଉଁ ନୂତନ ଭୋଟରଙ୍କ ବୟସ ଉପରୋକ୍ତ ୪ଟି ତାରିଖ ସୁଦ୍ଧା ୧୮ ବର୍ଷ ପୂରଣ ହେଉଥିବ ସେମାନେ ନିଜ ନାମ ପଞ୍ଜୀକରଣ କରିପାରିବେ। ବର୍ତ୍ତମାନଠାରୁ ପ୍ରତି ୩ ମାସରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ହୋଇପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

## ବିଧାନସଭା ସମାଚାର

# ବିରୋଧୀଙ୍କ ହଟ୍ଟଗୋଳ

ଭୁବନେଶ୍ୱର,୧।୮(ବ୍ୟୁରୋ)

## ଚିଟ୍‌ଫଣ୍ଡ, ଫସଲବୀମା, ମରୁଡ଼ି ପ୍ରସଙ୍ଗ

ଫସଲ ବୀମା, ବର୍ଷା ଅଭାବରୁ ରାଜ୍ୟର କେତେକ ସ୍ଥାନରେ ମରୁଡ଼ି ପରିସ୍ଥିତି ଏବଂ ଚିଟ୍‌ଫଣ୍ଡ ପ୍ରସଙ୍ଗରେ ମୁଲତବୀ ଆଲୋଚନା ଅଗ୍ରାହ୍ୟକୁ ନେଇ ବିରୋଧୀ ଦଳ ବିଧାନସଭାକୁ ଅଚଳ କରିଦେଇଥିଲେ। ପ୍ରଶ୍ନକାଳ ବାତିଲ କରି ଚାଷୀ ପ୍ରସଙ୍ଗ ଆଲୋଚନା କରିବାକୁ କଂଗ୍ରେସ ଦାବି କରିଥିବା ବେଳେ ଚିଟ୍‌ଫଣ୍ଡ ମୁଲତବୀ ପ୍ରସ୍ତାବକୁ କାହିଁକି ଅଗ୍ରାହ୍ୟ କରାଗଲା ବୋଲି ଅଭିଯୋଗ ଆଣି ଭାଜପା ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଥିଲା। ବିରୋଧୀଙ୍କ ନାରାବାଜି ଯୋଗୁ ପ୍ରଶ୍ନୋତ୍ତର, ମୁଲତବୀ, ଶୂନ୍ୟକାଳ ମିଳେଇ ଯାଇଥିଲା। ବାଚସ୍ପତି ବିକ୍ରମ କେଶରୀ ଆରୁଖ ବାଧ୍ୟହୋଇ ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ସୋମବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉଭୟ କଂଗ୍ରେସ ଓ ଭାଜପା ସଦସ୍ୟମାନେ ନିଜ ନିଜର ପ୍ରସଙ୍ଗକୁ ନେଇ ଗୃହର ମଧ୍ୟଭାଗରେ ହଟ୍ଟଗୋଳ କରିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ୧୦ଟା ୩୩ ମିନିଟ୍‌ରେ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ପୁଣି ୧୧ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ପରିସ୍ଥିତିରେ କୌଣସି ସୁଧାର ଆସି ନ ଥିଲା। ଭାଜପା ସଦସ୍ୟମାନେ ଚିଟ୍‌ଫଣ୍ଡ ଦୁର୍ନୀତିକୁ ନେଇ ସରକାର ବିରୋଧୀ ନାରାବାଜି କରିଥିଲେ। ବାଚସ୍ପତି କହିଥିଲେ, ୨୦୧୪ ନଭେମ୍ବର ୧୧ରେ ତତ୍କାଳୀନ ବାଚସ୍ପତି ଚିଟ୍‌ଫଣ୍ଡ ପ୍ରସଙ୍ଗ ହାଇକୋର୍ଟରେ ବିଚାରାଧୀନ ଥିବାରୁ ଗୃହରେ ଏହାକୁ ଆଲୋଚନା ନ କରିବାକୁ ରୁଲିଂ ଦେଇଥିଲେ। ସେହି ରୁଲିଂ ଏବେ ବଳବତ୍ତର ରହିଛି। ମାମଲା କୋର୍ଟରେ ଥିବାରୁ ବିଧାନସଭାର କାର୍ଯ୍ୟବିଧି ଧାରା ୧୦ (iii) ଏବଂ (iv) ଅନୁଯାୟୀ ଏହାକୁ ଆଲୋଚନା ଲାଗି ଗ୍ରହଣ କରାଯାଇପାରିବ ନାହିଁ। ଗୃହରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି, ସେ ବିଷୟରେ ଆଲୋଚନା ହେବ। ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାଚସ୍ପତି ଭାଜପା ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ପୁଣି ହଟ୍ଟଗୋଳ ହେବାରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ପରେ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ଅପରାହ୍ନରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।



ବିଧାନସଭାରେ ସୋମବାର ମରୁଡ଼ି, ଚିଟ୍‌ଫଣ୍ଡ ପ୍ରସଙ୍ଗରେ ବିରୋଧୀ ଭାଜପା ଓ କଂଗ୍ରେସ ବିଧାୟକଙ୍କ ହଟ୍ଟଗୋଳ।

# ବଢୁଛି କର୍କଟ ରୋଗୀ, ମୃତକଙ୍କ ସଂଖ୍ୟା

ଭୁବନେଶ୍ୱର, ୧।୮(ବ୍ୟୁରୋ):

- ୩ ବର୍ଷରେ ମୋଟ ୯୧,୬୯୯ ରୋଗୀ ଚିହ୍ନଟ, ମରିଛନ୍ତି ୩୧,୬୯୨ ଜଣ
- ଗତବର୍ଷ ତୁଳନାରେ ୧୮୪୬ ଅଧିକ ରୋଗୀ ମୃତ
- ୬୫୮୨ରୁ ଅଧିକ ରୋଗୀ ଚିହ୍ନଟ

କର୍କଟ ରୋଗ ଏବେ ରାଜ୍ୟରେ ବଢ଼ିଚାଲିଛି। ଗତ ୩ ବର୍ଷର ସରକାରୀ ରିପୋର୍ଟ ଉପରେ ନଜର ପକାଇଲେ ଏକଥା ସ୍ପଷ୍ଟ ହୋଇଛି। ତେବେ କର୍କଟ ଭଳି ରୋଗକୁ ହ୍ରାସ କରିବା ପାଇଁ ସରକାର ରାଜ୍ୟରେ ପଦକ୍ଷେପ ନେବାରେ ବିଫଳ ହେଉଥିବା ସୋମବାର ବିଧାନସଭରେ ବିରୋଧୀ ଯୁକ୍ତି ରଖିଛନ୍ତି। ରାଜ୍ୟରେ ଗତ ୩ ବର୍ଷ ମଧ୍ୟରେ ୩୧,୬୯୨ ଜଣ କର୍କଟ ଭଳି ଭୟାବହ ରୋଗରେ ମୃତ୍ୟୁବରଣ କରିସାରିଲେଣି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ତେବେ ସେହି ୩ ବର୍ଷରେ ରାଜ୍ୟରେ ମୋଟ କର୍କଟ ରୋଗୀଙ୍କ ସଂଖ୍ୟା ୯୧,୬୯୯ରେ ପହଞ୍ଚିଛି ବୋଲି ସେ କହିଛନ୍ତି।

ବିଧାୟକ ପ୍ରଶାନ୍ତ ବେହେରା ବିଧାନସଭାରେ ରାଜ୍ୟରେ ଗତ ୩ ବର୍ଷରେ କେତେ ବ୍ୟକ୍ତି କର୍କଟ ରୋଗାକ୍ରାନ୍ତ ହୋଇଛନ୍ତି ଏବଂ ସେଥିରୁ କେତେଜଣ ମୃତ୍ୟୁବରଣ କରିଛନ୍ତି ବୋଲି ପଚାରିଥିଲେ। ବିଧାୟକ ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦାସ କହିଛନ୍ତି, ୨୦୧୯-୨୦ରେ ରାଜ୍ୟରେ ୧୦,୯୮୪ ଜଣ କର୍କଟରେ ମୃତ୍ୟୁବରଣ କରିଥିବା ବେଳେ୨୦୨୧-୨୨ରେ ମୋଟ ୧୧,୨୭୭ ଜଣ କର୍କଟରେ ମୃତ୍ୟୁବରଣ କରିଛନ୍ତି। ଅର୍ଥାତ୍ ୨୦୧୯-୨୦ ବର୍ଷ ଅପେକ୍ଷା ୨୦୨୧-୨୨ରେ ଅଧିକ ୨୯୩ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ସରକାର କର୍କଟ ରୋଗ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା କଥା କହୁଥିବା ବେଳେ ବର୍ଷକୁ ବର୍ଷ ଅଧିକ ରୋଗୀ ମୃତ୍ୟୁବରଣ କରିବାର କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ସରକାର କର୍କଟ ରୋଗୀଙ୍କ ସହିତ ସେଥିରୁ ମୃତ୍ୟୁବରଣ କରୁଥିବା ପ୍ରକୃତ ସଂଖ୍ୟା ଲୁଚାଉଛନ୍ତି। ବାସ୍ତବରେ କର୍କଟ ରୋଗୀ ଏବଂ ସେଥିରୁ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ସରକାର ଦେଉଥିବା ତଥ୍ୟ ତୁଳନାରେ ଯଥେଷ୍ଟ ଅଧିକ ହେବ ବୋଲି ସେ କହିଛନ୍ତି।

ଅନ୍ୟପଟେ ମନ୍ତ୍ରୀ କହିଛନ୍ତି, ୨୦୨୦-୨୧ ବର୍ଷରେ ମୋଟ ୨୬,୧୭୫ ଜଣ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ସେଥିରୁ ୯୪୩୧ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦୨୧-୨୨ରେ ମୋଟ ୩୩,୭୫୭ ଜଣ କର୍କଟ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୧୧,୨୭୭ ଜଣଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ଗତ ବର୍ଷ ତୁଳନାରେ ୬୫୮୨ ଜଣ ଅଧିକ କର୍କଟ ରୋଗୀ ଚିହ୍ନଟ ହୋଇଥିବା ବେଳେ ୧୮୪୬ ଅଧିକ ରୋଗୀଙ୍କ ମୃତ୍ୟୁ ଘଟିଛି। ତେବେ ୨୦୧୯-୨୦ ବର୍ଷ ତୁଳନାରେ ୨୦୨୦-୨୧ ବର୍ଷ କର୍କଟ ରୋଗୀ ଏବଂ ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ରୋଗୀଙ୍କ ସଂଖ୍ୟାରେ ସାମାନ୍ୟ ହ୍ରାସ ପାଇଥିବା ବେଳେ ୨୦୨୧-୨୨ରେ ଏହାର ସଂଖ୍ୟା ଗତ ଦୁଇ ବର୍ଷ ତୁଳନାରେ ବଢ଼ିଯିବା ସାଧାରଣ ଲୋକଙ୍କ ମନରେ ଚିନ୍ତା ବଢାଇବା ସାଙ୍ଗକୁ ସରକାରୀ ବ୍ୟବସ୍ଥା ଆଡକୁ ମଧ୍ୟ ଅଙ୍ଗୁଳି ଉଠିଛି।

ତେବେ ମନ୍ତ୍ରୀ ଦାସ ଆହୁରି କହିଛନ୍ତି, ରାଜ୍ୟରେ କର୍କଟ ରୋଗର ଉନ୍ନତମାନର ଚିକିତ୍ସା ପାଇଁ ଏଏଚ୍‌ପିଜିଆଇସି, କଟକ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲରେ ଅନ୍ତେବାସୀ ରୋଗୀଙ୍କ ପାଇଁ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଇଛି। ଏହାସହ କର୍କଟ ଶଲ୍ୟ ଚିକିତ୍ସା ବ୍ୟବସ୍ଥା ମଧ୍ୟ କରାଯାଇଛି। ଏତଦ ବ୍ୟତୀତ ଓଡ଼ିଶା କମ୍ପ୍ରେହେନସିଭ କ୍ୟାନସର୍ କେୟାର ପ୍ରୋଗ୍ରାମ ଦ୍ୱାରା ରାଜ୍ୟରେ ୧୧ଟି ଉନ୍ନତମାନର କର୍କଟ ରୋଗ ନିରୂପଣ ଓ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯିବାର କାର୍ଯ୍ୟ ଆରମ୍ଭ ହୋଇସାରିଛି। ଝାରସୁଗୁଡାଠାରେ ମଧ୍ୟ ୧୨୦ ଶଯ୍ୟା ବିଶିଷ୍ଟ କର୍କଟ ରୋଗ ଚିକିତ୍ସା କେନ୍ଦ୍ର(ପିପିପି ମୋଡ୍)ରେ ପ୍ରତିଷ୍ଠା ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଜିଲା ସଦର ମହକୁମା ଚିକିତ୍ସାଳୟଗୁଡିକରେ ୩୨ଟି ସ୍ଥାନରେ ତାଲିମପ୍ରାପ୍ତ ଡାକ୍ତର ଓ ନର୍ସଙ୍କ ଦ୍ୱାରା ଡେ କେୟାର କେମୋଥେରାପି ସେଣ୍ଟରରେ କର୍କଟ ରୋଗୀଙ୍କୁ କେମୋଥେରାପି ଚିକିତ୍ସା ପ୍ରଦାନ କରାଯାଉଥିବା ସେ ଉଲ୍ଲେଖ କରିଛନ୍ତି।

# ବିରୋଧୀ ଦଳ ନେତା ଆସନରେ ବସିଲେ ଜୟ ନାରାୟଣ

ଭୁବନେଶ୍ୱର,୧।୮ବ୍ୟୁରୋ)

ଭାଜପାର ନବ ନିର୍ବାଚିତ ବିଧାୟକ ଦଳ ନେତା ଜୟନାରାଣ ମିଶ୍ର ବିଧାନସଭାର ନୂଆ ବିରୋଧୀ ଦଳ ନେତା ହୋଇଛନ୍ତି। ସୋମବାର ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହରେ ଆନୁଷ୍ଠାନିକ ଭାବେ ଏହି ଘୋଷଣା କରିଛନ୍ତି। ବାଚସ୍ପତିଙ୍କ ଘୋଷଣା ପରେ ଜୟନାୟରାୟଣ ବିରୋଧୀ ଦଳ ନେତା ଆସନ ଗ୍ରହଣ କରିଥିଲେ।

ବିରୋଧୀ ଦଳ ଆସନ ଗ୍ରହଣ କରିବା ପରେ ଗୃହର ଅନ୍ୟ ସଦସ୍ୟମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର, ବିଧାୟକ ସୁରେଶ କୁମାର ରାଉତରାୟ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ପ୍ରମୁଖ ବିରୋଧୀଦଳ ନେତାଙ୍କୁ ସ୍ୱାଗତ ଜଣାଇଛନ୍ତି। ଗୃହରେ ଭିନ୍ନ ଭିନ୍ନ ଦଳର ସଦସ୍ୟ ଅଛନ୍ତି। ସମସ୍ତଙ୍କୁ ମତ ରଖିବାକୁ ଅନୁମତି ରହିଛି। ଏଣୁ ବିରୋଧୀ ଦଳଙ୍କୁ ବିରୋଧୀ ନ କହି ପ୍ରତିପକ୍ଷ କହିବା ଉଚିତ ହେବ ବୋଲି ଜୟନାରାୟଣ କହିଛନ୍ତି। ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଦୀର୍ଘ ଦିନ ଅସୁସ୍ଥ ଥିବାରୁ ଜୟ ନାରାୟଣ ମିଶ୍ରଙ୍କୁ ଏହି ଗୁରୁଦାୟିତ୍ୱ ମିଳିଛି। ପଶ୍ଚିମ ଓଡ଼ିଶାର ଟାଣୁଆ ନେତାଙ୍କୁ ବିରୋଧୀ ଦଳର ନେତା କରିବା ସହ ଭାଜପା ଏକ ମାଷ୍ଟରଷ୍ଟ୍ରୋକ୍ ଖେଳିଛି।

# ରାଜ୍ୟରେ ମୁଣ୍ଡ ପିଛା ରଣ ୨୨,୦୪୨ଟଙ୍କା

ଭୁବନେଶ୍ୱର, ୧।୮(ବ୍ୟୁରୋ)

ଓଡିଶାର ଏ.ଜି(ମହାଲେଖାକାର)ଙ୍କ ତଥ୍ୟ ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟ ସରକାରଙ୍କ ମୋଟ ଋଣ ଭାର୯୭,୭୦୨.୦୩ କୋଟି ଟଙ୍କା ରହିଛି। ଚଳିତ ବର୍ଷ ଅର୍ଥାତ୍ ୨୦୨୨-୨୩ରେ ରାଜ୍ୟ ସରକାର ୨୫,୫୮୯ କୋଟି ଟଙ୍କାର ଋଣ ଆହରଣ କରିବାକୁ ଯୋଜନା ରଖିଛନ୍ତି। ସେହିପରି ୧୪,୦୦୧.୩୧ କୋଟି ଟଙ୍କା ଋଣ ପରିଶୋଧ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। ତେବେ ସରକାରଙ୍କ ଏଭଳି ୨୫ ହଜାର କୋଟିରୁ ଅଧିକ ଋଣ ଆଣି ୧୪ ହଜାର କୋଟି ଶୁଝିବାର ଅର୍ଥ କ'ଣ ତାକୁ ନେଇ ପ୍ରଶ୍ନ ଉଠିଛି। ତେବେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ବିଧାନସଭା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପୂଜାରୀ କହିଛନ୍ତି, ମହାଲେଖାକାରଙ୍କ ତଥ୍ୟ ମୁତାବକ, ୨୦୨୧-୨୨ ଆର୍ଥିକ ବର୍ଷ ଶେଷସୁଦ୍ଧା ରାଜ୍ୟରେ ମୁଣ୍ଡପିଛା ଋଣ ଭାର ପରିମାଣ ୨୨,୦୪୨ ଟଙ୍କା ଅଟେ। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ସରକାର ରାଜ୍ୟରେ ମୋଟ୍ ରାଜସ୍ୱ ବାବଦରେ ୧,୬୩,୯୬୬ କୋଟି ୫୨ ଲକ୍ଷ ଟଙ୍କା ସଂଗ୍ରହର ଲକ୍ଷ୍ୟ ରଖିଛନ୍ତି। ସେଥିରୁ ନିଜସ୍ୱ ରାଜସ୍ୱ ଟିକସ ରାଜସ୍ୱ ବାବଦରେ ମୋଟ୍ ୪୬ ହଜାର କୋଟି ଏବଂ ନିଜସ୍ୱ ଅଣରାଜସ୍ୱ ବାବଦକୁ ମୋଟ ୪୮,୨୦୦ କୋଟି ଟଙ୍କା ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୧୦୧ ତମ ସମ୍ବିଧାନ ସଂଶୋଧନ ଅଧିନିୟମ ୨୦୧୬ ଅନୁସାରେ ଜିଏସ୍‌ଟି ପ୍ରଚଳନ ଫଳରେ ରାଜସ୍ୱ ଆଦାୟରେ କ୍ଷତଚି ଘଟିଲେ ୫ ବର୍ଷ ପାଇଁ କ୍ଷତି ପୂରଣ ଦିଆଯିବାର ବ୍ୟବସ୍ଥା ରହିଛି। ଏଥିଲାଗି ଜିଏସ୍‌ଟି ଆକ୍ଟ ୨୦୧୭ର ପରିବର୍ତ୍ତନ ହୋଇଛି। କ୍ଷତିପୂରଣ ବାବଦକୁ ୨୦୧୫-୧୬ ଆର୍ଥିକ ବର୍ଷର ସଂଗୃହିତ କର ପରିମାଣକୁ ମୂଳବର୍ଷ ରୂପେ ଗ୍ରହଣ କରାଯାଇଥିଲା। ୨୦୧୫-୧୬ ବର୍ଷରାଜ୍ୟ ସରକାରଜିଏସ୍‌ଟିରେମିଶ୍ରଣଘଟିଥିବାଟିକସ ବାବଦକୁ ୧୧,୦୪୯.୩୪ କୋଟି ଟଙ୍କା ପାଇଥିଲେ। କ୍ଷତିଭରଣା ପ୍ରତି ୨ ମାସରେ ମିଳୁଛି। ୨୦୧୫-୧୬ ଆର୍ଥିକ ବର୍ଷରେ ସଂଗୃହିତ ରାଜସ୍ୱରେ ବାର୍ଷିକ ୧୪ ପ୍ରତିଶତ ଅଭିବୃଦ୍ଧି ହାର ପ୍ରୟୋଗ କରି ୨୦୧୭-୧୮ ଆର୍ଥିକ ବର୍ଷର ଜୁଲାଇ ୨୦୧୭ରୁ ମାର୍ଚ୍ଚ ୨୦୧୮ ପାଇଁ ୧୦,୬୬୯.୬୯ କୋଟି ଟଙ୍କା ସୁନିଶ୍ଚିତ ରାଜସ୍ୱ ଆକଳନ କରାଯାଇଥିଲା ବୋଲି ମନ୍ତ୍ରୀ କହିଛନ୍ତି।

# ମହିଳା ଦଳର ବିଜୟ ଜାରି


ପଦ୍ମିନୀ ରାଉତ


ତାନିଆ ସଚଦେବ

## ଚେସ୍ ଅଲିମ୍ପିଆଡ୍

**ମାମଲ୍ଲାପୁରମ୍,୧୮(ପି.ଟି)**

ଚେନ୍ନାଇରେ ଖେଳାଯାଉଥିବା ୪୪ତମ ଫିଡେ ଚେସ୍ ଅଲିମ୍ପିଆଡରେ ଭାରତୀୟ ଦଳକୁ ମିଶ୍ର ଫଳ ମିଳିଛି। ଚତୁର୍ଥ ରାଉଣ୍ଡରେ ପୁରୁଷ ଦଳ ମ୍ୟାଚ୍ ଅମୀମାଂସିତ ରଖିଥିବା ବେଳେ ଅଳ୍ପକେ ବିଜୟୀ ହୋଇଛି ମହିଳା ଦଳ। ବିଶ୍ୱ ଚାମ୍ପିୟନ୍ ଆମେରିକା ସହିତ ଉଜବେକିସ୍ତାନ ମ୍ୟାଚ୍‌କୁ ଡ୍ର ରଖିଥିଲା। ଭାରତୀୟ ଖେଳାଳି ପି ହରିକ୍ରିଷ୍ଣା,ଭିଦିତ ସନ୍ତୋଷ, ଅର୍ଜୁନ ଇରିଗାସୀ ଓ ଏସ ଏଲ୍ ନାରାୟଣନ ଯଥାକ୍ରମେ ଜୁଲସ୍ ମୌସାଡ, ଲୌରେଣ୍ଟ ଫ୍ରେସିଏଣ୍ଟ ,ମାଥ୍ୟୁ କର୍ଣ୍ଣେଟେ ଓ ମାକ୍ସିମେ ଲେଗାର୍ଡେଙ୍କ ବିପକ୍ଷରେ ପଏଣ୍ଟ ବାଣ୍ଟିଥିଲେ। ପଞ୍ଚମ ସିଡ୍ ପୋଲାଣ୍ଡ ସହିତ ମ୍ୟାଚକୁ ରୋମାନିଆ ଡ୍ର ରଖିବାରେ ସମର୍ଥ ହୋଇଥିଲା। ସେହିଭଳି ୩ ନମ୍ବର ସ୍ଥାନରେ ଥିବା ନରୱେ ସହିତ ପଏଣ୍ଟ ବାଣ୍ଟିଥିଲା ମଙ୍ଗୋଲିଆ।

ତାନିଆ ସଚଦେବ ବିଜୟୀ ହୋଇଥିବା ବେଳେ ଅନ୍ୟ ୩ ଖେଳାଳିଙ୍କ ମ୍ୟାଚ୍ ଡ୍ର ରହିବା କାରଣରୁ ଦଳ ୨.୫-୧.୫ରେ ହଙ୍ଗେରୀକୁ ପରାସ୍ତ କରିଛି। ସଚଦେବ ଶୋକା ଗାଲଙ୍କୁ ପରାସ୍ତ କରିଥିଲେ। କୋନେରୁ ହମ୍ପି ଥାନ ଟ୍ରାଙ୍ଗ ହୋଆଙ୍ଗଙ୍କ ସହିତ ଡ୍ର ରଖିଥିଲେ। ଡି ହାରିକା ଓ ଆର ବୈଶାଳୀ ମଧ୍ୟ ଟିସିଆ ଗାରା ଓ ଭଜତା ଲାଜାରାନେଙ୍କ ସହିତ ଡ୍ର ରଖିଥିଲେ। ଇଣ୍ଡିଆ ବି ଟିମ୍ ଚମତ୍କାର ପ୍ରଦର୍ଶନ ସହତ ଇସ୍ତୋନିଆକୁ ପରାସ୍ତ କରିଛି। ଭାନ୍ତିକା ଅଗ୍ରୱାଲ ନିଜର ୪ର୍ଥ ବିଜୟ ହାସଲ କରିଥିବା ବେଳେ ଅନ୍ୟ ୩ ମ୍ୟାଚ୍ ଡ୍ରରେ ଶେଷ ହୋଇଥିଲା। ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ରହିଥିବା ଜର୍ଜିଆ ନିକଟରୁ ପରାଜିତ ହୋଇଥିଲା ଭାରତ ସି। ପି ଭି ନନ୍ଦିଥା ନିଜ ମୁକାବିଲାରେ ବିଜୟୀ ହୋଇଥିବା ବେଳେ ଇଶା କାରାଭାଡେ, ସହିଥି ବର୍ଷିଣୀ ଓ ପ୍ରତ୍ୟୁଷା ପରାସ୍ତ ହୋଇଥିଲେ।

ଟୁର୍ନାମେଣ୍ଟରେ ଦମଦାର ପ୍ରଦର୍ଶନ କରି ଆସୁଥିବା ଭାରତ ବି ଏହାର ଚତୁର୍ଥ ବିଜୟ ହାସଲ କରିଛି। ଡି ଗୁକେଶ ଓ ନିହାଲ ସରିନ୍ ବିଜୟୀ ହୋଇଥିବା ବେଳେ ମ୍ୟାଚ୍ ଡ୍ର କରିଥିଲେ ଆର୍ ପ୍ରଜ୍ଞାନନ୍ଦ ଓ ରୌନକ ସାଧୱାନି। ୩-୧ର ବିଜୟ ସହିତ କ୍ରମାଗତ ୪ଟି ମ୍ୟାଚରେ ବିଜୟୀ ହୋଇଛନ୍ତି ଗୁକେଶ। ଶକ୍ତିଶାଳୀ ସ୍ପେନ୍ ବିପକ୍ଷରେ ଭାରତ ସି ୧.୫-୨.୫ରେ ପରାଜିତ ହୋଇଛି। ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ଚ୍ୟାଲେଞ୍ଜର ଆଲେକ୍ସି ଶିରୋଭଙ୍କ ସହିତ ସୂର୍ଯ୍ୟ ଶେଖର ଗାଙ୍ଗୁଲି ମ୍ୟାଚ୍ ଡ୍ର ରଖିଥିବା ବେଳେ ଏସ ପି ସେଥୁରମଣ ପରାଜିତ ହୋଇଥିଲେ। କାର୍ତ୍ତିକେୟନ୍ ମୁରଲୀ ମ୍ୟାଚ ଡ୍ର ରଖିଥିବା ବେଳେ ଅଭିଜିତ ଗୁପ୍ତା ହାରି ଯାଇଥିଲେ।

# ଡୁରାଣ୍ଡ କପ୍ ଉପରେ ଫୋକସ ରହିଛି: ଗୋମ୍ବାଉ


ସୋମବାର ଖବରଦାତା ସମ୍ମିଳନୀ ଅବସରରେ ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ଯୋଶେଫ୍ ଗୋମ୍ବାଉ ଓ ଅନ୍ୟ କର୍ମକର୍ତ୍ତା।

**ଭୁବନେଶ୍ୱର, ୧୮(କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ସିଜନ ପାଇଁ ପ୍ରସ୍ତୁତ ହେଉଛି ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫ୍‌ସି। ଏଥିପାଇଁ ପୂର୍ବରୁ ଦଳ ସହ କାମ କରିସାରିଥିବା ଯୋଶେଫ୍ ଗୋମ୍ବାଉଙ୍କୁ ପୁଣି ମୁଖ୍ୟ କୋଚ୍ ପଦକୁ ଫେରାଇ ଅଣାଯାଇଛି। ୨୦୧୯-୨୦ ସିଜନରେ ଗୋମ୍ବାଉଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଫ୍‌ସି ଭଲ ପ୍ରଦର୍ଶନ କରିଥିଲା। ଏହାକୁ ଦୃଷ୍ଟିରେ ରଖି ତାଙ୍କୁ ପୁଣି କୋଚ୍ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଇଏସ୍‌ଏଲ ସିଜନ ପୂର୍ବରୁ ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟ ଉପରେ ଫୋକସ କରାଯାଉଛି। ଏଥିପାଇଁ ଦଳର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ବୋଲି ସୋମବାର ଆୟୋଜିତ ଓଡ଼ିଶା ଏଫ୍‌ସିର ପ୍ରଥମ ଖବରଦାତା ସମ୍ମିଳନୀରେ ଗୋମ୍ବାଉ ସୂଚନା ଦେଇଛନ୍ତି। ନୂଆ ସିଜନର ଟୁର୍ନାମେଣ୍ଟଗୁଡ଼ିକ ଲାଗି କୋଚିଂ ଷ୍ଟାଫ୍‌ଙ୍କୁ ଟାର୍ଗେଟ ଦିଆଯାଇଛି। ସମୟକ୍ରମେ ଏହା ଉପରେ ତର୍ଜମା ମଧ୍ୟ କରାଯିବ। ଆଗାମୀ ସିଜନରେ ପ୍ରଭାବୀ ପ୍ରଦର୍ଶନର ଛାପ ଛାଡ଼ିବା ପାଇଁ ଓଡ଼ିଶା ଏଫ୍‌ସି ଦଳରେ ଅନେକ ଖେଳାଳି ପ୍ରସ୍ତୁତ। ସେମାନଙ୍କ ମଧ୍ୟରୁ ଶୁଭମ୍, ରେନିଏର, ଜେରୀ ପ୍ରମୁଖ ଅନ୍ୟତମ ବୋଲି ଗୋମ୍ବାଉ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କ୍ଲବ ସଭାପତି ରାଜ ଅଥୱାଲ, ସହକାରୀ କୋଚ୍ କ୍ଲିଫର୍ଡ ମିରାଣ୍ଡା ଓ ଜେନେରାଲ ମ୍ୟାନେଜର ଅଭିକ୍ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମ ଚଳିତମାସ ୧୨ ଓ ୧୩ ତାରିଖରେ ହେବାକୁ ରହିଛି। ପ୍ରକାଶଯୋଗ୍ୟ, ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟ କୋଲ୍‌କାତା, ଗୁଆହାଟୀ ଓ ଇମ୍ଫାଲରେ ଅଗଷ୍ଟ ୧୬ରୁ ସେପ୍ଟେମ୍ବର ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଏଫ୍‌ସିକୁ ମିଶାଇ ମୋଟ ୨୦ଟି ଦଳ ଅଂଶଗ୍ରହଣ କରିବେ।

୨ ବର୍ଷ ବ୍ୟବଧାନ ପରେ ଓଡ଼ିଶା ଏଫ୍‌ସି ଭୁବନେଶ୍ୱରକୁ ଏହାର ବେସ୍ କରିଛି। କୋଭିଡ୍-୧୯ ମହାମାରୀ ପାଇଁ କ୍ଲବ ଗୋଆରେ ବିନା ଦର୍ଶକରେ ଖେଳିବାକୁ ବାଧ୍ୟ ହୋଇଥିଲା। ଏଥର ଓଡ଼ିଶା ଏଫ୍‌ସି ଏକ ମହିଳା ଦଳ ମଧ୍ୟ ଗଠନ କରୁଛି। କ୍ରିସପିନ୍ ଛେତ୍ରୀଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। କ୍ରିସପିନ୍ ପୂର୍ବରୁ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଓଡ଼ିଶା ରାଜ୍ୟ ମହିଳା ଦଳ ଏବଂ ସେଥୁ ଏଫ୍‌ସି ସହିତ କାର୍ଯ୍ୟ କରିଛନ୍ତି। କୋଭିଡ୍ ପାଇଁ କ୍ଲବ ୨ ବର୍ଷ ଧରି ଏହାର ପ୍ରଶଂସକଙ୍କ ସହ ଯୋଡ଼ି ହୋଇପାରି ନ ଥିଲା। ମାତ୍ର ଏବେ ସମୟ ବଦଳିଛି। ପ୍ରଶଂସକଙ୍କୁ ଆକୃଷ୍ଟ କରିବା ପାଇଁ କ୍ଲବ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ବୋଲି ଅଥୱାଲ ପ୍ରକାଶ କରିଛନ୍ତି। ଗତବର୍ଷ ୱାଟ୍‌ଫୋର୍ଡ ଏଫ୍‌ସି ଓ ଆଭାଇ ଏଫ୍‌ସି ସହ ପାର୍ଟନରଶିପ୍ ପରେ ସେମାନଙ୍କ ଭଳି ମଡେଲ ପ୍ରସ୍ତୁତ ନିମନ୍ତେ ଉଦ୍ୟମ ଆରମ୍ଭ ହୋଇଛି। ଉକ୍ତ ଦୁଇ କ୍ଲବ ସହିତ ଯୋଗାଯୋଗ ରଖାଯାଇ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଛି ବୋଲି ଅଥୱାଲ କହିଛନ୍ତି। ରାଜ୍ୟରେ ଖେଳାଳିଙ୍କ ଉନ୍ନତି ଆଣିବାକୁ ହେଲେ ଫୁଟ୍‌ବଲ ଇକୋସିଷ୍ଟମରେ ଏକ ସଂସ୍କୃତି ତିଆରି କରିବାକୁ ହେବ। ସ୍ଥାନୀୟ ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଲାଗି ଏପରି କାର୍ଯ୍ୟକ୍ରମର ଆବଶ୍ୟକ ଅଛି ଏବଂ ଏଥିପାଇଁ ସମସ୍ତଙ୍କ ସହଯୋଗ ଦରକାର ବୋଲି ମିରାଣ୍ଡା କହିଛନ୍ତି।


କଟକ ଡ୍ରିମ୍ସ ଗ୍ରାଉଣ୍ଡରେ ସୋମବାର ଓଡ଼ିଶା ମହିଳା ଟି୨୦ ଲିଗ୍ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଖେଳାଳି।

# ଓଡ଼ିଶା ମହିଳା ଟି୨୦ ଲିଗ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୮ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଓଡ଼ିଶା ମହିଳା ଟି୨୦ କ୍ରିକେଟ ଲିଗ୍ ସୋମବାର କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଉଦ୍‌ଘାଟିତ ହୋଇଛି। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିବସରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ଭାଓଲେଟ୍ ଏବଂ ଓଡ଼ିଶା ୟେଲୋ ବିଜୟ ହାସଲ କରିଛି।

ପ୍ରଥମ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ ନେଇଥିବା ଓଡ଼ିଶା ଭାଓଲେଟ ୨୦ ଓଭରରେ ୬ ଉଇକେଟ ହରାଇ ୧୦୦ ରନ୍ କରିଥିଲା। ଜବାବରେ ଓଡ଼ିଶା ରେଡ୍ ୧୯.୪ ଓଭରରେ ୭୭ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ୧୫ ରନ୍ କରିବା ସହ ୩.୪ ଓଭର ବୋଲିଂରେ ମାତ୍ର ୯ ରନ୍ ଦେଇ ୨ଟି ଉଇକେଟ ନେଇଥିବା ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଡ୍ରିମ୍ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ଗେମ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ପର୍ପଲ ୨୦ ଓଭରରେ ୫ ଉଇକେଟ ହରାଇ ୯୭ ରନ୍ କରିଥିଲା। ଶୁଭ୍ରା ନିର୍ଝରିଣୀ ସ୍ୱାଇଁ ସର୍ବାଧିକ ୩୬ ରନ୍ କରିଥିଲେ। ଓଡ଼ିଶା ୟେଲୋ ୧୯.୧ ଓଭରରେ ୧ ଉଇକେଟ ହରାଇ ୯୮ ରନ୍ ସଂଗ୍ରହ କରିନେଇଥିଲା। ୧୮ ବଲ୍‌ରୁ ୩୬ ରନ୍ କରିଥିବା କାଜଲ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। କଟକ ମେୟର ସୁବାସ ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଫୁରସତ୍

# ଚର୍ଚ୍ଚାରେ ମାନବ ଚାଲାଣ ପୀଡ଼ିତା



- ଦେଢ଼ ଲକ୍ଷରେ ବିକିଥିଲେ ପ୍ରେମିକ
- ନର୍କ ଯନ୍ତ୍ରଣାରୁ ମୁକ୍ତି ପରେ ଜୀବନ ଗଢୁଛନ୍ତି ଯୁବତୀ

**କୋଲକାତା:** ପଶ୍ଚିମବଙ୍ଗର ୨୨ ବର୍ଷୀୟା ଯୁବତୀ ଖୁବ୍ କମ୍ ବୟସରେ ବହୁ ଦୁଃଖ ଓ କଷ୍ଟର ମୁହୂର୍ତ୍ତ ଦେଇ ଗତି କରିଛନ୍ତି। ବର୍ତ୍ତମାନ ଯୁବତୀ ଜଣଙ୍କ ନୂଆ କରି ନିଜ ଜୀବନ ଆରମ୍ଭ କରିଥିବାବେଳେ ଉଚ୍ଚଶିକ୍ଷା ପାଇଁ ମନବଳାଇଛନ୍ତି। ବହୁ ଘାତ ପ୍ରତିଘାତ ପରେ ଚଳିତବର୍ଷ ସେ ଯୁକ୍ତ ଦୁଇ ପାସ୍ କରିଛନ୍ତି। ଏବେ ସ୍ନାତକ ଡିଗ୍ରୀ ପଢ଼ିବା ଆଗ୍ରହ ପ୍ରକାଶ କରିଛନ୍ତି। ୨୨ ବର୍ଷ ବୟସରେ ଯେଉଁଠି +୩ ପାଠପଢ଼ା ସରିବା କଥା ସେ ବୟସରେ ଡିଗ୍ରୀ ପାଠ ପଢ଼ା ଆରମ୍ଭ କରିବା କଥା ଅଜବ ଲାଗୁଥାଇପାରେ। କିନ୍ତୁ ଯେଉଁ ବୟସରେ ସ୍କୁଲ ଓ କଲେଜ ପଢ଼ିବା କଥା ସେ ବୟସରେ ଯୁବତୀ ଜଣଙ୍କ ତାଙ୍କ ଜୀବନର ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରିଥିଲେ। ମାନବ ଚାଲାଣ ଜରିଆରେ ଯୁବତୀ ଜଣଙ୍କୁ ୩ ଥର ବିକ୍ରି କରାଯାଇଥିବାବେଳେ ଏକାଧିକ ଥର ତାଙ୍କୁ ବଳାତ୍କାର କରାଯାଇଛି। ଖାଲି ସେତିକି ନୁହେଁ ନିଜ ବୟସର ତିନିଗୁଣା ବୟସର ବ୍ୟକ୍ତିଙ୍କ ସହ ତାଙ୍କ ବାହାଘର ମଧ୍ୟ ହୋଇଥିଲା। ସୋସିଆଲ ମିଡିଆ ଜରିଆରେ ଜଣେ ଯୁବକଙ୍କ ସହ ପ୍ରେମରେ ପଡ଼ିବା ପରେ ୨୦୧୫ ଜାନୁୟାରୀ ୭ରେ କୋଲକାତା ସାଇନ୍ସ ସିଟି ନିକଟରେ ତାଙ୍କୁ ଭେଟିଥିଲେ। ସେଠାରୁ ଦୁହେଁ ବସରେ ୧୦ କି.ମି. ଦୂର ବାବୁଘାଟ ଯାଇଥିଲେ। ସେ ସମୟରେ ଯୁବତୀଙ୍କୁ ମାତ୍ର ୧୫ ବର୍ଷ। ପ୍ରେମିକ ରାହୁଲ ତାଙ୍କୁ ବସ୍‌ରେ ଛାଡ଼ିଦେଇ ସଙ୍ଗେ ସଙ୍ଗେ ଆସୁଛି କହି କେଉଁଆଡେ ଚାଲିଯାଇଥିଲେ। କିଛି ସମୟ ପରେ ଆଉ ଜଣେ ଯୁବକ ସେଠାକୁ ଆସି ରାହୁଲଙ୍କ ସାଙ୍ଗର ପରିଚୟ ଦେଇ ଯୁବତୀଙ୍କୁ ଟ୍ରେନ୍‌ରେ ବସେଇ ବିହାର ନେଇଯାଇଥିଲେ। ଉକ୍ତ ଯୁବକଙ୍କୁ ରାହୁଲ ୧.୫ ଲକ୍ଷ ଟଙ୍କାରେ ଯୁବତୀଙ୍କୁ ବିକ୍ରି କରିଦେଇଥିଲେ। ବିହାରରେ ପହଞ୍ଚି ଉକ୍ତ ଯୁବତୀଙ୍କୁ ରାହୁଲଙ୍କ ସାଙ୍ଗ ବୋଲି ପରିଚୟ ଦେଇଥିବା ବ୍ୟକ୍ତି କମଲ ନାମକ ଆଉ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଲେ। ଏହାପରେ କମଲ ଉତ୍ତର ପ୍ରଦେଶ ବିଜନୋରର ଚିତ୍ରା ନାମ୍ନୀ ମହିଳାଙ୍କୁ ନାବାଳିକାଙ୍କୁ ବିକ୍ରି କରିଦେଲେ। ଚିତ୍ରା ତାଙ୍କ ୪୫ ବର୍ଷୀୟ ଭାଇଙ୍କ ସହ ନାବାଳିକାଙ୍କୁ ବାହା କରିଦେଲେ। ବିବାହର ଗୋଟିଏ ମାସ ପରେ ତାଙ୍କ ସ୍ୱାମୀ ଯୁବତୀଙ୍କୁ ଛାଡ଼ି ଚାଲିଗଲେ। ଏହାପରେ ଚିତ୍ରାଙ୍କ ପୁଅ ବାରମ୍ବାର ନାବାଳିକାଙ୍କୁ ବଳାତ୍କାର କରିଥିଲେ। ବହୁ ନିର୍ଯାତନା ପାଇବା ପରେ ଦିନେ ଯୁବତୀ ଜଣଙ୍କ ଚିତ୍ରାଙ୍କ ମୋବାଇଲରୁ ପଶ୍ଚିମବଙ୍ଗରେ ରହୁଥିବା ତାଙ୍କ ମା'ଙ୍କୁ ଫୋନ୍ କରି ସବୁ କଥା କହିଥିଲେ। ପୋଲିସକୁ ଘଟଣା ସମ୍ପର୍କରେ ସୂଚନା ଦେବା ପରେ ପୀଡ଼ିତାଙ୍କ ମୋବାଇଲ ତଦନ୍ତକାରୀ ଅଧିକାରୀ ଟ୍ରେସ୍ କରିଥିଲେ। ତାଙ୍କ ଫୋନ୍‌ର ଲାଷ୍ଟ ଲୋକେଶନ୍ ବିହାର ଦେଖାଇଥିବାବେଳେ ପୋଲିସ ସେଠାରୁ ପ୍ରଥମେ ଯୁବତୀଙ୍କ ପ୍ରେମିକ ରାହୁଲଙ୍କୁ ଗିରଫ କଲେ। ଏଥିରେ ଡରିଯାଇ ଚିତ୍ରା କମଲ ସାହାଯ୍ୟରେ ନାବାଳିକାଙ୍କୁ ଅନ୍ୟ ସ୍ଥାନକୁ ପଠାଇବାର ବନ୍ଦୋବସ୍ତ କଲେ। କମଲ ତାଙ୍କର ଜଣେ ସହଯୋଗୀ ବିଶମ ସହ ମିଶି ପୀଡ଼ିତାଙ୍କୁ ଉତ୍ତରାଖଣ୍ଡ କାଶିପୁରର ରେଳ ଜଙ୍କଶନ୍‌ରେ ନେଇ ଛାଡ଼ିଦେଇଥିଲେ। ଠିକ୍ ସମୟରେ ସିଆଇଡିର ଏକ ଟିମ୍ ସେଠାରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରି ପଶ୍ଚିମବଙ୍ଗ ନେଇ ଆସିଥିଲେ । ଘଟଣାରେ ମୋଟ ୬ ଜଣଙ୍କୁ ଗିରଫ କରିଛି ସିଆଇଡି। ରାହୁଲ ଓ କମଲଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡ ମିଳିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ୨୦ ବର୍ଷ ଦଣ୍ଡାଦେଶ ମିଳିଛି। ପ୍ରବଳ ମାନସିକ ଆଘାତ ପାଇବା କାରଣରୁ ପାଖାପାଖି ୧ ମାସ କାଳ ଯୁବତୀ ଜଣଙ୍କ କାହାରି ସହ କଥା ହୋଇ ନ ଥିଲେ କି କହିବାର କ୍ଷମତା ତାଙ୍କ ପାଖରେ ନ ଥିଲା। ଏହାପରେ ଏକ ସରକାରୀ ଆବାସରେ ରହି ଯୁବତୀ ଜଣକ ପାଠପଢ଼ା ଆରମ୍ଭ କରିଥିଲେ।

# 'ଲାଲ୍ ସିଂ ଚଢା': ରିଲିଜ୍ ପୂର୍ବରୁ ବିବାଦ


ଆମିର ଖାନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତା ଆମିର ଖାନ୍‌ଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଲାଲ୍ ସିଂ ଚଢ଼ା' ରିଲିଜ୍ ହେବା ପୂର୍ବରୁ ବିବାଦରେ ଛନ୍ଦି ହୋଇପଡ଼ିଛି। ଟୁଇଟର ହାଣ୍ଡେଲରେ ଫିଲ୍ମ ଓ ଅଭିନେତା ଆମିର ଖାନ୍‌ଙ୍କୁ ବଏକଟ୍ କରିବା ପାଇଁ ଏକ ଟ୍ରେଣ୍ଡ ଆରମ୍ଭ ହୋଇଛି। ତେବେ ଏ ନେଇ ଗଣମାଧ୍ୟମରେ ନିଜର ପ୍ରତିକ୍ରିୟା ରଖିଛନ୍ତି ଆମିର ଖାନ୍। ସେ କହିଛନ୍ତି, ମୋ ଫିଲ୍ମକୁ କିମ୍ବା ମୋତେ ବୟକଟ କରା ନ ଯାଉ। କେତେଜଣ ଦେଶବାସୀ ଭାବୁଛନ୍ତି ଯେ, ମୁଁ ଭାରତକୁ ପସନ୍ଦ କରେ ନାହିଁ। ସେହି ବ୍ୟକ୍ତି ବିଶେଷଙ୍କ ଏ ପ୍ରକାର ମନୋବୃତ୍ତି ପାଇଁ ମୁଁ ଦୁଃଖିତ। ସେମାନଙ୍କ ଚିନ୍ତାଧାରା ସମ୍ପୂର୍ଣ୍ଣ ମିଥ୍ୟା। ମୋତେ ଓ ମୋ ଫିଲ୍ମକୁ ଗୋଟିଏ ସୁଯୋଗ ଦିଆଯାଉ ବୋଲି ଦର୍ଶକଙ୍କ ସମ୍ମୁଖରେ ଆମିର ଗୁହାରି କରିଛନ୍ତି। ୨୦୧୫ରେ ଆମିର ନିଜର ଏକ ସାକ୍ଷାତ୍‌କାରରେ ଦେଇଥିବା ମନ୍ତବ୍ୟକୁ ଆଧାର କରି ବର୍ତ୍ତମାନ ଟୁଇଟରରେ ବଏକଟ ଟ୍ରେଣ୍ଡ ଆରମ୍ଭ ହୋଇଛି। ଇଣ୍ଟରଭ୍ୟୁରେ ଆମିର କହିଥିଲେ ଦେଶରେ ଅସହିଷ୍ଣୁତା ବଢ଼ିବାରେ ଲାଗିଛି ସେଥିପାଇଁ ଦେଶ ଛାଡ଼ି ଅନ୍ୟ ଦେଶକୁ ସ୍ଥାନାନ୍ତର ହେବା ପାଇଁ ମୋ ସ୍ତ୍ରୀ କିରଣ ରାୟ ମୋତେ କହିଥିଲେ। କିଛିଦିନ ତଳେ ଏହାର ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିବାଦ ଆରମ୍ଭ ହୋଇଛି। ଫିଲ୍ମରେ ଆମିର ଖାନ୍ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ କରୀନା କପୁର ଖାନ୍ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି। ସାଉଥ୍ ଫିଲ୍ମ ଅଭିନେତା ନାଗା ଚୈତନ୍ୟଙ୍କର ଏହା ବଲିଉଡ୍ ଡେବ୍ୟୁ। ଫିଲ୍ମରେ ଅଭିନୟ ସାଙ୍ଗକୁ ଏହାର ସହ ପ୍ରଯୋଜକ ମଧ୍ୟ ଆମିର। ହଲିଉଡ୍ ଫିଲ୍ମ 'ଫୋରେଷ୍ଟ ଗମ୍ପ'ର ରିମେକ୍ ହେଉଛି ଲାଲ୍ ସିଂ ଚଢ଼ା।

# ସଂଗ୍ରହାଳୟରେ ପରିଣତ ହେବ ପୁଷ୍ପାବନ୍ତ ରାଜପ୍ରାସାଦ



**ଅଗରତାଲା:** ପ୍ରତିଷ୍ଠିତ ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ପାଇଁ ରାଜପ୍ରାସାଦର ଦରବାର ସବୁବେଳେ ଖୋଲା। କିନ୍ତୁ ତ୍ରିପୁରାର ଶତାଧିକ ବର୍ଷ ପୁରୁଣା ପୁଷ୍ପାବନ୍ତ ରାଜପ୍ରାସାଦ ଏବେ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। କାରଣ ଏହି ପ୍ୟାଲେସ୍‌କୁ ଜାତୀୟ ସ୍ତରୀୟ ସଂଗ୍ରହାଳୟରେ ପରିଣତ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ତେବେ ଏହି ରାଜପ୍ରାସାଦ ସହିତ ପ୍ରସିଦ୍ଧ ଲେଖକ ରବୀନ୍ଦ୍ରନାଥ ଟାଗୋରଙ୍କ ସମ୍ପର୍କ ଖୁବ୍ ମଧୁର ଓ ପୁରୁଣା। ନିଜ ଜୀବନ କାଳ ମଧ୍ୟରେ ରବିନ୍ଦ୍ର ନାଥ ପାଖାପାଖି ୭ ଥର ଏହି ରାଜପ୍ରାସାଦକୁ ଯାଇଛନ୍ତି। ଶହେ ବର୍ଷର ପୁରୁଣା ଏହି ରାଜପ୍ରାସାଦକୁ ୧୯୧୭ରେ ମହାରାଜା ବୀରେନ୍ଦ୍ର କିଶୋର ମାନିକ୍ୟଙ୍କ ତତ୍ତ୍ୱାବଧାନରେ ନିର୍ମାଣ କରାଯାଇଥିବାବେଳେ ଏହାର ଡିଜାଇନ୍ ମଧ୍ୟ ସେ ନିଜେ ତିଆରି କରିଥିଲେ। ମହାରାଜା ବୀରେନ୍ଦ୍ର ଜଣେ ଉତ୍ତମ ଚିତ୍ରକର। ପ୍ରାସାଦର ପ୍ରତ୍ୟେକ ପ୍ରକୋଷ୍ଠରେ ତାଙ୍କ ଦ୍ୱାରା ଚିତ୍ରିତ ପେଣ୍ଟିଂ ସଜାଇ ହୋଇ ରଖାଯାଇଛି। ୧୯୨୬ରେ ରବୀନ୍ଦ୍ରନାଥ ଶେଷ ଥର ପାଇଁ ତ୍ରିପୁରା ଯାଇଥିବାବେଳେ ପୁଷ୍ପାବନ୍ତ ରାଜପ୍ରାସାଦରେ ସେ ରହିଥିଲେ। ୧୯୪୧ରେ ମହାରାଜା ବୀର ବୀକ୍ରମ କିଶୋର ମାନିକ୍ୟ ପ୍ୟାଲେସ୍‌ରେ ରବୀନ୍ଦ୍ରନାଥ ଟାଗୋରଙ୍କର ୮୦ ତମ ଜନ୍ମ ବାର୍ଷିକ ପାଳନ କରାଯାଇଥିଲା। ୧୯୪୯ରେ ରାଜାଙ୍କ ଦ୍ୱାରା ଶାସିତ ପ୍ରଦେଶ ସବୁ ଭାରତ ସହ ମିଶିଥିଲା। ପୁଷ୍ପାବନ୍ତ ରାଜ ପ୍ରାସାଦର ପ୍ରାୟ ୪.୩୧ ଏକର ପରିମିତ ସ୍ଥାନ ମଧ୍ୟ ଏଥିରେ ସାମିଲ ହୋଇଥିଲା। ଏହାପରେ ରାଜପ୍ରାସାଦକୁ ମୁଖ୍ୟ କମିଶନରଙ୍କ ବଙ୍ଗଳା ଭାବେ କାର୍ଯ୍ୟକାରୀ କରାଗଲା।

**ସୋମନାଥଙ୍କ ପୀଠରେ ଭକ୍ତଙ୍କ ସମାଗମ**

ବାରଙ୍ଗ,(ଡି.ଏନ୍.ଏ.): ଢାଉଆ ଗ୍ରାମସ୍ଥିତ ସୋମନାଥ ମନ୍ଦିର ପରିସରରେ ଶ୍ରାବଣମାସର ତୃତୀୟ ପାଳି ସୋମବାର ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ବାବା ସୋମନାଥ ସେନାର ସଭାପତି ଲିଙ୍ଗରାଜ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୟୋଜ୍ୟେଷ୍ଠ ମୁରବି ଅନ୍ତର୍ଯ୍ୟାମୀ କୁଅଁର, ବାରଙ୍ଗ ଅଞ୍ଚଳର ଯୁବ ଶିଳ୍ପପତି ଡ. ଅର୍ଜୁନ ମହାରଣା, ଢାଉଆ ଗ୍ରାମ୍ୟ କମିଟିର ସଭାପତି ସୁକାନ୍ତ ବେହେରା, ଯୁବ ଓକିଲ ସୁବ୍ରତ ମହାପାତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଡ.ଅର୍ଜୁନ ମହାରଣାଙ୍କ ସମେତ ସୋମନାଥ ସେନାର ନୂଆ ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଖବରଦାତା ସୁକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପାଠକଙ୍କ ସଂଖ୍ୟା ବୃଦ୍ଧି ପାଇଁ ଉଦ୍ୟମ ଆବଶ୍ୟକ

ଭୁବନେଶ୍ୱର,୧।୮(ବ୍ୟୁରୋ): ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ମିଳିତ ଆନୁକୂଲ୍ୟରେ ୧୮୧ ତମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଲେଖକ ସାମ୍ମୁଖ୍ୟ ବନାମ ପାଠକ ସାମ୍ମୁଖ୍ୟ' ଶୀର୍ଷକରେ ଲେଖକଙ୍କ ବନ୍ୟା ଓ ପାଠକଙ୍କ ମରୁଡ଼ିକୁ ନେଇ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗାଳ୍ପିକ ଅଚ୍ୟୁତାନନ୍ଦ ପତି କହିଥିଲେ, ପୁସ୍ତକ ହେଉଛି ବଡ଼ ଚିକିତ୍ସକ। ସେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆହତ ସୈନିକମାନେ କିପରି ପୁସ୍ତକ ପାଠ କରି ଦ୍ରୁତ ଆରୋଗ୍ୟ ଲାଭ କରୁଥିଲେ ତାହାର ଉଦାହରଣ ଦେଇଥିଲେ। ପାଠକଙ୍କ ସଂଖ୍ୟା ବୃଦ୍ଧି ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ମୁଖ୍ୟ ଅତିଥି 'ସମ୍ବାଦ'ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଯଦି ମୁଦ୍ରିତ ପୁସ୍ତକ ବିକ୍ରିରେ କିଛି ପ୍ରତିବନ୍ଧକ ସୃଷ୍ଟି କରିପାରେ, ଲେଖକ-ପାଠକ ଓ ପ୍ରକାଶକଙ୍କ ସମନ୍ୱୟରେ ଉନ୍ନତି ଆସିଲେ ମୁଦ୍ରିତ ପୁସ୍ତକ ଏହି ଯାନ୍ତ୍ରିକ ବିକଳ୍ପକୁ ଅତିକ୍ରମ କରି ଆଗେଇ ଚାଲିବ ବୋଲି କହିଥିଲେ। ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କୁଳପତି ଡାକ୍ତର ଅଶୋକ କୁମାର ମହାପାତ୍ର କହିଥିଲେ, ମାତ୍ରାଧିକ ଜ୍ଞାନକୌଶଳ ବ୍ୟବହାର କଲେ ମଣିଷ ଧୀରେ ଧୀରେ ରୋବଟରେ ପରିଣତ ହୋଇଯିବ। ତେଣୁ ଲେଖକ ପାଠକ ମଧ୍ୟରେ ଏକତ୍ର ହେବାପାଇଁ ସୁବିଧା ଓ ସୁଯୋଗ ମିଳିଲେ ମୁଦ୍ରିତ ପୁସ୍ତକ ପଠନ ହୋଇ ସମାଜରେ ମାନବିକ ମୂଲ୍ୟବୋଧ ପ୍ରତିଷ୍ଠା ହୋଇପାରିବ। ପ୍ରାବନ୍ଧିକ ଅସିତ ମହାନ୍ତି ନିଜ ଅନୁଭୂତିରୁ ବହୁ ପୁସ୍ତକର ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। ସଭା ପରିଚାଳନା କରିଥିଲେ ମୁକ୍ତ ଚିନ୍ତନ ମଞ୍ଚ ସମ୍ପାଦକ ପୀତବାସ ରାଉତରାୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ଆବାହକ ରମାକାନ୍ତ ମିଶ୍ର।

### ପୁଣି ଭୁଶୁଡ଼ିଲା ମାଙ୍କଡ଼ ଏନକ୍ଲୋଜର ନୂଆ ପାଚେରି

ବାରଙ୍ଗ,୧।୮(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ନୂଆ ଭାବେ ତିଆରି ଚାଲିଥିବା ମାଙ୍କଡ଼ ଏନକ୍ଲୋଜରର ମୋଟ ପାଚେରି ସୋମବାର ପୁଣି ଥରେ ଭୁଶୁଡ଼ିଛି। ଦ୍ୱିତୀୟ ଥର ପାଇଁ ୪୦ଫୁଟ୍‌ରୁ ଅଧିକ ଲମ୍ବର ଏହି ପାଚେରି ଭୁଶୁଡ଼ିବା ଫଳରେ କରାଯାଉଥିବା କାର୍ଯ୍ୟର ମାନକୁ ନେଇ ଏବେ ପ୍ରଶ୍ନ ଉଠିଛି। ସୂଚନା ମୁତାବକ, ନନ୍ଦନକାନନର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ତଦାରଖ କରିବା ପାଇଁ ଜଣେ ଅବସରପ୍ରାପ୍ତ ଇଞ୍ଜିନିୟରଙ୍କୁ ମାସିକ ୩୦ହଜାର ଟଙ୍କା ପୈଠ କରାଯାଉଥିବା ଜଣାପଡ଼ିଛି। ଏଥିସହ କାର୍ଯ୍ୟ ହେଉଥିବା ବିଭାଗୀୟ ରେଞ୍ଜର ମଧ୍ୟ କାର୍ଯ୍ୟ ତଦାରଖ କରୁଛନ୍ତି। ତେବେ ୧କୋଟି ୬୦ଲକ୍ଷ ଟଙ୍କା ବ୍ୟୟରେ ନୂଆ କରି ମାଙ୍କଡ଼ ଏନକ୍ଲୋଜର ପାଚେରି ନିର୍ମାଣ ଚାଲିଥିଲା। ନନ୍ଦନକାନନ ପକ୍ଷରୁ ଏହାକୁ ଟେଣ୍ଡର ମାଧ୍ୟମରେ ଦିଆଯାଇଥିବାବେଳେ ଚାଲିଥିବା କାର୍ଯ୍ୟ ଚଳିତ ବର୍ଷ ମାର୍ଚ୍ଚ ମାସ ବେଳକୁ ସରିବାକୁ ଠିକାଦାରଙ୍କ ସହ ଚୁକ୍ତି ହୋଇଥିଲା। ତେବେ ଚୁକ୍ତି ଅନୁସାରେ ସମୟ ସରିଥିଲେ ମଧ୍ୟ ଚଳିତ ମାସ ପର୍ଯ୍ୟନ୍ତ କାମ ଶେଷ ହୋଇନି। ଗତ ମାସ ଲଘୁଚାପଜନିତ ବର୍ଷାରେ ୫୦ଫୁଟରୁ ଅଧିକ ଲମ୍ବର ପାଚେରି ଭୁଶୁଡ଼ିଥିବାବେଳେ ପୁଣି ଥରେ ସୋମବାର ନିର୍ମାଣାଧୀନ ପାଚେରି ଭୁଶୁଡ଼ିଛି। ପୂର୍ବରୁ ଏହି ପାଚେରି ପାଇଁ ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା। ଏ ସମ୍ପର୍କରେ ଉପନିର୍ଦ୍ଦେଶକ ଡ.ସଞ୍ଜିତ୍ କୁମାରଙ୍କୁ ପଚାରିବାରୁ, ବିଭାଗୀୟ ରେଞ୍ଜରଙ୍କୁ ଇଞ୍ଜିନିୟର ଡାକି ପାଚେରି ଭାଙ୍ଗିବାର ପ୍ରକୃତ କାରଣ ଜାଣିବାକୁ କୁହାଯାଇଛି। ଯେହେତୁ କାମ ଚାଲିଛି ତେଣୁ ପୁନର୍ବାର ନିରାପତ୍ତା ଏବଂ ଗୁଣବତ୍ତାକୁ ଦୃଷ୍ଟିରେ ରଖି କାମ କରିବାକୁ ସେହି ଠିକାଦାରଙ୍କୁ କୁହାଯିବ ବୋଲି ସେ କହିଥିଲେ।

# ମାର୍କେଟ ବିଲ୍ଡିଂ ଖୋଲିବା ବାଟ ଫିଟୁନି

ଭୁବନେଶ୍ୱର, ୧।୮ (ବ୍ୟୁରୋ)



ମାର୍କେଟ ବିଲ୍ଡିଂରେ କିଏ ବସିବ, କିଏ ଉଠିବ ତାକୁ ନେଇ ଚାଲିଛି ଟଣାଓଟରା। ସ୍ଥାୟୀ ଦୋକାନୀ ଓ ଉଠା ଦୋକାନୀ ମଧ୍ୟରେ ବିବାଦ ଯୋଗୁ ରବିବାରଠାରୁ ମାର୍କେଟ ବିଲ୍ଡିଂ ବନ୍ଦ ରହିଥିବାବେଳେ ସମସ୍ୟା ସମାଧାନର ରାସ୍ତା ବାହାରିପାରୁନାହିଁ। ସୋମବାର ସ୍ଥାୟୀ ଦୋକାନୀ ସଂଘର ସଦସ୍ୟ କମିଶନରଙ୍କୁ ଭେଟିବାକୁ ଯାଇ ନିରାଶ ହୋଇ ଫେରିଥିବା ବେଳେ ମେୟରଙ୍କୁ ଭେଟିଥିଲେ ଉଠାଦୋକାନୀ। ମାତ୍ର ସେଭଳି କିଛି ଆଖିଦୃଶିଆ ଆଲୋଚନା ହୋଇ ନଥିବା ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ଅପରପକ୍ଷେ ମାର୍କେଟ ବିଲ୍ଡିଂରେ ଉଠା ଦୋକାନୀମାନେ ଗୁଣ୍ଡାରାଜ କରୁଥିବା ସ୍ଥାୟୀ ଦୋକାନୀମାନେ ଅଭିଯୋଗ ଆଣିଛନ୍ତି। ଉଠା ଦୋକାନୀଙ୍କ ପାଇଁ ସ୍ଥାୟୀ ଦୋକାନୀଙ୍କ ବେପାର ମାନ୍ଦା ହେଉଛି। ଜଣେ ଦୋକାନ ଖୋଲିଲେ ତାଙ୍କୁ ଦେଖି ଆଉ କିଛି ଦୋକାନ ଖୋଲୁଛନ୍ତି। ଫୁଟ୍‌ପାଥରେ ବ୍ୟବସାୟ କରିବାର ନିୟମ ନ ଥିବାବେଳେ କିଭଳି ଏମାନେ ବ୍ୟବସାୟ କରୁଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି। ଏମାନଙ୍କ ପଛରେ ବଡ ବଡ ଅଧିକାରୀଙ୍କ ହାତ ରହୁଥିବା ମଧ୍ୟ ଅଭିଯୋଗ ହୋଇଛି। ଉଠା ଦୋକାନୀମାନେ ଦୋକାନର ପ୍ରବେଶ ଦ୍ୱାର ବି ଅବରୋଧ କରୁଛନ୍ତି। ତେଣୁ ସେମାନଙ୍କୁ ମାର୍କେଟ ବିଲ୍ଡିଂ ସମ୍ପୂର୍ଣ୍ଣ ବାରଣ ନ କଲେ ମାର୍କେଟ ଖୋଲାଯିବ ନାହିଁ ବୋଲି ରୋକ୍‌ଠୋକ କହିଛି ମାର୍କେଟ ବିଲ୍ଡିଂ ସେଣ୍ଟ୍ରାଲ ଆସୋସିଏଶନ୍। ସେହିପରି ଉଠା ଦୋକାନୀ ମଧ୍ୟ ପାଲଟା ଅଭିଯୋଗ ଆଣିଛନ୍ତି। ଆସନ୍ତା ଦୁଇ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ ସୂଚନା ଦେଇଛନ୍ତି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୧।୮(ବ୍ୟୁରୋ)

**ପ୍ରେମ ପାଇଁ ଆତ୍ମହତ୍ୟା ସନ୍ଦେହ**

କିଛିଦିନ ତଳେ ପ୍ରେମିକାଙ୍କ ସହ ହୋଇଥିଲା ଝଗଡ଼ା। ସୋମବାର ମିଳିଲା ଯୁବକଙ୍କ ମୃତଦେହ। ଭରତପୁରୁ ଥାନା ଅନ୍ତର୍ଗତ ଶ୍ରୀକ୍ଷେତ୍ର ବିହାରର ଏକ ଘରୁ ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହକୁ ପୋଲିସ ଜବତ କରିଛି। ପ୍ରେମ ପାଇଁ ଯୁବକ ଜଣକ ଆତ୍ମହତ୍ୟା କରିଥାଇ ପାରନ୍ତି ସନ୍ଦେହ କରାଯାଉଛି। ମୃତକ ଜଣକ ହେଲେ ଗଞ୍ଜାମ ଜିଲା ଆସ୍କାର ଶକ୍ତି ପ୍ରସାଦ ଶତପଥୀ(୨୫)। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏମ୍ସ ହସ୍ପିଟାଲକୁ ପଠାଇଛି। ଏଥିସହ ଶକ୍ତିପ୍ରସାଦଙ୍କ ମୋବାଇଲ ଫୋନକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଶକ୍ତିପ୍ରସାଦ ଶ୍ରୀକ୍ଷେତ୍ର ବିହାରରେ ଭଡା ଘରେ ରହି ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ସେ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଉଭୟଙ୍କ ମଧ୍ୟରେ ଝଗଡା ହେବାରୁ ଗତ କିଛିଦିନ ହେବ ଶକ୍ତି ପ୍ରସାଦ ମାନସିକ ଚିନ୍ତାରେ ଥିଲେ ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ତେବେ ସୋମବାର ଅପରାହ୍ନରେ ସେ ରହୁଥିବା ଘରର କବାଟ ବହୁ ସମୟ ଧରି ଭିତରପଟୁ ବନ୍ଦ ରହିଥିବା ଦେଖି ମାଲିକ ଓ ତାଙ୍କର ସାଙ୍ଗମାନେ ସନ୍ଦେହ କରି ଭରତପୁର ଥାନାକୁ ଜଣାଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଭିତରକୁ ପଶିଥିଲା। ଶକ୍ତିପ୍ରସାଦ ରଶି ଲଗାଇ ଫ୍ୟାନରେ ଝୁଲି ପଡିଥିବା ଦେଖିବାକୁ ମିଳିଥିଲା। ଏମ୍ସ ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ମୃତ ଯୁବକ ଶକ୍ତି ପ୍ରସାଦ ଶତପଥୀ

# କାଇଁଚ ଶିଳ୍ପୀଙ୍କ ପାଇଁ 'ସଂକଳ୍ପ' ପ୍ରକଳ୍ପରେ କର୍ମଶାଳା


କର୍ମଶାଳାରେ ଅତିଥିଙ୍କ ଗହଣରେ କାରିଗରମାନେ।

ଭୁବନେଶ୍ୱର,୧।୮(ବ୍ୟୁରୋ)

କେନ୍ଦ୍ରାପଡ଼ା ଜିଲାରେ କାଇଁଚ ଶିଳ୍ପରେ ମହିଳାଙ୍କ 'ଦକ୍ଷତା ଏବଂ ଉଦ୍ୟୋଗ ବିକାଶ' ନିମନ୍ତେ ଚାଲିଥିବା ପ୍ରକଳ୍ପ 'ସଂକଳ୍ପ' ଅଧୀନରେ କାରିଗରଙ୍କ ପାଇଁ ପର୍ଯ୍ୟାୟକ୍ରମେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ଗୁରୁତ୍ୱପୂର୍ଣ୍ଣ କୌଶଳ ଯଥା ସଚେତନ ଉତ୍ପାଦନ ଓ ସ୍ଥିରତା, ବ୍ରାଣ୍ଡ ଫିଡ୍ ବ୍ୟାକ୍, ଗ୍ରାହକଙ୍କ ମତାମତ, ଆଧୁନିକ ଦିନର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା, ଦ୍ରବ୍ୟ ଏବଂ ସେବାକର (ଜିଏସ୍‌ଟି), ଟିକସ ଏବଂ ଦୈନନ୍ଦିନ ଆର୍ଥିକ ପରିଚାଳନାର ମୌଳିକ ବିଷୟ ଉପରେ କେନ୍ଦ୍ରିତ ଥିଲା। ଜାଭିୟର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଅଧୀନ ସ୍କୁଲ ଅଫ୍ ସଷ୍ଟେନେବିଲିଟିର ଡିନ୍ ପ୍ରଫେସର ସୁତପା ପତିଙ୍କ ଦ୍ୱାରା ସଚେତନ ଉତ୍ପାଦନ ଓ ସ୍ଥିରତା କର୍ମଶାଳା ତଥା ସ୍କୁଲ ଅଫ୍ କମର୍ସର ସହକାରୀ ପ୍ରଫେସର ଅଭିମନ୍ୟୁ ସାହୁଙ୍କ ଦ୍ୱାରା ଆର୍ଥିକ ବୁଝାମଣା କର୍ମଶାଳା ପରିଚାଳନା କରାଯାଇଥିଲା। ବ୍ରାଣ୍ଡ ଫିଡ ବ୍ୟାକ୍ ଏବଂ ପାରସ୍ପରିକ ଆଦାନ ପ୍ରଦାନ କର୍ମଶାଳାରେ ୬ଟି ଅଧିବେଶନ, ହାତ ତିଆରି ସାମଗ୍ରୀର ଖୁଚୁରା ବ୍ୟବସାୟ କରୁଥିବା ୬ଟି ଭିନ୍ନ ଭିନ୍ନ ବ୍ରାଣ୍ଡ ସହିତ ପରିଚାଳିତ ହୋଇଥିଲା। ଏହି ୬ଟି ବ୍ରାଣ୍ଡ ଇକାଇ ଆସାଇ, କ୍ରାଫ୍ଟ କାଉନ୍‌ସିଲ୍ ଇଣ୍ଡିଆ, ଫିଙ୍କି ଫ୍ଲୋ, ଭିଣ୍ଟେଜ୍ ଭିଷ୍ଟାରା, ସିମ୍ପଲ୍ କ୍ରେଜି ଏବଂ ଡିଆର୍‌ପି ଆର୍ଟଲାଇଫ୍ ସ୍ଥାନୀୟ ଏବଂ ଜାତୀୟସ୍ତରର ଥିଲା। ଚଳିତବର୍ଷ ପରବର୍ତ୍ତୀ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା କର୍ମଶାଳାରେ ଇ-ବାଣିଜ୍ୟ, ଖୁଚୁରା ଏବଂ ସାମାଜିକ ଗଣମାଧ୍ୟମ ଓ ଫୋନ୍ ଫଟୋଗ୍ରାଫି ଉପରେ ଧ୍ୟାନ ଦିଆଯିବ। ସଂକଳ୍ପ କେନ୍ଦ୍ରାପଡ଼ା ପ୍ରକଳ୍ପ ୨୦୨୦ ନଭେମ୍ବର ମାସରେ ଆରମ୍ଭ ହୋଇଥିଲା, ଯାହା ଜାତୀୟ ଆଦେଶ ଅଧୀନସ୍ଥ ଏକ ପାଇଲଟ୍ ପ୍ରକଳ୍ପ। ଏହି ପ୍ରକଳ୍ପଟି ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାର, ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍), ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର ଏବଂ ଜିଲା ପ୍ରଶାସନ, କେନ୍ଦ୍ରାପଡ଼ା, ଓଡ଼ିଶା ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ଏହା ମାଧ୍ୟମରେ ୩୦ରୁ ଊର୍ଦ୍ଧ୍ୱ ଗ୍ରାମର ୩୦୦୦ରୁ ଊର୍ଦ୍ଧ୍ୱ ମହିଳା କାରିଗର ଉପକୃତ ହେବେ। ପ୍ରକଳ୍ପର ପ୍ରଶିକ୍ଷଣ ଏବଂ କାର୍ଯ୍ୟକ୍ରମ କ୍ଷେତ୍ରଗୁଡ଼ିକ ଯଥା ଶିଳ୍ପ ପ୍ରଶିକ୍ଷଣ, ନମୁନା ଏବଂ ଗୁଣାତ୍ମକ ପ୍ରଶିକ୍ଷଣ, ଉଦ୍ୟୋଗିକ ପ୍ରଶିକ୍ଷଣ, ବ୍ୟବହାରିକ କୌଶଳ ପ୍ରଶିକ୍ଷଣ, ବିପଣନ ବ୍ୟବସ୍ଥା, ବୈଷୟିକ ଜ୍ଞାନକୌଶଳ, ପ୍ରଦର୍ଶନ ଏବଂ ଭିତ୍ତିଭୂମି ଇତ୍ୟାଦିରେ ବିଭକ୍ତ କରାଯାଇଛି।

### ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର,୧।୮(ବ୍ୟୁରୋ)

କମେଣ୍ଟମରାକୁ କେନ୍ଦ୍ରକରି ଜଣେ ରାକ୍ଷୀ ଦୋକାନୀଙ୍କୁ ରବିବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ଆହତ ବ୍ୟବସାୟୀ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାର ଅଞ୍ଚଳର ବିକାଶ ଜେନା। ତାଙ୍କ ମୁଣ୍ଡ ଓ ମୁହଁକୁ ଦୁର୍ବୃତ୍ତମାନେ କୌଣସି ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ପ୍ରବଳ ରକ୍ତସ୍ରାବ ଯୋଗୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଛି। ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ଘଟଣା ସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ସହ ତଦନ୍ତ ଚଳାଇଛି। କମେଣ୍ଟମରାକୁ କେନ୍ଦ୍ର କରି ଏଭଳି ହୋଇଥିବା ସନ୍ଦେହ କରାଯାଉଛି ବୋଲି ଥାନା ଅଧିକାରୀ ପ୍ରଦୀପ ରାଉତ କହିଛନ୍ତି। ସୂଚନାଯୋଗ୍ୟ, ବିକାଶ ଜେନା ଶୈଳଶ୍ରୀବିହାରରେ ପରିବାର ସହ ରୁହନ୍ତି। ମଙ୍ଗଳାମନ୍ଦିର ନିକଟରେ ଏକ ରାକ୍ଷୀ ଦୋକାନ କରିଛନ୍ତି। ରବିବାର ରାତି ୮ଟାରେ ବିକାଶ ଦୋକାନକୁ ଆସିଥିବା ଜଣେ ଯୁବତୀଙ୍କୁ କିଛି କମେଣ୍ଟ ମାରିବା ଭଳି କେତେକ କଥା କହିଥିଲେ। ବିକାଶ ଦୋକାନ ବନ୍ଦ କରି ରାତି ୧୧ଟାରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ସମୟରେ ୨ଟି ବାଇକରେ ୪ଜଣ ଯୁବକତାଙ୍କୁ ଅଟକା ମାଡ଼ ମାରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚିବାରୁ ସେମାନେ ଫେରାର ହୋଇଯାଇଥିଲେ।

### ଝରକା ଭାଙ୍ଗି ଚୋରି

ଭୁବନେଶ୍ୱର,୧।୮(ବ୍ୟୁରୋ)

ରାଜଧାନୀ ଉପକଣ୍ଠ ଧଉଳିଥାନା ଅନ୍ତର୍ଗତ ସରଦେଇପୁର ଗ୍ରାମରେ ରବିବରା ବିଳମ୍ବିତ ରାତିରେ ରାଜୀବ ଲୋଚନଙ୍କ ଘରୁ ଚୋରି ହୋଇଛି। ରାଜୀବ ପରିବାର ସହ ପୁରୀ ଯାଇଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ଝରକା ଭାଙ୍ଗି ଘରେ ପଶିଥିଲେ। ଏହି ସମୟରେ ଭିତରେ ଶୋଇଥିବା ଶଳା, ଶଳାଭାଉଜ ଓ ୨ ପୁତୁରାଙ୍କୁ ବାହାର ପଟୁ ତାଲା ପକାଇ ଦେଇ ଅନ୍ୟଘରେଥିବା ସୁନା, ରୁପା ଆଦି ଗହଣା ସହ ନଗଦ ଟଙ୍କା ଚୋରି କରି ଫେରାର ହୋଇଯାଇଛନ୍ତି। ଏନେଇ ରାଜୀବଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ ମଧ୍ୟ ସେମାନଙ୍କର ପତ୍ତା ପାଇପାରିନି।

# ବ୍ୟବସାୟୀଙ୍କ ସହ ଆଲୋଚନା କଲା ବିଏମ୍‌ସି



ଭୁବନେଶ୍ୱର, ୧।୮ (ବ୍ୟୁରୋ)

**ବ୍ୟବସାୟସ୍ଥଳରୁ ୫ମିଟର ପରିସରକୁ ସ୍ୱଚ୍ଛ ରଖିବା ଦିଗରେ ଗୁରୁତ୍ୱାରୋପ**

ସହରକୁ ସ୍ୱଚ୍ଛ ତଥା ଆବର୍ଜନାମୁକ୍ତ ଭାବେ ଗଢି ତୋଳିବା ପାଇଁ ସୋମବାର ବିଏମ୍‌ସି ମୁଖ୍ୟାଳୟରେ ବିଭିନ୍ନ ଭେଣ୍ଡିଂ ଜୋନ୍ ଓ ମାର୍କେଟ ଆସୋସିଏଶନ୍‌ର କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇଛି। ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଲକ୍ଷ୍ମୀକାନ୍ତ ସେଠୀ, କମିଶନର (ପରିମଳ) ଶୁଭେନ୍ଦୁ କୁମାର ସାହୁଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ଆଲୋଚନା କରାଯାଇଥିଲା। ଓଦା ବର୍ଜ୍ୟ, ଶୁଖିଲା ବର୍ଜ୍ୟ ଓ ଇ-ବର୍ଜ୍ୟକୁ ପୃଥକ ପୃଥକ ରଖି ବିଏମ୍‌ସିର ସଫେଇ ଗାଡ଼ିରେ ହସ୍ତାନ୍ତର କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ ନିଜ ନିଜ ଦୋକାନ ବା ବ୍ୟବସାୟିକ ଅନୁଷ୍ଠାନର ୫ମିଟର ପରିସରକୁ ସ୍ୱଚ୍ଛ ରଖିବା ସହ ଓଦା ଓ ଶୁଖିଲା ବର୍ଜ୍ୟ ପାଇଁ ପୃଥକ ଡଷ୍ଟବିନ୍ ରଖିବାକୁ ମଧ୍ୟ କୁହାଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ସଂପୃକ୍ତ ବ୍ୟକ୍ତି ବା ଅନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଜରିମାନା ଆଦାୟ କରାଯିବ ବୋଲି ବିଏମ୍‌ସି କର୍ତ୍ତୃପକ୍ଷ କହିଛନ୍ତି। ସେହିପରି କୌଣସି ବ୍ୟବସାୟୀ ଯେପରି ଜବରଦଖଲ ନ କରନ୍ତି ସେଥିପ୍ରତି ସଜାଗ ରହିବା ପାଇଁ ବୈଠକରେ ସୂଚାଇ ଦିଆଯାଇଛି। ଅପରପକ୍ଷେ ଶିଶୁପୁର ବଜାରରେ ସୋମବାର ବିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି।

# ପ୍ରତିଭା ରାୟଙ୍କୁ ବିଶ୍ୱମ୍ଭର ଜାତୀୟ ସାହିତ୍ୟ ପୁରସ୍କାର



ଭୁବନେଶ୍ୱର,୧।୮(ବ୍ୟୁରୋ):

ଓଡ଼ିଆ ଭାଷାର ପ୍ରଥିତଯଶା ଲେଖିକା ଡକ୍ଟର ପ୍ରତିଭା ରାୟ ହାଇଦ୍ରାବାଦର ରବୀନ୍ଦ୍ର ଭାରତୀ ସଦନରେ ସମ୍ମାନଜନକ ବିଶ୍ୱମ୍ଭର ଡ. ସି. ନାରାୟଣ ରେଡ୍ଡୀ ଜାତୀୟ ସାହିତ୍ୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ସୋମବାର ଉପରାଷ୍ଟ୍ରପତି ଭେଙ୍କୟାନାଇଡୁ ତାଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରିଥିଲେ। ଡ. ରାୟ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଗସ୍ତରେ ଆସିଥିବା ଅବସରରେ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ଓ କେନ୍ଦ୍ରର ସମସ୍ତ ଗବେଷିକା ଗବେଷକ ଡ. ଦେବାଶିଷ ମହାପାତ୍ର, ଡ. ଅମ୍ବରୀଶ ଶତପଥୀ, ଡ. ଗୋବିନ୍ଦଚନ୍ଦ୍ର ପେଣ୍ଟୋଇ, ଡ. ମନସା ଶ୍ରୀଚନ୍ଦନ ରାୟ, ଡ. ମିତାଲି ମଧୁସ୍ମିତା ମହାନ୍ତି, ଡ. ହିମାଦ୍ରିତନୟା ମିଶ୍ର ଓ ଡ. ଜ୍ୟୋତିପ୍ରଭା ମହାନ୍ତି ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# କିଶୋର ସଙ୍ଗୀତ ସନ୍ଧ୍ୟାରେ ଝୁମିଲେ ଶ୍ରୋତା




ଭୁବନେଶ୍ୱର,୧।୮(ବ୍ୟୁରୋ)

ବିଭୁକିଶୋର ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'କିଶୋରିୟାତ୍ ଆନ୍ ଆଡିକ୍ସନ ଚାପ୍ଟର-୨' ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଲୋକଙ୍କ ମନୋରଞ୍ଜନ ସହିତ ସେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଟ୍ରଷ୍ଟ ପକ୍ଷରୁ ବ୍ଲଡ କ୍ୟାନ୍ସରରେ ପୀଡିତ ୧୩ ବର୍ଷର ଝିଅ ଗାୟତ୍ରୀ ପାଣିଗ୍ରାହୀଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏଥିସହ କଣ୍ଠଶିଳ୍ପୀ ବିଭୁକିଶୋର, ସୌରଭ, ଏମ୍. କୁମାର, ରଣଦୀପ ପାଲିତ୍, ପମି, ଅମ୍ରିତା, ଲୋପା ଏବଂ ରାକ୍ଷୀ ଦାସ ଶ୍ରୋତାଙ୍କୁ କିଶୋର କୁମାରଙ୍କ ଲୋକପ୍ରିୟ ହିନ୍ଦୀ ଗୀତରେ ଆମୋଦିତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ବିଧାୟକ ସତ୍ୟନାରାୟଣ ପ୍ରଧାନ, ଅଭିନେତା ହର ରଥ, ଟ୍ରଷ୍ଟି ତଥା କଣ୍ଠଶିଳ୍ପୀ ବିଭୁକିଶୋର ଏବଂ ରାକ୍ଷୀ ପ୍ରମୁଖ ଉପସ୍ଥିତ ଥିଲେ।


ରାଜଭବନଠାରେ ଲେଖକ ନିଶାକର ରାଉତଙ୍କ 'କଥାମୃତ ବିଭବ'ର ଦ୍ୱିତୀୟ ଭାଗକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରୁଛନ୍ତି। ନିକଟରେ ଅଛନ୍ତି ଶକୁନ୍ତଳା ରାଉତ, ବଂଶୀଧର ଭୋଇ ଓ ରକ୍ଷକ ନାୟକ।

# ପୁରୁଣା ସ୍ମୃତି ଫେରିପାଇବା ପାଇଁ 'ମୋ କଲେଜ ଅଭିଯାନ' ଉପଯୁକ୍ତ ପ୍ଲାଟ୍‌ଫର୍ମ

ଭୁବନେଶ୍ୱର, ୧।୮ (ବ୍ୟୁରୋ)

- ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ 'ଆଲୁମ୍ନି ମିଟ୍'
- ଇ-ଲାଇବ୍ରେରି ଓ କମ୍ପ୍ୟୁଟର ଲାବ୍ ଉଦ୍‌ଘାଟିତ


ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜ୍ୟ ସରକାରଙ୍କ 'ମୋ କଲେଜ' ଅଭିଯାନ ଅଧୀନରେ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ରବିବାର 'ଆଲୁମ୍ନି ମିଟ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋ କଲେଜ ଅଭିଯାନ ପରିଚାଳନା ସଙ୍ଗଠନ ଅଧ୍ୟକ୍ଷ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ନୂଆ ଇ-ଲାଇବ୍ରେରି ଓ କମ୍ପ୍ୟୁଟର ଲାବ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରୀଛାତ୍ରମାନେ 'ମୋ କଲେଜ ଅଭିଯାନ' ସହ ଯୋଡିହୋଇ ନିଜ ଶିକ୍ଷାନୁଷ୍ଠାନର ବିକାଶର ସାଥୀ ହେବାକୁ ଆକାଶ ପରାମର୍ଶ ଦେଇଥିଲେ। ପୁରୁଣା ସ୍ମୃତିକୁ ଫେରିପାଇବା ଲାଗି 'ମୋ କଲେଜ ଅଭିଯାନ' ଏକ ଉପଯୁକ୍ତ ପ୍ଲାଟଫର୍ମ ବୋଲି ସେ ମତ ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଲେ, ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ମେରୁଦଣ୍ଡ ହେଉଛନ୍ତି ପୁରାତନ ଛାତ୍ରୀଛାତ୍ର। ସେମାନଙ୍କ ଯୋଗଦାନ ଗୋଟିଏ ଶିକ୍ଷାନୁଷ୍ଠାନକୁ ବିକାଶ ଦିଗରେ ଆଗକୁ ନିଏ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇ କହିଲେ, ରାଜ୍ୟ ସରକାରଙ୍କ ଏକ ଅଭିନବ କାର୍ଯ୍ୟକ୍ରମ ହେଉଛି 'ମୋ କଲେଜ ଅଭିଯାନ', ଯାହାଦ୍ୱାରା ପୁରାତନ ଛାତ୍ରୀଛାତ୍ରମାନେ ଏକାଠି ହୋଇ ନିଜ ଶିକ୍ଷାନୁଷ୍ଠାନର ବିକାଶ ଲାଗି ଉଦ୍ୟମ କରିପାରୁଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର କୃଷ୍ଣଚନ୍ଦ୍ର ପାଢୀଙ୍କ ସ୍ତ୍ରୀ ଶ୍ରୀଜା ମିଶ୍ର ୧ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୁରାତନ ଛାତ୍ର ସଂଘର ସଭାପତି ଦିଗ୍‌ବିଜୟ ବେହେରା, ବ୍ରହ୍ମପୁର ମହାନଗର ନିଗମର ଡେପୁଟି ମେୟର ଇଂ ବିବେକ ରେଡ୍ଡି, ବିଶ୍ୱବିଦ୍ୟାଳୟର କୁଳସଚିବ ଆଶୁତୋଷ ସାମଲ ଏବଂ ପୁରାତନ ଛାତ୍ର ଏ. କେ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

**ବାଚସ୍ପତିଙ୍କୁ ବରିଷ୍ଠ ନାଗରିକଙ୍କ ଚିଠି**

କଟକ ଅଫିସ: ରାଜ୍ୟରେ ମୋଟ ଲୋକସଂଖ୍ୟାର ୧୦.୩ ପ୍ରତିଶତ ବରିଷ୍ଠ ନାଗରିକ ଅଛନ୍ତି। କିନ୍ତୁ ବରିଷ୍ଠ ନାଗରିକଙ୍କୁ ସଶକ୍ତୀକରଣ କରିବା ପାଇଁ କୌଣସି ଯୋଜନା କରାଯାଉ ନାହିଁ। ଏଣୁ ବିଧାନସଭାରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବାଚସ୍ପତି ନିଜଆଡୁ ଆଲୋଚନା ନିମନ୍ତେ ପ୍ରସ୍ତାବ ଆଗତ କରିବାକୁ କଟକ ବରିଷ୍ଠ ନାଗରିକ ମହାସଭା ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କିତ ଏକ ଚିଠି ମହାସଭାର ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସସାମନ୍ତ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ନିକଟକୁ ସୋମବାର ପଠାଇଛନ୍ତି। ଦାସସାମନ୍ତ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟରେ ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ବରିଷ୍ଠ ନାଗରିକ ସଂଘ ଅଛି। ହେଲେ ସେମାନଙ୍କ ନିଜସ୍ୱ ଗୃହ ନାହିଁ, ମାସିକ ୨ ହଜାର ଟଙ୍କା, ରେଳ ଯାତ୍ରାରେ ୫୦ ପ୍ରତିଶତ ରିହାତି ପାଇଁ ଦାବି କରାଯାଇଛି।

## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଜବତ

କଟକ ଅଫିସ,୧।୮: ମହାନଦୀ ପଠାରୁ ସୋମବାର ଝୁଲନ୍ତା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି ମଙ୍ଗଳାବାଗ ଥାନା ପୋଲିସ। ସେ ହେଲେ ଏହି ଥାନା ଅଧୀନ ମଲା ସାହିର ଅକ୍ଷୟ ବେହେରା। ଏ ନେଇ ପୋଲିସ ଏକ ମାମଲା (ନଂ.୧୬୯୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ସକାଳୁ ହାଡିଆ ପଠାଠାରେ ଏକ ଗଛରେ ଜଣଙ୍କ ମୃତ ଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏଥିସହ ମୃତକଙ୍କ ପରିବାର ଲୋକଙ୍କୁ ଜଣାଇ ଦିଆଯାଇଛି। ପୋଲିସ ମୃତଦେହକୁ କଟକ ବଡ଼ ମେଡିକାଲରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ମଙ୍ଗଳାବଗ ଥାନା ଅଧିକାରୀ ଅମିତାଭ ମହାପାତ୍ର ସୂଚନା ଦେଇଛନ୍ତି।

### ୭.୩୫ ଲକ୍ଷର ଗଞ୍ଜେଇ, କାର୍ ଜବତ: ୨ ଗିରଫ

କଟକ ଅଫିସ, ୧।୮: କଟକ ଜିଲା ସଦର ଥାନା ଅନ୍ତର୍ଗତ ବାଲିକୁଦା ଛକଠାରେ ରାଜ୍ୟ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ବାଲିକୁଦା ଛକ ନିକଟରେ ଯାଞ୍ଚ କରି ଏକ ମାରୁତି ସୁଜୁକି କାର୍ ସହ ୧୪୭ କେଜି ଗଞ୍ଜେଇ ସୋମବାର ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ମଧ ସ୍କ୍ୱାଡ୍ ପକ୍ଷରୁ ଗିରଫ କରାଯାଇଛି। ସେମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟର ସନ୍ତୋଷ କୁମାର ଓ ଅଜୟ କୁମାର। ତେବେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭ ଲକ୍ଷ ୩୫ହଜାର ଟଙ୍କା ହେବ ବୋଲି ସ୍କ୍ୱାଡ୍ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ସ୍କ୍ୱାଡ୍ ପକ୍ଷରୁ ଏକ ମାମଲା (ନଂ.୨୦୨/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅବକାରୀ ସାମଗ୍ରୀ ଚୋରା ଚାଲାଣକୁ ରୋକିବା ପାଇଁ ଅବକାରୀ କମିଶନର ଆଶିଷ କୁମାର ସିଂଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ବିଭିନ୍ନ ସ୍ଥାନରେ ଜୋରଦାର ଚଢ଼ାଉ ଜାରି ରହିଛି। ତେବେ ଏକ ମାରୁତି ସୁଜୁକି ଏସ୍‌ଏକ୍ସ୪ (ନଂ. ଓଡି୦୧ଏଏନ୍-୨୭୫୪) ଯୋଗେ ଦୁଇ ଜଣ ବ୍ୟକ୍ତି କନ୍ଧମାଳରୁ ଝାଡ଼ଖଣ୍ଡ ରାଜ୍ୟକୁ ଗଞ୍ଜେଇ ଚାଲାଣ କରୁଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ସ୍କ୍ୱାଡ୍ ନିକଟରେ ଖବର ପହଞ୍ଚିଥିଲା। ଏହାପରେ ସ୍କ୍ୱାଡ୍‌ର ଏକ ଟିମ୍ ବାଲିକୁଦା ଛକ ନିକଟରେ ପାଟ୍ରୋଲିଂ କରୁଥିଲା। ସେହି ବାଟ ଦେଇ ଉକ୍ତ କାର୍‌ଟି ଆସୁଥିବା ବେଳେ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୧୪୭କେଜି ଗଞ୍ଜେଇ ଥିବା ଜଣାପଡ଼ିବା ପରେ ୨ଜଣଙ୍କୁ ଗିରଫ କରାଯାଇଥିଲା। ଚଢ଼ାଉରେ ଆଇଆଇସି ଦିଲୀପ କୁମାର ବେହେରା, ଇନ୍ସପେକ୍ଟର ରୋଶନ ଇସୁ ହାସଦା, ଏସ୍‌ଆଇ ସଚିନ ବେହେରା, ଏଏସ୍‌ଆଇ ନଟବର ମଲ୍ଲିକ, ସେକ୍ ସାକିର ଉଲ୍ଲା, ପ୍ରଦୀପ ବେହେରା ପ୍ରମୁଖ ସାମିଲ ଥିଲେ।

### ବିଶେଶ୍ୱର ପ୍ରୋଜେକ୍ଟ ହାଇସ୍କୁଲରୁ ଚୋରି

ଆଠଗଡ଼,୧।୮(ସ୍ୱ.ପ୍ର.): ଆଠଗଡ଼ ଥାନା ଅନ୍ତର୍ଗତ ମେଘା ପଞ୍ଚାୟତରେ ଥିବା ବିଶେଶ୍ୱର ପ୍ରୋଜେକ୍ଟ ହାଇସ୍କୁଲରୁ ରବିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଏହି ହାଇସ୍କୁଲର କମ୍ପ୍ୟୁଟର ଶ୍ରେଣୀଗୃହ ତାଲା ଭାଙ୍ଗି କମ୍ପ୍ୟୁଟର ମେଶିନ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଛନ୍ତି। ସୋମବାର ସକାଳେ ପିଲାମାନେ ସ୍କୁଲ ଆସିବା ପରେ କମ୍ପ୍ୟୁଟର ଶ୍ରେଣୀଗୃହର ତାଲା ଭାଙ୍ଗିଥିବା ଦେଖି ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ପ୍ରଧାନଶିକ୍ଷକ ଶତ୍ରୁଘ୍ନ ମହାପାତ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଅନସାରୁଲ୍ଲା ଅହମଦିୟା ବାର୍ଷିକ ପ୍ରତିଯୋଗିତା

ତିଗିରିଆ,୧।୮ (ଡି.ଏନ.ଏ. ): ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମଦିୟା ପଙ୍କାଲର ଅନସାରୁଲ୍ଲା(ବୃଦ୍ଧ) ଅହମଦିୟାରେ ୪୦ ବର୍ଷରୁ ଊର୍ଦ୍ଧ୍ୱଙ୍କ ନିମନ୍ତେ ୨ ଦିନ ଧରି ଚାଲିଥିବା ବାର୍ଷିକ ପ୍ରତିଯୋଗିତା ଇଜତମା ରବିବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଜାମା ମସ୍‌ଜିଦରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବୃଦ୍ଧ ଅହମଦିୟା ପଙ୍କାଲର ସଭାପତି ଅଫଜଲ ଅହମ୍ମଦ ଖାଁ ସଭାପତିତ୍ୱ କରିଥିଲେ। ରବିବାର ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଙ୍କାଲ ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଇସ୍‌ମାଇଲ ଖାଁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ଧର୍ମ ସମ୍ବନ୍ଧୀୟ ଓ ବିଭିନ୍ନ ଖେଳ ଆୟୋଜନକରାଯାଇଥିଲା। ଏଥିରେ ମୌଲାନା ଏସ. କେ. କ୍ୱାଦିର, ତୟବ ଅହମ୍ମଦ, କରାମତ ଅହମ୍ମଦ, ଏସ. କେ. ସମସୁଲ ସହଯୋଗ କରିଥିବା ବେଳେ, କ୍ରୀଡା ପ୍ରତିଯୋଗିତାରେ ଯୁବ ଅହମଦିୟା ପଙ୍କାଲ ସଭାପତି ଅଞ୍ଜୁମ ଖାଁ, ମୌଲାନା ଅହେସନ ଖାଁ, ଫର୍ଜନ ଅଲ୍ଲୀ ଖାଁ, ରୋଶନ ଖାଁ, ଏଯାବୁଲ ଖାଁ, ଗୋଲାମ ହାଇଦର ଖାଁ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରତି ୩ ମାସରେ ନାମ ପଞ୍ଜୀକରଣ ହୋଇପାରିବ

- ଭୋଟର ତାଲିକାରେ ଆଧାର ସଂଯୋଗ ପ୍ରକ୍ରିୟା ଆରମ୍ଭ
- ପଞ୍ଜୀକରଣ ଆବେଦନ କରିପାରିବେ ୧୭ ବର୍ଷରୁ ଊର୍ଦ୍ଧ୍ୱ ଯୁବବର୍ଗ

କଟକ ଅଫିସ, ୧।୮

ଭୋଟର ତାଲିକାରେ ଆଧାର ସଂଯୋଗୀକରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହ ୧୭ବର୍ଷ ବୟସରୁ ଊର୍ଦ୍ଧ୍ୱ ଯୁବବର୍ଗ ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଆଗୁଆ ଆବେଦନର ସୁବିଧା କରାଯାଇଛି। ଭାରତୀୟ ନିର୍ବାଚନ ଆୟୋଗ ଭୋଟରଙ୍କୁ ବିଶେଷ ଭାବେ ଯୁବବର୍ଗଙ୍କୁ ଭୋଟର ତାଲିକାରେ ସାମିଲ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଛନ୍ତି। ଏହା ଚଳିତମାସ ୧ ତାରିଖଠାରୁ କାର୍ଯ୍ୟକାରୀ ହୋଇଛି ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଭବାନୀ ଶଙ୍କର ଚୟନୀ ସୂଚନା ଦେଇଛନ୍ତି।

ଭୋଟର ତାଲିକାରେ ଆଧାର ସଂଯୋଗୀକରଣ ସମ୍ପର୍କିତ ବୈଠକ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚୟନୀ ଯୋଗଦେଇ କହିଛନ୍ତି, ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ କେବଳ ଫର୍ମ ନମ୍ବର ୬ରେ ଆବେଦନ କରାଯାଇପାରିବ। ଫର୍ମ ନମ୍ବର ୭ଦ୍ୱାରା ଭୋଟର ତାଲିକାରୁ ନାମ ବାଦ ଦେବା ଓ ମୃତ୍ୟୁ ପ୍ରମାଣପତ୍ର ସଂଲଗ୍ନ କରାଯାଇପାରିବ। ସେହିପରି ଫର୍ମ ନମ୍ବର ୮ରେ ନିର୍ବାଚନମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତରଣ ନିମନ୍ତେ ଆବେଦନ କରିବା, ଭୋଟରତାଲିକାରେ ଥିବା ବିବରଣୀ ସଂଶୋଧନ, ଭୋଟର ପରିଚୟପତ୍ର ବଦଳ କରିବା ଏବଂ ଦିବ୍ୟାଙ୍ଗ ଭୋଟର ଚିହ୍ନଟ କରିବା ନିମନ୍ତେ ଆବେଦନ କରାଯାଇପାରିବ। ଭୋଟର ତାଲିକା ସହ ଆଧାର ସଂଯୋଗୀକରଣ ନିମନ୍ତେ ଫର୍ମ ନମ୍ବର ୬(ଖ)ରେ ଆବେଦନ କରାଯିବ। ୨୦୨୩ ଏପ୍ରିଲ ୧ ସୁଦ୍ଧା ଭୋଟର ତାଲିକାଭୁକ୍ତ ହୋଇଥିବା ଭୋଟରମାନେ ସେମାନଙ୍କ ଆଧାର ବିବରଣୀ ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଜଣାଇବେ। ଆଧାର ସଂଯୋଗୀକରଣ ନିମନ୍ତେ ଫର୍ମ ନମ୍ବର ୬(ଖ) ନିର୍ବାଚନ ଆୟୋଗଙ୍କ ୱେବସାଇଟ୍ www.eci.gov.inରେ ଉପଲବ୍ଧ ଅଛି। ଏବେଠାରୁ ପ୍ରତି ୩ ମାସରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ହୋଇପାରିବ ଓ ପଞ୍ଜୀକୃତ ହେଲା ପରେ ନୂତନ ଭୋଟରଙ୍କୁ ଭୋଟର ଫଟୋ ପରିଚୟପତ୍ର ପ୍ରଦାନ କରାଯିବ ବୋଲି ଜିଲାପାଳ କହିଛନ୍ତି। ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସମେତ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ସହକାରୀ ନିର୍ବାଚନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଭୋଟର ତାଲିକାରେ ଆଧାର ସଂଯୋଗୀକରଣ ନେଇ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟମାନେ।

# ଚାଳଘରେ ଚାଲିଛି ଆଦିବାସୀ ପ୍ରକଳ୍ପ ବିଦ୍ୟାଳୟ

କଟକ ସଦର,୧।୮(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ଅରିଲୋ ପଞ୍ଚାୟତ ଆଦିବାସୀ ସାହି ସରକାରୀ ପ୍ରକଳ୍ପ ବିଦ୍ୟାଳୟଟି ଆରମ୍ଭଠାରୁ ଆଜି ପର୍ଯ୍ୟନ୍ତ ଚାଳ ଘରେ ଚାଲିଛି। ଏହି ବିଦ୍ୟାଳୟ କଟକ ଜିଲା ତଥା ବ୍ଲକରେ ଗୋଟିଏ ମାତ୍ର ଚାଳଘରେ ନିର୍ମାଣ ବିଦ୍ୟାଳୟ। ଏଠାରେ ପ୍ରଥମରୁ ୫ମ ପର୍ଯ୍ୟନ୍ତ ପଢ଼ାଯାଉଥିବା ବେଳେ ମୋଟ ୨୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଚାଳଘର ଯୋଗୁ ବର୍ଷା ହେବା ମାତ୍ରେ ପିଲାମାନେ ପାଠ ପଢିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ବର୍ଷାବେଳେ ୨ଜଣ ଶିକ୍ଷୟିତ୍ରୀ ମଧ ହଇରାଣ ହେଉଛନ୍ତି। ୨୦୧୫ ମସିହାରେ ବିଦ୍ୟାଳୟଟି ସ୍ଥାପନ କରାଯାଇଥିଲା। ସେହି ସମୟରେ ଏହାର ନିୟନ୍ତ୍ରଣ ଜଗତ୍‌ସିଂହପୁର ଜିଲା ଅଧୀନରେ ଥିଲା। ୨୦୧୯ ମସିହାରେ ବିଦ୍ୟାଳୟଟି କଟକ ଜିଲା ଅଧୀନକୁ ଆସିଲା। ତଥାପି ପିଲାମାନଙ୍କର ସମସ୍ୟା ଦୂର ହେଲା ନାହିଁ ବୋଲି ବିଦ୍ୟାଳୟ ଶିକ୍ଷା କମିଟିର ସଭାପତି ବାବନ ସିଂ କହିଛନ୍ତି। ବିଦ୍ୟାଳୟର ଅବସ୍ଥା ଯୋଗୁ ନୂଆ ପିଲାମାନେ ଏଠାରେ ନାମଲେଖାଇବା ପାଇଁ ଆସୁନାହାନ୍ତି ବୋଲି ସିଂ କ୍ଷୋଭର ସହ ସୂଚନା ଦେଇଥିଲେ। ଏ ନେଇ ବିଦ୍ୟାଳୟ କମିଟି ପକ୍ଷରୁ ନୂତନ ଘର ନିର୍ମାଣ ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ତେବେ ଉକ୍ତ ବିଦ୍ୟାଳୟର ଜମିଜମାରେ କିଛି ସମସ୍ୟା ଥିବାରୁ ଏଠାରେ ଘର ନିର୍ମାଣ ହୋଇପାରୁ ନାହିଁ ବୋଲି ବିଇଓ କାର୍ଯ୍ୟାଳୟର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।


କଟକ ସଦର ବ୍ଲକର ଅରିଲୋ ପଞ୍ଚାୟତରେ ଥିବା ଚାଳଘର ବିଦ୍ୟାଳୟ।

# ୪୧ ଅଭିଯୋଗ ଶୁଣିଲେ ଜିଲାପାଳ

କଟକ ସଦର,୧।୮(ଡି.ଏନ୍.ଏ.)

କଟକ ସଦର ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ୪୧ଟି ଅଭିଯୋଗର ଶୁଣାଣି କରିଥିଲେ। ବିଦ୍ୟାଳୟରେ ଶିକ୍ଷକ ଅଭାବ, ରାସ୍ତା ନିର୍ମାଣ, କଣ୍ଟ୍ରୋଲ ଚାଉଳରେ ହେରଫେର ନେଇ ଅନେକ ଅଭିଯୋଗ ଆସିଥିଲା। ଗତିରାଉତପାଟଣା ପଞ୍ଚାୟତ ଅନ୍ତର୍ଗତ ଡିହସାହିର ଖାଉଟିମାନଙ୍କୁ ଡିଲର ଓଜନରେ ହେରଫେର କରୁଥିବା ଅଭିଯୋଗ ହୋଇଥିଲା। ୫୦ଜଣରୁ ଊର୍ଦ୍ଧ୍ୱ ମହିଳା କାର୍ଡ ପିଛା ୨ କିଲୋ କମ୍ ଚାଉଳ ଦିଆଯାଉଥିବା ଅଭିଯୋଗ କରିଥିଲେ। ଏହାର ତଦନ୍ତ ପାଇଁ ଜିଲାପାଳ ଚୟନୀ ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ୨ଜଣଙ୍କୁ ୩ ଚକିଆ ସାଇକେଲ, ୪ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ମଧ ବଣ୍ଟନ କରାଯାଇଥିଲା। ଏହି ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କର, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଉପଜିଲାପାଳ ପ୍ରତାପ ବେଉରା ସମେତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଥିଲେ। ପ୍ରାୟ ୨ ବର୍ଷ ପରେ ପ୍ରଥମଥର କଟକ ସଦର ବ୍ଲକରେ ଜନଶୁଣାଣି ଶିବିରର ଆୟୋଜନ ହୋଇଥିଲା। କିନ୍ତୁ ପ୍ରଚାର ଅଭାବରୁ ୨୩ ପଞ୍ଚାୟତର ଜନସାଧାରଣ ଏହି ଶିବିରକୁ ଆସିପାରିଲେ ନାହିଁ ବୋଲି ବ୍ଲକ କାର୍ଯ୍ୟାଳୟର ଜଣେ ଅଧିକାରୀ କହିଛନ୍ତି।

# ସେଣ୍ଟ ଜାଭିୟର୍ସ ସ୍କୁଲର ଜାତୀୟ ଅଧ୍ୟକ୍ଷ ସମ୍ମିଳନୀ

କଟକ ଅଫିସ, ୧।୮:

ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ୍ ସ୍କୁଲ୍ସ ପକ୍ଷରୁ ଜାତୀୟସ୍ତର ଅଧ୍ୟକ୍ଷମାନଙ୍କ ସମ୍ମିଳନୀ ଜରିପଡ଼ାସ୍ଥିତ କ୍ରିଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲରେ ଉଦ୍‌ଯାପିତ ହୋଇଯାଇଛି। ସମ୍ମିଳନୀରେ ସିବିଏସ୍‌ଇ ଭୁବନେଶ୍ୱର ଆଞ୍ଚଳିକ ଅଧିକାରୀ କେ. ଶ୍ରୀନିବାସନ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ଶିକ୍ଷା ପଦ୍ଧତିର ଉପକାରିତା ଓ ଏହାର କାର୍ଯ୍ୟକାରିତା ଉପରେ କହିଥିଲେ। ଏଥିସହ ସ୍କୁଲ ପରିସରରେ ଥିବା ଭଗବାନ ଶ୍ରୀକୃଷ୍ଣଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସେହିପରି ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ୍ ସ୍କୁଲସର ମହାନିର୍ଦ୍ଦେଶକ ଡ. ଜି.ଏସ୍. ପଟ୍ଟନାୟକ ସ୍କୁଲ ପରିଚାଳନାରେ ଅଧ୍ୟକ୍ଷଙ୍କ ଭୂମିକା, ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଗ୍ରୁପର ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି ଯୋଗଦେଇ ଦୈନନ୍ଦିନ ପରିଚାଳନା ଓ ଶିକ୍ଷାକୁ ଆଗେଇ ନେବାରେ ଅଧ୍ୟକ୍ଷଙ୍କ ଦାୟିତ୍ୱ ବିଷୟରେ କହିଥିଲେ। ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଅଧ୍ୟକ୍ଷ ପ୍ରିୟଦର୍ଶୀ ନାୟକ ଯୋଗଦେଇଥିଲେ। ଏଥିରେ ସିଇଓ ମୁକେଶ ସରାଫ୍, ମ୍ୟାନେଜମେଣ୍ଟ ମେମ୍ବର ସତ୍ୟମ୍ ସରାଫ୍, କର୍ପୋରେଟ ମୁଖ୍ୟ ସମ୍ୟକ ମହାନ୍ତି, ଲେଖାଶ୍ରୀ ପଟ୍ଟନାୟକ ଓ ପ୍ରଭାକର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କ୍ରିଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାଶ ଧନ୍ୟବାଦ ଦେଇଥିଲେ।



# ସଡ଼କ ଦୁର୍ଘଟଣାରେ ମହିଳା କାଉଡ଼ିଆ ଗୁରୁତର

ଆଠଗଡ଼,୧।୮(ସ୍ୱ.ପ୍ର.):

ପୁରୁଣା କଟକ-ସମ୍ବଲପୁର ରାସ୍ତାର ଘଣ୍ଟିଖାଲ ନିକଟରେ ୨ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଧବଳେଶ୍ୱର ପୀଠରୁ ପାଣି ଢ଼ାଳି ଫେରୁଥିବା ଜଣେ ମହିଳା କାଉଡିଆ ଗୁରୁତର ହୋଇଛନ୍ତି। ସେ ହେଲେ ଅନୁଗୋଳ ଜିଲାର କଣିହାଁ ଅଞ୍ଚଳର ମୀନା ଦେବୀ( ୫୨ )। ଶ୍ରାବଣ ମାସର ତୃତୀୟ ସୋମବାରରେ ସେ ଏହି ପୀଠରେ ପାଣି ଢ଼ାଳି ବାଇକ୍‌ରେ ଫେରୁଥିବା ବେଳେ ଘଣ୍ଟିଖାଲଠାରେ ଅନ୍ୟ ଏକ ବାଇକ୍ ସହ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ମୀନାଙ୍କୁ ସାଙ୍ଗରେ ଯାଇଥିବା ଅନ୍ୟ କାଉଡିଆମାନେ ଉଦ୍ଧାର କରି ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି।

# ରାମନଗର ହତ୍ୟା ମାମଲା, ୨ ଗିରଫ

ଖୁଣ୍ଟୁଣୀ,୧।୮(ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାମନଗର ଅଞ୍ଚଳରେ ରହୁଥିବା ନିଜ ସାଥୀଙ୍କୁ ହତ୍ୟା ଅଭିଯୋଗ ମାମଲାରେ ପୋଲିସ ସୋମବାର ଅଟକ ରଖିଥିବା ଅନ୍ୟ ୨ ସାଥୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଅଞ୍ଚଳରେ ରହୁଥିବା ଉତ୍ତରପ୍ରଦେଶ ଇନ୍ଦ୍ରନଗର ବୋରାଇ ଥାନା ଜାଲୁମର ପଙ୍କଜ ବର୍ମା ଓ କୋଚିଆନା ଖାନସୀର ସୁଶୀଲ ବର୍ମା। ସୂଚନା ମୁତାବକ, ଉତ୍ତରପ୍ରଦେଶର ଜଲାଉନ ଜିଲ୍ଲା ଓରାଇର ଗୋବିନ୍ଦ ବର୍ମା, ପଙ୍କଜ, ସୁଶୀଲଙ୍କ ସମେତ ମୋଟ ୪ଜଣ ମିଶି ରାମନଗରଠାରେ ଗତ ମାସେ ହେବ ଏକ ଭଡା ଘରେ ରହିଥିଲେ। ଗତ ୨୮ତାରିଖ ରାତିରେ ଏମାନଙ୍କ ମଧ୍ୟରେ କୌଣସି କାରଣରୁ ନେଇ ଝଗଡା ହୋଇ ମାରପିଟ ହୋଇଥିଲା। ପରଦିନ ସକାଳେ ଗୋବିନ୍ଦଙ୍କ ମୃତ୍ୟୁ ହୋଇଯାଇଥିବା ସ୍ଥାନୀୟ ଲୋକେ ଜାଣି ପୋଲିସକୁ ଜଣାଇଥିଲେ। ପରେ ପୋଲିସ ଆଠଗଡ଼ ଡାକ୍ତରଖାନାରେ ପହଞ୍ଚି ଗୋବିନ୍ଦଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇଥିଲେ। ଏପରିକି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହ ରାମନଗରସ୍ଥିତ ଭଡା ଘରକୁ ଆସି ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପଙ୍କଜ ଓ ସୁଶୀଲଙ୍କୁ ଥାନାକୁ ନେଇ ପଚରାଉଚରା କରି ଅଟକ ରଖିଥିଲା। ଅନ୍ୟ ସହଯୋଗୀ ଫେରାର ହୋଇଯାଇଥିଲା। ରବିବାର ଗୋବିନ୍ଦଙ୍କ ପରିବାର ଲୋକ ପହଞ୍ଚି ତାଙ୍କ ସାଥୀମାନେ ହିଁ ଗୋବିନ୍ଦଙ୍କୁ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୧୫୩/୨୨) ରୁଜୁ କରିଥିଲା। ପରେ ପୋଲିସ ଅଟକ ୨ଜଣଙ୍କୁ ଗିରଫ କରିବା ସହ ପରିବାର ଲୋକଙ୍କୁ ମୃତଦେହକୁ ହସ୍ତାନ୍ତର କରିଥିଲା।

# ପୂର୍ବତନ ବିଧାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ମଙ୍ଗୁଳି,୧।୮(ଡି.ଏନ.ଏ)

ଜଗତପୁରସ୍ଥିତ ସଦ୍‌ଗୁରୁ ହସ୍ପିଟାଲରେ ଚିକିତ୍ସାଧୀନ ଥିବା କଟକ ଜିଲା ଭାଜପା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ରବିବାର ସନ୍ଧ୍ୟାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟ କଥା ପଚାରି ବୁଝିଛନ୍ତି। ଏଥିସହିତ ହସ୍ପିଟାଲ ପରିଚାଳନା ନିର୍ଦ୍ଦେଶକ ଡା. ପ୍ରଦୀପ ମହାନ୍ତିଙ୍କଠୁ ପୂର୍ବତନ ବିଧାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବା ସହ ହସ୍ପିଟାଲରେ ଚିକିତ୍ସା ସମ୍ବନ୍ଧିତ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ସୂଚନା ମୁତାବକ, ପୂର୍ବତନ ବିଧାୟକ ପ୍ରକାଶ ବେହେରା ଜୁଲାଇ ୧୦ରେ ଡାହାଣ ଗୋଡ଼ ସ୍ନାୟୁ ଜନିତ ରୋଗରେ ପୀଡିତ ହୋଇ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ପାଇଁ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହେଇଥିଲେ। ଏହି କଥା ଜାଣି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରଧାନ ପୂର୍ବତନ ବିଧାୟକଙ୍କୁ ଭେଟି ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। କେନ୍ଦ୍ର ମନ୍ତ୍ରୀଙ୍କ ସହିତ ରାଜ୍ୟ ଭାଜପା ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଦିଲୀପ ମଲ୍ଲିକ, ନୟନ କିଶୋର ମହାନ୍ତି, ଶ୍ରୀତମ ଦାସ, ଶାରଦା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ହସ୍ପିଟାଲର ନିର୍ଦ୍ଦେଶକ ରାହୁଲ ପ୍ରୀତ୍ୟୁଶ ମହାନ୍ତି, ଯୋଗାଯୋଗ ନିର୍ଦ୍ଦେଶକ ନବୀନା ବୋଥାଲ୍ଲ ମହାନ୍ତିଙ୍କ ସହିତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ।

# ଅପରେଶନ ଥିଏଟର, ୱାର୍ଡ, ଚକ୍ଷୁ ଚିକିତ୍ସା କେନ୍ଦ୍ର ଲୋକାର୍ପିତ

**ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ନିଶ୍ଚିନ୍ତକୋଇଲି,୧।୮ (ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଅପରେଶନ ଥିଏଟର, ୱାର୍ଡ ଓ ଚକ୍ଷୁ ଚିକିତ୍ସା କେନ୍ଦ୍ରର ସୋମବାର ଲୋକାର୍ପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କ ପାଇଁ ଏହା ସହାୟକ ହେବ ବୋଲି କହିଥିଲେ। ଚକ୍ଷୁରୋଗୀମାନଙ୍କୁ ଚିକିତ୍ସା ପାଇଁ ଦୂରଦୂରାନ୍ତକୁ ଯିବାକୁ ପଡ଼ିବନି। ଏପରିକି ଅପରେଶନ ଥିଏଟର କାର୍ଯ୍ୟକ୍ଷମ ହେବା ପରେ ଏଠାରେ ଅସ୍ତ୍ରୋପଚାର କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ପ୍ରକାଶ ପରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିଏମଓ ସତ୍ୟବ୍ରତ ଛୋଟରାୟ, ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମିତ ଜେନା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ , ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଗିରିଶ ରଞ୍ଜନ ମହାପାତ୍ର ଓ ଜିଲା ପରିଷଦ ସଭ୍ୟ ଆର.କେ ବିପ୍ଳବ କେଶରୀ ପ୍ରମୁଖ ଯୋଗଦେଇଥିଲେ। ଓଟି ଏବଂ ୱାର୍ଡ ପାଇଁ ୪୪ ଲକ୍ଷ ଓ ଚକ୍ଷୁ ଚିକିତ୍ସା କେନ୍ଦ୍ରପାଇଁ ୮ ଲକ୍ଷ ୪୫ ହଜାର ଟଙ୍କା ବ୍ୟୟବରାଦ କରାଯାଇଥିବ ସୂଚନା ମିଳିଛି।

# ଗ୍ରାହକଙ୍କୁ ଉଚିତ ସେବା ଦେବା ପାଇଁ ଔଷଧ ବିକ୍ରେତାଙ୍କୁ ପରାମର୍ଶ

ଚୌଦ୍ୱାର,୧।୮(ଡି.ଏନ୍.ଏ.)

ଚୌଦ୍ୱାର ଔଷଧ ବିକ୍ରେତା ସଂଘର ଏକ ବୈଠକ ଚୌଦ୍ୱାର ପୌରପାଳିକା ୧୦ନଂ.ୱାର୍ଡ଼ସ୍ଥିତ ଯଯାତି କେଶରୀ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ଦଳାଇଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ୟୁସିଡିଏର ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, ସିଡିସିଡିଏର ସଭାପତି ଭାଗବତ ସାହୁ, କର୍ମକର୍ତ୍ତା ମନୋରଞ୍ଜନ ବଳ, ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇବା ଦିଗରେ ଅଞ୍ଚଳର ଔଷଧ ବିକ୍ରେତାମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଔଷଧ ବିକ୍ରେତା ରାମକୃଷ୍ଣ ବେହେରାଙ୍କୁ ଜୀବନବ୍ୟାପୀ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ମଙ୍ଗୁଳି, ଗୁରୁଡ଼ିଝାଟିଆ, ଚୌଦ୍ୱାର ଅଞ୍ଚଳର ଶତାଧିକ ଖୁଚୁରା ଓ ପାଇକାରୀ ଔଷଧ ବ୍ୟବସାୟୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସେମାନଙ୍କ ବିଭିନ୍ନ ସମସ୍ୟା, ଅଭାବ ଓ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠିତ ନିର୍ବାଚନରେ ସଂଘର ନୂତନ ସଭାପତି ମାନସ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ମହାନ୍ତି, ଉପସଭାପତି ଅଭିମନ୍ୟୁ ପାଣିଗ୍ରାହୀ, ସମ୍ପାଦକ ମାନସ ରଞ୍ଜନ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ନାରାୟଣ ଜେନା, କୋଷାଧ୍ୟକ୍ଷ ମୁରଲୀଧର ବେଉରା ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଏଥିସହିତ କାର୍ଯ୍ୟକାରୀ କମିଟିକୁ ୮ଜଣ ସଦସ୍ୟ ଚୟନ ହୋଇଥିଲେ। କାର୍ଯ୍ୟକାରୀ ସଦସ୍ୟ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଓ ପୂର୍ବତନ ସମ୍ପାଦକ ମାନସ ସାହୁ ବିବରଣୀ ପାଠ କରିଥିଲେ। ସୁରେନ୍ଦ୍ର ସାହୁ, ସେକ୍ ଆଫ୍ରୋଜ ମହମ୍ମଦ, ଲକ୍ଷ୍ମୀଧର ପଣ୍ଡା, ଅଭୟ ଚରଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଦସ୍ୟ କ୍ଷିତୀଶ କର ଧନ୍ୟବାଦ ଦେଇଥିଲେ।

# ସହରର ସମସ୍ୟା ନେଇ ଆଲୋଚନା

- ଆଗକୁ ପାର୍ବଣ ଋତୁ: ଶାନ୍ତି କମିଟି-ସିଏମ୍‌ସିର ବୈଠକ
- ୭ ଦିନ ମଧ୍ୟରେ ପଦକ୍ଷେପ ନେବାକୁ ମେୟରଙ୍କ ପ୍ରତିଶ୍ରୁତି

କଟକ ଅଫିସ, ୧।୮

ଆସନ୍ତା ୩୧ ତାରିଖ ଗଣେଶ ପୂଜାଠାରୁ ପାର୍ବଣ ଋତୁ ଆରମ୍ଭ ହେଉଛି। କଟକ ସହରର ବିଭିନ୍ନ ସ୍ଥାନରେ ମେଢ଼ ଶୋଭାଯାତ୍ରା ସହ ପ୍ରବଳ ଗହଳି ହେବାର ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ସହରର ବହୁବିଧ ସମସ୍ୟା ସମ୍ପର୍କରେ ସୋମବାର ମେୟର ସୁବାସ ସିଂ କଟକ ମହାନଗର ଶାନ୍ତି କମିଟି କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଛନ୍ତି। ମେୟରଙ୍କ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ରାସ୍ତା ମରାମତି ଓ ନିର୍ମାଣ, ଡ୍ରେନ ଗୁଡ଼ିକରୁ ପଙ୍କ ଉଦ୍ଧାର, ମେଢ଼ ଶୋଭାଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛଡାଳ କଟାଯିବା, ବିଦ୍ୟୁତ ତାର, ଟେଲିଫୋନ ତାର ଓ ସ୍କାଏ ଭ୍ୟୁ ତାର ଅପସାରଣ, ବିଦ୍ୟୁତ ଓ ପାନୀୟଜଳ ସମସ୍ୟାର ସମାଧାନ ଯୁଦ୍ଧକାଳୀନ ଭିତ୍ତିରେ କରାଯିବା ନେଇ ମେୟରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆସନ୍ତା ୭ଦିନ ମଧ୍ୟରେ ବିଭାଗୀୟ ଅଧିକାରୀ ଓ ଶାନ୍ତି କମିଟି କର୍ମକର୍ତ୍ତାଙ୍କ ସହ ଏକ ମିଳିତ ବୈଠକରେ ଏ ନେଇ ବିଶଦ ଭାବେ ଆଲୋଚନା କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି ମେୟର ସିଂ ପ୍ରତିଶ୍ରୁତି ଦେଇଥିଲେ। ମହାନଗର ଶାନ୍ତି କମିଟି ପକ୍ଷରୁ ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରି ଦାସ, ଉପସଭାପତି ଦେବାଶିଷ ରାୟ, ଶିବେନ୍ଦ୍ର ହାତୀ ଓ ଧର୍ମେଶ ନାୟକ, ସହସମ୍ପାଦକ ଡ. ଦ୍ୱିପାୟନ ପଟ୍ଟନାୟକ ଓ ଲିଙ୍ଗରାଜ ହାତୀ ଏବଂ କାର୍ଯ୍ୟାଳୟ ସହସମ୍ପାଦକ ସୁଦୀପ୍ତ କୁମାର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।


ସିଏମ୍‌ସି ବୈଠକରେ ଯୋଗଦେଇଥିବା ମେୟର ସୁବାସ ସିଂ ଓ ଅନ୍ୟମାନେ।

## ସଂକ୍ଷେପରେ

### କାର୍ଯ୍ୟରେ ଯୋଗଦେଲେ ଡିଆଇପିଆରଓ ଜିତେନ୍ଦ୍ରିୟ ଜେନା



**ଖୋର୍ଦ୍ଧା ଅଫିସ,୧।୮:** ଖୋର୍ଦ୍ଧା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇ ପିଆରଓ) ଭାବେ ଜିତେନ୍ଦ୍ରିୟ ଜେନା ସୋମବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ସେ ପୁରୀରେ ଉପଖଣ୍ଡ ପରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଏଠାରେ ଥିବା ଡିଆଇପିଆରଓ ପୁଷ୍ପାଞ୍ଜଳି ପାଇକରାୟଙ୍କ ବଦଳି ପରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଅତିରିକ୍ତ ଦାୟିତ୍ୱରେ ଥିଲେ। ସୋମବାର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ। ଜିଲା ପ୍ରଶାସନର ସମସ୍ତ ଲୋକାଭିମୁଖୀ କାର୍ଯ୍ୟକ୍ରମ, ବିଭିନ୍ନ ଉନ୍ନୟନମୂଳକ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଉଦ୍ୟମ ଜାରି ରହିବ ବୋଲି ଜେନା କହିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ପିଏନ୍ କଲେଜରେ ନୂତନ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

**ଖୋର୍ଦ୍ଧା ଅଫିସ,୧।୮:** ଖୋର୍ଦ୍ଧା ପ୍ରାଣନାଥ(ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବେ ଡ. ଅଜନ୍ତା ଶତପଥୀ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ଏଠାରେ ଉପାଧ୍ୟକ୍ଷା ଦାୟିତ୍ୱରେ ରହିବା ସହ ରସାୟନ ଶାସ୍ତ୍ର ବିଭାଗର ମୁଖ୍ୟ ଥିଲେ। ନୂତନ ଦାୟିତ୍ୱ ଗ୍ରହଣ ପରେ କଲେଜ ପରିଚାଳନା କମିଟି ସଭାପତି ତଥା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଶିକ୍ଷାବିତ୍ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ସମେତ ଅନ୍ୟ ପ୍ରଫେସର, ପ୍ରାଧ୍ୟାପକ, ଅଧ୍ୟାପିକା, ଅଧ୍ୟାପକ, କଲେଜ କର୍ମଚାରୀ ଏବଂ ଛାତ୍ରୀଛାତ୍ର ଶୁଭେଚ୍ଛା ଜଣାଇଛନ୍ତି।

### ଭାଜପା କର୍ମୀଙ୍କ ନାମରେ ଏତଲା

**ଜଟଣୀ,୧।୮(ଡି.ଏନ୍.ଏ.):** ଜଟଣୀ ନଗର କଂଗ୍ରେସ ପକ୍ଷରୁ ସୋମବାର ସ୍ଥାନୀୟ ଥାନାରେ ଭାଜପା କର୍ମୀଙ୍କ ନାମରେ ଲିଖିତ ଏତଲା ଦିଆଯାଇଛି। ବିଧାୟକ ସୁରେଶ କୁମାର ରାଉତରାୟଙ୍କ ରାଜନୈତିକ ସଚିବ କଳିଙ୍ଗ କୁମାର ସାହୁ ନଗର କଂଗ୍ରେସର ବହୁ କର୍ମୀଙ୍କ ସହିତ ଯାଇ ଥାନା ଅଧିକାରୀ ଦୟାନିଧି ନାୟକଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ, ଗତ ୩୦ତାରିଖରେ କେନ୍ଦ୍ରାପଡା ଜିଲାର ଭାଜପା କର୍ମୀ ଦୁର୍ଯ୍ୟୋଧନ ସାହୁ ବିଧାୟକ ରାଉତରାୟ ଏବଂ ସହଧର୍ମିଣୀଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଏହାର ପ୍ରତିବାଦ ସ୍ୱରୂପ ଅଭିଯୋଗ କରାଯିବା ସହ ଦୃଢ଼ ପଦକ୍ଷେପ ନେବାକୁ ଦାବି ହୋଇଛି।

# ହାତଗୁଞ୍ଜା ବିନା କାମ ହେଉନି

**ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ**

- ବଦଳି ପରେ ବି ଆସନ ଛାଡୁନାହାନ୍ତି
- ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ: ଅତିରିକ୍ତ ଜିଲାପାଳ

ଖୋର୍ଦ୍ଧା ଅଫିସ,୧।୮

ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଦୁର୍ନୀତି ନେଇ ସାଧାରଣରେ ଅଭିଯୋଗ ହେଉଛି। ଜମିଜମା ରେଜିଷ୍ଟ୍ରି ବାବଦରେ ହରିଲୁଟ ଚାଲିଛି। ଏହି କାର୍ଯ୍ୟାଳୟର କେତେଜଣ କର୍ମଚାରୀ ମିଶି ଲୋକଙ୍କୁ ଲୁଟୁଛନ୍ତି। ହାତଗୁଞ୍ଜା ବିନା ଜମି କିଣାବିକା ହେଉ ନ ଥିବା ଅଭିଯୋଗ ହେଉଛି। କୌଣସି ବ୍ୟକ୍ତି ଜମି କିଣାବିକା କରିବାକୁ ଆସିଲେ, ଦଲାଲଙ୍କ ଜରିଆରେ ଡିଲ୍ ହେଉଛି। ଡିଲ୍ ବାବଦ ଭାଗ ଛିଣ୍ଡିଲେ, ପ୍ରକ୍ରିୟା ଆଗଉଛି ନ ହେଲେ ବିଭିନ୍ନ ଆଳ ଦେଖାଇ ବିଳମ୍ବ କରାଯାଉଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଜମି କିଣାବିକା ଲାଗି ଅଲଗା ରେଟ୍ ଚାର୍ଟ ରହିଛି। ଗ୍ରାମାଞ୍ଚଳ ଜମି ପାଇଁ ୨୦ହଜାର ଓ ସହରାଞ୍ଚଳ ଜମି ଲାଗି ୧୦ରୁ ୧୫ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ କାରବାର ହେଉଛି। କାହାଠାରୁ କେତେ ଟଙ୍କା ନିଆଯିବ ତାହା ଜମିର କିସମକୁ ଦେଖି ସ୍ଥିର କରାଯାଉଛି। କାର୍ଯ୍ୟାଳୟରୁ ସଙ୍କେତ ମିଳିବା ପରେ ଜମି କିଣାବିକା ଆଗଉଛି। କୌଣସି ଅଭିଯୋଗ ଆସିଲେ, ତାହାକୁ ଅତି ଚତୁରତାର ସହିତ ସମାଧାନ କରାଯାଉଛି। ଆମର ଉପର ଅଫିସରଙ୍କ ପର୍ଯ୍ୟନ୍ତ ହାତ ଲମ୍ବିଛି, ତେଣୁ ଅଭିଯୋଗ ଆସିଲେ କିଛି ହେବନି ବୋଲି କୁହାଯାଉଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ଶହେ ମିଟର ଦୂରରେ ଏସବୁ ଚାଲିଥିବାବେଳେ ପ୍ରଶାସନ ଅନ୍ଧ ରହିଛି। ନିଜ ନାଁରେ ଜମି କିଣିଲେ କୌଣସି ତଦନ୍ତରେ ଫସିବା ଆଶଙ୍କା ରହିଛି। ତେଣୁ ଅନେକ କର୍ମଚାରୀ ସହର ତଳି ଅଞ୍ଚଳରେ ଶସ୍ତାରେ ନିଜ ସମ୍ପର୍କୀୟଙ୍କ ନାଁରେ ଜମି କିଣିଥିବା ଜଣାପଡ଼ିଛି। କେତେଜଣ କର୍ମଚାରୀଙ୍କର ଅନ୍ୟତ୍ର ବଦଳି ବିଜ୍ଞପ୍ତି ବାହାରିବା ସତ୍ତ୍ୱେ ଉପର ସ୍ତରରେ ହାତ କରି ଏଠାରେ ଆସନ ମାଡ଼ି ବସିଛନ୍ତି। ମାସ ଶେଷ ହେଲେ ସରକାରୀ ଦରମା ସାଙ୍ଗକୁ ଦୈନିକ ହାତଗୁଞ୍ଜା ମିଳୁଛି। ତେଣୁ ଏଠାରୁ ଅନ୍ୟତ୍ର ଯିବାକୁ କେହି ରାଜିନୁହନ୍ତି ବୋଲି ଚର୍ଚ୍ଚା ଚାଲିଛି। ଏ ନେଇ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ କହିଛନ୍ତି, ଏପର୍ଯ୍ୟନ୍ତ ଏଭଳି କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ବୈଠକ



ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା ଅଫିସ,୧।୮

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ୭୬ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟରେ କରୋନା ସଂକ୍ରମଣ ଜାରି ରହିଛି। କଟକଣା ମଧ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଏହି ଦିବସ ପାଳନ କରାଯିବ। ପ୍ରାତଃ ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୁନ୍ ପରିବେଷଣ କରାଯିବ। ସେହିପରି ପୌରସଂସ୍ଥା, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଖୋର୍ଦ୍ଧା ବିଡିଓଙ୍କ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସ୍ୱାଗତ ତୋରଣ ନିର୍ମାଣ କରାଯିବ। ପୌରସଂସ୍ଥା ପକ୍ଷରୁ ସହରର ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯିବ। ଉତ୍ସବ ପଡ଼ିଆରେ ପୂର୍ତ୍ତ ବିଭାଗ ପକ୍ଷରୁ ବ୍ୟାରିକେଡିଂ, ମଞ୍ଚସଜ୍ଜା କରାଯିବ। ସହରର ବୁଦ୍ଧିଜୀବୀ, ପୂର୍ବତନ ସେନାନିବୃତ୍ତ କର୍ମଚାରୀ, ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଆମନ୍ତ୍ରଣ କରାଯିବ। ବିଭାଗୀୟ ଅଧିକାରୀମାନେ ପରସ୍ପର ମଧ୍ୟରେ ସମନ୍ୱୟ ରଖି ସହଯୋଗ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ସରକାରଙ୍କ ପକ୍ଷରୁ ରହିଥିବା ପରାମର୍ଶ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା, ରିଜର୍ଭ ଇନ୍‌ସ୍ପେକ୍ଟର ନଗେଶ ଜେନାଙ୍କ ସମେତ ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଉପସ୍ଥିତ ଥିଲେ।



ଯାଁଳା: ଉତ୍ତରମୁଣ୍ଡ ମୁହାଣ ଗାଁରେ ସୋମବାର ପ୍ରକଳ୍ପର ଶିଳାନ୍ୟାସ ଅବସରରେ ବିଜେଡି ଖୋର୍ଦ୍ଧା ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଓ ଅନ୍ୟମାନେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଯାଁଳା,୧।୮(ଡି.ଏନ୍.ଏ.)

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ଉତ୍ତର ମୁଣ୍ଡମୁହାଣ ଗ୍ରାମରେ ସୋମବାର ବିଭିନ୍ନ ଜନହିତକର ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ଏକ ଡାକ୍ତରଖାନା ସବ୍‌ସେଣ୍ଟର ପାଇଁ ୧୭ଲକ୍ଷ ଓ ବିଜୁ ଗ୍ରାମୀଣ ବଜାର ଲାଗି ୯ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ମେଡିକାଲ ସବ୍‌ସେଣ୍ଟର ହେଲେ ଉକ୍ତ ଅଞ୍ଚଳର ଲୋକେ ମାଗଣା ସେବା ପାଇପାରିବେ। ଏଥିସହ କୌଣସି ଟିକା ଓ ବିଭିନ୍ନ ପାଥୋଲୋଜି ପରୀକ୍ଷା ପାଇଁ ଦୂରକୁ ଯିବାକୁ ପଡ଼ିବ ନାହିଁ। ଏହି କାର୍ଯ୍ୟକ୍ରମରେ ବିଜେଡି ଖୋର୍ଦ୍ଧା ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ବିଜେଡି କୋଷାଧ୍ୟକ୍ଷ ରାଜକିଶୋର ସ୍ୱାଇଁ, ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ସମିତିସଭ୍ୟା ଯମୁନାରାଣୀ ବେହେରା, ବିଜେଡି ନେତା ତ୍ରୈଲୋକ୍ୟ ପ୍ରସାଦ ଦାସଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ମତଦାତାଙ୍କ ସ୍ୱେଚ୍ଛାକୃତ ଆଧାର ତଥ୍ୟ ସଚେତନତା ଅଭିଯାନ ଶୁଭାରମ୍ଭ

**୪ ପର୍ଯ୍ୟାୟରେ ହେବ ପଞ୍ଜୀକରଣ**

ଖୋର୍ଦ୍ଧା ଅଫିସ,୧।୮

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ମତଦାତାମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଆଧାର ତଥ୍ୟ ପ୍ରଦାନ ସଚେତନତା କାର୍ଯ୍ୟକ୍ରମ ଜୟୀ ରାଜଗୁରୁ ଟାଉନ ହଲ ଠାରେ ସୋମବାର ଶୁଭାରମ୍ଭ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, ସ୍ୱେଚ୍ଛାକୃତ ଭାବେ ଭୋଟରଙ୍କ ଠାରୁ ଆଧାର ବିବରଣୀ ସଂଗ୍ରହ କରାଯିବ। ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ଭୋଟର ଏବଂ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବାକୁ ଥିବା ଭୋଟରଙ୍କୁ ସେମାନଙ୍କ ଆଧାର ବିବରଣୀ ସ୍ୱେଚ୍ଛାକୃତ ଭାବେ ପ୍ରଦାନ କରିବେ। ୨୦୨୩ ଏପ୍ରିଲ ପହିଲା ସୁଦ୍ଧା ତାଲିକାଭୁକ୍ତ ହୋଇଥିବା ଭୋଟରମାନେ ସେମାନଙ୍କର ଆଧାର ନମ୍ବର ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଜଣାଇବେ। ଆଧାର ବିବରଣୀ ଦାଖଲ ନିମନ୍ତେ ଏକ ନୂତନ ଫର୍ମ ୬(ଖ) ପ୍ରଚଳନ କରାଯାଇଛି। ବର୍ତ୍ତମାନ ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ୪ଟି ଯୋଗ୍ୟତାସୂଚକ ତାରିଖ ପରିବର୍ତ୍ତେ ଜାନୁୟାରୀ ୧/ ଏପ୍ରିଲ ୧/ ଜୁଲାଇ ୧ ଏବଂ ଅକ୍ଟୋବର ୧ ତାରିଖ ରଖାଯାଇଛି ବୋଲି କହିଥିଲେ। ଏନେଇ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ଉଦ୍ଦେଶ୍ୟରେ ଶିବିର, ଆଲୋଚନାଚକ୍ର କରାଯିବ। ମତଦାତାମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଆଧାର ତଥ୍ୟ ପ୍ରଦାନ ଲାଗି ଉଭୟ ଅଫଲାଇନ ଏବଂ ଅନଲାଇନରେ ଭରିପାରିବେ। ପୂର୍ବରୁ କେବଳ ୧୮ବର୍ଷରୁ ଊର୍ଦ୍ଧ୍ୱ ଭୋଟର ନୂତନ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯାଉଥିଲା। ତେବେ ସଂଶୋଧିତ ଆଇନ ଦ୍ୱାରା ୧୭+ ଭୋଟରମାନେ ଗୋଟିଏ ବର୍ଷ ପୂର୍ବରୁ ନିଜ ନାମ ପଞ୍ଜୀକରଣ କରିପାରିବେ। ୧୮ବର୍ଷ ହେବା ପରେ ସେମାନଙ୍କ ନାମ ଭୋଟର ତାଲିକାରେ ସ୍ଥାନ ପାଇବ। ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଖୋର୍ଦ୍ଧା ଉପଜିଲାପାଳ ଆଇ.ଗୌରବ ଶିବାଜୀ ଏବଂ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହ ପ୍ରମୁଖ ଉପସ୍ଥିତ ଥିଲେ। ଖୋର୍ଦ୍ଧା ସହାୟକ ଜିଲାପାଳ ବିଦ୍ୟାରଶ୍ମି ସାହୁ ଓ ଭୁବନେଶ୍ୱର ସହାୟକ ଜିଲାପାଳ ସମୀର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ନିରାକାରପୁର,୧।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଅଚ୍ୟୁତପୁର ପଞ୍ଚାୟତର ଦାଶରଥି ମହାପାତ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ କରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକଙ୍କୁ ପୁରାତନ ଛାତ୍ରଛାତ୍ରୀମାନେ ଏକ ଖୋଲାଜିପ୍‌ରେ ଉକ୍ତ ପଞ୍ଚାୟତର ଥିବା ବିଭିନ୍ନ ଗାଁ ପରିକ୍ରମା କରାଇଥିଲେ। ପରେ ସ୍କୁଲ ପରିସରରେ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରାମ ଚନ୍ଦ୍ର ମହାପାତ୍ର, ଓଡିଶା ସରକାରଙ୍କ ବୈଷୟିକ ବିଶ୍ୱବିଦ୍ୟାଳୟର ଡିନ୍ ଲୋକନାଥ ତ୍ରିପାଠୀ, ଶିକ୍ଷାବିତ୍ କୁଳମଣୀ ଜେନା, ଗୋଦାବରୀଶ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପେକ୍ଷିରେ ଅନୁଷ୍ଠାନ ପକ୍ଷରୁ ପ୍ରଧାନଶିକ୍ଷକଙ୍କ ସ୍ମୃତି ଉଦେଶ୍ୟରେ ପୁସ୍ତକ 'ଅମୃତାୟନ'କୁ ଅତିଥି ମାନେ ଲାକାର୍ପଣ କରିଥିଲେ। ଅନୁଷ୍ଠାନର ଶିକ୍ଷକ ନୀଳାଦ୍ରି ସିଂ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## ସରକାରୀ ରାସ୍ତା ଜବରଦଖଲ ମୁକ୍ତ ଦାବି

ଖୋର୍ଦ୍ଧା ଅଫିସ,୧।୮

ଖୋର୍ଦ୍ଧା ପୌର ପରିଷଦ ୱାର୍ଡ ନଂ.୧୪ ଅନ୍ତର୍ଗତ ପଲ୍ଲା ଲୋକେଶ୍ୱରପୁର ଅଞ୍ଚଳରେ ରହିଥିବା ସରକାରୀ ରାସ୍ତାକୁ ଜବରଦଖଲ ମୁକ୍ତ ଲାଗି ଏକାଧିକ ସ୍ଥାନୀୟ ବାସିନ୍ଦା ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଲୋକେଶ୍ୱରପୁର ମନ୍ଦିର ଠାରୁ ପଲ୍ଲା ଶ୍ମଶାନ ପର୍ଯ୍ୟନ୍ତ ସରକାରୀ ରାସ୍ତା ରହିଛି। ଏହା ଏକ ସର୍ବସାଧାରଣ ରାସ୍ତା। ଶବ ସତ୍କାର ଲାଗି ଯିବା ନିମନ୍ତେ ଏହି ରାସ୍ତା ଉପରେ ନିର୍ଭରଶୀଳ। ଏପରିକି ପିଲାମାନେ ଏହି ରାସ୍ତା ଦେଇ ସ୍କୁଲକୁ ଯାତାୟତ କରୁଛନ୍ତି। ତେବେ ଉକ୍ତ ରାସ୍ତାକୁ କେତେଜଣ ବ୍ୟକ୍ତି ବେଆଇନ ଭାବେ ଅକ୍ତିଆର କରି ରଖିଛନ୍ତି। ଫଳରେ ଏହି ରାସ୍ତା ଦିନକୁ ଦିନ ସଙ୍କୁଚିତ ହେବାକୁ ଲାଗିଛି। ରାସ୍ତା ସଙ୍କୁଚିତ ଯୋଗୁ ବର୍ଷାଦିନେ ନାଳ ନର୍ଦ୍ଦମା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହୁଛି। ଲୋକଙ୍କ ଯାତାୟତ ବେଳେ ବାଧା ସୃଷ୍ଟି ହେଉଛି। ସ୍ଥାନୀୟ ବାସିନ୍ଦାଙ୍କ ସୁବିଧା ଦୃଷ୍ଟିରୁ ଏହି ରାସ୍ତାକୁ ଜବରଦଖଲ ମୁକ୍ତ ଲାଗି ବାସିନ୍ଦା ଦାବି କରିଛନ୍ତି।

## ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ




ଜନଶୁଣାଣି ଶିବିରରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଅନ୍ୟମାନେ।

**୭ଟି ତତ୍କାଳ ସମାଧାନ**

ଖୋର୍ଦ୍ଧା ଅଫିସ,୧।୮

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ବ୍ଲକ ପରିସରରେ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୭୪ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିରୁ ୬୯ଟି ବ୍ୟକ୍ତିଗତ ଏବଂ ୫ଟି ସାମୂହିକ ରହିଥିଲା। ତନ୍ମଧ୍ୟରୁ ୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଗନ୍ତ ରାଉତରାୟ, ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଉପଜିଲାପାଳ ଆଇ. ଗୌରବ ଶିବାଜୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ବିଡିଓ, ତହସିଲ୍‌ଦାର ଉପସ୍ଥିତ ଥିଲେ।

## ପୁଣି ଭୁଶଡ଼ିଲା ମାଙ୍କଡ଼ ଏନକ୍ଲୋଜର ନୂଆ ପାଚେରି

ବାରଙ୍ଗ,୧।୮(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ନୂଆ ଭାବେ ତିଆରି ଚାଲିଥିବା ମାଙ୍କଡ଼ ଏନକ୍ଲୋଜରର ପାଚେରି ସୋମବାର ପୁଣି ଥରେ ଭୁଶୁଡ ପଡ଼ିଛି। ଦ୍ୱିତୀୟ ଥର ପାଇଁ ୪୦ଫୁଟ୍‌ରୁ ଅଧିକ ଲମ୍ବର ଏହି ପାଚେରି ଭୁଶୁଡିବା ଫଳରେ କରାଯାଉଥିବା କାର୍ଯ୍ୟର ମାନକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ମୁତାବକ, ନନ୍ଦନକାନନର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ତଦାରଖ କରିବା ପାଇଁ ଜଣେ ଅବସରପ୍ରାପ୍ତ ଇଞ୍ଜିନିୟରଙ୍କୁ ମାସିକ ୩୦ହଜାର ଟଙ୍କା ପୈଠ କରାଯାଉଥିବା ଜଣାପଡିଛି। ଏଥିସହ କାର୍ଯ୍ୟ ହେଉଥିବା ବିଭାଗୀୟ ରେଞ୍ଜର ମଧ୍ୟ କାର୍ଯ୍ୟ ତଦାରଖ କରୁଛନ୍ତି। ତେବେ ୧କୋଟି ୬୦ଲକ୍ଷ ଟଙ୍କା ବ୍ୟୟରେ ନୂଆ କରି ମାଙ୍କଡ଼ ଏନକ୍ଲୋଜର ପାଚେରି ନିର୍ମାଣ ଚାଲିଥିଲା। ନନ୍ଦନକାନନ ପକ୍ଷରୁ ଏହାକୁ ଟେଣ୍ଡର ମାଧ୍ୟମରେ ଦିଆଯାଇଥିବାବେଳେ ଚାଲିଥିବା କାର୍ଯ୍ୟ ଚଳିତ ବର୍ଷ ମାର୍ଚ୍ଚ ମାସ ବେଳକୁ ସରିବାକୁ ଠିକାଦାରଙ୍କ ସହ ଚୁକ୍ତି ହୋଇଥିଲା। ତେବେ ଚୁକ୍ତି ଅନୁସାରେ ସମୟ ସରିଥିଲେ ମଧ୍ୟ ଚଳିତ ମାସ ପର୍ଯ୍ୟନ୍ତ କାମ ଶେଷ ହୋଇନି। ଗତ ମାସରେ ବର୍ଷା ଯୋଗୁ ପାଚେରି ଭୁଶୁଡିଥିଲା।

## ଏଣିକି ପ୍ରତି ମାସରେ 'ଶ୍ରୀଜଗନ୍ନାଥାୟନ'

ପୁରୀ ଅଫିସ ୧।୮

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସୋମବାର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପ୍ରଥମ ଥର ପାଇଁ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ 'ଶ୍ରୀଜଗନ୍ନାଥାୟନ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଣିକି ପ୍ରତ୍ୟେକ ମାସର ପ୍ରଥମ ଦିନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଘୋଷଣା କରିଛନ୍ତି। ସେହିପରି ଆସନ୍ତା ଏକ ମାସ ମଧ୍ୟରେ ରାଜ୍ୟର ସର୍ବ ପୁରାତନ ମଞ୍ଚ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଶୀତତାପ ନିୟନ୍ତ୍ରିତ ହେବ ବୋଲି ଦାସ କହିଛନ୍ତି। ଉତ୍କଳୀୟ ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରି ମହାପ୍ରଭୁଙ୍କୁ ବିଶ୍ୱମୟ କରିବା ପାଇଁ ରାଜ୍ୟ ସରକାର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପ୍ରତିଶ୍ରୁତିବଦ୍ଧ ବୋଲି ଦାସ କହିଛନ୍ତି। ଏକାଡେମୀର ସଚିବ ପ୍ରବୋଧ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ପ୍ରସନ୍ନ ମିଶ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ ଏବଂ ହେମନ୍ତ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମର ସଫଳତା ପାଇଁ ପୁରୀ ଜିଲାର ନୃତ୍ୟ, ସଙ୍ଗୀତ ଓ ନାଟ୍ୟ କଳାକାରଙ୍କ ସମେତ ଦେଶ ବିଦେଶର ପର୍ଯ୍ୟଟକ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ବିଭାଗର ନିର୍ଦ୍ଦେଶକ ଏବଂ ଏକାଡେମୀର ସଚିବ ଆହ୍ୱାନ କରିଥିଲେ।

ବହୁ ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଆରମ୍ଭ କରିଥିବାରୁ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ଓଡ଼ିଶା ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀକୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁରୁ ଚନ୍ଦ୍ରମଣି ଲେଙ୍କା ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ପରେ ଧୀରେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ନାଟକ 'ଦଶାବତାର' ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ବଦ୍ରି ପାତ୍ର, ନାଟ୍ୟ ନିର୍ଦ୍ଦେଶକ ବିକ୍ରମ ସାହୁ, ଗୋପ ପଢିଆରୀ, ବୀରେନ୍ଦ୍ର ଗୋଛିକାର, ଗୋବିନ୍ଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସୋମବାର ପରିବେଷିତ ନାଟକ 'ଦଶାବତାର'ର ଏକ ଦୃଶ୍ୟ।

## 'ଭ୍ରାତୃତ୍ୱ ଭାବ, ମହିଳା ସଶକ୍ତୀକରଣକୁ ଗୁରୁତ୍ୱ'

**ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜ ବାର୍ଷିକ ଅଧିବେଶନ**

ଟାଙ୍ଗୀ(ଖୋର୍ଦ୍ଧା),୧।୮(ଡି.ଏନ୍.ଏ.)

ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ୪୩ତମ ବାର୍ଷିକ ଅଧିବେଶନ ମୟୂରଝାଲିଆସ୍ଥିତ ଗାଦିବ୍ରହ୍ମ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁରେଶ ଚନ୍ଦ୍ର ସାହୁ ସ୍ୱଜାତୀୟ ପତାକା ଉତ୍ତୋଳନ କରି ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ପୂର୍ବତନ ସଭାପତି ରଘୁନାଥ ସାହୁ (ଟାଙ୍ଗୀ), ପୂର୍ବତନ ସାଧାରଣ ସମ୍ପାଦକ ରଘୁନାଥ ସାହୁ (ଚାନ୍ଦପୁର), ଅଷ୍ଟମ ରାଜ୍ୟ ଉପସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଭାଗୀରଥି ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଆର୍ଥିକ ଅନଗ୍ରସର ମହିଳା, କୃତୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭ୍ରାତୃତ୍ୱ ଭାବ ଓ ମହିଳା ସଶକ୍ତୀକରଣ ଉପରେ ସଭାପତି ସାହୁ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଣପୁର ରାଜ୍ୟ ସଭାପତି ସୁଦର୍ଶନ ସାହୁ, ନଇରୀ ରାଜ୍ୟ ସଭାପତି ପ୍ରବୋଧ କୁମାର ସାହୁ, ମଙ୍ଗଳାଯୋଡ଼ି ରାଜ୍ୟ ସଭାପତି ବିରଞ୍ଚି ନାରାୟଣ ସାହୁ, ରଣପୁର ରାଜ୍ୟ ସଭାପତି ତ୍ରିନାଥ ସାହୁ, ସରପାରୀ ରାଜ୍ୟ ସଭାପତି ରମେଶ ଚନ୍ଦ୍ର ସାହୁ, ମୁଗମଣ୍ଡା ରାଜ୍ୟ ସଭାପତି ପ୍ରଭାତ କୁମାର ସାହୁ, ସିକୋ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ସାହୁ ଓ ଗୋଡ଼ିପଦର ରାଜ୍ୟ ସମ୍ପାଦକ ବିଜୟ କୁମାର ସାହୁ ଯୋଗଦେବା ସହ ୪୦୦ରୁ ଊର୍ଦ୍ଧ୍ୱ ସ୍ୱଜାତୀୟ ଭାଇ ଉପସ୍ଥିତ ଥିଲେ। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ କତିତ୍ୱ ହାସଲ କରିଥିବା ୩ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସରପାରୀ ରାଜ୍ୟ ସମ୍ପାଦକ ବିଜୟ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଷ୍ଟମ ରାଜ୍ୟ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ନିର୍ବାଚିତ ହୋଇଥିବା ସ୍ୱଜାତୀୟ ଭଉଣୀଭାଇଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆଗାମୀ ଦୁଇ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ ରଘୁନାଥ ସାହୁ (ଟାଙ୍ଗୀ), ରଘୁନାଥ ସାହୁ (ଚାନ୍ଦପୁର), ଗୋବିନ୍ଦ ଚନ୍ଦ୍ର ସାହୁ, ସଭାପତି ସୁରେଶ କୁମାର ସାହୁ, ଉପସଭାପତି ସୁଶାନ୍ତ କୁମାର ସାହୁ, ସାଧାରଣ ସମ୍ପାଦକ ଭାଗୀରଥି ସାମନ୍ତରାୟ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ, ସହସମ୍ପାଦକ ଭିକାରୀ ଚରଣ ସାହୁ, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ସାହୁ, ସମୀକ୍ଷକ ପ୍ରଭାତ କୁମାର ସାହୁ ଓ ପ୍ରଶାନ୍ତ କୁମାର ସାହୁ ମନୋନୀତ ହୋଇଥିଲେ। ଅଭ୍ୟର୍ଥନା କମିଟି ସଭାପତି ଶରତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ବାର୍ଷିକ ଅଧିବେଶନରେ ଉପସ୍ଥିତ ଅତିଥି।

## ପାନୀୟଜଳ ଯୋଗାଣ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

ପୁରୀ ଅଫିସ: ଡେଲାଙ୍ଗ ବ୍ଲକ ଧାନକେରା ପଞ୍ଚାୟତର ନାଗଣ ଗ୍ରାମରେ ପାନୀୟଜଳ ସମସ୍ୟା ଲାଗିରହିଛି। ତୁରନ୍ତ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିବାକୁ ନାଗଣା ଗ୍ରାମବାସୀ ଦାବି ଜଣାଇ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ଦୁଇଟି ୱାର୍ଡକୁ ନେଇ ଗଠିତ ନାଗଣ ଗ୍ରାମର ଜନସଂଖ୍ୟା ୮୫୦ରୁ। ନଳିବସନ୍ତରେ ହୋଇଥିବା ପାନୀୟ ଜଳ ପ୍ରକଳ୍ପରୁ ଗ୍ରାମକୁ ପାଇପ ଯୋଗେ ପାଣି ଯୋଗାଣ ବ୍ୟବସ୍ଥା କରାଯାଇଛି। କିନ୍ତୁ ଗ୍ରାମକୁ ଠିକ ଭାବେ ଜଳ ଯୋଗାଣ ହୋଇପାରୁନାହିଁ। ଫଳରେ ଗ୍ରାମବାସୀ ହଇରାଣ ହେଉଛନ୍ତି। ଅପରିଷ୍କାର ପାଣି ପିଇ ଅନେକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପ୍ରସନ୍ନ କୁମାର ପ୍ରଧାନ, ସର୍ବେଶ୍ୱର ସାହୁ ଓ ମାଗୁଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧।୮।୨୦୨୨

| | |
|---|---|
| ୪,୨୪,୭୩୦ ଟଙ୍କା | |
| ସୁନା | ୪୦୦ ମିଲିଗ୍ରାମ |
| ରୁପା | ୧୫.୧୯୦ ଗ୍ରାମ |

# ଏଣିକି ପ୍ରତି ମାସରେ 'ଶ୍ରୀଜଗନ୍ନାଥାୟନ'

### ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଶୀତତାପ ନିୟନ୍ତ୍ରିତ ହେବ

ପୁରୀ ଅଫିସ ୧।୮:

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସୋମବାର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପ୍ରଥମଥର ପାଇଁ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ 'ଶ୍ରୀଜଗନ୍ନାଥାୟନ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଣିକି ପ୍ରତ୍ୟେକ ମାସର ପ୍ରଥମ ଦିନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଘୋଷଣା କରିଛନ୍ତି। ସେହିପରି ଆସନ୍ତା ଏକ ମାସ ମଧ୍ୟରେ ରାଜ୍ୟର ସର୍ବପୁରାତନ ମଞ୍ଚ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଶୀତତାପ ନିୟନ୍ତ୍ରିତ ହେବ ବୋଲି ଦାସ କହିଛନ୍ତି। ଉତ୍କଳୀୟ ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରି ମହାପ୍ରଭୁଙ୍କୁ ବିଶ୍ୱମୟ କରିବା ପାଇଁ ରାଜ୍ୟ ସରକାର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପ୍ରତିଶ୍ରୁତିବଦ୍ଧ ବୋଲି ଦାସ କହିଛନ୍ତି। ଏକାଡେମୀର ସଚିବ ପ୍ରବୋଧ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ପ୍ରସନ୍ନ ମିଶ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ ଏବଂ ହେମନ୍ତ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମର ସଫଳତା ପାଇଁ ପୁରୀ ଜିଲାର ନୃତ୍ୟ, ସଙ୍ଗୀତ ଓ ନାଟ୍ୟ କଳାକାରଙ୍କ ସମେତ ଦେଶ ବିଦେଶର ପର୍ଯ୍ୟଟକ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ବିଭାଗର ନିର୍ଦ୍ଦେଶକ ଏବଂ ଏକାଡେମୀର ସଚିବ ଆହ୍ୱାନ କରିଥିଲେ।

ବହୁ ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଆରମ୍ଭ କରିଥିବାରୁ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ଓଡ଼ିଶା ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀକୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁରୁ ଚନ୍ଦ୍ରମଣି ଲେଙ୍କା ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ପରେ ଧୀରେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ନାଟକ 'ଦଶାବତାର' ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଗୀତିକାର ବଦ୍ରି ପାତ୍ର, ନାଟ୍ୟ ନିର୍ଦ୍ଦେଶକ ବିକ୍ରମ ସାହୁ, ଗୋପ ପଢ଼ିଆରୀ, ବୀରେନ୍ଦ୍ର ଗୋଛିକାର, ଗୋବିନ୍ଦ ମହାନ୍ତି, ପ୍ରତିମା ମିଶ୍ର, ଅନାମ ସାହୁ, ବିଶ୍ୱନାଥ ମହାପାତ୍ର, ବିକାଶ ଦତ୍ତ, ରୂପା ମହାନ୍ତି, ରାମକୃଷ୍ଣ ମହାପାତ୍ର, ଅଶୋକ ଦାସ, ସୁରେନ୍ଦ୍ର ନାୟକ, ଆର୍ତ୍ତତ୍ରାଣ ଶତପଥୀ, ଶିବ ସୁନ୍ଦର ମିଶ୍ର, ଅଶୋକ ମହାନ୍ତି, ବିଜୟ ପଣ୍ଡା, କାଲୁ ଦାଶ ଏବଂ ସୁଚରିତା ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପୂର୍ବରୁ ସିଂହଦ୍ୱାରଠାରୁ ପୁରୀର କଳାକାର, ସଙ୍ଗୀତଜ୍ଞ ଓ ନୃତ୍ୟଶିଳ୍ପୀମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଆସି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ନିକଟରେ ପହଞ୍ଚିଥିଲେ।



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।



ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପରିବେଷିତ ନାଟକ 'ଦଶାବତାର'ର ଏକ ଦୃଶ୍ୟ।

## ମାମଲା ରୁଜୁ କରି ଚୁପ୍ ବସିଛି ପୋଲିସ

### ହତ୍ୟା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ

ପୁରୀ ଅଫିସ, ୧।୮:

ଏକ ହତ୍ୟା ଘଟଣାରେ ପୁରୀ ସଦର ଥାନା ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିଛି। ତେଣୁ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ହତ୍ୟାକାଣ୍ଡର ଶିକାର ହୋଇଥିବା ବ୍ୟକ୍ତିଙ୍କ ପରିବାରବର୍ଗ ସୋମବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ବାଲିଗୁଆଳି ସମଙ୍ଗରା ଗ୍ରାମର ମଞ୍ଜୁଲତା ପ୍ରଧାନ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ମୁନା ପ୍ରଧାନଙ୍କ ବିବାହ ନୂଆଗାଁର ଜଣେ ଯୁବତୀଙ୍କ ସହ ହେବା ଲାଗି ନିର୍ବନ୍ଧ ସରିଥିଲା। କିନ୍ତୁ କିଛି ଦିନ ପରେ ଭୁଲ ବୁଝାମଣା ଯୋଗୁ ବିବାହ ପ୍ରସ୍ତାବ ଭାଙ୍ଗି ଯାଇଥିଲା। ତେବେ ଗତ ମେ ୧୬ ତାରିଖ ସନ୍ଧ୍ୟାରେ ମୁନାଙ୍କୁ ଉତ୍ତରକୋଣା ଗ୍ରାମର ଦୀପୁ ଦେଖାହେବା ପାଇଁ ଡାକିଥିଲେ। ପରେ ଦୀପ ଏବଂ ତାଙ୍କ ସହଯୋଗୀମାନେ ନୂଆଗାଁ ଛକଠାରେ ମୁନାଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ମୁନାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ସେଠାରୁ କଟକ ନିଆଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସଦର ଥାନାରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ମାତ୍ର ପୋଲିସ ଘଟଣାର ତଦନ୍ତ ଠିକ ଭାବରେ କରୁନାହିଁ।

## ସଂକ୍ଷେପରେ

### ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ

ପୁରୀ ଅଫିସ ୧।୮: ଶ୍ରାବଣ ଶୁକ୍ଳ ଚତୁର୍ଥୀ ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ ହୋଇଛି। ଦ୍ୱିତୀୟ ଭୋଗମଣ୍ଡପ ପରେ ଦକ୍ଷିଣଘର ଭୋଗ ହୋଇଥିଲା। ପରେ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ କରିଥିଲେ। ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଖସାପଡ଼ା ନୀତି ନିମନ୍ତେ ଦଇତାପତି ସେବାୟତମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ଅପରାହ୍ନ ପ୍ରାୟ ୫ଟା ୩୦ରେ ନୀତି ଆରମ୍ଭ ହୋଇଥିଲା। ସନ୍ଧ୍ୟା ୭ଟା ୫୦ରେ ନୀତି ସରିବା ପରେ ରତ୍ନସିଂହାସନ ଧୁଆଯାଇ ମହାପ୍ରଭୁଙ୍କ ମହାସ୍ନାନ କରାଯାଇଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଖସାପଡ଼ା ନୀତି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା।

### ୧୩୨ ଅଭିଯୋଗ ଶୁଣିଲେ ଏଡିଏମ୍, ଏସ୍‌ପି

କାକଟପୁର,୧।୮(ଡି.ଏନ୍.ଏ.): କାକଟପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଏସ୍‌ପି ଡ. କନୱର ବିଶାଲ ସିଂ, ଏଡିଏମ୍ (ରାଜସ୍ୱ) ଦିଲୀପ ମହାପାତ୍ର, ଏପିଡି (ପ୍ରଶାସନ) ରଶ୍ମିରେଖା ଦାସ, ଡେପୁଟି କଲେକ୍ଟର ଅଭିଯୋଗ ଇତିଶ୍ରୀ ନାୟକ, ଏସ୍‌ଡିପିଓ ନିମାପଡ଼ା ଦେବେଶ ମିଶ୍ର, କାକଟପୁର ତହସିଲଦାର ବିରଞ୍ଚି ନାରାୟଣ ବେହେରା, ସହକାରୀ ଯନ୍ତ୍ରୀ ଏବଂ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଜିଲାସ୍ତରୀୟ ଓ ସ୍ଥାନୀୟସ୍ତରର ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗ ସମ୍ପର୍କିତ ମୋଟ ୧୩୨ଟି ଅଭିଯୋଗ ଆସିଥିଲା। ଅଭିଯୋଗ ଅନୁଯାୟୀ ସେହି ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ବିଡିଓ ତୁଷାର ଜ୍ୟୋତିରଞ୍ଜନଙ୍କ ତତ୍ତ୍ୱାବଧାନରେ ଓ ପଞ୍ଚାୟତ ସମିତିର ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗରେ ଜନଶୁଣାଣି ଆୟୋଜିତ ହୋଇଥିଲା। ଜିଲାସ୍ତରୀୟ ଜନଶୁଣାଣିରେ ଜିଲାପାଳ ଓ ଜିଲା ଅଧିକାରୀଙ୍କ ଉପସ୍ଥିତି ରହିଥିଲେ ଶିବିରଟି ଆହୁରି ସଫଳ ହୋଇପାରନ୍ତା ବୋଲି ଶିବିରରେ ଉପସ୍ଥିତ ଜନସାଧାରଣ ମତ ରଖିଥିଲେ।





ବିଶ୍ୱ ସ୍ତନ୍ୟପାନ ଦିବସ ଅବସରରେ ସୋମବାର କମଳା ମାତୃ ମଙ୍ଗଳ କେନ୍ଦ୍ରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଇନର ହୁଇଲ କ୍ଲବ୍ ଶ୍ରୀଜଗନ୍ନାଥ ଧାମ ପୁରୀ ଶାଖାର ସଦସ୍ୟାମାନେ।

## ମା' କ୍ଷୀର ହିଁ ଶିଶୁର ସର୍ବଶ୍ରେଷ୍ଠ ଖାଦ୍ୟ

ପୁରୀ ଅଫିସ ୧।୮:

ଇନର ହୁଇଲ କ୍ଲବ୍ ଶ୍ରୀଜଗନ୍ନାଥ ଧାମ ପୁରୀ ଶାଖା ପକ୍ଷରୁ ସୋମବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଛି। କମଳା ଦେବୀ ମେଡିକାଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଇନର ହୁଇଲ କ୍ଲବ ସଭାପତି ଦୀପ୍ତିମୟୀ ଦାସ ଓ ସମ୍ପାଦିକା ମୁନ୍‌ମୁନ୍ ଦାସଗୁପ୍ତା ଯୋଗ ଦେଇ ସଦ୍ୟ ଜନ୍ମିତ ଶିଶୁଙ୍କର ମାଆମାନଙ୍କୁ ସ୍ତନ୍ୟମାନର ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ। ଏହାଦ୍ୱାରା ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି, ପୁଷ୍ଟିକର ଖାଦ୍ୟର ଆବଶ୍ୟକତା, ସ୍ତନ୍ୟପାନର କୌଶଳ ସହ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ମା' କ୍ଷୀର ହିଁ ଶିଶୁର ସର୍ବଶ୍ରେଷ୍ଠ ଖାଦ୍ୟ ଏବଂ ଏହା ରୋଗ ପ୍ରତିଷେଧକ। ସ୍ତନ୍ୟପାନ ଦ୍ୱାରା ଶିଶୁର ସର୍ବାଙ୍ଗୀନ ବିକାଶ ହୋଇଥାଏ। ଶିଶୁ ଶକ୍ତିଶାଳୀ ହେବା ସହ ୮୦୦ ଅଧିକ କ୍ୟାଲୋରି ମିଳିଥାଏ। ଜନ୍ମଠାରୁ ଛଅମାସ ପର୍ଯ୍ୟନ୍ତ ଶିଶୁକୁ ସ୍ତନ୍ୟପାନ କରାଇବା ଉଚିତ ବୋଲି ଉପସ୍ଥିତ ମାଆମାନଙ୍କୁ ବୁଝାଇଥିଲେ। ପରେ ନ୍ୟୁଟ୍ରିଶନ୍ ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଞ୍ଜନା ବାନାର୍ଜୀ, ଭାଗ୍ୟଲକ୍ଷ୍ମୀ ସୁବୁଦ୍ଧି, ଇନ୍ଦିରା ସୁବୁଦ୍ଧି, ମିତାଲି ଦାସଗୁପ୍ତା, ବନ୍ଦିତା ସାହୁ, ଜ୍ୟୋତିର୍ମୟୀ ମହାନ୍ତି, ନିରୂପମା ଷଡ଼ଙ୍ଗୀ, ଅର୍ଚ୍ଚନା ପାତ୍ର, ଝରଣା ନାୟକ ଏବଂ ବିଜୟଲକ୍ଷ୍ମୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତୀର୍ଥଯାତ୍ରୀଙ୍କ ନିମନ୍ତେ କ୍ଲବ୍ ପକ୍ଷରୁ ଶ୍ୱେତଗଙ୍ଗାଠାରେ ୱାଟର ପିୟୁରିଫାୟର ପ୍ରଦାନ କରାଯାଇଛି।

## ନିମାପଡ଼ା, ଚାରିଛକ ମେଡିକାଲ ପରିଦର୍ଶନ କଲା ସ୍ୱାସ୍ଥ୍ୟ ବିଭାଗ ଟିମ୍

ନିମାପଡ଼ା,୧।୮(ଡି.ଏନ୍.ଏ.):

**ଧରିତ୍ରୀ ପ୍ରଭାବ**

ନିମାପଡ଼ା ଅଞ୍ଚଳରେ ଜ୍ୱର, ଝାଡ଼ାବାନ୍ତି ପ୍ରକୋପ ବଢ଼ୁଛି। ଏନେଇ ସୋମବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ସୋମବାର ଜିଲା ଜନ ସ୍ୱାସ୍ଥ୍ୟ ବିଭାଗର ଏଡିଏମ୍‌ଓ ବିରଜା ଶଙ୍କର ରଥଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ନିମାପଡ଼ା, ଚାରିଛକ ମେଡିକାଲ ପରିଦର୍ଶନ କରିଛନ୍ତି। ଅଞ୍ଚଳରେ ଦେଖାଦେଇଥିବା ଜ୍ୱର, ଝାଡ଼ାବାନ୍ତି ରୋଗ ସମ୍ପର୍କରେ ଟିମ୍ ନିମାପଡ଼ା ମେଡିକାଲରେ ଡାକ୍ତର ସୁବ୍ରତ ମହାପାତ୍ର ଏବଂ ପ୍ରବୀଣ ଜେନାଙ୍କ ସହ ଆଲୋଚନା କରିଥିଲେ। ଏନେଇ ସମୀକ୍ଷା କରିବା ସହ ଆକ୍ରାନ୍ତଙ୍କ ବିବରଣୀ ସଂଗ୍ରହ ଏବଂ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଆକ୍ରାନ୍ତଙ୍କ ନମୁନା ସଂଗ୍ରହ, ରେକର୍ଡପତ୍ର ଯାଞ୍ଚ କରିବା ସହ ମେଡିକାଲରେ ଔଷଧ, ଇଞ୍ଜେକ୍ସନ ଆଦି ଗଚ୍ଛିତ ଥିବା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଏହି ଟିମ୍ ଚାରିଛକ ମେଡିକାଲ ଗସ୍ତ କରି ଜ୍ୱର, ଝାଡ଼ାବାନ୍ତି ରୋଗର ସ୍ଥିତି ପରଖି ଥିବାବେଳେ ନମୁନା ସଂଗ୍ରହ ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ରୋଗ ଓ ରୋଗୀଙ୍କ ପ୍ରତି ସତର୍କ ଦୃଷ୍ଟି ରଖିବା, ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲାଗି ଏଡିଏମ୍‌ଓ ରଥ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କୁ ପରାମର୍ଶ ଦେଇଥିଲେ।

## ୫୧ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ ଅଫିସ ୧।୮:

ବଳଙ୍ଗି ଉଚ୍ଚ ବିଦ୍ୟାଳୟ ପରିସରରେ ଅନନ୍ୟା କଳାମନ୍ଦିର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ଡା. ସୁନିଲ କୁମାର ତରାଇ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର, କଳାକାର ସମୀର ଶତପଥି, ସାମାଜିକ କର୍ମୀ ବଦ୍ରି ମିଶ୍ର ଏବଂ ସଂଯୋଜକ ଶ୍ୟାମପ୍ରକାଶ ସେନାପତି ଯୋଗଦେଇଥିଲେ। ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାତା ପ୍ରତ୍ୟୁଷ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିର ଆୟୋଜନରେ ଗାୟତ୍ରୀ ବୀରେଶ୍ୱର ଶୁକ୍ଳା ଚାରିଟେବଲ ଟ୍ରଷ୍ଟ ସହଯୋଗ କରିଥିଲା।

## ଶିଶୁ ସୁସ୍ଥ ସମାଜର ଉତ୍ତରାଧିକାରୀ

ସାକ୍ଷୀଗୋପାଳ, ୧।୮(ଡି.ଏନ୍.ଏ./ସ୍ୱ.ପ୍ର.)

ଶିଶୁ ସୁରକ୍ଷା କମିଟିର ଦାୟିତ୍ୱ ଓ ଭୂମିକା ସମ୍ବନ୍ଧୀୟ ଏକ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ସତ୍ୟବାଦୀ ପଞ୍ଚାୟତ ସମିତି ସଭା ଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଓ ସମନ୍ୱିତ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ବିଡିଓ କ୍ଷୀରୋଦ କୁମାର ବେହେରା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ସଦସ୍ୟ ରମାଶଙ୍କର ପାତ୍ର, ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାସ, ବିଇଓ ଭବମ ପ୍ରଧାନ, ଏବିଡିଓ ଅରକ୍ଷିତ ପ୍ରଧାନ ପ୍ରମୁଖ ଯୋଗଦେଇ ଶିଶୁ ହିଁ ସମାଜର ମୁଖ୍ୟ ଉତ୍ତରାଧିକାରୀ ବୋଲି କହିଥିଲେ। ପ୍ରତି ପଞ୍ଚାୟତରେ ଶିଶୁ ସୁରକ୍ଷା କମିଟି ଗଠନ ହେବ। କମିଟିରେ ସରପଞ୍ଚ ଅଧ୍ୟକ୍ଷ ରହିବେ ପ୍ରତିନିଧି ରହିବେ। ଏହି କମିଟିର ପ୍ରଥମ ବୈଠକ ୪ତାରିଖରେ ପ୍ରତି ପଞ୍ଚାୟତରେ ଅନୁଷ୍ଠିତ ହେବ। ୬ ତାରିଖରେ ବ୍ଲକସ୍ତରୀୟ ସୁରକ୍ଷା କମିଟିର ବୈଠକ ପଞ୍ଚାୟତ ସମିତି ସଭା ଗୃହରେ ଅନୁଷ୍ଠିତ ହେବ ବୋଲି ବିଡିଓ କ୍ଷୀରୋଦ ବେହେରା ସୂଚନା ଦେଇଥିଲେ।

## ପୂର୍ବ ଶତ୍ରୁତାରୁ ପୋଡ଼ିଦେଲେ

### ୯ ବଖରା ଭସ୍ମୀଭୂତ

ପିପିଲି/ବଳଙ୍ଗା, ୧।୮(ଡି.ଏନ୍.ଏ./ସ୍ୱ.ପ୍ର.):

ପିପିଲି ସରସ୍ୱତୀପୁର ପଞ୍ଚାୟତର ବାଲିଉପର ସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଗ୍ନିକାଣ୍ଡ ହୋଇଛି। ଏନେଇ ବଳଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା (ନଂ. ୧୨୯/୨୨) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ରବିବାର ବିଳମ୍ବିତ ରାତିରେ ନକୁଳ ସ୍ୱାଇଁଙ୍କ ଘରେ ହଠାତ୍ ନିଆଁ ଲାଗି ଯାଇଥିଲା। ସେହି ନିଆଁ ବ୍ୟାପିଯାଇ ତାଙ୍କ ୨ ବଖରା, ଗଦାଧର ସ୍ୱାଇଁଙ୍କ ୨ ବଖରା, ସୁରଥ ସ୍ୱାଇଁଙ୍କ ୨ ବଖରା, ଭୋବନୀ ସ୍ୱାଇଁଙ୍କ ଏକ ବଖରା ଚାଳ ଘର, ସହଦେବ ସ୍ୱାଇଁଙ୍କ ଏକ ବଖରା ଚାଳ ଘର ଏବଂ ସୁବନୀ ସ୍ୱାଇଁଙ୍କ ଏକ ବଖରା ଆଜବେଷ୍ଟସ ଘର ସହ ନକୁଳଙ୍କ ଏକ ବାଇକ୍ ଓ ସାଇକେଲ ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ଏହି ଅଗ୍ନିକାଣ୍ଡ ପଛରେ ଗ୍ରାମର ପ୍ରସନ୍ନ ସ୍ୱାଇଁ ଓ ପ୍ରଭାତୀ ସ୍ୱାଇଁଙ୍କ ହାତ ଥିବା ନକୁଳ ଅଭିଯୋଗରେ ଦର୍ଶାଇଛନ୍ତି। ଖବରପାଇ ସାକ୍ଷୀଗୋପାଳ ଓ ପିପିଲି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଘରର ସମସ୍ତ ଆସବାବ ପତ୍ର ସହ ଏକ ବାଇକ୍ ଜଳି ପାଉଁଶ ହୋଇଯାଇଥିଲା। ବଳଙ୍ଗା ଥାନା ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହ ପଲିଥିନ୍ ଏବଂ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ପିପିଲି ତହସିଲ ପକ୍ଷରୁ ମଧ୍ୟ ପଲିଥିନ୍ ଦିଆଯାଇଥିଲା। ବିଧାୟକ ମହାରଥୀ ତହସିଲଦାରଙ୍କ ସହ ମିଶି ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଆଲୋଚନା କରିଥିଲେ। ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ୱନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ପୂର୍ବତନ ସରପଞ୍ଚ ରାଧାଶ୍ୟାମ ରଥ, ସରସ୍ୱତୀପୁର ସମିତି ସଭ୍ୟ ସୁଦର୍ଶନ ପ୍ରଧାନ, ପିପିଲି ତହସିଲଦାର ପୁନମ ମହାପାତ୍ର, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶରେ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରି କ୍ଷୟକ୍ଷତିର ଆକଳନ କରିଥିଲେ। ସେହିପରି ବିପନ୍ନ ପରିବାରକୁ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ସରସ୍ୱତୀପୁର ସରପଞ୍ଚ ସିଲି ଜେନା, ରଥପୁରୁଷୋତ୍ତମପୁର ସରପଞ୍ଚ ସୁବାସ ପଲାଇ, ସମିତିସଭ୍ୟ ସନ୍ତୋଷ ସାହୁ ପ୍ରମୁଖ ପହଞ୍ଚି ସମବେଦନା ଜଣାଇବା ସହ ଶୁଖିଲା ଖାଦ୍ୟ ଓ ପଲିଥିନ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଗତ ୧୫ ଦିନ ତଳେ ନକୁଳଙ୍କ ସହ ଉକ୍ତ ଗ୍ରାମର ଧ୍ରୁବ ସ୍ୱାଇଁଙ୍କ ମଧ୍ୟରେ କୌଣସି ଘଟଣାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଧ୍ରୁବଙ୍କ ସମେତ ଅନ୍ୟ ୫ଜଣଙ୍କ ନାମରେ ନକୁଳ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଧ୍ରୁବ ମଧ୍ୟ ନକୁଳଙ୍କ ନାମରେ ପାଲଟା ଅଭିଯୋଗ କରିଥିଲେ। ଉଭୟଙ୍କ ଅଭିଯୋଗରେ ବଳଙ୍ଗା ଥାନାରେ ୨ଟି ମାମଲା ରୁଜୁ ହୋଇଥିଲା।



## ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନଭୋଜନ ଖାଇଲେ ବିଧାୟକ

ପିପିଲି,୧।୮(ଡି.ଏନ୍.ଏ.):

ପିପିଲି ବ୍ଲକ ରଥପୁରୁଷୋତ୍ତମ ପଞ୍ଚାୟତ ଅନ୍ତର୍ଗତ ବଳଙ୍ଗା-ସାତଶଙ୍ଖ ରାସ୍ତାରେ ଥିବା ନାଳିହଣା ପ୍ରାଥମିକ ବିଦ୍ୟାଳୟରେ ସୋମବାର ବିଧାୟକ ରୁଦ୍ରପ୍ରତାପ ମହାରଥୀ ଅଚାନକ ପହଞ୍ଚିଥିଲେ। ସେଠାରେ ମହାରଥୀ ଖାଦ୍ୟର ମାନ ଯାଞ୍ଚ କରିବାକୁ ଯାଇ ପିଲାଙ୍କ ସହ ତଳେ ବସି ଭାତ ଓ ଡାଲମା ଖାଉଥିବା ଦେଖିବାକୁ ମିଳିଛି। ଖାଦ୍ୟର ମାନ ସଠିକ ଥିବାରୁ ବିଧାୟକ ରୋଷେୟାଙ୍କୁ ପ୍ରଶଂସା କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ୟା ବିଷୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରି ବୁଝିଥିଲେ। ଖୁବ୍‌ଶୀଘ୍ର ବିଶୁଦ୍ଧ ପାଇପ ପାଣି ଯୋଗାଇବା ଏବଂ ପାଚେରି ନିର୍ମାଣ ଉପରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ବିଧାୟକ ମହାରଥୀ ଯଶୁଆପୁର ପଞ୍ଚାୟତର ଉତ୍ତରାୟଣୀ ୫-ଟି ସ୍ମାର୍ଟ ସ୍କୁଲ ପରିଦର୍ଶନ କରିଥିଲେ। ଅଧା ଥିବା ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ଦିନେ ପିଲା ଯେପରି ହଇରାଣ ନ ହେବେ ସେଥିପ୍ରତି ଧ୍ୟାନ ଦେବାକୁ କର୍ତ୍ତୃପକ୍ଷଙ୍କୁ ତାଗିଦା କରିଥିଲେ। ପିପିଲି, ଡେଲାଙ୍ଗର ବିଭିନ୍ନ ସ୍କୁଲକୁ ଯାଇ ରୂପାନ୍ତରୀକରଣ ଓ ମଧ୍ୟାହ୍ନଭୋଜନର ମାନ ପରୀକ୍ଷା ଜାରି ରହିବ ବୋଲି ବିଧାୟକ ମହାରଥୀ କହିଥିଲେ।



## ୪ରୁ ଫଟୋ ଭୋଟର ତାଲିକା ସଂଶୋଧନ

### ୧୮ ବର୍ଷ ବୟସ ପୂର୍ବରୁ ହେବ ପଞ୍ଜୀକରଣ

ପୁରୀ ଅଫିସ,୧।୮:

ପୁରୀ ଜିଲାରେ ଆସନ୍ତା ୪ ତାରିଖରୁ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଉଭୟ ପୁରୁଣା ଓ ନୂଆ ଭୋଟରମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ। ପୂର୍ବରୁ ୧୮ ବର୍ଷ ବୟସ ଆଗରୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବା ପାଇଁ ଅନୁମତି ନ ଥିଲା। ମାତ୍ର ନିର୍ବାଚନ ଆୟୋଗ ଏହି ଆଇନକୁ ସଂଶୋଧନ କରିଛନ୍ତି। ନୂତନ ନିୟମ ଅନୁଯାୟୀ ଏଣିକି ୧୮ ବର୍ଷ ବୟସ ପୂର୍ବରୁ ଯେ କେହି ନିଜ ନାମ ପଞ୍ଜୀକରଣ କରିପାରିବେ ବୋଲି ସୋମବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଉପଜିଲାପାଳ ଭବତାରଣ ସାହୁ ସୂଚନା ଦେଇଛନ୍ତି।

ଏ ନେଇ ଅନୁଷ୍ଠିତ ଏକ ବୈଠକରେ ଅତିରିକ୍ତ ଜିଲାପାଳ ଏବଂ ଉପଜିଲାପାଳଙ୍କ ସମେତ ସବୁ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବୈଠକରେ ଫଟୋ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ-୨୦୨୩ ସମ୍ପର୍କରେ ଆଲୋଚନା ହୋଇଥିଲା। ୨୦୨୩ ଜାନୁୟାରୀ ୧ ତାରିଖ ସୁଦ୍ଧା ଯାହାଙ୍କୁ ୧୮ ବର୍ଷ ବୟସ ହୋଇଥିବ, ସମ୍ପୃକ୍ତ ବ୍ୟକ୍ତି ଏ ନେଇ ଆବେଦନ କରିପାରିବେ। ସେହିଭଳି ସଂଶୋଧନ କିମ୍ବା ନୂଆ ଭୋଟର ପରିଚୟ ପତ୍ର ପାଇଁ ବର୍ଷକୁ ଚାରି ଥର ସମୟ ଦିଆଯିବ। ପ୍ରତି ତିନି ମାସରେ ଥରେ ଭୋଟରମାନେ ନାମ ପଞ୍ଜୀକରଣ କରିବାର ସୁଯୋଗ ପାଇବେ। ସେହିଭଳି ଭୋଟର ପ୍ରମାଣପତ୍ର ସହ ଆଧାର ନମ୍ବର ଲିଙ୍କ କରିବା ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଆଧାର ନମ୍ବର ଲିଙ୍କ କରାଯାଇପାରିଲେ, ନକଲି ଭୋଟର ପ୍ରମାଣପତ୍ରଧାରୀମାନଙ୍କୁ ଚିହ୍ନଟ କରିବା ସହଜ ହେବ। ତେବେ ଭୋଟର ପ୍ରମାଣପତ୍ର ସହ ଆଧାର ନମ୍ବର ଲିଙ୍କ ବାଧ୍ୟତାମୂଳକ ନୁହେଁ ବୋଲି ଅତିରିକ୍ତ ଜିଲାପାଳ ସ୍ପଷ୍ଟ କରିଛନ୍ତି। ଜିଲାରେ ୧୫୯୩ ପୋଲିଂ ବୁଥ୍ ରହିଛି, ଏହାକୁ ସକ୍ରିୟ କରିବା ସହ, ଭୋଟର ପରିଚୟପତ୍ରରେ ନାଗରିକଙ୍କ ସ୍ପଷ୍ଟ ଫଟୋଚିତ୍ର ଲଗାଇବା ଓ ନକଲି ପ୍ରମାଣପତ୍ରଧାରୀଙ୍କୁ ଚିହ୍ନଟ କରି ନିର୍ବାଚନ ଆୟୋଗଙ୍କୁ ଅବଗତ କରାଇବା ପ୍ରଭୃତି କାର୍ଯ୍ୟ ଆସନ୍ତା ୪ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨୪ ପର୍ଯ୍ୟନ୍ତ ଚାଲିବ। ଏହାପରେ ପ୍ରସ୍ତାବିତ ତାଲିକା ପ୍ରସ୍ତୁତ, ଅଭିଯୋଗ ଗ୍ରହଣ ଓ କାର୍ଯ୍ୟାନୁଷ୍ଠାନ, ପ୍ରଚାର ପ୍ରସାର ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ହେବ। ଆସନ୍ତା ବର୍ଷ ଜାନୁୟାରୀ ୫ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ବୋଲି ବୈଠକରେ ସୂଚନା ମିଳିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨ ଅଗଷ୍ଟ ୨୦୨୨






କ୍ଷେତ ମୂଲିଆଙ୍କ ପାଇଁ କେନ୍ଦ୍ରୀୟ ଆଇନ ପ୍ରଣୟନ ସକାଶେ ଭାରତୀୟ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ବିକ୍ଷୋଭ କରାଯାଉଛି।

# ଦ୍ରୌପଦୀ ମୁର୍ମୁଙ୍କୁ ସମ୍ବର୍ଦ୍ଧନା

## ଆଜି ଦିଲ୍ଲୀ ଗସ୍ତ କରିବ ୨୬ ଜଣିଆ ବିଧାୟକ ଟିମ୍

ଭୁବନେଶ୍ୱର,୧୮ବ୍ୟୁରୋ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ମଙ୍ଗଳବାର ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ନେତୃତ୍ୱରେ ବିଧାନସଭାର ୨୬ ଜଣିଆ ବିଧାୟକ ଟିମ୍ ନୂଆଦିଲ୍ଲୀ ଗସ୍ତ କରି ରାଷ୍ଟ୍ରପତିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ୧୫ ଜଣ, ଭାଜପାର ୬, କଂଗ୍ରେସର ୩ ଏବଂ ଜଣେ ସିପିଏମ୍ ସଦସ୍ୟ ଯିବେ ବୋଲି ଚୂଡ଼ାନ୍ତ ହୋଇଛି। ଏହି ଟିମ୍‌ରେ ଉପବାଚସ୍ପତି ରଜନୀକାନ୍ତ ସିଂ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ବିଧାୟକ ସୁଦାମ ମାର୍ଣ୍ଡି, ଦେବୀ ପ୍ରସାଦ ମିଶ୍ର, ସ୍ନେହାଙ୍ଗିନୀ ଛୁରିଆ, ପଦ୍ମିନୀ ଦିଆନ, ନରସିଂହ ମିଶ୍ର, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ମୋହନ ଚରଣ ମାଝୀ, କୁସୁମ ଟେଟେ, ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଦିଲ୍ଲୀ ଯିବେ। ଅଗଷ୍ଟ ୩ ଅର୍ଥାତ୍ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିଧାୟକ ଦଳ ଭେଟି ସମ୍ବର୍ଦ୍ଧନା ଜଣାଇବ। ଦେଶର ସର୍ବୋଚ୍ଚ ଆସନରେ ଅଭିଷିକ୍ତା ଦ୍ରୌପଦୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ନିମନ୍ତେ ଜୁଲାଇ ୨୫ରେ ସର୍ବସମ୍ମତିକ୍ରମେ ବିଧାନସଭାରେ ଆଗତ ସଙ୍କଳ୍ପ ଗୃହୀତ ହୋଇଥିଲା। ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏ ସମ୍ପର୍କିତ ସଙ୍କଳ୍ପକୁ ଗୃହରେ ଆଗତ କରିଥିଲେ। ରାଷ୍ଟ୍ରପତିଙ୍କୁ ଭେଟିବା ପୂର୍ବରୁ ସମସ୍ତ ବିଧାୟକଙ୍କ କୋଭିଡ୍ ପରୀକ୍ଷା କରାଯିବ ବୋଲି ସୂଚନା ମିଳିଛି।

# ନଦୀ ପାଇଁ ଚିନ୍ତା ନାହିଁ

## ରାଜ୍ୟପାଳଙ୍କୁ ଭେଟିଲେ ଭାଜପା ପ୍ରତିନିଧି ଦଳ

ଭୁବନେଶ୍ୱର, ୧୮(ବ୍ୟୁରୋ)

ନଦୀଗୁଡ଼ିକ ଉପରେ ମାନବ ସଭ୍ୟତା ସର୍ବଦା ନିର୍ଭରଶୀଳ। ଓଡ଼ିଶାର ପ୍ରାୟ ସାଢ଼େ ୪ କୋଟି ଲୋକ ତାଙ୍କ ଦୈନନ୍ଦିନ ଜୀବନରେ ନଦୀ ଉପରେ ନିର୍ଭର କରିବା ସହ କୃଷି, ପଶୁପାଳନ ପାଇଁ ମଧ୍ୟ ସର୍ବଦା ନିର୍ଭର କରିଥାଆନ୍ତି। ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଇନ୍ଦ୍ରାବତୀ, ନାଗାବଳୀ ଓ ତେଲ୍ ନଦୀ ଓଡ଼ିଶାରେ ପ୍ରବାହିତ ହେଉଛି। କିନ୍ତୁ ଅପାରଗ ରାଜ୍ୟ ସରକାରଙ୍କ ଲାଗି ଓଡ଼ିଶାର ନଦୀ ଶୁଷ୍କ ଓ ପ୍ରଦୂଷିତ ହୋଇଗଲାଣି ବୋଲି ଭାଜପା ଅଭିଯୋଗ କରିଛି।

ଭାଜପାର ଏକ ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି ଯେ, ବିଭିନ୍ନ କଳ କାରଖାନା ଓ ଶିଳ୍ପଗୁଡ଼ିକ ନଦୀରୁ ମାତ୍ରାଧିକ ଜଳ ଶୋଷି ନେଉଛନ୍ତି। ହେଲେ ରାଜ୍ୟ ସରକାର ଜାଣିଶୁଣି ଏ ଦିଗରେ ଚୁପ୍ ରହୁଛନ୍ତି। ନଦୀକୁ ସୁରକ୍ଷା ଦେବା ଲାଗି ଭାଜପାର ନଦୀ ସୁରକ୍ଷା ସମିତିର ରାଜ୍ୟ ସଂଯୋଜକ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଶିଳ୍ପ କାରଖାନା ନଦୀଜଳ ବ୍ୟବହାର ପରେ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଯୋଗେ ପରିଷ୍କାର କରି ପୁନର୍ବାର ବ୍ୟବହାର କରିବା କଥା, ମାତ୍ର କମ୍ପାନୀଗୁଡ଼ିକ ମଇଳା ଜଳକୁ ସଫା ନ କରି ସିଧାସଳଖ ନଦୀକୁ ଛାଡୁଛନ୍ତି। ଫଳରେ ନଦୀଜଳ ପ୍ରଦୂଷିତ ହେଉଛି। ଫଳରେ ବିଭିନ୍ନ ଚର୍ମରୋଗ, ହଇଜା, କଲେରା ଓ ଅନ୍ୟାନ୍ୟ ରୋଗ ବ୍ୟାପୁଥିଲେ ମଧ୍ୟ ସରକାର ଏନେଇ କୌଣସି ପଦକ୍ଷେପ ନେଉନାହାନ୍ତି।

# ୪ କଂଗ୍ରେସ ଏମ୍‌ପିଙ୍କ ଉପରୁ ନିଲମ୍ବନ ଉଠିଲା

ନୂଆଦିଲ୍ଲୀ,୧୮

ଲୋକ ସଭାରୁ ନିଲମ୍ବିତ ହୋଇଥିବା ୪ କଂଗ୍ରେସ ସଦସ୍ୟଙ୍କ ଉପରୁ ବାଚସ୍ପତି ଓମ୍ ବିର୍ଲା ସୋମବାର ନିଲମ୍ବନ ହଟାଇ ଦେଇଛନ୍ତି। ଗୃହରେ ବିଶୃଙ୍ଖଳିତ ଆଚରଣ ନ କରିବା ଏବଂ ପ୍ଲାକାର୍ଡ ନ ଆଣିବା ପାଇଁ ସେମାନଙ୍କୁ ଚେତାବନୀ ଦିଆଯାଇଛି। ଗୃହରେ ପ୍ଲାକାର୍ଡ ଦେଖାଇଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଚସ୍ପତି କହିଛନ୍ତି।

ଗୃହରେ ପ୍ରତିବାଦ କରିବା ସହ ସ୍ଲୋଗାନ ଦେବା ଏବଂ ପ୍ଲାକାର୍ଡ ଓ ପୋଷ୍ଟର ଦେଖାଇଥିବା କଂଗ୍ରେସ ଏମପି ମାଣିକମ ଟାଗୋର, ରମ୍ୟା ହରିଦାସ, ଜୋଥିମାନି ଏବଂ ଟି.ଏନ୍. ପ୍ରଥାପନଙ୍କୁ ଜୁଲାଇ ୨୫ରୁ ମୌସୁମୀ ଅଧିବେଶନ ଶେଷ ପର୍ଯ୍ୟନ୍ତ ନିଲମ୍ବନ କରାଯାଇଥିଲା। ସୋମବାର ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବାଚସ୍ପତିଙ୍କ ଅନୁରୋଧ କ୍ରମେ ୪ ଏମ୍‌ପିଙ୍କ ଉପରୁ ନିଲମ୍ବନ ଉଠାଇବା ପାଇଁ ସରକାର ପ୍ରସ୍ତାବ ଆଣିଥିଲେ। ଗୃହରେ ସେମାନଙ୍କ ଆଚରଣ ସମସ୍ତଙ୍କୁ ଆଘାତ ଦେଇଥିଲା। ଗୃହର ମର୍ଯ୍ୟାଦା ଓ ଶିଷ୍ଟତା ରକ୍ଷା କରିବା ଆମ ସମସ୍ତଙ୍କର ମିଳିତ ଦାୟିତ୍ୱ ବୋଲି ବାଚସ୍ପତି ବିର୍ଲା କହିଥିଲେ।

# ଆରମ୍ଭ ହେଲା ଭୋଟର ତାଲିକା ସଂଶୋଧନ

ଭୁବନେଶ୍ୱର, ୧୮(ବ୍ୟୁରୋ)

- ୧୭ରୁ ଊର୍ଦ୍ଧ୍ୱ ବର୍ଷ ଯୁବକଙ୍କ ଲାଗି ଆଗୁଆ ଆବେଦନ ସୁବିଧା
- ଭୋଟର ତାଲିକାରେ ଆଧାର ସଂଯୋଗୀକରଣ ପ୍ରକ୍ରିୟା ଆରମ୍ଭ
- ପ୍ରତି ୩ ମାସରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ହେବ: ମୁଖ୍ୟ ନିର୍ବାଚନ ଅଧିକାରୀ

କେନ୍ଦ୍ର ସରକାରଙ୍କ ଆଇନ ଓ ବିଚାର ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଲୋକପ୍ରତିନିଧି ଆଇନ ୧୯୫୦/୧୯୫୧ର ପରିବର୍ତ୍ତନ କରାଯାଇ ଭୋଟର ତାଲିକାରେ କେତେଗୁଡ଼ିଏ ସଂଶୋଧନ କରାଯାଇଛି। ଏହା ସୋମବାରଠାରୁ କାର୍ଯ୍ୟକାରୀ ହୋଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କହିବାନୁଯାୟୀ, ଭୋଟର ତାଲିକାରେ ନାମ ପଞ୍ଜୀକରଣ ଲାଗି କେବଳ ଫର୍ମ ନମ୍ବର-୬ରେ ଆବେଦନ କରାଯିବ। ପ୍ରବାସୀ ଭାରତୀୟ ନାଗରିକମାନେ ନାମ ପଞ୍ଜୀକରଣ ପାଇଁ ଫର୍ମ ନମ୍ବର-୬(କ)ରେ ଆବେଦନ କରିପାରିବେ। ଫର୍ମ ନମ୍ବର-୭ ଦ୍ୱାରା ଭୋଟର ତାଲିକାରୁ ନାମ ବାଦ୍‌ଦେବା ସହିତ ମୃତ୍ୟୁ ପ୍ରମାଣପତ୍ର ସଂଲଗ୍ନ କରାଯାଇପାରିବ। ସେହିପରି ଫର୍ମ ନମ୍ବର-୮ରେ ନିର୍ବାଚନମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତର ନିମନ୍ତେ ଆବେଦନ କରିବା, ଭୋଟର ତାଲିକାରେ ଥିବା ବିବରଣୀଗୁଡ଼ିକର ସଂଶୋଧନ, ପରିଚୟପତ୍ର ବଦଳ ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ ନିମନ୍ତେ ଆବେଦନ କରିହେବ।

ସେହିପରି ଆଧାର ସଂଯୋଗୀକରଣ ନିମନ୍ତେ ଫର୍ମ ନମ୍ବର-୬(ଖ)ରେ ଆବେଦନ କରାଯିବ। ବୁଥ୍‌ସ୍ତରୀୟ ଅଧିକାରୀ ଭୋଟରଙ୍କଠାରୁ ଆଧାର ତଥ୍ୟ ଫର୍ମ ନମ୍ବର-୬(ଖ)ରେ ସଂଗ୍ରହ କରିବେ। ୨୦୨୩ ଏପ୍ରିଲ ୧ ସୁଦ୍ଧା ତାଲିକାଭୁକ୍ତ ଭୋଟରମାନେ ସେମାନଙ୍କ ଆଧାର ବିବରଣୀ ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଜଣାଇବାକୁ ନିଷ୍ପତ୍ତି ନିଆଯାଇଛି। ଭୋଟର ତାଲିକାରେ ନାମ ପଞ୍ଜୀକରଣ ଲାଗି ୪ଟି ଯୋଗ୍ୟତାସୂଚକ ତାରିଖ ତଥା ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଏବଂ ଅକ୍ଟୋବର ୧ ତାରିଖ ରହିବ। ପୂର୍ବରୁ କେବଳ ଜାନୁୟାରୀ ୧କୁ ଯୋଗ୍ୟତାସୂଚକ ତାରିଖ ଧରାଯାଉଥିଲା। ୧୭ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଯୁବବର୍ଗ ବର୍ତ୍ତମାନ ସେମାନଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକରଣ କରିବା ପାଇଁ ଆଗୁଆ ଆବେଦନ କରିପାରିବେ। ଯେଉଁ ନୂତନ ଭୋଟରଙ୍କ ବୟସ ଉପରୋକ୍ତ ୪ଟି ତାରିଖ ସୁଦ୍ଧା ୧୮ ବର୍ଷ ପୂରଣ ହେଉଥିବ ସେମାନେ ନିଜ ନାମ ପଞ୍ଜୀକରଣ କରିପାରିବେ। ବର୍ତ୍ତମାନଠାରୁ ପ୍ରତି ୩ ମାସରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ହୋଇପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

## ବିଧାନସଭା ସମାଚାର

# ବିରୋଧୀଙ୍କ ହଙ୍ଗାମା

## ଚିଟ୍‌ଫଣ୍ଡ, ଫସଲବୀମା, ମରୁଡ଼ି ପ୍ରସଙ୍ଗ

ଭୁବନେଶ୍ୱର,୧୮(ବ୍ୟୁରୋ)

ଫସଲ ବୀମା, ବର୍ଷା ଅଭାବରୁ ରାଜ୍ୟର କେତେକ ସ୍ଥାନରେ ମରୁଡ଼ି ପରିସ୍ଥିତି ଏବଂ ଚିଟ୍‌ଫଣ୍ଡ ପ୍ରସଙ୍ଗରେ ମୁଲତବୀ ଆଲୋଚନା ଅଗ୍ରାହ୍ୟକୁ ନେଇ ବିରୋଧୀ ଦଳ ବିଧାନସଭାକୁ ଅଚଳ କରିଦେଇଥିଲେ। ପ୍ରଶ୍ନକାଳ ବାତିଲ କରି ଚାଷୀ ପ୍ରସଙ୍ଗ ଆଲୋଚନା କରିବାକୁ କଂଗ୍ରେସ ଦାବି କରିଥିବା ବେଳେ ଚିଟ୍‌ଫଣ୍ଡ ମୁଲତବୀ ପ୍ରସ୍ତାବକୁ କାହିଁକି ଅଗ୍ରାହ୍ୟ କରାଗଲା ବୋଲି ଅଭିଯୋଗ ଆଣି ଭାଜପା ବିଧାନସଭାରେ ପ୍ରବଳ ହଙ୍ଗାମା କରିଥିଲା। ବିରୋଧୀଙ୍କ ନାରାବାଜି ଯୋଗୁ ପ୍ରଶ୍ନୋତ୍ତର, ମୁଲତବୀ, ଶୂନ୍ୟକାଳ ମିଳେଇ ଯାଇଥିଲା। ବାଚସ୍ପତି ବିକ୍ରମ କେଶରୀ ଆରୁଖ ବାଧ୍ୟହୋଇ ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ସୋମବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉଭୟ କଂଗ୍ରେସ ଓ ଭାଜପା ସଦସ୍ୟମାନେ ନିଜ ନିଜର ପ୍ରସଙ୍ଗକୁ ନେଇ ଗୃହର ମଧ୍ୟଭାଗରେ ହଙ୍ଗାମା କରିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ୧୦ଟା ୩୩ ମିନିଟ୍‌ରେ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ପୁଣି ୧୧ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ପରିସ୍ଥିତିରେ କୌଣସି ସୁଧାର ଆସି ନ ଥିଲା। ଭାଜପା ସଦସ୍ୟମାନେ ଚିଟ୍‌ଫଣ୍ଡ ଦୁର୍ନୀତିକୁ ନେଇ ସରକାର ବିରୋଧୀ ନାରାବାଜି କରିଥିଲେ। ବାଚସ୍ପତି କହିଥିଲେ, ୨୦୧୪ ନଭେମ୍ବର ୧୧ରେ ତତ୍କାଳୀନ ବାଚସ୍ପତି ଚିଟ୍‌ଫଣ୍ଡ ପ୍ରସଙ୍ଗ ହାଇକୋର୍ଟରେ ବିଚାରାଧୀନ ଥିବାରୁ ଗୃହରେ ଏହାକୁ ଆଲୋଚନା ନ କରିବାକୁ ରୁଲିଂ ଦେଇଥିଲେ। ସେହି ରୁଲିଂ ଏବେ ବଳବତ୍ତର ରହିଛି। ମାମଲା କୋର୍ଟରେ ଥିବାରୁ ବିଧାନସଭାର କାର୍ଯ୍ୟବିଧି ଧାରା ୧୦ (iii) ଏବଂ (iv) ଅନୁଯାୟୀ ଏହାକୁ ଆଲୋଚନା ଲାଗି ଗ୍ରହଣ କରାଯାଇପାରିବ ନାହିଁ। ଗୃହରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି, ସେ ବିଷୟରେ ଆଲୋଚନା ହେବ। ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାଚସ୍ପତି ଭାଜପା ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ପୁଣି ହଙ୍ଗାମା ହେବାରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ପରେ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ଅପରାହ୍ନରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।



ବିଧାନସଭାରେ ସୋମବାର ମରୁଡ଼ି, ଚିଟ୍‌ଫଣ୍ଡ ପ୍ରସଙ୍ଗରେ ବିରୋଧୀ ଭାଜପା ଓ କଂଗ୍ରେସ ବିଧାୟକଙ୍କ ହଙ୍ଗାମା।

# ବଢୁଛି କର୍କଟ ରୋଗୀ, ମୃତକଙ୍କ ସଂଖ୍ୟା

ଭୁବନେଶ୍ୱର, ୧୮(ବ୍ୟୁରୋ):

- ୩ ବର୍ଷରେ ମୋଟ ୯୧,୬୯୯ ରୋଗୀ ଚିହ୍ନଟ, ମରିଛନ୍ତି ୩୧,୬୯୨ ଜଣ
- ଗତବର୍ଷ ତୁଳନାରେ ୧୮୪୬ ଅଧିକ ରୋଗୀ ମୃତ
- ୭୫୮୨ରୁ ଅଧିକ ରୋଗୀ ଚିହ୍ନଟ

କର୍କଟ ରୋଗ ଏବେ ରାଜ୍ୟରେ ବଢ଼ିଚାଲିଛି। ଗତ ୩ ବର୍ଷର ସରକାରୀ ରିପୋର୍ଟ ଉପରେ ନଜର ପକାଇଲେ ଏକଥା ସ୍ପଷ୍ଟ ହୋଇଛି। ତେବେ କର୍କଟ ଭଳି ରୋଗକୁ ହ୍ରାସ କରିବା ପାଇଁ ସରକାର ରାଜ୍ୟରେ ପଦକ୍ଷେପ ନେବାରେ ବିଫଳ ହେଉଥିବା ସୋମବାର ବିଧାନସଭାରେ ବିରୋଧୀ ଯୁକ୍ତି ରଖିଛନ୍ତି। ରାଜ୍ୟରେ ଗତ ୩ ବର୍ଷ ମଧ୍ୟରେ ୩୧,୬୯୨ ଜଣ କର୍କଟ ଭଳି ଭୟାବହ ରୋଗରେ ମୃତ୍ୟୁବରଣ କରିସାରିଲେଣି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ତେବେ ସେହି ୩ ବର୍ଷରେ ରାଜ୍ୟରେ ମୋଟ କର୍କଟ ରୋଗୀଙ୍କ ସଂଖ୍ୟା ୯୧,୬୯୯ରେ ପହଞ୍ଚିଛି ବୋଲି ସେ କହିଛନ୍ତି।

ବିଧାୟକ ପ୍ରଶାନ୍ତ ବେହେରା ବିଧାନସଭାରେ ରାଜ୍ୟରେ ଗତ ୩ ବର୍ଷରେ କେତେ ବ୍ୟକ୍ତି କର୍କଟ ରୋଗାକ୍ରାନ୍ତ ହୋଇଛନ୍ତି ଏବଂ ସେଥିରୁ କେତେଜଣ ମୃତ୍ୟୁବରଣ କରିଛନ୍ତି ବୋଲି ପଚାରିଥିଲେ। ବିଧାୟକ ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦାସ କହିଛନ୍ତି, ୨୦୧୯-୨୦ରେ ରାଜ୍ୟରେ ୧୦,୯୮୪ ଜଣ କର୍କଟରେ ମୃତ୍ୟୁବରଣ କରିଥିବା ବେଳେ ୨୦୨୧-୨୨ରେ ମୋଟ ୧୧,୨୭୭ ଜଣ କର୍କଟରେ ମୃତ୍ୟୁବରଣ କରିଛନ୍ତି। ଅର୍ଥାତ୍ ୨୦୧୯-୨୦ ବର୍ଷ ଅପେକ୍ଷା ୨୦୨୧-୨୨ରେ ଅଧିକ ୨୯୩ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ସରକାର କର୍କଟ ରୋଗ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା କଥା କହୁଥିବା ବେଳେ ବର୍ଷକୁ ବର୍ଷ ଅଧିକ ରୋଗୀ ମୃତ୍ୟୁବରଣ କରିବାର କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ସରକାର କର୍କଟ ରୋଗୀଙ୍କ ସହିତ ସେଥିରୁ ମୃତ୍ୟୁବରଣ କରୁଥିବା ପ୍ରକୃତ ସଂଖ୍ୟା ଲୁଚାଉଛନ୍ତି। ବାସ୍ତବରେ କର୍କଟ ରୋଗୀ ଏବଂ ସେଥିରୁ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ସରକାର ଦେଉଥିବା ତଥ୍ୟ ତୁଳନାରେ ଯଥେଷ୍ଟ ଅଧିକ ହେବ ବୋଲି ସେ କହିଛନ୍ତି।

ଅନ୍ୟପଟେ ମନ୍ତ୍ରୀ କହିଛନ୍ତି, ୨୦୨୦-୨୧ ବର୍ଷରେ ମୋଟ ୨୬,୧୭୫ ଜଣ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ସେଥିରୁ ୯୪୩୧ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦୨୧-୨୨ରେ ମୋଟ ୩୩,୭୫୭ ଜଣ କର୍କଟ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୧୧,୨୭୭ ଜଣଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ଗତ ବର୍ଷ ତୁଳନାରେ ୭୫୮୨ ଜଣ ଅଧିକ କର୍କଟ ରୋଗୀ ଚିହ୍ନଟ ହୋଇଥିବା ବେଳେ ୧୮୪୬ ଅଧିକ ରୋଗୀଙ୍କ ମୃତ୍ୟୁ ଘଟିଛି। ତେବେ ୨୦୧୯-୨୦ ବର୍ଷ ତୁଳନାରେ ୨୦୨୦-୨୧ ବର୍ଷ କର୍କଟ ରୋଗୀ ଏବଂ ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ରୋଗୀଙ୍କ ସଂଖ୍ୟାରେ ସାମାନ୍ୟ ହ୍ରାସ ପାଇଥିବା ବେଳେ ୨୦୨୧-୨୨ରେ ଏହାର ସଂଖ୍ୟା ଗତ ଦୁଇ ବର୍ଷ ତୁଳନାରେ ବଢ଼ିଯିବା ସାଧାରଣ ଲୋକଙ୍କ ମନରେ ଚିନ୍ତା ବଢାଇବା ସାଙ୍ଗକୁ ସରକାରୀ ବ୍ୟବସ୍ଥା ଆଡକୁ ମଧ୍ୟ ଅଙ୍ଗୁଳି ଉଠିଛି।

ତେବେ ମନ୍ତ୍ରୀ ଦାସ ଆହୁରି କହିଛନ୍ତି, ରାଜ୍ୟରେ କର୍କଟ ରୋଗର ଉନ୍ନତମାନର ଚିକିତ୍ସା ପାଇଁ ଏଏଚ୍‌ପିଜିଆଇସି, କଟକ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲରେ ଅନ୍ତେବାସୀ ରୋଗୀଙ୍କ ପାଇଁ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଇଛି। ଏହାସହ କର୍କଟ ଶଲ୍ୟ ଚିକିତ୍ସା ବ୍ୟବସ୍ଥା ମଧ୍ୟ କରାଯାଇଛି। ଏତଦ ବ୍ୟତୀତ ଓଡ଼ିଶା କମ୍ପ୍ରେହେନସିଭ କ୍ୟାନସର୍ କେୟାର ପ୍ରୋଗ୍ରାମ ଦ୍ୱାରା ରାଜ୍ୟରେ ୧୧ଟି ଉନ୍ନତମାନର କର୍କଟ ରୋଗ ନିରୂପଣ ଓ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯିବାର କାର୍ଯ୍ୟ ଆରମ୍ଭ ହୋଇସାରିଛି। ଝାରସୁଗୁଡାଠାରେ ମଧ୍ୟ ୧୨୦ ଶଯ୍ୟା ବିଶିଷ୍ଟ କର୍କଟ ରୋଗ ଚିକିତ୍ସା କେନ୍ଦ୍ର (ପିପିପି ମୋଡ୍)ରେ ପ୍ରତିଷ୍ଠା ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଜିଲା ସଦର ମହକୁମା ଚିକିତ୍ସାଳୟଗୁଡିକରେ ୩୨ଟି ସ୍ଥାନରେ ତାଲିମପ୍ରାପ୍ତ ଡାକ୍ତର ଓ ନର୍ସଙ୍କ ଦ୍ୱାରା ଡେ କେୟାର କେମୋଥେରାପି ସେଣ୍ଟରରେ କର୍କଟ ରୋଗୀଙ୍କୁ କେମୋଥେରାପି ଚିକିତ୍ସା ପ୍ରଦାନ କରାଯାଉଥିବା ସେ ଉଲ୍ଲେଖ କରିଛନ୍ତି।

# ବିରୋଧୀ ଦଳ ନେତା ଆସନରେ ବସିଲେ ଜୟ ନାରାୟଣ

ଭୁବନେଶ୍ୱର,୧୮ବ୍ୟୁରୋ)

ଭାଜପାର ନବ ନିର୍ବାଚିତ ବିଧାୟକ ଦଳ ନେତା ଜୟନାରାଣ ମିଶ୍ର ବିଧାନସଭାର ନୂଆ ବିରୋଧୀ ଦଳ ନେତା ହୋଇଛନ୍ତି। ସୋମବାର ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହରେ ଆନୁଷ୍ଠାନିକ ଭାବେ ଏହି ଘୋଷଣା କରିଛନ୍ତି। ବାଚସ୍ପତିଙ୍କ ଘୋଷଣା ପରେ ଜୟନାୟରାୟଣ ବିରୋଧୀ ଦଳ ନେତା ଆସନ ଗ୍ରହଣ କରିଥିଲେ।

ବିରୋଧୀ ଦଳ ଆସନ ଗ୍ରହଣ କରିବା ପରେ ଗୃହର ଅନ୍ୟ ସଦସ୍ୟମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର, ବିଧାୟକ ସୁରେଶ କୁମାର ରାଉତରାୟ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ପ୍ରମୁଖ ବିରୋଧୀଦଳ ନେତାଙ୍କୁ ସ୍ୱାଗତ ଜଣାଇଛନ୍ତି। ଗୃହରେ ଭିନ୍ନ ଭିନ୍ନ ଦଳର ସଦସ୍ୟ ଅଛନ୍ତି। ସମସ୍ତଙ୍କୁ ମତ ରଖିବାକୁ ଅନୁମତି ରହିଛି। ଏଣୁ ବିରୋଧୀ ଦଳଙ୍କୁ ବିରୋଧୀ ନ କହି ପ୍ରତିପକ୍ଷ କହିବା ଉଚିତ ହେବ ବୋଲି ଜୟନାରାୟଣ କହିଛନ୍ତି। ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଦୀର୍ଘ ଦିନ ଅସୁସ୍ଥ ଥିବାରୁ ଜୟ ନାରାୟଣ ମିଶ୍ରଙ୍କୁ ଏହି ଗୁରୁଦାୟିତ୍ୱ ମିଳିଛି। ପଶ୍ଚିମ ଓଡ଼ିଶାର ଟାଣୁଆ ନେତାଙ୍କୁ ବିରୋଧୀ ଦଳର ନେତା କରିବା ସହ ଭାଜପା ଏକ ମାଷ୍ଟରଷ୍ଟ୍ରୋକ୍ ଖେଳିଛି।

# ରାଜ୍ୟରେ ମୁଣ୍ଡ ପିଛା ଋଣ ୨୨,୦୪୨ଟଙ୍କା

ଭୁବନେଶ୍ୱର, ୧୮(ବ୍ୟୁରୋ)

ଓଡିଶାର ଏ.ଜି(ମହାଲେଖାକାର)ଙ୍କ ତଥ୍ୟ ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟ ସରକାରଙ୍କ ମୋଟ ଋଣ ଭାର୯୭,୭୦୨.୦୩ କୋଟି ଟଙ୍କା ରହିଛି। ଚଳିତ ବର୍ଷ ଅର୍ଥାତ୍ ୨୦୨୨-୨୩ରେ ରାଜ୍ୟ ସରକାର ୨୫,୫୮୯ କୋଟି ଟଙ୍କାର ଋଣ ଆହରଣ କରିବାକୁ ଯୋଜନା ରଖିଛନ୍ତି। ସେହିପରି ୧୪,୦୦୧.୩୧ କୋଟି ଟଙ୍କା ଋଣ ପରିଶୋଧ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। ତେବେ ସରକାରଙ୍କ ଏଭଳି ୨୫ ହଜାର କୋଟିରୁ ଅଧିକ ଋଣ ଆଣି ୧୪ ହଜାର କୋଟି ଶୁଝିବାର ଅର୍ଥ କ'ଣ ତାକୁ ନେଇ ପ୍ରଶ୍ନ ଉଠିଛି। ତେବେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ବିଧାନସଭା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପୂଜାରୀ କହିଛନ୍ତି, ମହାଲେଖାକାରଙ୍କ ତଥ୍ୟ ମୁତାବକ, ୨୦୨୧-୨୨ ଆର୍ଥିକ ବର୍ଷ ଶେଷସୁଦ୍ଧା ରାଜ୍ୟରେ ମୁଣ୍ଡପିଛା ଋଣ ଭାର ପରିମାଣ ୨୨,୦୪୨ ଟଙ୍କା ଅଟେ। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ସରକାର ରାଜ୍ୟରେ ମୋଟ୍ ରାଜସ୍ୱ ବାବଦରେ ୧,୬୩,୯୬୬ କୋଟି ୫୨ ଲକ୍ଷ ଟଙ୍କା ସଂଗ୍ରହର ଲକ୍ଷ୍ୟ ରଖିଛନ୍ତି। ସେଥିରୁ ନିଜସ୍ୱ ରାଜସ୍ୱ ଟିକସ ରାଜସ୍ୱ ବାବଦରେ ମୋଟ୍ ୪୬ ହଜାର କୋଟି ଏବଂ ନିଜସ୍ୱ ଅଣରାଜସ୍ୱ ବାବଦକୁ ମୋଟ ୪୮,୨୦୦ କୋଟି ଟଙ୍କା ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୧୦୧ ତମ ସମ୍ବିଧାନ ସଂଶୋଧନ ଅଧିନିୟମ ୨୦୧୬ ଅନୁସାରେ ଜିଏସ୍‌ଟି ପ୍ରଚଳନ ଫଳରେ ରାଜସ୍ୱ ଆଦାୟରେ କ୍ଷତଚି ଘଟିଲେ ୫ ବର୍ଷ ପାଇଁ କ୍ଷତି ପୂରଣ ଦିଆଯିବାର ବ୍ୟବସ୍ଥା ରହିଛି। ଏଥିଲାଗି ଜିଏସ୍‌ଟି ଆକ୍ଟ ୨୦୧୭ର ପରିବର୍ତ୍ତନ ହୋଇଛି। କ୍ଷତିପୂରଣ ବାବଦକୁ ୨୦୧୫-୧୬ ଆର୍ଥିକ ବର୍ଷର ସଂଗୃହିତ କର ପରିମାଣକୁ ମୂଳବର୍ଷ ରୂପେ ଗ୍ରହଣ କରାଯାଇଥିଲା। ୨୦୧୫-୧୬ ବର୍ଷରାଜ୍ୟ ସରକାର ଜିଏସ୍‌ଟିରେ ମିଶ୍ରଣ ଘଟିଥିବା ଟିକସ ବାବଦକୁ ୧୧,୦୪୯.୩୪ କୋଟି ଟଙ୍କା ପାଇଥିଲେ। କ୍ଷତିଭରଣା ପ୍ରତି ୨ ମାସରେ ମିଳୁଛି। ୨୦୧୫-୧୬ ଆର୍ଥିକ ବର୍ଷରେ ସଂଗୃହିତ ରାଜସ୍ୱରେ ବାର୍ଷିକ ୧୪ ପ୍ରତିଶତ ଅଭିବୃଦ୍ଧି ହାର ପ୍ରୟୋଗ କରି ୨୦୧୭-୧୮ ଆର୍ଥିକ ବର୍ଷର ଜୁଲାଇ ୨୦୧୭ରୁ ମାର୍ଚ୍ଚ ୨୦୧୮ ପାଇଁ ୧୦,୭୬୯.୭୯ କୋଟି ଟଙ୍କା ସୁନିଶ୍ଚିତ ରାଜସ୍ୱ ଆକଳନ କରାଯାଇଥିଲା ବୋଲି ମନ୍ତ୍ରୀ କହିଛନ୍ତି।



ବିଶ୍ୱ ସ୍ତନ୍ୟପାନ ସପ୍ତାହ (ଅଗଷ୍ଟ ୧-୭) ଅବସରରେ ବିଶେଷ ଉପସ୍ଥାପନା...

# ଅମୃତ ଧାରା

ପ୍ରତ୍ୟେକ ମା' ନିଜ ଜନ୍ମିତ ଶିଶୁ ଉପରେ ଯେଉଁ ଅନାବିଳ ସ୍ନେହ ଅଜାଡ଼ିଦିଏ ତାହା ହେଲା-ମାତୃସ୍ତନ୍ୟ। ଏହା ହିଁ ଶିଶୁକୁ ମା'ର ପ୍ରଥମ ଆଶୀର୍ବାଦ। ଏହି ଅମୃତଧାରାକୁ ପ୍ରଦାନ କରିବାରେ ମା' ଯେଉଁ ଆନନ୍ଦ ଅନୁଭବ କରେ ତାହା ଅବର୍ଣ୍ଣନୀୟ ଓ ଯେଉଁ ଶିଶୁଟି ଜୀବନର ପ୍ରଥମ ୬ ମାସ ମାତୃସ୍ତନ୍ୟ ପାନ କରିବାର ସୁଯୋଗ ପାଏ ସେ ହିଁ ପ୍ରକୃତରେ ଭାଗ୍ୟବାନ୍ ... –ପୌର୍ଣ୍ଣମାସୀ



## ମା' କ୍ଷୀର -ଶିଶୁ ସୁରକ୍ଷା କବଚ

ଜନ୍ମପରେ ପ୍ରଥମେ ମା'ର ଛାତି ଉପରେ ଶିଶୁକୁ ପ୍ରସବ କକ୍ଷରେ ଶୁଆଇ ଦିଆଯାଏ ଓ ସ୍ତନ୍ୟପାନ ଏହିଠାରୁ ହିଁ ଆରମ୍ଭ ହୋଇଥାଏ। ଶିଶୁ ଆପଣାଛାଏଁ ମାତୃସ୍ତନ୍ୟରୁ କ୍ଷୀର ଖାଇବା ଆରମ୍ଭ କରେ। ଏହାକୁ ବେବିକ୍ରଲ୍ କୁହାଯାଏ। ପ୍ରଥମ ୬ମାସ କେବଳ ମା'କ୍ଷୀର, ପାଣି କିମ୍ବା ଅନ୍ୟ କୌଣସି ଖାଦ୍ୟ ଏପରିକି ପାଣି ମଧ୍ୟ ଦିଆଯାଏ ନାହିଁ।

କେବଳ ଦରକାରୀ ଔଷଧ ଡାକ୍ତରଙ୍କ ପରାମର୍ଶକ୍ରମେ ଦିଆଯାଏ। ଏହାକୁ ଏକ୍ସକ୍ଲୁସିଭ୍ ବ୍ରେଷ୍ଟ ଫିଡିଂ କୁହାଯାଏ। ଏହା ଶିଶୁ ପାଇଁ ଅତ୍ୟନ୍ତ ଉପକାରୀ। ଏହା ଜାଣି ସୁଦ୍ଧା ସ୍ତନ୍ୟପାନ କରାଇବାରେ ଅନେକ ମନୁଷ୍ୟକୃତ ସମସ୍ୟା ରହିଛି ଯାହା ମା'ର ମନକୁ ଆନ୍ଦୋଳିତ କରି ସନ୍ଦେହ ଘେରକୁ ନେଇଯାଇଥାଏ। ତା'ର ଏହି ନୟନ ପିତୁଳା ଜୀବନ ସଞ୍ଜାଳି ପାଇଁ କେଉଁଟି ଠିକ୍ ସେ ବୁଝିପାରେ ନାହିଁ। ସ୍ତନ୍ୟପାନ ଦ୍ୱାରା ନିଜର ଉପକାର ଓ ଶିଶୁର ଉପକାର ଗୁଡ଼ିକ ବିଷୟରେ ଅଜ୍ଞ ରହିବା ଫଳରେ ତା' ଜୀବନର ପ୍ରଥମ ଦିନରୁ ହିଁ ବିଭିନ୍ନ ଡବା କ୍ଷୀର ଦେଇ ନ୍ୟାଯ୍ୟ ଅଧିକାରରୁ ଶିଶୁକୁ ବଞ୍ଚିତ କରିଥାଏ।

ଏଥିରେ ଅବଶ୍ୟ ମା'ର କୌଣସି ଦୋଷ ନାହିଁ, କାରଣ ସ୍ତନ୍ୟପାନ ଉପକାରିତା ବିଷୟରେ ଅବଗତ କରାଇବା ବ୍ୟକ୍ତି କିମ୍ବା ସଂସ୍ଥାର ଉପଦେଶ ତାକୁ ମାନସିକ ଦୃଢ଼ତା ଦେବା ସହିତ ମାତା ଓ ଶିଶୁର ଭବିଷ୍ୟତକୁ ମଧୁମୟ କରିଥାନ୍ତି । ତେଣୁ ପ୍ରତ୍ୟେକ ଡାକ୍ତର, ନର୍ସ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀଙ୍କର ଦାୟିତ୍ୱ ରହିଛି ମା'ଙ୍କୁ ଉପଦେଶ ଦେବା ଜନ୍ମର ପ୍ରଥମ ଏକ ଘଣ୍ଟା ମଧ୍ୟରେ । ଏହି ଉଷ୍ମତାର ଶିକୁଳି ଉପରେ ନିର୍ଭର କରୁଛି ମା' ଓ ଶିଶୁର ଭବିଷ୍ୟତ । ଆମେ ସମସ୍ତେ ଜାଣିଛେ ଶିଶୁର ମୁଖଟି ମାତୃ ସ୍ତନ୍ୟାଗ୍ର ସ୍ପର୍ଶ କଲାପରେ ଦୁଗ୍ଧ ପ୍ରସ୍ତୁତିର ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ସ୍ତନରୁ ଶିହରଣ ଯାଇ ମସ୍ତିଷ୍କର ପିଟ୍ୟୁଟାରି ଗ୍ରନ୍ଥିରୁ ପ୍ରୋଲାକ୍ଟିନ୍ ହର୍ମୋନ କ୍ଷରଣ ହୋଇଥାଏ। ତେଣୁ କ୍ଷୀର ବଢ଼ାଇବାର ଉପାୟ ହେଲା ବାରମ୍ବାର ଶିଶୁକୁ କ୍ଷୀର ପିଆଇବା। ମା' ଅଧିକ ଜଳପାନ କରିବା ଆବଶ୍ୟକ ପ୍ରାୟ ଦିନକୁ ୨ ଲିଟର । ପାଣି ପିଇବା ସହିତ ଅଧିକ ପୁଷ୍ଟିକର ଖାଦ୍ୟ ଖାଇବା ଆବଶ୍ୟକ।

ବର୍ତ୍ତମାନ କର୍ମଜୀବୀ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେମାନେ ସ୍ତନ୍ୟପାନ କରାଇବାରେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେତେଜଣ ମା'ଙ୍କୁ ୩ମାସ କିମ୍ବା ୬ମାସ ପ୍ରସବୋତ୍ତର ଛୁଟି ମିଳୁଛି। ୬ମାସ ଛୁଟି ମିଳୁଥିବା ମାଆମାନେ ଏହାପରେ ନିଜ ସମୟକୁ ଆଡଜଷ୍ଟ କରି ମାତୃସ୍ତନ୍ୟ ଓ ବହଳ ଖାଦ୍ୟ ଦେଇପାରିବେ। ଯେପରି ୧୦ଟା ପର୍ଯ୍ୟନ୍ତ ମାଆ କ୍ଷୀର ପାନକରାଇ ୧୨ଟା ସମୟରେ ଭାତଡାଲି ଖୁଆଇପାରିବେ। ୩ମାସ ଛୁଟି ପାଉଥିବା ମାଆ ନିଜ ଘରକୁ ଆସି କିମ୍ବା ଶିଶୁକୁ ନିଜ ପାଖକୁ ନେଇ ସ୍ତନ୍ୟପାନ କରାଇପାରିବେ କିମ୍ବା ନିଜ କ୍ଷୀରକୁ ବାହାରକରି କାଚପାତ୍ରରେ ବାହାରେ ୪ଘଣ୍ଟାରୁ ୮ଘଣ୍ଟା ମଧ୍ୟରେ କିମ୍ବା ବରଫ ବାକ୍ସରେ ୨୪ଘଣ୍ଟା ପର୍ଯ୍ୟନ୍ତ ଓ ଫ୍ରିଜ୍‌ରେ ୩ଦିନ ପର୍ଯ୍ୟନ୍ତ ରଖି ବ୍ୟବହାର କରାଯାଇପାରିବେ ଏବଂ ଏହାକୁ କାଢ଼ି ଉଷ୍ମଜଳରେ ରଖିଦେଲେ ତାହା ସାଧାରଣ ଉତ୍ତାପକୁ ଆସି ଶିଶୁକୁ ଦିଆଯାଇପାରିବ।

**ମା' କ୍ଷୀରକୁ ୫ ଭାଗରେ ବିଭକ୍ତ କରାଯାଇଛି: ୧. କଷ କ୍ଷୀର** (୩ ଦିନରୁ ୪ଦିନ): ଏହା ଜନ୍ମ ପରେ ବାହାରିଥାଏ, ବହଳିଆ ଓ ଈଷତ୍ ହଳଦିଆ ରଙ୍ଗର ହୋଇଥାଏ। ୨୪ଘଣ୍ଟାରେ ୧୫ରୁ ୨୦ମି.ଲି. ବାହାରିଥାଏ। ଏଥିରେ ରୋଗ ପ୍ରତିରୋଧକ ଶକ୍ତି ଭରପୂର ଥାଏ। ତେଣୁ ରୋଗରୁ ରକ୍ଷା କରିବା ପାଇଁ ଏହା ଶିଶୁର ପ୍ରଥମ ଟିକା। ଏଥିରେ ଶରୀର ବୃଦ୍ଧି ପାଇଁ ସମସ୍ତ ଉପାଦାନ ଥାଏ।

**୨. ଟ୍ରାଞ୍ଜିସନ୍ ମିଲ୍କ:** ଏହା ୩ ଦିନରୁ ସପ୍ତାହେ ପର୍ଯ୍ୟନ୍ତ କ୍ଷରିତ ହୋଇଥାଏ। ଏଥିରେ ଲାକ୍ଟୋଜ,ଚର୍ବି ଓ ବି କମ୍ପ୍ଲେକ୍ସ ଭିଟାମିନ୍ ଅଧିକ ଥାଏ।

**୩.ପରିପକ୍ୱ କ୍ଷୀର ବା ମାଚ୍ୟୁଅର ମିଲ୍କ:** ଏହା ପ୍ରଚୁର ପରିମାଣରେ ବାହାରେ। ଏଥିରେ ପ୍ରତି ୧୦୦ମି.ଲି. କ୍ଷୀରରେ ପୁଷ୍ଟିସାର ୧.୨ଗ୍ରାମ, ଲାକ୍ଟୋଜ ୬.୫ଗ୍ରାମ, ସ୍ନେହସାର ୩.୫ଗ୍ରାମ, କ୍ୟାଲସିୟମ୍ ୩୪ମିଲି ଗ୍ରାମ, ଫସ୍‌ଫେଟ୍ ୧୫ମିଲି ଗ୍ରାମ, ୬୦-୭୫ କିଲୋ କ୍ୟାଲୋରି ଥାଏ। ଏହାଛଡ଼ା ଭିଟାମିନ୍ ଏ, ଡି, ଇ, ସି ମଧ୍ୟ ଥାଏ ଏବଂ ଜଳୀୟ ଅଂଶ ୮୭.୫% ଥାଏ।

**୪. ଫୋର ମିଲ୍କ:** ସ୍ତନ୍ୟପାନ ସମୟରେ ପ୍ରଥମେ ଆସୁଥିବା କ୍ଷୀରର ରଙ୍ଗ ଈଷତ୍ ନୀଳ। ଏହା ଅଧିକ ପରିମାଣରେ ବାହାରିଥାଏ ଓ ଅଧିକ ଜଳୀୟ ଅଂଶ, ପୁଷ୍ଟିସାର, ଲାକ୍ଟୋଜ ଥାଏ, ଯାହାକି ଶିଶୁର କ୍ଷୁଧା ମେଣ୍ଟାଇବା ସହିତ ତୃଷା ମଧ୍ୟ ମେଣ୍ଟାଇଥାଏ।

**୫.ହାଇଣ୍ଡ ମିଲ୍କ:** ଏଥିରେ ଅଧିକ ପରିମାଣର ଚର୍ବି ଥାଏ ଓ ଦେଖିବାକୁ ଧଳା ରଙ୍ଗର । ତେଣୁ ଏହି ଦୁଇ ପ୍ରକାର କ୍ଷୀର ଶିଶୁ ପାନକରିବା ଆବଶ୍ୟକ।

**ମା' କ୍ଷୀରର ଉପକାରିତା:** ମା' କ୍ଷୀର ଶିଶୁର ସନ୍ତୁଳିତ ଆହାର। ଏଥିରେ ଥିବା ସମସ୍ତ ଉପାଦାନ ବୟସ ତଥା ଆବଶ୍ୟକତା ଅନୁସାରେ ଶିଶୁକୁ ପ୍ରାପ୍ତ ହୋଇଥାଏ। ଏହା ସମ୍ପୂର୍ଣ୍ଣ ଶୁଦ୍ଧ, ଜୀବାଣୁ ଶୂନ୍ୟ ଏବଂ ଦେୟମୁକ୍ତ। ମା'କ୍ଷୀରେ ଥିବା ପୋଷକ ତତ୍ତ୍ୱ ଶିଶୁକୁ ତରଳଝାଡ଼ା ଓ ନିମୋନିଆ ରୋଗରୁ ରକ୍ଷାକରେ। ସ୍ତନ୍ୟପାନ ମା'ଓ ଶିଶୁର ବନ୍ଧନକୁ ନିବିଡ଼ କରେ ଓ ଶିଶୁ ମନରେ ସୁରକ୍ଷା ଭାବନା ଜାଗ୍ରତକରେ । ମା'କ୍ଷୀର ପିଉଥିବା ଶିଶୁଙ୍କଠାରେ ଡାଇବେଟିସ୍, ହୃଦ୍‌ରୋଗ, ଏକ୍‌ଜିମା, ଆଜ୍‌ମା, ରୁ୍ୟମାଟଏଡ୍ ଆର୍ଥ୍ରାଇଟିସ୍ ଓ ଆଲର୍ଜି ରୋଗ ହୁଏ ନାହିଁ। ମା' କ୍ଷୀରରେ ଥିବା ପ୍ୟୁରିନ୍ ଓ ସିଷ୍ଟିନ୍ ଆମିନୋଏସିଡ୍ ହେତୁ ପିଲାର ମସ୍ତିଷ୍କ ଠିକ୍ ଭାବେ ବିକଶିତ ହୋଇଥାଏ ଓ ପିଲା ବୁଦ୍ଧିଆ ହୁଏ। ଏହାଦ୍ୱାରା ପିଲା ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଦେଖାଇ ଅର୍ଥନୈତିକ ଓ ସାମାଜିକ ପ୍ରତିଷ୍ଠା ଲାଭ କରିଥାଏ।

ସେହିପରି ସ୍ତନ୍ୟପାନ କରାଇବା ଦ୍ୱାରା ମା'ର ମେଦବହୁଳତା, ରକ୍ତହୀନତା ରୋଗ, ସ୍ତନ କର୍କଟ, ଜରାୟୁ କର୍କଟ ରୋଗର ଆଶଙ୍କା ହ୍ରାସ ପାଇଥାଏ।

ଏହି ସମସ୍ତ ଉପକାରକୁ ଅନୁଧ୍ୟାନକଲେ ସ୍ତନ୍ୟପାନ ଶିଶୁ ପାଇଁ ବରଦାନ। ତେଣୁ ସମସ୍ତେ ସ୍ତନ୍ୟପାନ ପ୍ରଚାରରେ ସମର୍ଥନ କରିବା।

*– ଡା. ନରେଶ ଆଚାର୍ଯ୍ୟ*
*ଶିଶୁରୋଗ ବିଶେଷଜ୍ଞ,*
*ଜାତୀୟ ସ୍ୱାସ୍ଥ୍ୟ ମିଶନ, ଭୁବନେଶ୍ୱର*

## ଯାଆଁଳା ଶିଶୁ ଓ ସ୍ତନ୍ୟପାନ

ମା' କ୍ଷୀର ଶିଶୁ ପାଇଁ ଈଶ୍ୱରଙ୍କ ବରଦାନ । କାରଣ ଏହା ଶିଶୁ ନିମନ୍ତେ ସର୍ବୋତ୍ତମ ଖାଦ୍ୟ। ଏହା ଶିଶୁ ମୃତ୍ୟୁହାର କମାଇବା ସହ ମା' ଓ ଶିଶୁକୁ ଅନେକ ରୋଗରୁ ରକ୍ଷା କରିଥାଏ । ସ୍ତନ୍ୟପାନ ଲାଗି ସଚେତନତା ସୃଷ୍ଟି କରିବା ତଥା ଶିଶୁ ମୃତ୍ୟୁହାର କମାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ୟୁନିସେଫ୍ ଓ ଗ୍ଲୋବାଲ ବ୍ରେଷ୍ଟ ଫିଡିଂର ମିଳିତ ଆନୁକୂଲ୍ୟରେ ସାରା ବିଶ୍ୱରେ ଅଗଷ୍ଟ ୧ରୁ ୭ ତାରିଖ ଯାଏଁ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି । ୨୦୨୨ର ବାର୍ତ୍ତା ହେଉଛି 'ଷ୍ଟେପ୍ ଅପ୍ ଫର୍ ବ୍ରେଷ୍ଟ ଫିଡିଂ, ଏଜୁକେଟ ଆଣ୍ଡ ସପୋର୍ଟ' ସ୍ତନ୍ୟପାନ ପାଇଁ ସଚେତନତାର ମାତ୍ରାକୁ ଆହୁରି ବଢ଼ାଇ ଅନେକ ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଅନ୍ତର୍ଭୁକ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ଦରକାର।

ସମସ୍ତେ ଜାଣନ୍ତି ମା' କ୍ଷୀର ଶିଶୁମାନଙ୍କୁ ଉପଯୁକ୍ତ ମାତ୍ରାରେ ଆବଶ୍ୟକ ପୋଷକ ଯଥା ପୁଷ୍ଟିସାର, ସ୍ନେହସାର ଓ ଶ୍ୱେତସାର, ଭିଟାମିନ୍ ଏ, ଡି ତଥା ଇମ୍ୟୁନୋଗ୍ଲୋବୁଲିନ ଓ ରୋଗ ପ୍ରତିରୋଧକ ଶକ୍ତି ଯୋଗାଇଥାଏ ଏବଂ ଅନ୍ୟାନ୍ୟ ସଂକ୍ରମଣ ଦୂରକରିଥାଏ । ବଡ ହେଲେ ଏଇ ଶିଶୁମାନେ ବିଭିନ୍ନ ରୋଗରୁ ରକ୍ଷା ପାଇଥାନ୍ତି । ସ୍ତନ୍ୟପାନ କରାଇ ଥିବା ମା' ମାନେ ମଧ୍ୟ ଅନେକ ମାରାତ୍ମକ ରୋଗରୁ ରକ୍ଷା ପାଇଥାନ୍ତି ।

ତେବେ ଆଜିକାଲି ଅନେକ କର୍ମଜୀବୀ ମହିଳା ନିଜ ଶିକ୍ଷା ଶେଷକରି, ନିଜ କ୍ୟାରିୟର ପାଇଁ ବିଶେଷ ଧ୍ୟାନଦେଉଥିବାରୁ ବିଳମ୍ବରେ ବିବାହ କରୁଛନ୍ତି ଏବଂ ପରେ ପରେ ବନ୍ଧ୍ୟାଦୋଷ ମଧ୍ୟ ଭୋଗୁଛନ୍ତି । ତେଣୁ ବନ୍ଧ୍ୟାରୋଗର ଚିକିତ୍ସା ପାଇଁ ଔଷଧ ସେବନ ତଥା ବେଶି ବୟସରେ ଗର୍ଭଧାରଣ କରିବା ଦ୍ୱାରା ସେମାନେ ଯମଜ ସନ୍ତାନ ଜନ୍ମ ଦେଇଥାନ୍ତି । ଫଳରେ ଯାଆଁଳା ଶିଶୁମାନଙ୍କର ଜନ୍ମ ହାର ବଢ଼ିଯାଉଛି ଏବଂ ପ୍ରସବ ପରେ ପରେ ଦୁଇ ଦୁଇଟି ପିଲାଙ୍କୁ ସ୍ତନ୍ୟପାନ କରାଇବା ଏକ ସମସ୍ୟା ହୋଇ ପଡୁଛି। ଯାଆଁଳା ଶିଶୁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ମା'ର ଦୃଢ଼ ଇଚ୍ଛାଶକ୍ତି ଦରକାର । ଜନ୍ମର ବହୁ ପୂର୍ବରୁ ଏହା ଚିହ୍ନଟ ହେବା ଦ୍ୱାରା ମା' ମଧ୍ୟ ଶାରୀରିକ ଓ ମାନସିକ ସ୍ତରରେ ଦୁହିଁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ପ୍ରସ୍ତୁତ ହୋଇଥାଏ। ଏହା ମା' ପାଇଁ ଖୁବ୍ ଚ୍ୟାଲେଞ୍ଜିଂ ହୋଇଥାଏ । କାରଣ ଗୋଟିଏ ଶିଶୁକୁ ଭଲ କରି ଖୁଆଇ ସାରିଲା ପରେ ଆଉ ଶିଶୁକୁ ଖୁଆଇବାକୁ ପଡ଼ିଥାଏ ଏବଂ ଦ୍ୱିତୀୟ ଶିଶୁକୁ ଖୁଆଇବାର ମାତ୍ର ଅଳ୍ପ ସମୟ ପରେ ପ୍ରଥମ ଶିଶୁଟି ଦ୍ୱିତୀୟ ଫିଡିଂ ପାଇଁ କାନ୍ଦ ଆରମ୍ଭ କରି ଦେଇଥାଏ । ତେଣୁ ସାରା ଦିନ ଓ ରାତି ମା'ଟି କେବଳ ଦୁଇଟି ଶିଶୁଙ୍କୁ ଖୁଆଉ ଖୁଆଉ ସରିଯାଇଥାଏ ଏବଂ ଏହାଦ୍ୱାରା ମା' ମଧ୍ୟ କ୍ଳାନ୍ତ ହୋଇଯାଏ । ତେଣୁ ଯାଆଁଳା ଶିଶୁ ଜନ୍ମହେବା ଆଗରୁ ଘରେ ଜଣେ ଦୁଇଜଣ ଆତ୍ମୀୟ ସ୍ୱଜନ ବା ପରିଚାରିକାଙ୍କୁ ପ୍ରସ୍ତୁତ ରଖିବା ଦରକାର ।



ମା'ମାନେ ଯାଆଁଳା ଶିଶୁଙ୍କର ଠିକ୍ ପୋଜିସନ ସହ ସପ୍ଲାଇ ଆଣ୍ଡ ଡିମାଣ୍ଡ ଭିତ୍ତିରେ ଖୁଆଇବା ଦରକାର। ସେଥିପାଇଁ ମା' ମନରେ ସାହସ ଓ ଦମ୍ଭ ସହିତ ଏନର୍ଜି ବା ଶକ୍ତିରେ ନିଜକୁ ଭରପୂର କରି ଖୁଆଇବା ଦରକାର। ଏଥିପାଇଁ ରାତି ରାତି ଅନିଦ୍ରା ରହିବାକୁ ମଧ୍ୟ ପ୍ରସ୍ତୁତ ହେବା ଦରକାର । ଜନ୍ମ ହେବା ପରେ (ଅବଶ୍ୟ ନର୍ମାଲ ଡେଲିଭରି ହୋଇଥିଲେ) ମା' ନିଜେ ଦୁଇ ଶିଶୁଙ୍କୁ ଦୁଇପଟେ ଖୁଆଇ ପାରିବ । ଯଦି ସିଜରିଆନ ହୋଇଥାଏ ତେବେ ଜଣେ ନର୍ସ ତାଙ୍କୁ ଏଥିରେ ସାହାଯ୍ୟ କରିବେ । ଏଥିରେ ଶିଶୁମାନେ ଉଷୁମ ରହିବା ସହ ମା' ଓ ଶିଶୁ ଦୁହିଁଙ୍କର ଏକ ଅତୁଟ ବନ୍ଧନ ସୃଷ୍ଟି ହୋଇଥାଏ । ଫିଡିଂରେ ନିଜ ସ୍ୱାମୀମାନେ ମଧ୍ୟ ମା'କୁ ସାହାଯ୍ୟ କରିବା ଆବଶ୍ୟକ।

ତେବେ ମା' ସାଷ୍ଟାମ ହେଲା ପରେ ଦୁଇ ହାତରେ ଦୁଇଟି ଶିଶୁଙ୍କୁ ଧରି ଖୁଆଇବ, ଏହାକୁ 'ଟାଣ୍ଡେମ ବ୍ରେଷ୍ଟ ଫିଡିଂ' କହିଥାନ୍ତି। ଦୁଇଜଣଙ୍କୁ ଏକାଠି ଦୁଇପଟ ଖୁଆଇଲେ ଏହାକୁ (ଡବଲ ରଗ୍‌ବିବଲ) ପୋଜିସନ କହନ୍ତି। ପାରାଲାଲ ପୋଜିସନ ମା' ନିଜର ଦୁଇ ଶିଶୁଙ୍କ ଶରୀରର ସମାନ୍ତରାଳ ପୋଜିସନରେ ଖୁଆଇ ପାରିବେ ବା ଲେଡ୍ ବ୍ୟାକ୍ ପୋଜିସନ ଦୁଇ ଶିଶୁଙ୍କୁ ପେଟ ଉପରେ ପକାଇ ଖୁଆଇ ପାରିବେ। ଯଦି ନିହାତି ଅସୁବିଧା ହେବ, ତେବେ ଗୋଟିଏ ଶିଶୁକୁ ଗୋଟିଏ ସ୍ତନରୁ ସମ୍ପୂର୍ଣ୍ଣ ଭାବେ ଖୁଆଇ ଆଉ ସ୍ତନରୁ ଦ୍ୱିତୀୟ ଶିଶୁକୁ ଖୁଆଇବା ଦରକାର । ଖୁଆଇବା ସମୟରେ ମା' ଖଟକୁ ଆଉଜି କି ତଳେ ଆରାମଦାୟକ ପୋଜିସନରେ ବସି ପ୍ରଚୁର ପାଣି ପିଇବ ବା କ୍ଷୀର ପିଇ ଶିଶୁକୁ ଖୁଆଇବା ଦରକାର । ଆଜିକାଲି ଏଥିପାଇଁ ସ୍ୱତନ୍ତ୍ର ତକିଆ ମଧ୍ୟ ମିଳିଲାଣି। ତେବେ ଯାଆଁଳା ଶିଶୁ ହେଲେ ମଧ୍ୟ ସେମାନଙ୍କର ଶରୀରର ଚାହିଦା ଏକା ହୋଇ ନ ଥାଏ । ଗୋଟିଏ ଶିଶୁ ଖୁବ୍ ଶୀଘ୍ର ଖାଇଲେ ମଧ୍ୟ ଆଉ ଶିଶୁଟି ଖାଇପାରି ନ ଥାଏ । ତେଣୁ ପ୍ରଥମ ଶିଶୁର ଓଜନ ବଢ଼ିଗଲା ବେଳେ ଅନ୍ୟ ଶିଶୁଟିର ଓଜନ ବଢ଼ିପାରି ନ ଥାଏ । ଭୋକ ହେଲେ ପ୍ରଥମ ଶିଶୁଟି କାନ୍ଦିଥାଏ ବା ଏପଟ ସେପଟ ହୋଇଥାଏ ବାରମ୍ବାର ଜିଭ ବାହାର କରିଥାଏ ବା ହାତ ଚୁଚୁମିଥାଏ, କିନ୍ତୁ ଅନ୍ୟ ଶିଶୁଟି ଶୋଇ ରହିଥାଏ । ଏପରି ସ୍ଥଳରେ ମା'ଟି ଚେଷ୍ଟାକରି ଦୁଇ ଶିଶୁଙ୍କୁ ଖୁଆଇବା ଜରୁରୀ।

**ସ୍ତନ୍ୟଦାତ୍ରୀଙ୍କ ଖାଦ୍ୟ**–ଜଣେ ଗର୍ଭବତୀ ମହିଳାଙ୍କର ଯେତିକି କ୍ୟାଲୋରି ଦରକାର ତା'ଠାରୁ ଆହୁରି ବେଶି କ୍ୟାଲୋରି ସ୍ତନ୍ୟପାନ ପାଇଁ ଦରକାର ହୋଇଥାଏ । ଯାଆଁଳା ଶିଶୁ ପାଇଁ ଆହୁରି ବେଶି କ୍ୟାଲୋରି ଦରକାର ହୋଇଥାଏ । ତେଣୁ ମା' ସୁଷମ ଓ ସୁପାଚ୍ୟ ଖାଦ୍ୟ ଯଥା ପୁଷ୍ଟିସାର, ଶ୍ୱେତସାର, ସ୍ନେହସାର ଓ ଭିଟାମିନ୍ ଯୁକ୍ତ ଖାଦ୍ୟ ଖାଇବା ଦରକାର। ସାଧାରଣତଃ ମା' ଲାଉ, ସନ୍ତୁଳା, ଶାଗ ଆଦି ଖାଇଲେ ଓ ସ୍ତନ୍ୟପାନ ପୂର୍ବରୁ କ୍ଷୀର ଓ ପାଣି ପିଇଲେ କ୍ଷୀର ପରିମାଣ ବଢ଼ିଥାଏ ।

ବେଳେବେଳେ ଗୋଟିଏ ଶିଶୁ ସୁସ୍ଥ ହୋଇଥିଲା ବେଳେ ଅନ୍ୟ ଯାଆଁଳା ଶିଶୁଟି ଅସୁସ୍ଥ ଓ ଅଳ୍ପ ଓଜନର ହୋଇଥାଏ, ସେକ୍ଷେତ୍ରରେ ସ୍ତନରୁ କ୍ଷୀର କାଢ଼ି ପିଆଇବାକୁ ପଡ଼ିଥାଏ। ବେଳେ ବେଳେ ଦୁଇଟି ଶିଶୁଙ୍କୁ ମଧ୍ୟ କ୍ଷୀର କାଢ଼ି ଖୁଆଇବାକୁ ପଡ଼ିଥାଏ । ଅପରିଣତ ଶିଶୁଙ୍କୁ ଏହି ମା ' କ୍ଷୀର ନେକ୍ରୋଟାଇଜିଂ କୋଲାଇଟିସରୁ ରକ୍ଷା କରିଥାଏ । ତେବେ ଦୁଇଟି ଯାଆଁଳା ପିଲାଙ୍କୁ ମା' ନିୟମିତ ଭାବରେ ସ୍ତନକ୍ଷୀର ଖୁଆଇ ହୃଷ୍ଟପୁଷ୍ଟ କରି ରଖିବା ଖୁବ୍ କଷ୍ଟକର ପାଠ । ମା'ର ଅସୀମ ଧୈର୍ଯ୍ୟ, ଦୃଢ଼ ଇଚ୍ଛାଶକ୍ତି , ତ୍ୟାଗ ଓ ପରିବାରର ସହଯୋଗ ହିଁ ତାକୁ ଦୁଇ ଯାଆଁଳା ଶିଶୁକୁ ସ୍ତନ୍ୟପାନ କରାଇବା ପାଇଁ ସକ୍ଷମ କରିଥାଏ ।

**– ଡା. ସରୋଜିନୀ ଷଡ଼ଙ୍ଗୀ**
ଲିଙ୍କ୍‌ରୋଡ୍, କଟକ–୧୨
ମୋ–୯୪୩୭୦୫୫୦୦୭



## ସ୍ତନ୍ୟଦାତ୍ରୀ ମା' ଲାଗି ...

- ମା' ସ୍ତନରୁ ଝରୁଥିବା କଷକ୍ଷୀରକୁ ଅପରିଷ୍କାର ଭାବି ନ ଫିଙ୍ଗି ଶିଶୁକୁ ଖୁଆନ୍ତୁ। ଏଥିରେ ଶିଶୁ ପାଇଁ ଆବଶ୍ୟକ ପୋଷକ ତତ୍ତ୍ୱ ଏବଂ ରୋଗ ପ୍ରତିରୋଧକ ଶକ୍ତି ଭରପୂର ଥାଏ।
- ନୂଆ ନୂଆ ସ୍ତନ୍ୟପାନ କରାଉଥିବା ଅଧିକାଂଶ ମା' ଶିଶୁଙ୍କୁ କିଛି କିଛି ସମୟ ଅନ୍ତରାଳରେ କ୍ଷୀର ପିଆଇଥାନ୍ତି, ଯାହାଦ୍ୱାରା ଶିଶୁଠାରେ ଅରୁଚି, ବାନ୍ତି ଆଦି ଦେଖାଦେଇଥାଏ। ତେଣୁ ଶିଶୁକୁ ଭୋକ କଲେ ଅର୍ଥାତ୍ ସେ କାନ୍ଦିଲେ ଅବା ଦେଢରୁ ଦୁଇ ଘଣ୍ଟା ବ୍ୟବଧାନରେ କ୍ଷୀର ପିଆନ୍ତୁ। । ଏହାଦ୍ୱାରା ଶିଶୁର ଖାଦ୍ୟ ହଜମ କରିବା ସହଜ ହୋଇଥାଏ।
- ଶୋଇବା ଅବସ୍ଥାରେ ଶିଶୁକୁ ସ୍ତନ୍ୟପାନ କରାଇବା ଅନୁଚିତ। କାରଣ ଏହାଦ୍ୱାରା ଶିଶୁର ନାକରେ ଚାପ ପଡ଼ି ଶ୍ୱାସରୁଦ୍ଧ ହେବା ଆଶଙ୍କା ଥାଏ। ତେଣୁ ସର୍ବଦା ବସିରହି ସ୍ତନ୍ୟପାନ କରାଇବା ନିରାପଦ।
- କ୍ଷୀର ପିଇବା ପରେ ଶିଶୁକୁ ନିଜ କାନ୍ଧରେ ପକାଇ( ଯେପରି ଶିଶୁର ପେଟ ଚାପିହେବ) ତା' ପିଠିକୁ କିଛି ସମୟ ଥାପୁଡ଼ାନ୍ତୁ। ଏହାଦ୍ୱାରା ଶିଶୁ ପେଟରୁ ହାକୁଟି ଆକାରରେ ଗ୍ୟାସ୍ ବାହାରି ଆସିବ ଏବଂ ସେ ବାନ୍ତି କରିବ ନାହିଁ। ଏହାପରେ ଶିଶୁକୁ ଚିତ୍ କରି ନ ଶୁଆଇ କଡ଼ମାଡ଼ି ଶୁଆଇବାକୁ ଚେଷ୍ଟା କରନ୍ତୁ। କାରଣ ଚିତ୍ ହୋଇ ଶୋଇବା ଦ୍ୱାରା ଶିଶୁ ବାନ୍ତିକରିବା ସମୟରେ ଏହା ନାକ ଦେଇ ଭିତରକୁ ଯାଇ ନିଃଶ୍ୱାସ ବନ୍ଦ ହୋଇଯିବା ଆଶଙ୍କା ଥାଏ।
- ଶିଶୁକୁ ସର୍ବଦା ଦୁଇସ୍ତନରୁ ସମାନ ପରିମାଣରେ କ୍ଷୀର ପିଆଇବାକୁ ଚେଷ୍ଟା କରନ୍ତୁ। ନଚେତ୍ ଗୋଟିଏ ସ୍ତନରେ ଅଧିକ କ୍ଷୀର ଜମାହୋଇ ପରବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। ତା'ଛଡ଼ା ଶିଶୁ ଯଦି ଠିକ୍ ଭାବେ କ୍ଷୀର ନ ପିଉଛି କିମ୍ବା ମା'ର ଅଧିକ କ୍ଷୀର ହେଉଛି ତେବେ ତାହା ଯେପରି ରହି ନ ଯାଏ ସେଥିପ୍ରତି ଧ୍ୟାନଦେବା ଆବଶ୍ୟକ। କାରଣ ଏହା ରହିଯିବା ଫଳରେ ସ୍ତନରେ ଗୋଟାଳି ହୋଇ ବିନ୍ଧିବା, ପୂଯ ହେବା ଏବଂ କେବେ କେବେ ଏହା ଅଧିକ କ୍ଷତିକାରକ ମଧ୍ୟ ହୋଇଥାଏ।
- ମା' ଅତି ଦୁର୍ବଳ, ପୁଷ୍ଟିହୀନତାର ଶିକାର କିମ୍ବା ରୁଗ୍ଣ ହୋଇଥିଲେ ସ୍ତନ୍ୟପାନ କରାଇବା ଅନୁଚିତ।
- ସେହିପରି ମାନସିକ ରୋଗଗ୍ରସ୍ତ, କୁଷ୍ଠ, ଏଚ୍‌ଆଇଭି, ଯକ୍ଷ୍ମା, ହାଡ଼ଫୁଟି, ମିଳିମିଳା, ଜଣ୍ଡିସ୍ ଆଦି ରୋଗ ଥିଲେ କିମ୍ବା ମା' ସ୍ତନରେ ଘା' ହୋଇଥିଲେ ସ୍ତନ୍ୟପାନ କରାଇବା ଶିଶୁ ପ୍ରତି ବିପଜ୍ଜନକ।





DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨/୨୦୨୨ Bhubaneswar, Tuesday, August 2/ 2022






ବର୍ମିଂହାମରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ୬୦ କେଜି ଜୁଡୋ ଇଭେଣ୍ଟର ବ୍ରୋଞ୍ଜ ମୁକାବିଲାରେ ଭାରତର ବିଜୟ କୁମାର ଯାଦବ (ଉପର) ଓ ସାଇପ୍ରସର ପେଟ୍ରୋସ ଖ୍ରିଷ୍ଟୋଡୋଲିଡ୍ସଙ୍କ ମଧ୍ୟରେ ଲଢ଼େଇ। ମହିଳା ଭାରୋତ୍ତୋଳନ ଅବସରରେ ବ୍ରୋଞ୍ଜ ବିଜୟିନୀ ହରଜିନ୍ଦର କୌର୍।

# ସୁଶୀଳାଙ୍କୁ ରୌପ୍ୟ, ବିଜୟ, ହରଜିନ୍ଦରଙ୍କୁ ବ୍ରୋଞ୍ଜ

**ବର୍ମିଂହାମ,୧।୮ (ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଜୁଡୋ ଇଭେଣ୍ଟରୁ ଭାରତକୁ ସୋମବାର ୨ଟି ପଦକ ମିଳିଛି। ମହିଳା ଭାରୋତ୍ତୋଳନରୁ ଆଉ ଏକ ପଦକ ଆସିଛି। ହରଜିନ୍ଦର କୌର୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଜୁଡୋ ଇଭେଣ୍ଟରେ ଏଲ୍. ସୁଶୀଳା ଦେବୀ ମହିଳା ୪୮ କେଜି ବର୍ଗରେ ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ୬୦ କେଜି ବିଭାଗରେ ବିଜୟ କୁମାର ଯାଦବ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମଣିପୁରର ୨୭ ବର୍ଷୀୟା ସୁଶୀଳା ସ୍ୱର୍ଣ୍ଣ ପଦକ ମୁକାବିଲାରେ ଦକ୍ଷିଣ ଆଫ୍ରିକାର ମିଚେଲା ହ୍ୱାଇଟ୍‌ବୁଇଙ୍କଠାରୁ ହାରି ଯାଇଥିଲେ। ମଣିପୁର ପୋଲିସରେ ଜଣେ ସବ୍‌ଇନ୍ସପେକ୍ଟର ଭାବେ ସୁଶୀଳା କାର୍ଯ୍ୟରତ। ଅନ୍ୟପକ୍ଷରେ ପୁରୁଷ ୬୦ କେଜି ରିପିଚେଜ୍‌ରେ ବିଜୟ କୁମାର ଯାଦବ ଚମତ୍କାର ପ୍ରଦର୍ଶନ ସହ ସ୍କଟ୍‌ଲାଣ୍ଡର ଡିଲନ ମୁନ୍‌ରୋଙ୍କୁ ପରାସ୍ତ କରି ବ୍ରୋଞ୍ଜ ପଦକ ମ୍ୟାଚ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ସେ ସାଇପ୍ରସ୍‌ର ପେଟ୍ରୋସ୍ ଖ୍ରିଷ୍ଟୋଡୋଲିଡ୍ସଙ୍କୁ ହରାଇ ଦେଇଥିଲେ।

**ହରଜିନ୍ଦର ତୃତୀୟ**

ମହିଳା ୭୧କେଜି ଭାରୋତ୍ତୋଳନରେ ହରଜିନ୍ଦର ସ୍ନାଚ୍‌ରେ ୯୩ ଓ କ୍ଲିନ ଆଣ୍ଡ ଜର୍କରେ ୧୧୯ କେଜି ଏହିପରି ମୋଟ ୨୧୨ କେଜି ଉତ୍ତୋଳନକରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଇଂଲଣ୍ଡର ସାରା ଡେଭିଡ ଗେମ୍ସ ରେକର୍ଡ ସହ ୨୨୯ (୧୦୩+୧୨୬) ଏବଂ କାନାଡ଼ାର ଆଲେକ୍ସିସ ଆଶ୍‌ୱର୍ଥ ୨୧୪ (୯୧+୧୨୩) କେଜି ଭାର ଉଠାଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ।

**ଫାଇନାଲରେ ମହିଳା ଦଳ**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ମହିଳା ଲନ୍‌ବୋଲ୍ସ ଇଭେଣ୍ଟରୁ ପ୍ରଥମଥର ଏକ ପଦକ ଜିତିବାକୁ ଯାଉଛି। ସୋମବାର ମହିଳା ଫୋର୍ ଇଭେଣ୍ଟର ସେମିଫାଇନାଲରେ ୧୬-୧୩ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରତିଯୋଗିତାର ମହିଳା ଫୋର୍ ଫର୍ମାଟ୍‌ରେ ଭାରତ ପ୍ରଥମଥର ଫାଇନାଲକୁ ଉନ୍ନୀତ ହୋଇଛି। ଲଭ୍‌ଲି ଚୌବେ (ଲିଡ୍), ପିଙ୍କି (ସେକେଣ୍ଡ), ନୟନମୋନି ସାଇକିଆ (ଥାର୍ଡ) ଓ ରୂପାରାଣୀ ତିର୍କୀ (ସ୍କିପ୍)ଙ୍କୁ ନେଇ ମହିଳା ଫୋର୍ ଟିମ୍ ମଙ୍ଗଳବାର ସ୍ୱର୍ଣ୍ଣ ପଦକ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ତିର୍କୀଙ୍କ ଚମତ୍କାର ଶଟ୍ ସହାୟତାରେ ଭାରତ ୧୬-୧୩ ସ୍କୋର ଲାଇନ୍‌ରେ ବିଜୟଲାଭ କରିଥିଲା। ଭାରତୀୟ ପୁରୁଷ ଯୋଡ଼ି ରବିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ନର୍ଦ୍ଦର୍ନ ଆୟର୍ଲାଣ୍ଡଠାରୁ ୮-୨୬ରେ ହାରି ଯାଇଛନ୍ତି।

**ପଙ୍ଘାଲ, ହୁସାମୁଦ୍ଦିନ କ୍ୱାର୍ଟରରେ**

ଭାରତୀୟ ବକ୍ସର ଅମିତ ପଙ୍ଘାଲ ବିଜୟ ସହ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ତାଙ୍କର ଅଭିଯାନ ଆରମ୍ଭ କରିଛନ୍ତି। ସୋମବାର ସେ ପୁରୁଷ ଫ୍ଲାଇୱେଟ୍ (୫୧କେଜି) କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପଙ୍ଘାଲ ହେଉଛନ୍ତି ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା। ସେ ଏକ ସର୍ବସମ୍ମତ ରାୟଭିତ୍ତିରେ ଭାନୁଆଟୁର ନାମ୍ରି ବେରିଙ୍କୁ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ଫିଦରୱେଟ୍ ବକ୍ସର ମହମ୍ମଦ ହୁସାମୁଦ୍ଦିନ ପ୍ରି-କ୍ୱାର୍ଟରରେ ବାଂଲାଦେଶର ମହମ୍ମଦ ସଲିମ୍ ହୁସେନଙ୍କୁ ସମାନ ୫-୦ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ପଙ୍ଘାଲଙ୍କର ଏହା ହେଉଛି ପ୍ରଥମ ବଡ଼ ଟୁର୍ନାମେଣ୍ଟ। ସୋମବାର ୩ ରାଉଣ୍ଡବିଶିଷ୍ଟ ବାଉଟ୍‌କୁ ସେ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଥିଲେ। ତାଙ୍କ ରାଇଟ୍ ଓ ଲେଫ୍ଟ ପଞ୍ଚ୍ କମ୍ବିନେଶନ ବେଶ୍ ପ୍ରଭାବଶାଳୀ ଥିଲା। ବେରିଙ୍କଠାରୁ ଦୂରତା ବଜାୟ ରଖି ତାଙ୍କୁ ସୁଯୋଗ ଦେଉ ନ ଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦ୍ୱିତୀୟ ପଦକ ପାଇଁ ତାଙ୍କୁ ଆଉ ଗୋଟିଏ ବିଜୟ ଆବଶ୍ୟକ। ଗତ ଗୋଲ୍ଡକୋଷ୍ଟ ସଂସ୍କରଣରେ ସେ ଏକ ରୌପ୍ୟ ପଦକ ଲାଭ କରିଥିଲେ।

**ଭାରୋତ୍ତୋଳନ: ଅଜୟ ସିଂ ଅଳ୍ପକେ ପଦକରୁ ବଞ୍ଚିତ**

ଭାରତୀୟ ଭାରୋତ୍ତୋଳକ ଅଜୟ ସିଂ(୮୧କେଜି) ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଛନ୍ତି। ୨୫ ବର୍ଷୀୟ ଅଜୟ ମୋଟ ୩୧୯ (୧୪୩+୧୭୬) କେଜି ଓଜନ ଉଠାଇ ପୁରୁଷ ୮୧ କେଜି ଇଭେଣ୍ଟରେ ଚତୁର୍ଥ ହୋଇଥିଲେ। ସ୍ଥାନୀୟ ଫେଭରାଇଟ୍ ଇଂଲଣ୍ଡର କ୍ରିସ୍ ମୁରେ ୩୨୫ (୧୪୪+୧୮୧) କେଜି ସହ ସ୍ୱର୍ଣ୍ଣ ଜିତି ଟୋଟାଲ ଲିଫ୍ଟରେ ଗେମ୍ସ ରେକର୍ଡ ପ୍ରତିଷ୍ଠା କରିଥିଲେ। ଅଷ୍ଟ୍ରେଲୀୟ ଲିଫ୍ଟର କାଇଲ୍ ବ୍ରୁସ୍ (୧୪୩+୧୮) ୩୨୩ କେଜି ଉତ୍ତୋଳନ କରି ରୌପ୍ୟ ଏବଂ କାନାଡାର ନିକୋଲାସ ଭାଚୋନ ୩୨୦(୧୪୦+୧୮୦) କେଜି ଓଜନ ସହ ଏକ ବ୍ରୋଞ୍ଜ ପଦକ ପାଇଥିଲେ।

**ଜିମ୍ନାଷ୍ଟିକ୍: ପ୍ରଣତିଙ୍କୁ ୫ମ ସ୍ଥାନ**

ଭାରତର ପ୍ରଣତୀ ନାୟକ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଇଭେଣ୍ଟ ଫାଇନାଲରେ ୫ମ ସ୍ଥାନ ଅଧିକାର କରିଛନ୍ତି। ୨୦୧୯ ଓ ୨୦୨୨ ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ପଶ୍ଚିମବଙ୍ଗର ଏହି ୨୭ ବର୍ଷୀୟା ଜିମ୍ନାଷ୍ଟ ତାଙ୍କ ପ୍ରଥମ ଭଲ୍ଟ ପ୍ରଚେଷ୍ଟାରେ ୧୩.୬୩୩ ଏବଂ ଦ୍ୱିତୀୟରେ ୧୧.୭୬୬ ସ୍କୋର କରିଥିଲେ। ତାଙ୍କର ଆଭରେଜ ୧୨.୬୯୯ ରହିଥିଲା। କ୍ୱାଲିଫିକେଶନରେ ୧୩.୨୭୫ ସ୍କୋର କରିଥିବା ପ୍ରଣତିଙ୍କୁ ତାଙ୍କର ଦୁଇ ପ୍ରଚେଷ୍ଟାରେ ୦.୧ ଓ ୦.୩ ପେନାଲ୍ଟି ହୋଇଥିଲା। ଅଷ୍ଟ୍ରେଲିଆର ଜର୍ଜିଆ ଗଡୱିନ ୧୩.୨୩୩ ସ୍କୋର ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ।

**ଘୋଷାଲ ସେମିରେ**

ଭାରତର ଅଗ୍ରଣୀ ସ୍କ୍ୱାଶ ଖେଳାଳି ଜ୍ୟୋତ୍ସ୍ନା ଚିନାପ୍ପା ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ସିଙ୍ଗଲ୍ସ ଇଭେଣ୍ଟରୁ ବିଦାୟ ନେଇଛନ୍ତି। କ୍ୱାର୍ଟରଫାଇନାଲରେ ସେ କାନାଡାର ୨୭ ବର୍ଷୀୟା ହୋଲି ନଟନଙ୍କଠାରୁ ୯-୧୧, ୫-୧୧, ୧୩-୧୫ରେ ହାରିଯାଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଭାରତର ସୌରଭ ଘୋଷାଲ ସ୍କଟଲାଣ୍ଡର ଗ୍ରେଗ୍ ଲୋବାନଙ୍କୁ ୧୧-୫, ୮-୧୧, ୧୧-୭, ୧୧-୩ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ଭାରତର ସୁନୟନା ସାନା କୁରୁଭିଲା ସିନାଲି ମହିଳା ସିଙ୍ଗଲ୍ସ ପ୍ଲେଟ-କ୍ୱାର୍ଟରଫାଇନାଲ୍ସରେ ଶ୍ରୀଲଙ୍କାର ଚାନିଥମା ସିନାଲିଙ୍କୁ ମାତ୍ର ୧୨ ମିନିଟ୍‌ରେ ୧୧-୩, ୧୧-୨, ୧୧-୨ରେ ପରାସ୍ତ କରିଥିଲେ।

# ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଦୂତୀଙ୍କ ହିଟ୍ସ

**ବର୍ମିଂହାମ୍,୧।୮ (ପି.ଟି)**

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ମଙ୍ଗଳବାରରୁ ଆରମ୍ଭ ହେବାକୁ ଯାଉଛି। ନୀରଜ ଚୋପ୍ରା ଆହତ ଥିବା କାରଣରୁ ନିଜ ଟାଇଟଲ ଡିଫେଣ୍ଡ କରିପାରିବେ ନାହିଁ ମାତ୍ର ଟ୍ରିପଲ ଜମ୍ପର ଏଲଧୋଶ ପଲ୍, ଲଙ୍ଗଜମ୍ପର ମୁରଲୀ ଶ୍ରୀଶଙ୍କର, ଡିସ୍‌କସ୍ ଥ୍ରୋୟର ସୀମା ପୁନିଆ, ଜାଭେଲିନ୍ ଥ୍ରୋୟର ଅନ୍ନୁ ରାଣୀ ଓ ଷ୍ଟିପଲଚେଜ୍‌ରେ ଅବିନାଶ ସାବଲେଙ୍କଠାରୁ ଦଳ ଭଲ ପ୍ରଦର୍ଶନ ଆଶା କରିବ। ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଆଥ୍‌ଲେଟିକ୍ସରୁ ସର୍ବାଧିକ ୧୨ଟି ପଦକ( ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୭ ବ୍ରୋଞ୍ଜ) ହାସଲ କରିଥିଲା। ଏହାପରେ ପରବର୍ତ୍ତୀ ଦୁଇଟି ସଂସ୍କରଣରେ ଦଳ ଗୋଟିଏ

**ମହିଳା ଡିସ୍‌କସ୍ ପଦକ ଆଶାରେ ଭାରତ**

ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଆସିଛି। ତେବେ ଚଳିତ ସଂସ୍କରଣରେ ଭାରତ ଏହାର ସର୍ବଶ୍ରେଷ୍ଠ ସ୍କୋର ହାସଲ ପ୍ରୟାସରେ ରହିଛି। ଓଡ଼ିଆ ଧାବିକା ଦୂତୀ ଚାନ୍ଦ ୧୦୦ ମିଟର, ୧୦୦ ମିଟର ହିଟ୍‌ରେ ଅଂଶଗ୍ରହଣ କରିବେ। ଫାଇନାଲ ଯୋଗ୍ୟତା ଅର୍ଜନ କଲେ ୩ ତାରିଖ ପାଇଁ ପଦକ ଦୌଡ଼ରେ ସାମିଲ ହେବେ।

ମଙ୍ଗଳବାର ଲଙ୍ଗ୍‌ଜମ୍ପ କ୍ୱାଲିଫାଇଂ ରାଉଣ୍ଡରେ ଅଂଶଗ୍ରହଣ କରିବେ ମୁରଲୀ ଶ୍ରୀଶଙ୍କର ଓ ମହମ୍ମଦ ଅନିଶ ୟାହିଆ। ସେହିପରି ଡିସ୍‌କସ୍ ଥ୍ରୋରେ ଅଂଶଗ୍ରହଣ କରୁଥିବା ସୀମା ପୁନିଆ ଓ ନବଜତ କୌର ଧିଲୋନଙ୍କଠାରୁ ଦଳ ପଦକ ଆଶା ରଖିବ। ୨୦୧୮ରେ ଉଭୟ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପଞ୍ଚମଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରୁଥିବା ପୁନିଆ ନିଜର ପଞ୍ଚମ ପଦକ ଲାଗି ପ୍ରୟାସ କରିବେ। ଆଇନଗତ ଲଢ଼େଇ ପରେ ଆଥ୍‌ଲେଟିକ୍ସ ଦଳରେ ସାମିଲ ହୋଇଥିବା ତେଜସ୍ୱିନ ଶଙ୍କର ପ୍ରଥମ ଦିନରେ ଯୋଗ୍ୟତା ପର୍ଯ୍ୟାୟରେ ଅଂଶଗ୍ରହଣ କରିବେ। ଚଳିତ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିବା ଖେଳାଳିଙ୍କ ମଧ୍ୟରୁ ୫ ଜଣ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାମିଲ ରହିଥିବା ବେଳେ ଭାରତର ପଦକ ସଂଖ୍ୟା ବୃଦ୍ଧି ପାଇବା ଆଶା କରାଯାଉଛି।



ରୌପ୍ୟ ବିଜୟିନୀ ଜୁଡୋକା ସୁଶିଳା ଦେବୀ।

# ଭାରତ ମିକ୍ସଡ ଟିମ୍ ଫାଇନାଲରେ

**ବର୍ମିଂହାମ୍, ୧।୮**

ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମିକ୍ସଡ ଟିମ୍ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛି। ସୋମବାର ସିଙ୍ଗାପୁର ବିପକ୍ଷ କ୍ରମାଗତ ତିନୋଟି ମ୍ୟାଚରେ ଜିତି ମୁକାବିଲା ଆଗୁଆ ଜିତିନେଇଛି। ପରେ ଖେଳାଯିବାକୁ ଥିବା ମ୍ୟାଚ ଗୁରୁତ୍ୱ ହରାଇଛି। ପ୍ରଥମେ ସାତ୍ତ୍ୱିକ ସାଇରାଜ ରେଙ୍କି.ଚିରାଗ ଶେଟ୍ଟି ୨୧-୧୧, ୨୧-୧୨ରେ ୟଙ୍ଗ ହି ଓ ଆଣ୍ଡି କ୍ୱେକ୍‌ଙ୍କୁ ପରାସ୍ତ କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପରେ ପି.ଭି. ସିନ୍ଧୁ ମହିଳା ସିଙ୍ଗଲ୍ସରେ ଜିଆ ମିନ୍ ୟେଓଙ୍କୁ ୨୧-୧୧, ୨୧-୧୨ରେ ହରାଇ ଦେଇଥିଲେ। ତୃତୀୟ ମ୍ୟାଚ ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ୍ ସିଙ୍ଗାପୁର କିନ୍ ୟେ ଲୋ'ଙ୍କ ବିପକ୍ଷ ମ୍ୟାଚ ୨୧-୧୮, ୨୧-୧୫ରେ ଜିତିନେଇଥିଲେ।

**ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା**

| ଦଳ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଅଷ୍ଟ୍ରେଲିଆ | ୨୯ | ୧୯ | ୨୦ | ୬୮ |
| ଇଂଲଣ୍ଡ | ୨୧ | ୨୧ | ୧୧ | ୫୩ |
| ନ୍ୟୁଜିଲାଣ୍ଡ | ୧୨ | ୭ | ୪ | ୨୩ |
| କାନାଡ଼ା | ୬ | ୧୧ | ୧୫ | ୩୨ |
| ଦକ୍ଷିଣ ଆଫ୍ରିକା | ୫ | ୧ | ୪ | ୧୦ |
| **ଭାରତ** | **୩** | **୩** | **୩** | **୯** |
| ସ୍କଟଲାଣ୍ଡ | ୨ | ୮ | ୧୨ | ୨୨ |
| ମାଲେସିଆ | ୨ | ୨ | ୨ | ୬ |
| ନାଇଜେରିଆ | ୨ | ୦ | ୨ | ୪ |
| ୱେଲ୍ସ | ୧ | ୨ | ୭ | ୧୦ |
| ସାଇପ୍ରସ | ୧ | ୧ | ୨ | ୪ |
| ଟି ଆଣ୍ଡ ଟି | ୧ | ୧ | ୧ | ୩ |

(ସୋମବାର ରାତି ୧ଟା ୩୦ ସୁଦ୍ଧା)

# ଭାଇଙ୍କୁ ପଦକ ଉତ୍ସର୍ଗ କଲେ ଅଚିନ୍ତ ଶେଉଲି

**ବର୍ମିଂହାମ୍,୧।୮ (ପି.ଟି)**

ଭାରତ ପାଇଁ ତୃତୀୟ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଅଚିନ୍ତ ଶେଉଲି। ବେଙ୍ଗଲର ଏହି ୨୦ ବର୍ଷୀୟ ଭାରୋତ୍ତୋଳକ ଜଣଙ୍କ ୩୧୩ କିଗ୍ରା ଓଜନ (୧୪୩ ସ୍ନାଚ୍ ଓ ୧୭୦ କ୍ଲିନ୍ ଆଣ୍ଡ ଜର୍କ) ଉଠାଇଥିଲେ। ଏକଦା ସୂତାର ଏମ୍ବ୍ରୋଡୋରି କାମ କରୁଥିବା ହାତ ଲୁହାର ଓଜନ ଉଠାଇ ଦେଶ ପାଇଁ ଆଣିଥିଲେ ଗୌରବ। ସ୍ୱର୍ଣ୍ଣ ପଦକ ବିଜୟକୁ ସେ ନିଜ ଭାଇଙ୍କୁ ଉତ୍ସର୍ଗ କରିଥିଲେ। ଭାଇ ନ ଥିଲେ ଏହି ପଦକ କେବେ ବି ସମ୍ଭବ ହୋଇ ନ ଥାନ୍ତା ବୋଲି ସେ କହିଛନ୍ତି। ଅଚିନ୍ତଙ୍କ ପାଇଁ ଶକ୍ତିର ପ୍ରତୀକ ରହିଥିବା ବଡ଼ଭାଇ ଆଲୋକ ନିଜେ ଦିନମଜୁରିଆ ଭାବେ କାମ କରିଥିଲେ। ଆରମ୍ଭରୁ ନିଜେ ଜଣେ ଭାରୋତ୍ତୋଳକ ରହିଥିଲେ ହେଁ ପାରିବାରିକ କଷଣର ମୁକାବିଲା କରିବାକୁ ଖେଳ ଛାଡ଼ିବା ସହିତ ଦିନମଜୁରିଆ କାମ ଆରମ୍ଭ କରିଥିଲେ। ୨୦୧୪ରେ ପିତାଙ୍କ ବିୟୋଗ ପରେ ଆଲୋକ ଖେଳ ଛାଡ଼ିବା ସହିତ କାମ କରିବା ଆରମ୍ଭ କରିଥିଲେ।

ଅଚିନ୍ତ ଆରମ୍ଭରୁ ଏମ୍ବ୍ରୋଡୋରି କିମ୍ବା ଭାରୋତ୍ତୋଳନକୁ ପସନ୍ଦ କରୁ ନ ଥିଲେ। ଆଲୋକ ଘରପାଖ ଜିମ୍‌କୁ ଯାଉଥିବା ବେଳେ ସାଙ୍ଗରେ ଯାଆନ୍ତି ଅଚିନ୍ତ। ଧୀରେ ଧୀରେ ବିଭିନ୍ନ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିଲେ ଅଚିନ୍ତ। ସେ ସମୟରେ ପିତା ହାଓ୍ୱଡାରେ କାମ କରୁଥିବା ବେଳେ ପରିବାରର ଗୁଜରାଣ ମେଣ୍ଟିଯାଏ। ଏପ୍ରିଲ ୨୦୧୪ରେ ହୃଦ୍‌ଘାତ କାରଣରୁ ତାଙ୍କର ପରଲୋକ ପରେ ଦିନମଜୁରିଆ ଭାବରେ କାମ ଆରମ୍ଭ କରିଥିଲେ ଆଲୋକ। ସେହି ସମୟରେ ଏମ୍ବ୍ରୋଡୋରି କାମରୁ ସପ୍ତାହକୁ ୧୨୦୦ ଟଙ୍କା ମିଳୁଥିବା ବେଳେ ଦୁଇ ପୁଅଙ୍କ ସହିତ ମା' ମଧ୍ୟ ଏହି କାମ କରନ୍ତି। ସକାଳ ଟ୍ରେନିଂ ପରେ ଅଚିନ୍ତଙ୍କୁ ସ୍କୁଲ ଯିବାକୁ ପଡୁଥିଲା। ହେଲେ ସ୍କୁଲରୁ ଫେରିବା ପରେ ଏମ୍ବ୍ରୋଡୋରି କାମ କରିବାକୁ ପଡୁଥିଲା। ୨୦୧୮ରେ ଏସିଆନ୍ ୟୁଥ୍ ଚାମ୍ପିୟନଶିପ୍‌ରେ ଦୁଇଟି ଓଜନ ବର୍ଗ ଉପରକୁ ଉଠିବା ସହିତ ୨୦୧୯ ଏସିଆନ୍ ୟୁଥ୍ ଚାମ୍ପିୟନଶିପ୍‌ରେ ରୌପ୍ୟ ଜିତିଥିଲେ। ସମାନ ବର୍ଷରେ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ସହିତ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍ ପଦକ ଜିତିଥିଲେ। ତେବେ ଖେଲୋ ଇଣ୍ଡିଆ ପଦକ ପରେ ସରକାରଙ୍କ ପକ୍ଷରୁ ମାସିକ ୧୦ ହଜାର ଟଙ୍କାର ଷ୍ଟାଇପେଣ୍ଡ ମିଳିବା ପରେ ଜୀବନ ସାମାନ୍ୟ ସହଜ ହୋଇଥିବା କହିଛନ୍ତି ଅଚିନ୍ତ।




# ଓବେଡ ମ୍ୟାକୟଙ୍କ ଘାତକ ବୋଲିଂ

**ସେଣ୍ଟ କିଟ୍ସ,୧।୮ (ପି.ଟି)**

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମୁକାବିଲାରେ ଘାତକ ବୋଲିଂ କରିଛନ୍ତି ଓବେଡ ମ୍ୟାକୟ। ସେଣ୍ଟ କିଟ୍ସରେ ଖେଳାଯାଇଥିବା ଏହି ମ୍ୟାଚ ପ୍ରାୟ ତିନି ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ୱେଷ୍ଟଇଣ୍ଡିଜ। ଭାରତ ବ୍ୟାଟିଂ କରିବାକୁ ଯାଇ ୧୯.୪ ଓଭରରେ ୧୩୮ ରନରେ ଅଲଆଉଟ ହୋଇଥିଲା। ସୋମବାର ମ୍ୟାଚରେ ଭାରତୀୟ ଦଳରେ ରବି ବିଷ୍ଣୋଇଙ୍କ ସ୍ଥାନରେ ଆଭେଶ ଖାନ୍ ଖେଳୁଥିବା ରବି ବିଷ୍ଣୋଇଙ୍କ ସ୍ଥାନରେ ଆଭେଶ ଖାନ୍‌ଙ୍କୁ ନିଆଯାଇଥିଲା।

ପ୍ରଥମ ବଲରେ ଅଧିନାୟକ ରୋହିତ ଶର୍ମା ମ୍ୟାକୟଙ୍କ ଶିକାର ହୋଇଥିଲେ। ସୂର୍ଯ୍ୟ କୁମାର ଯାଦବ (୧୧) ଓ ଶ୍ରେୟସଥ ଆୟାର(୧୦) ବିଶେଷ କିଛି କରି ପାରିନଥିଲେ। ରିଷଭ ପନ୍ତ ଆକ୍ରମଣାତ୍ମକ ବ୍ୟାଟିଂ କରି ୧୨ ବଲରୁ ୨୪ ରନ୍ କରିଥିଲେ। ଗୋଟିଏ ଚୌକା ଓ ୨ ଛକା ମାରିଥିବା ବେଳେ ତାଙ୍କୁ ଅକିଲ ହୋସେନ ଆଉଟ କରିଥିଲେ। ୬୧ ରନରେ ୪ ଉଇକେଟ ହରାଇବା ପରେ ହାର୍ଦ୍ଦିକ ପାଣ୍ଡ୍ୟା(୩୧) ଓ ରବୀନ୍ଦ୍ର ଜାଡେଜା(୨୭)ଙ୍କ ମଧ୍ୟରେ ୪୩ ରନର ପାର୍ଟନରଶିପ୍ ହୋଇଥିଲା। ହୋଲ୍ଡରଙ୍କ ବଲରେ ପାଣ୍ଡ୍ୟା ଆଉଟ ହେବା ପରେ ଭାରତୀୟ ଇନିଂସ ତାସ ପତା ପରି ଭୁଶୁଡି ପଡିଥିଲା। ଓବେଡ ମ୍ୟାକୟ ୪-୧-୧୭-୬ ସହିତ କ୍ୟାରିୟରର ଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାସନ୍ ହୋଲ୍ଡର ୨୩ ରନରେ ଦୁଇଟି ଉଇକେଟ ନେଇଥିବା ବେଳେ ଅକିଲ ହୋସେନ୍ ଓ ଆଲଜାରି ଯୋଶେଫ୍ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।



୬ ଉଇକେଟ ଅକ୍ତିଆର ପରେ ଓବେଡ୍ ମ୍ୟାକୟ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ